

VOL. XLVIII NO. 12 UTKAL PRASANGA
Licence No.C.R.N.P. 5—Licensed to post without Pre-payment Regd. No. O-05/92



ଇସ୍ପାତ କାରଖାନାର ଭୂମି ପୂଜା ଉତ୍ସବର ଦୃଶ୍ୟ । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାଆ ସୁଭଦ୍ରାଙ୍କର ଆଶୀର୍ବାଦ






ପଚିଶି ବର୍ଷର ଆଶା ଆକାଂକ୍ଷାକୁ ପୂରଣ କରି ତେଲ ନଦୀ ସେତୁ ଉଦ୍‌ଘାଟିତ । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ପୂର୍ବ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ ଏବଂ ପୂର୍ବ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କିରଣ ଚନ୍ଦ୍ର ସିଂହଦେଓ ।

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୧ମ ସଂଖ୍ୟା ଶ୍ରାବଣ ୧୯୧୪ ଶକାବ୍ଦ ଅଗଷ୍ଟ ୧୯୯୨

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ କାଳୀ କୁମାର ରଥ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାଢ଼ୀ**

ପ୍ରଚ୍ଛଦପଟ : ଶ୍ରୀ ବଳଦେବ ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ଆମେ ଓଡ଼ିଆ | ୧ | ଶ୍ରୀ ଶରତ କୁମାର କର |
| ଜଙ୍ଗଲ : ଜୀବନ ତଥା ସଭ୍ୟତାର ଆଧାର | ୩ | ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର |
| ଲୁଣି ଚିଙ୍ଗୁଡ଼ି ଚାଷର ପ୍ରସାର ଓ ଜଳସେଚନ ପ୍ରକଳ୍ପରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଯୋଜନା | ୫ | ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ |
| ଭାରତୀୟ ମୁକ୍ତି ସଂଗ୍ରାମରେ ଉତ୍କଳୀୟ ନାରୀମାନଙ୍କର ଅବଦାନ | ୬ | ଡଃ ଅପର୍ଣ୍ଣା ମହାନ୍ତି |
| ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀ | ୧୦ | ଡଃ ଦଣ୍ଡପାଣି ବେହେରା |
| ହସ୍ତତନ୍ତ ଉନ୍ନୟନ | ୧୩ | ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି |
| ସ୍ୱାଧୀନତା ସଂଗ୍ରାମର ରଣ ବେଦୀରେ ଭାରତୀୟ ନାରୀ | ୧୫ | ଶ୍ରୀ ଗିରିଜାଶଙ୍କର ତରାସିଆ |
| ଖରାଟିଆ ଚାଷର ଉପକାରିତା | ୧୭ | ଡକ୍ଟର ଦାମୋଦର ଲେଙ୍କା |
| ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନାରୀ | ୧୯ | ଡଃ ବୀଣାପାଣି ସିଂହ |
| ସ୍ୱାଧୀନତା ସଂଗ୍ରାମକୁ କୋରାପୁଟ ଜିଲ୍ଲାର ଅବଦାନ | ୨୪ | ଶ୍ରୀ ରାଧାଗୋବିନ୍ଦ ମିଶ୍ର |
| ସେବା ଓ ସମ୍ବେଦନଶୀଳତାର ପ୍ରତୀକ ପାର୍ବତୀ ଗିରି | ୨୭ | ଶ୍ରୀ କୃତିବାସ ନାୟକ |
| ମୟୂରଭଞ୍ଜ ଜିଲ୍ଲାରେ ରବିଚାଷ | ୩୧ | ଜାନକୀ ବଲ୍ଲଭ ଦାଶ |
| ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମର ଭୂମିକା | ୩୪ | ଶ୍ରୀ ମାଗୁଣି ଦାଶ |
| ଅରୁନ୍ଧତୀ | ୩୭ | ଶ୍ରୀ ଭଗବାନ ପାଢ଼ୀ |
| ଓଡ଼ିଶାର ଅର୍ଥନୈତିକ ସ୍ଥିତି : ପ୍ରାଚୁର୍ଯ୍ୟ ମଧ୍ୟରେ ଅଭାବ ଏକ ବିଡ଼ମ୍ବନା | ୩୯ | ରୀତା ଦାସ |
| ଆଦିବାସୀଙ୍କ ରେଶମ ଚାଷ | ୪୨ | ଅରୁଣ କୁମାର ପଣ୍ଡା |
| ନିସର୍ଗ କବି ଗଙ୍ଗାଧର | ୪୫ | କେଶବ ଚନ୍ଦ୍ର ମେହେର |
| ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଏକ ଅନାଲୋଚିତ ଅଧ୍ୟାୟ | ୪୯ | ପ୍ରଫେସର ଜଗନ୍ନାଥ ପଟ୍ଟନାୟକ |
| କହୁ ନାହୁଁ କାହିଁ ବୋଇତ ଗଲା | ୫୧ | ଶୁଭେନ୍ଦୁ କୁମାର ଭୂୟାଁ |
| ବାହାଦୂର ଶାହ ଜଫର୍ : ଏକ ବ୍ୟକ୍ତିତ୍ୱ | ୫୨ | ରାମପ୍ରସାଦ ପୁରୋହିତ |
| ଅଗଷ୍ଟ ୧୫ ସୂଚନା ଭବନର ପ୍ରତିଷ୍ଠା ଦିବସ ଉପଲକ୍ଷେ : ରାଜ୍ୟ ସୂଚନା କେନ୍ଦ୍ର ଏକ ଦୃଷ୍ଟିପାତ | ୫୪ | ଶ୍ରୀ ବରଦା ପ୍ରସନ୍ନ ଦାସ |
| ପାଠକଙ୍କ କଲମରୁ | ୫୭ | .. |
| ସାର୍ଥକ ସ୍ୱପ୍ନ | ୫୯ | .. |
| ସମ୍ବାଦ ପରିକ୍ରମା | ୬୧ | .. |



Utkalmani Gopabandhu Das ଉତ୍କଳମଣି ଗୋପବନ୍ଧୁ ଦାସ



Saheed Laxman Naik ଶହୀଦ୍ ଲକ୍ଷ୍ମଣ ନାୟକ

# ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର ୮୦ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :

## ଜାତୀୟ ପତାକା



## ଜାତୀୟ ସଙ୍ଗୀତ


ଜନ–ଗଣ–ମନ–ଅଧିନାୟକ ଜୟ ହେ
ଭାରତ–ଭାଗ୍ୟ–ବିଧାତା
ପଞ୍ଜାବ–ସିନ୍ଧୁ–ଗୁଜୁରାଟ–ମରାଠା
ଦ୍ରାବିଡ଼–ଉତ୍କଳ–ବଙ୍ଗ
ବିନ୍ଧ୍ୟ–ହିମାଚଳ–ଯମୁନା–ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ·ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥ.
ଜନଗଣ–ମଙ୍ଗଳଦାୟକ ଜୟ ହେ,
ଭାରତ–ଭାଗ୍ୟ–ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।

## ଜାତୀୟ ସଙ୍କେତ




ଏ ତିନୋଟିର ପଛରେ ଅଛି–ଯୁଗ ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପ କାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ ଛୁରୁପ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ପୁନ ମଥା ନତ କରେ – ତା'ର ଆତ୍ମା ଅଜେୟ, ଅମର ।

ଆ ମ ର ପ ତା କା



ତିନିଟିର ପରିଚୟ ସମସ୍ତେ ଜାଣନ୍ତି ।



## ୪୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ
## ରାଜ୍ୟପାଳ
# ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ
# ବାର୍ତ୍ତା

ଦେଶର ୪୭ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମେ ସ୍ୱାଧୀନତାର ସ୍ୱାଦ ଉପଭୋଗ କରୁଥିବାବେଳେ, ଆଜିର ଏହି ଆନନ୍ଦମୁଖର ଦିବସରେ, ଯେଉଁ ଅଗଣିତ ଦେଶବାସୀଙ୍କର ଅପୂର୍ବ ତ୍ୟାଗ ଓ ଆତ୍ମୋତ୍ସର୍ଗ ଫଳରେ ଦେଶର ସ୍ୱାଧୀନତା ହାସଲ ସମ୍ଭବପର ହୋଇଥିଲା, ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଆବଶ୍ୟକ । ମହାତ୍ମା ଗାନ୍ଧୀଙ୍କର ପ୍ରଦର୍ଶିତ ସତ୍ୟ ଓ ଅହିଂସା ପଥରେ ଗତି କରିବା ପାଇଁ ସମଗ୍ର ଓଡ଼ିଶାବାସୀଙ୍କୁ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ଶ୍ରୀମତୀ ରମା ଦେବୀ ଓ ରାଜ୍ୟର ବହୁ ମହାନ୍ ବ୍ୟକ୍ତିତ୍ୱ ଉଦ୍‌ବୁଦ୍ଧ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ସ୍ୱାଧୀନତା ସଂଗ୍ରାମର ଜାତୀୟ ମହା ସ୍ରୋତରେ ମଧ୍ୟ ନିଜକୁ ସାମିଲ କରିଥିଲେ । ଭାରତ ଛାଡ଼ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଇଞ୍ଚୁଡ଼ିର ଲବଣ ସତ୍ୟାଗ୍ରହ, ଇରମ୍‌ର ଆଇନ୍ ଅମାନ୍ୟ ଆନ୍ଦୋଳନ, ଶହୀଦ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ କୋରାପୁଟର ଆଦିବାସୀ ଜାଗରଣ ପ୍ରଭୃତି ଅବିସ୍ମରଣୀୟ ଘଟଣା ଆଜି ମୋର ସ୍ମୃତି ପଥରେ ଉଦ୍ରେକ ହେଉଛି । ଓଡ଼ିଶାର ଅଗଣିତ ଦେଶପ୍ରେମୀଙ୍କର ନିଃସ୍ୱାର୍ଥପର ସଂଗ୍ରାମ ବାସ୍ତବରେ ଅବିସ୍ମରଣୀୟ ଏବଂ ଏହା ଆମର ଦିଗ୍‌ଦର୍ଶକ ହୋଇ ରହିବ ।

(୨) ଆଜିର ଏହି ପବିତ୍ର ଦିବସରେ ଯେଉଁ କବି, ଔପନ୍ୟାସିକ, କଳାକାର, ସାମ୍ବାଦିକ ଏବଂ ବୁଦ୍ଧିଜୀବୀମାନେ ବ୍ରିଟିଶ୍ ରାଜ୍ ବିରୁଦ୍ଧରେ ସକ୍ରିୟ କାର୍ଯ୍ୟାନୁଷ୍ଠାନ ପାଇଁ ଦେଶବାସୀ ବିଶେଷତଃ ରାଜ୍ୟବାସୀଙ୍କ ମଧ୍ୟରେ ଜାତୀୟତାବାଦ ଏବଂ ସ୍ୱାଧୀନତା, ସତ୍ୟ ଓ ନ୍ୟାୟର ସନ୍ଧାନ ପାଇଁ ଅପୂର୍ବ ପ୍ରେରଣା ଜାଗ୍ରତ କରିଥିଲେ ସେମାନଙ୍କର ମହାନ୍ ସ୍ମୃତି ଉଦ୍ଦେଶ୍ୟରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଚିତ ।

(୩) ଓଡ଼ିଶାର ଉଚ୍ଚ ସାଂସ୍କୃତିକ ପରମ୍ପରା, ମନ୍ଦିର ଓ ସ୍ତୂପ, ସଙ୍ଗୀତ ଓ ନୃତ୍ୟ, କଳା ଓ ହସ୍ତଶିଳ୍ପ ବାସ୍ତବରେ ଅପୂର୍ବ । ସର୍ବୋପରି ଶାନ୍ତି, ମୈତ୍ରୀ ଓ ଭ୍ରାତୃଭାବର ଯେଉଁ ମହାନ୍ ଆଦର୍ଶ ରାଜ୍ୟବାସୀଙ୍କର ଜୀବନର ଭିତ୍ତିଭୂମି ହୋଇ ରହି ଆସିଛି, ତାହା ଆମର ପ୍ରଗତିର ସୁଦୀର୍ଘ ଯାତ୍ରା ପଥରେ ଅଗ୍ରସର ହେବାରେ ଆମକୁ ପ୍ରେରଣା ଯୋଗାଇବ ।

(୪) ପ୍ରକୃତି ଓଡ଼ିଶା ପ୍ରତି ଅତି ସଦୟ । ସେ ମୁକ୍ତ ହସ୍ତରେ ବିପୁଳ ପ୍ରାକୃତିକ ସମ୍ପଦ ଅଜାଡ଼ି ଦେଇଛି ଏହି ରାଜ୍ୟରେ । ଗତ ସାଢ଼େ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏହି ସବୁ ସମ୍ପଦର ସଦୁପଯୋଗ କରି ଏବଂ ସମୁଚିତ ନୀତି ନିର୍ଦ୍ଧାରଣ କରି ଓଡ଼ିଶାକୁ ଏକ ଆଧୁନିକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ନିଷ୍ଠାପର ଉଦ୍ୟମ କରି ଆସୁଛନ୍ତି ।

(୫) ରାଜ୍ୟରେ ଶତକଡ଼ା ୮୫ ଭାଗରୁ ଅଧିକ ଲୋକ ପଲ୍ଲୀ ଅଞ୍ଚଳରେ ବାସ କରୁଥିବା ଦୃଷ୍ଟିରୁ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଏବଂ ଗ୍ରାମାଞ୍ଚଳର ଆଶୁ ବିକାଶ ବିନା କୌଣସି ଉନ୍ନୟନ ଯୋଜନା ଫଳପ୍ରଦ ଓ ପ୍ରଭାବଶାଳୀ ହେବା ସମ୍ଭବପର ନୁହେଁ । ଜଳସେଚନ ସୁବିଧା ଅଧିକ ଅଞ୍ଚଳକୁ ସମ୍ପ୍ରସାରିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଧାନ ଉତ୍ପାଦନ ବୃଦ୍ଧି କରିବା ପାଇଁ ଏବଂ କୃଷି କ୍ଷେତ୍ରରେ ନୂତନ ଶସ୍ୟ ପରୀକ୍ଷାନିରୀକ୍ଷା ପାଇଁ ପ୍ରଭାବଶାଳୀ ସମ୍ପ୍ରସାରଣ ପଦକ୍ଷେପ ଗ୍ରହଣ କରାଯାଉଛି । ଗ୍ରାମାଞ୍ଚଳରେ ରାସ୍ତାଘାଟ

ନିର୍ମାଣ, ସ୍କୁଲ ଗୃହ, ପୁଷ୍କରିଣୀ ଏବଂ କମ୍ୟୁନିଟ୍ କେନ୍ଦ୍ରର ଉନ୍ନୟନ ମାଧ୍ୟମରେ ଗ୍ରାମ ସମ୍ପଦର ଅଭିବୃଦ୍ଧି ନିମନ୍ତେ ଅଧିକ ବ୍ୟୟ ବରାଦ କରାଯାଉଛି । ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ଯୋଜନା ଦ୍ରୁତ ଗତିରେ ଆଗେଇ ଚାଲିଛି । ଆଇଃ ଆର୍ଃ ଡିଃ ପିଃ ଏବଂ ଜବାହର ରୋଜଗାର୍ ଯୋଜନାର ସାର୍ଥକ ରୂପାୟନ ମାଧ୍ୟମରେ ସ୍ଥାୟୀ ଗ୍ରାମ ସମ୍ପଦ ସୃଷ୍ଟି କରିବା ତଥା ଦୈନନ୍ଦିନ ମଜୁରିଆଙ୍କୁ ନିଯୁକ୍ତି ଦେବା ପାଇଁ ଉଦ୍ୟମ ହେଉଛି ।

(୬) ରାଜ୍ୟ ସରକାର ସ୍ଥାନୀୟ ଲୋକମାନଙ୍କୁ ସେମାନଙ୍କ ଉନ୍ନୟନ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରିବା ପାଇଁ ପ୍ରକୃତରେ ଆଗ୍ରହୀ । ପଞ୍ଚାୟତ ଏବଂ ପୌରାଞ୍ଚଳ ସଂସ୍ଥାଗୁଡ଼ିକର ନିର୍ବାଚନ ଶେଷ ହୋଇଛି । ଏଇ ସବୁ ପ୍ରତିନିଧିମୂଳକ ଅନୁଷ୍ଠାନଗୁଡ଼ିକରେ ନାରୀମାନେ ଯେମିତି ଉପଯୁକ୍ତ ଭାବେ ପ୍ରତିନିଧିତ୍ୱ କରିପାରନ୍ତି, ସେଥିପାଇଁ ନିର୍ଦ୍ଦିଷ୍ଟ ଆସନ ଉଦ୍ଦିଷ୍ଟ କରାଯାଇଛି । ସମବାୟଗୁଡ଼ିକର ଗଠନ ଓ ପରିଚାଳନା କ୍ଷେତ୍ରରେ ଅଧିକ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଚଳନ ପାଇଁ ଆଇନ୍‌ର ପରିବର୍ତ୍ତନ କରାଯାଇଛି । ଏଇ ପଦ୍ଧତିରେ ଅନୁଷ୍ଠାନଗୁଡ଼ିକ ଅଧିକ ସ୍ୱୟଂକ୍ରିୟ ହୋଇ ପାରିବେ । ପଶୁପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହା ଦ୍ୱାରା ବହୁ ସଂଖ୍ୟକ ଦରିଦ୍ର କୃଷକ ଓ ମତ୍ସ୍ୟଜୀବୀ ଉପକୃତ ହେବେ । ଅଧିକ କାରିଗର ଯେମିତି ଲାଭଦାୟକ ନିଯୁକ୍ତି ପାଇ ପାରିବେ, ସେଥିପାଇଁ କୁଟୀରଶିଳ୍ପ, ହସ୍ତଶିଳ୍ପ ଓ ତନ୍ତକୁ ଅଗ୍ରାଧିକାର ଦିଆଯାଇଛି । ସାଂସ୍କୃତିକ ଓ ପର୍ଯ୍ୟଟନର ବିକାଶ ପାଇଁ ଆବଶ୍ୟକୀୟ ଉଦ୍ୟମ ହେଉଛି । ଏହା ଫଳରେ ସମ୍ପୃକ୍ତ ସେବା କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିମାନେ ଲାଭବାନ ହେବେ ।

(୭) ଅନୁସୂଚିତ ଜାତି, ଉପଜାତି, ନାରୀ ଏବଂ ସମାଜର ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀଙ୍କର କଲ୍ୟାଣ ଏବଂ ସାମାଜିକ ତଥା ଅର୍ଥନୈତିକ ବିକାଶ ଉଦ୍ଦେଶ୍ୟରେ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଉଛି । ସବୁ ବିଭାଗକୁ ସେମାନଙ୍କ ବ୍ୟୟ ଅଟକଳର ଏକ ନିର୍ଦ୍ଦିଷ୍ଟ ଅଂଶ ଏଥି ନିମନ୍ତେ ନିର୍ଦ୍ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ଜମି, ଘରଡ଼ିହ ଯୋଗାଣ କ୍ଷେତ୍ରରେ ଅନୁସୂଚିତ ଜାତି, ଉପଜାତି ଲୋକଙ୍କୁ ବିଶେଷ ସୁବିଧା ଦିଆଯାଉଛି । ଅନୁସୂଚିତ ଜାତି, ଉପଜାତିମାନଙ୍କ ପାଇଁ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ସୁଫଳ ଯେପରି ଏହି ସମ୍ପ୍ରଦାୟର ଲୋକମାନେ ଲାଭ କରିବେ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ସାମାଜିକ ନିରାପତ୍ତା ଯୋଜନା ଅଧୀନରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଶାରୀରିକ ଅକ୍ଷମମାନଙ୍କ ଭତ୍ତା ବୃଦ୍ଧି କରାଯିବା ସହ ଯେପରି ଅଧିକ ଲୋକ ଏହି ଭତ୍ତା ପାଇବାର ସୁଯୋଗ ପାଇ ପାରିବେ, ସେଥିନିମନ୍ତେ ପଦକ୍ଷେପ ନିଆଯାଇଛି । କେତେକ ଜିଲ୍ଲାରେ ସମ୍ପୂର୍ଣ୍ଣ ସାକ୍ଷର ଅଭିଯାନ ପୂର୍ଣ୍ଣ ପ୍ରାଣରେ ଚାଲିଛି ଏବଂ ଏହା ବେଶ୍ ଫଳପ୍ରଦ ହୋଇପାରିଛି ।

(୮) ଆମର ସାଫଲ୍ୟ ପ୍ରଣିଧାନଯୋଗ୍ୟ ହେଲେ ମଧ୍ୟ ରାଜ୍ୟର ସର୍ବାଙ୍ଗୀନ ପ୍ରଗତି ପାଇଁ ଆମକୁ ଆହୁରି ବହୁତ କିଛି କରିବାକୁ ପଡ଼ିବ । ରାଜ୍ୟର ପ୍ରତ୍ୟେକ ଅଧିବାସୀଙ୍କର ଅକୁଣ୍ଠ ସହାୟତା ଓ ସହଯୋଗ ଫଳରେ ହିଁ ଏହା ସମ୍ଭବପର ହୋଇପାରିବ । ଓଡ଼ିଶା ଏକ ପଛୁଆ ଓ ଦରିଦ୍ର ରାଜ୍ୟ — ଏହି କଳଙ୍କ ଦୂର କରି ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମକୁ ସୁଦୀର୍ଘ ପଥ ଅତିକ୍ରମ କରିବାକୁ ହେବ । ଆମ ରାଜ୍ୟକୁ ଏକ ପ୍ରଗତିଶୀଳ ଓ ଗତିଶୀଳ ଅଞ୍ଚଳରେ ପରିଣତ କରିବାକୁ ହେଉଥିବା ଉଦ୍ୟମର ସାଫଲ୍ୟ ପାଇଁ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ମୁଁ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ନିବେଦନ କରୁଛି । ଏହି ଲକ୍ଷ୍ୟ ହାସଲ ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ଆଜିର ଏହି ପବିତ୍ର ଦିବସରେ ଆମକୁ ଶପଥ ଗ୍ରହଣ କରିବାକୁ ହେବ ।

(୯) ମୁଁ ଆପଣମାନଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ଜୟହିନ୍ଦ୍ !



# ୪୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ
# ମୁଖ୍ୟମନ୍ତ୍ରୀ
# ଶ୍ରୀ ବିଜୁ ପଟ୍ଟନାୟକଙ୍କ
# ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ମୁଁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି ।

ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭାରତବର୍ଷର ନାଗରିକଙ୍କ ପାଇଁ ଅଗଷ୍ଟ ୧୫ ଏକ ମହାନ୍ ଦିବସ । ଆଜକୁ ୪୬ ବର୍ଷ ପୂର୍ବେ ଏହି ପୁଣ୍ୟ ଦିବସରେ ଆମ ଦେଶ ବିଦେଶୀ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଛି । ବିଦେଶୀ ଶାସନର ବନ୍ଧନରୁ ଦେଶ ମାତୃକାକୁ ମୁକ୍ତ କରିବା ପାଇଁ ଦେଶର ମୁକ୍ତି ସଂଗ୍ରାମରେ ଅଂଶ ଗ୍ରହଣ କରି ଶହୀଦ ହୋଇଥିବା ତଥା ନିର୍ଯ୍ୟାତିତ ହୋଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଏହି ଅବସରରେ ମୁଁ ମୋର ଅନ୍ତରର ଗଭୀରତମ କୋଣରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସମୟର ସ୍ରୋତରେ ଆମ ଦେଶ ଆଜି ଏକ ସଙ୍କଟଜନକ ମୁହୂର୍ତ୍ତ ଦେଇ ଗତିକରୁଛି । ସାମ୍ପ୍ରଦାୟିକତା ଓ ବିଚ୍ଛିନ୍ନତାବାଦ ମୁଣ୍ଡ ଟେକିବା ଫଳରେ ଜାତୀୟ ସଂହତି ଓ ଐକ୍ୟ ବିପନ୍ନ ହେବାକୁ ବସିଛି । ଭ୍ରଷ୍ଟାଚାର ଓ ଦୁର୍ନୀତିର ବ୍ୟାଧିରେ ଜାତୀୟ ଚରିତ୍ର କଳୁଷିତ ହୋଇଯାଉଛି । ଏହା ସାଙ୍ଗକୁ ଦାରିଦ୍ର୍ୟ, ନିରକ୍ଷରତା ଓ ବେକାରୀ ସମସ୍ୟା ଆମ ପାଇଁ ବୋଝ ଉପରେ ନଳିତା ବିଡା ଭଳି ହୋଇଛି ।

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆତ୍ମ ସମୀକ୍ଷା କଲାବେଳେ ଏ ସବୁ ସମସ୍ୟାଗୁଡ଼ିକ ପ୍ରତି ଗୁରୁତ୍ୱର ସହ ଧ୍ୟାନ ଦେବାକୁ ହେବ । ସ୍ୱାଧୀନତା ଆମର ଜନ୍ମଗତ ଅଧିକାର ବୋଲି ଆମେ ଯେଉଁଳି ଆମର ମୌଳିକ ଅଧିକାର ସାବ୍ୟସ୍ତ କରୁଛୁ, ଠିକ୍ ସେହିଭଳି ଭାବରେ ଆମେ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ । ଦେଶର ଏକତା ଓ ସ୍ୱାଧୀନତା ବଜାୟ ରହିଲେ ଆମେ ଆମର ସ୍ୱାଧୀନ ଅଧିକାର ସାବ୍ୟସ୍ତ କରିପାରିବୁ । ଦେଶରେ ଶାନ୍ତି ରହିଲେ, ଆମେ ଶାନ୍ତିରେ ରହିବୁ । ଦେଶ ଉନ୍ନତ ହେଲେ, ଆମେ ମଧ୍ୟ ଉନ୍ନତ ହେବୁ । "ମୁଁ ଦେଶବାସୀଙ୍କ ପାଇଁ କ'ଣ କରିପାରିବି" ? ଏହି ପ୍ରଶ୍ନ ପ୍ରତ୍ୟେକେ ନିଜେ ନିଜକୁ ପଚାରି କର୍ତ୍ତବ୍ୟ ସମ୍ପାଦନ କଲେ ସ୍ୱର୍ଣ୍ଣପ୍ରସୂ ଭାରତ ନିଶ୍ଚିତ ଭାବେ ଏକ ଉନ୍ନତ ଓ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇ ପାରିବ ।

ସାମ୍ପ୍ରତିକ ପରିସ୍ଥିତିରେ ଅନ୍ଧ କବି ଭୀମ ଭୋଇଙ୍କ ରଚିତ କବିତାର ଏକ ପଂକ୍ତିକୁ ସ୍ମରଣ କରାଇବା ପ୍ରାସଙ୍ଗିକ ମନେ କରୁଛି :-

ମୋ ଜୀବନ ପଛେ ନର୍କେ ପଡ଼ିଥାଉ,
ଜଗତ ଉଦ୍ଧାର ହେଉ ।

ସୁତରାଂ, ପ୍ରତ୍ୟେକେ ଦେଶ ପାଇଁ କିଛି ନା କିଛି ତ୍ୟାଗ ସ୍ୱୀକାର କରିବାକୁ ଆଜିର ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ହୁଅନ୍ତୁ । ଏହା ହିଁ ଆଜିର ଆହ୍ୱାନ ।

ବନ୍ଦେ ଭାରତ ଜନନୀ ।



## ୪୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ

## କ୍ରୀଡ଼ା, ଯୁବ କଲ୍ୟାଣ, ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ

# ଶ୍ରୀଯୁକ୍ତ ଶରତ କୁମାର କରଙ୍କ ବାର୍ତ୍ତା

ଅଗଷ୍ଟ ପନ୍ଦର — ଭାରତ ବର୍ଷର ପବିତ୍ର ସ୍ୱାଧୀନତା ଦିବସ । ଅହିଂସା ମନ୍ତ୍ରର ଅମୋଘ ଅସ୍ତ୍ରରେ ଏହି ପୁଣ୍ୟଭୂମିର ସନ୍ତାନମାନେ ଶକ୍ତିଶାଳୀ ବ୍ରିଟିଶ୍ ଶାସନର ମୁକାବିଲା କରି ଆଜିର ଦିବସରେ ଭାରତର ସ୍ୱାଧୀନତା ହାସଲ କରିବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱକୁ ଏକ ନୂତନ ଆଲୋକର ସନ୍ଧାନ ଦେଇ ଯାଇଛନ୍ତି ।

ଦେଶର ସ୍ୱାଧୀନତା ପରେ ଆମରି ଲୋକେ ଆମ ନୌକାର ନାବିକ ସାଜିଛନ୍ତି । ଆମ ଭଣ୍ଡାର ଘରର ଚାବି ଆମ ହାତରେ । ତଥାପି ୪୫ ବର୍ଷର ସ୍ୱାଧୀନତା ପରେ ସୁନାର ଭାରତ ଆଜି ଏକ ଦରିଦ୍ର ଦେଶ । ପ୍ରାକୃତିକ ସମ୍ପଦରେ ଭରପୂର ଥାଇ ମଧ୍ୟ ସୁନାର ଭାରତ ଏବେ ଋଣଗ୍ରସ୍ତ । ଅହିଂସାର ବୀଜ ବପନ କରି ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିବା ପୁଣ୍ୟଭୂମି ଭାରତବର୍ଷରେ ଆଜି ହିଂସାର ଲୁଚକାଳି ଖେଳ । ବିଚ୍ଛିନ୍ନତାବାଦୀ ଓ ଉଗ୍ରପନ୍ଥୀଙ୍କ ଦ୍ୱାରା ଜାତୀୟ ସଂହତି ଓ ଐକ୍ୟ ନଷ୍ଟ ହେବାକୁ ବସିଲାଣି ।

ଅତୀତରେ ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଥିବା ଭାରତବର୍ଷ ଆଜି ସଙ୍କଟର ଦ୍ୱାର ଦେଶରେ । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମକୁ ଦିଗ୍‌ଦର୍ଶନ କିଏ ବା ଦେଇପାରିବ ? ଆମେ ଆମର ଅତୀତର ସିଂହାବଲୋକନ କରି ସୁପ୍ତ ଶକ୍ତିକୁ ପୁଣି ଜାଗ୍ରତ କରିବାକୁ ହେବ । ଆମ ସମସ୍ୟା ପାଇଁ ସମାଧାନର ସୂତ୍ର ଆମକୁ ବାହାର କରିବାକୁ ହେବ ।

ଆମେ ସେହି ମାଟିର ସନ୍ତାନ, ଯେଉଁ ମାଟିର ବାର ଶହ ବଢ଼େଇ ନିଷ୍ଠାର ପରାକାଷ୍ଠା ଦେଖାଇ ବିଶ୍ୱବନ୍ଦ୍ୟ କୋଣାର୍କ ମନ୍ଦିର ନିର୍ମାଣ କରିପାରିଥିଲେ, ଲକ୍ଷେ ପାଇକ ରକ୍ତ ବିନିମୟରେ ଚଣ୍ଡାଶୋକକୁ ଧର୍ମାଶୋକ କରିପାରିଥିଲେ । ସୁତରାଂ ଆମେ ସଙ୍କଳ୍ପବଦ୍ଧ ହେଲେ ଏ ଜାତି ନିର୍ଘୋଷକୁ ପ୍ରଗତି ପଥରେ ଆଗେଇ ନେବା ଆମ ପାଇଁ କଦାପି ଅସମ୍ଭବ ହୋଇ ରହିବ ନାହିଁ ।

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ପ୍ରିୟ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଦେଶ ଓ ଦଶର ହିତସାଧନ ପାଇଁ ପୂର୍ବସୁରୀଙ୍କ ପବିତ୍ର ସ୍ମୃତିକୁ ସ୍ମରଣ କରି ସମସ୍ତେ ସଙ୍କଳ୍ପ ନିଅନ୍ତୁ ଏହା ହିଁ କାମନା ।

# ସମ୍ପାଦକୀୟ

## କର୍ମଣ୍ୟେ ବାଧିକାରସ୍ତେ......

ଆଜି ଅଗଷ୍ଟ ପନ୍ଦର । ୪୬ତମ ସ୍ୱାଧୀନତା ଦିବସ । ଭାରତର ପ୍ରତ୍ୟେକ ନାଗରିକଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିବସ । ଆମ ଦେଶ ଏହି ପବିତ୍ର ଦିବସରେ ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇଥିଲା । ବାପୁଜୀଙ୍କ ପରିକଳ୍ପିତ ରାମରାଜ୍ୟ ପ୍ରତିଷ୍ଠା କରିବା ପାଇଁ ଦେଶର ଶାସନ ଦାୟିତ୍ୱ ଆମରି ଲୋକଙ୍କ ହାତକୁ ଆସିଥିଲା । ସୁତରାଂ ସ୍ୱାଧୀନତା ଦିବସକୁ ସ୍ୱାଗତ ଜଣାଇବା ଅବସରରେ ଆଜି ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ମଧ୍ୟ ରହିଛି ।

ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଭାରତବର୍ଷର ହିମାଚଳଠାରୁ ସୀମାଚଳଯାଏ ଗୋଟିଏ ଆବାଜ୍ ଶୁଭୁଥିଲା । ବାପୁଜୀଙ୍କ ଡାକରା ପାଇଲା କ୍ଷଣି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସଭିଏଁ ଗୋଟିଏ ସ୍ୱରରେ ଆବାଜ ଦେଉଥିଲେ । ଆଜି ସେ ଅବସ୍ଥା ବଦଳିଯାଇଛି । ଜାତି–ଜାତି ଭିତରେ, ଧର୍ମ–ଧର୍ମ ଭିତରେ ବିଭେଦର ସୂତ୍ରପାତ ହୋଇଛି । ବିଚ୍ଛିନ୍ନତାବାଦ ମୁଣ୍ଡ ଟେକି ଉଠିଛି । ଉଗ୍ରପନ୍ଥୀଙ୍କ କାର୍ଯ୍ୟ ପ୍ରତିମୁହୂର୍ତ୍ତରେ ଜନସାଧାରଣଙ୍କୁ ବିଚଳିତ କରିବାରେ ଲାଗିଛି । "କାକରା ହେବ କି, ଆରିଶା ହେବ" ? ଏହି ବିବାଦୀୟ ପ୍ରସଙ୍ଗ ଆଜି କେବଳ ଅଯୋଧ୍ୟା ଭିତରେ ସୀମାବଦ୍ଧ ହୋଇ ରହିନାହିଁ; ସ୍ୱାଧୀନ ଭାରତରେ ନିର୍ମଳ ଆକାଶରେ ଆଜି ଅଶାନ୍ତ ଝଡ଼ ଦେଖାଦେଇଛି । ଏ ଝଡ଼ରେ ଅନେକ ଘରଦ୍ୱାର ଭାଙ୍ଗିବ ଏବଂ ଝଡ଼ ପରେ ବଢ଼ିରେ ବହୁ ଘରଦ୍ୱାର ଭାସିଯିବ । ଏ କଥା ଜାଣି ମଧ୍ୟ ପ୍ରତ୍ୟେକେ ନିଜ ନିଜ ଜିଦ୍‌ରେ ଅଟଳ ।

ଦେଶ ଏଭଳି ଜଟିଳ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଓଡ଼ିଶାବାସୀଙ୍କ ସୌଭାଗ୍ୟକୁ ଓଡ଼ିଶାର ଶାସନ ଭାର ଜଣେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ନେତା ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ହାତରେ ନ୍ୟସ୍ତ । ଫଳତଃ ଦେଶର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ସାମ୍ପ୍ରଦାୟିକ ଦଙ୍ଗା, ସନ୍ତ୍ରାସବାଦ, ବିଚ୍ଛିନ୍ନତାବାଦ ଇତ୍ୟାଦି ସଂକ୍ରାମକ ବ୍ୟାଧିଗୁଡ଼ିକ ଅନ୍ତତଃପକ୍ଷେ ଓଡ଼ିଶାରେ ସଂକ୍ରମିତ ହୋଇନାହିଁ । ତାହା ଆମର ପରମ ସୌଭାଗ୍ୟ ।

ସ୍ୱାଧୀନତା ସଂଗ୍ରାମବେଳେ ଗାନ୍ଧିଜୀଙ୍କ ନିର୍ଦ୍ଦେଶକୁ ଦେଶବାସୀ ଯେଉଁଳି ଉତ୍ସାହର ସହ ଅପେକ୍ଷା କରୁଥିଲେ, ଆଜି ସେହିଭଳି ଭାବରେ ବିଜୁବାବୁଙ୍କ ପଦକ୍ଷେପକୁ ବେଦବାକ୍ୟ ହିସାବରେ ଓଡ଼ିଶାବାସୀ ଗ୍ରହଣ କରିବା ଫଳରେ ଓଡ଼ିଶାର ଐକ୍ୟ ଅକ୍ଷୁଣ୍ଣ ରହି ପାରିଛି । କେବଳ ସେତିକି ନୁହେଁ, ଅନ୍ୟତ୍ର ଦେଖା ଦେଇଥିବା ସଂକ୍ରାମକ ବ୍ୟାଧିରୁ ଓଡ଼ିଶା ମୁକ୍ତି ପାଇବା ସଙ୍ଗେ ସଙ୍ଗେ ବହୁ ଜନହିତକର କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବା ସମ୍ଭବ ହୋଇପାରିଛି । ଯଖପୁରାଠାରେ ଦ୍ୱିତୀୟ ଇସ୍ପାତ କାରଖାନା, ଦୈତାରୀଠାରେ ତୈଳ ବିଶୋଧନାଗାର, ପଶ୍ଚିମ–ଦକ୍ଷିଣ ଓଡ଼ିଶାରେ ୩ଟି ଆଲୁମିନିୟମ କାରଖାନା ଇତ୍ୟାଦି ବହୁ ଯୋଜନା ଆଜି କାର୍ଯ୍ୟକାରୀ କରିବା ସମ୍ଭବପର ହୋଇପାରିଛି । ନିରକ୍ଷରତା ଦୂରୀକରଣ ପାଇଁ ବିଭିନ୍ନ ଜିଲ୍ଲାରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲିଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ "ରାମରାଜ୍ୟ" ପ୍ରତିଷ୍ଠା ପାଇଁ ଜିଲ୍ଲା ପରିଷଦର ପରିକଳ୍ପନା କରି କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଛି । ଗାଁ ସରପଞ୍ଚ ବର୍ତ୍ତମାନ ଗାଁର ମୁରବୀ ହୋଇ ଗାଁକୁ ସଜାଡ଼ିବା ସୁଯୋଗ ପାଇଛନ୍ତି । ପରଦା ଆଢୁଆଳରେ ରହି ଆସିଥିବା ମହିଳାମାନେ ଆଜି ବିଜୁବାବୁଙ୍କ ଐତିହାସିକ ପଦକ୍ଷେପ ଯୋଗୁଁ ଶାସନର ପ୍ରତ୍ୟେକ ସ୍ତରରେ ନ୍ୟାଯ୍ୟ ପ୍ରାପ୍ୟ ପାଇପାରିଛନ୍ତି ।

ଏ ସମସ୍ତ ସାଫଲ୍ୟ ମୂଳରେ ଗୋଟିଏ କଥା ରହିଛି, ତା' ହେଉଛି ଦାୟିତ୍ୱବୋଧ । ମୁଖ୍ୟମନ୍ତ୍ରୀ ହିସାବରେ ପ୍ରଭୂତ କ୍ଷମତାର ଅଧିକାରୀ ହୋଇଥିଲେ ହେଁ ବିଜୁବାବୁ ଅଧିକାର ତୁଳନାରେ କର୍ତ୍ତବ୍ୟକୁ ଅଧିକ ଗୁରୁତ୍ୱ ଦେଇ ସାଫଲ୍ୟର ଦ୍ୱାରକୁ ଉନ୍ମୁକ୍ତ କରି ପାରିଛନ୍ତି, ଯେପରି ଆମର ପୂର୍ବସୂରୀମାନେ ବଞ୍ଚିବାର ଅଧିକାରକୁ ସାବ୍ୟସ୍ତ ନକରି ଦେଶ ପାଇଁ କର୍ତ୍ତବ୍ୟର ଗୁରୁତ୍ୱ ଉପଲବ୍ଧି କରି ସ୍ୱାଧୀନତା ସଂଗ୍ରାମରେ ଶହୀଦ୍ ହୋଇଥିଲେ । ସେମାନଙ୍କର କର୍ତ୍ତବ୍ୟର ପ୍ରତିଦାନରେ ଆମେ ଆମର ସ୍ୱାଧୀନତା ପାଇଛୁ । ସୁତରାଂ କର୍ତ୍ତବ୍ୟ କରିଗଲେ ଅଧିକାର ଆପଣା ଛାଏଁ ଆସିଯିବ । କ୍ଷମତାର ଅଧିକାର ପାଇଁ ବ୍ୟାକୁଳ ନହୋଇ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଆବଶ୍ୟକ । "ଜାତି ପାଇଁ, ଦେଶ ପାଇଁ କିଛି କରିବାର କର୍ତ୍ତବ୍ୟ ନେଇ ଆମର ଜନ୍ମ" ଏ ଚେତନା ଜାଗ୍ରତ ହେଉ ।

ସଙ୍କଟକାଳୀନ ପରିସ୍ଥିତିରେ ଜଗତକୁ ଉଦ୍ଧାର କରିବା ପାଇଁ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ଉକ୍ତି ବର୍ତ୍ତମାନ ଦେଶର ସଙ୍କଟମୟ ପରିସ୍ଥିତିରେ ଆବଶ୍ୟକ ହୋଇପଡ଼ିଛି ।

ଆଜି ଏହି ପବିତ୍ର ଲଗ୍ନରେ ସଭିଏଁ ସେହି ସଙ୍କଳ୍ପ ନିଅନ୍ତୁ ।

"କର୍ମଣ୍ୟେ ବାଧିକାରସ୍ତେ,
ମା' ଫଳେଷୁ କଦାଚ ନ" ।





# ଆମେ ଓଡ଼ିଆ

● ଶ୍ରୀ ଶରତ କୁମାର କର
ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ, ଓଡ଼ିଶା

ଯେତେବେଳ ଯାଏ ନିଜ ମାତୃଭୂମିକୁ ଆମେ ତୀର୍ଥଭୂମି ବୋଲି ମନେ କରିନାହୁଁ, ଯେ ପର୍ଯ୍ୟନ୍ତ ପ୍ରତିଭାପୂଜା ସାଙ୍ଗରେ ନୂତନ ପ୍ରତିଭାର ଉଦୟ ପାଇଁ ପରିବେଶ ସୃଷ୍ଟି କରିନାହୁଁ, ସେତେ ଦିନ ଯାଏଁ ଯେତେ ବିଶ୍ୱପଟ ତିଆରି କଲେ, ଯେତେ ପ୍ରତିମୂର୍ତ୍ତି ସ୍ଥାପନ କଲେ, ଡାକଟିକଟ ପ୍ରଚଳନ କଲେ, ପୁଷ୍ପମାଲ୍ୟ ଦେଲେ, ଦୀପ ପ୍ରଜ୍ଜ୍ୱଳିତ କଲେ ମଧ୍ୟ ଗୋଟିଏ ଜାତି କେବେ ହେଲେ ଗଢ଼ିପାରିବ ନାହିଁ ।

ପ୍ରତ୍ୟେକ ଓଡ଼ିଆର ହୃଦୟରେ ଯେ ପର୍ଯ୍ୟନ୍ତ ଜାତି ଇତିହାସର ଦୀପ ପ୍ରଜ୍ଜ୍ୱଳିତ ନ ହୋଇଛି ସେ ପର୍ଯ୍ୟନ୍ତ ଓଡ଼ିଆର ପରିଚୟ ନାହିଁ, କୃଷ୍ଣଚନ୍ଦ୍ର ଗଜପତିଙ୍କଠାରୁ ଆରମ୍ଭ କରି ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ଶଶିଭୂଷଣ ରଥ ପ୍ରଭୃତି ପୁଣ୍ୟାତ୍ମା ପୁରୁଷମାନଙ୍କ ଜନ୍ମ ତିଥିରେ କିମ୍ବା ଶ୍ରାଦ୍ଧ ଦିବସରେ ଯେତେ ଫୁଲ ଅଜାଡ଼ି ଦେଲେ ବି ଆମ ଡ୍ରଇଁ ରୁମ୍‌ରେ ସେମାନଙ୍କ ଫଟୋ ଆମେ ରଖିବାକୁ ସମୀଚୀନ ମନେ କରୁନାହୁଁ । ସେମାନଙ୍କ ସମ୍ପର୍କରେ ପଦେ ଦିପଦ ବି କହି ପାରୁନାହୁଁ । ଆମେ ଯିଏ ଯେଉଁଆଡ଼େ ଓଡ଼ିଆ ଲୋକ ଯାଉଛୁ, ଆମେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁନାହୁଁ । ଆମର ହୀନମନ୍ୟତା ରହିବା ଫଳରେ ଆମେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେଉନାହୁଁ ।

ଓଡ଼ିଶା ଭିତରେ ମଧ୍ୟ ସ୍ଥାନେ ସ୍ଥାନେ ଓଡ଼ିଆ ଭାଷା ଲୋପ ପାଇ ଯାଉଛି । ଓଡ଼ିଶାରେ ମଧ୍ୟ ଏପରି ସ୍ଥାନ ରହିଛି ଯେଉଁଠି ଓଡ଼ିଆ ଅକ୍ଷର ଲେଖା ଯାଉନାହିଁ । ସୁଖର କଥା, ଆଜି ଗଞ୍ଜାମ, କୋରାପୁଟ, ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ପ୍ରଭୃତି ଜିଲ୍ଲାମାନଙ୍କରେ ସବୁଠି ସାକ୍ଷରତା କାର୍ଯ୍ୟକ୍ରମ ଚାଲିଛି । ଓଡ଼ିଆ ଅକ୍ଷର ଶିକ୍ଷା ଦିଆଯାଉଛି । ସାକ୍ଷରତା କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ କୋଟି କୋଟି ଟଙ୍କାର ଆବଶ୍ୟକତା ରହିଛି । ଓଡ଼ିଆ ଭାଷା ଲେଖି ଜାଣିବା ପରେ ସେମାନେ ଭାଗବତ ପଢ଼ିବେ, ଓଡ଼ିଆ ସାହିତ୍ୟକୁ ଅଧ୍ୟୟନ କରିବେ ଓ ନିଜ ଜାତି ବିଷୟରେ ଜାଣିବେ । ତା'ପରେ ସେ ସବୁକୁ ଅନ୍ୟଭାଷାରେ ଅନୁବାଦ କରିବେ ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ୱପ୍ନକୁ ସାକାର କରିବାକୁ ହେଲେ, ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁଙ୍କୁ ସମ୍ମାନ ଦେବାକୁ ହେଲେ ମାଇଲ୍ ମାଇଲ୍ ପଥ ଅତିକ୍ରମ କରିବାକୁ ହେବ । ଆମକୁ ଅନେକ କାର୍ଯ୍ୟ କରିବାକୁ ପଡ଼ିବ । କିନ୍ତୁ ସବୁ ମୂଳରେ ଗୋଟିଏ କଥା ରହିଛି–"ଚେତନା" । ଯେ ପର୍ଯ୍ୟନ୍ତ ଆମ ଭିତରେ ଚେତନାର ଜାଗ୍ରତ ହୋଇନାହିଁ ଯେ ପର୍ଯ୍ୟନ୍ତ ଓଡ଼ିଆ ଜାତି ନିଜକୁ ନିଜେ ଗଢ଼ିବା ପାଇଁ ସଙ୍କଳ୍ପବଦ୍ଧ ହୋଇନାହିଁ, ସେ ପର୍ଯ୍ୟନ୍ତ ଯେତେ ଅର୍ଥ ବ୍ୟୟ କଲେ ମଧ୍ୟ ଓଡ଼ିଆ ଜାତି ଆଗେଇ ପାରିବ ନାହିଁ ।

ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀନେଇ ଆନ୍ଦୋଳନ କଲାବେଳେ ଓଡ଼ିଆ ଜାତିକୁ ସଙ୍ଗଠିତ କରିବା ପାଇଁ ମଧୁବାବୁ ଆହ୍ୱାନ ଦେଇ କହିଥିଲେ–

ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ ଡେଇଁପଡ଼ି ସିନ୍ଧୁ ନୀରେ ।

ମଧୁସୂଦନଙ୍କ ଏହି ଆହ୍ୱାନ କୃଷ୍ଣଚନ୍ଦ୍ର ଗଜପତିଙ୍କ କର୍ଣ୍ଣରେ ଯୁଦ୍ଧ ଭେରୀ ଭଳି ପ୍ରତିଧ୍ୱନିତ ହୋଇଥିଲା । ରାଜ ପ୍ରାସାଦର ଆଡ଼ମ୍ବର ପୂର୍ଣ୍ଣ ବିଳାସ ବ୍ୟସନକୁ ପଦାଘାତ କରି ଗଜପତି ଚିନ୍ତା କରିଥିଲେ ମଧୁବାବୁ କ'ଣ କହୁଛନ୍ତି, ଗୋପବନ୍ଧୁ କ'ଣ କହୁଛନ୍ତି । ଯୁଦ୍ଧଭେରୀ ଶୁଣି ସୈନିକ ଯୁଦ୍ଧକୁ ଡେଇଁ ପଡ଼ିଲା ଭଳି ଗଜପତି ଆନ୍ଦୋଳନକୁ ଡେଇଁ ପଡ଼ିଥିଲେ ଏବଂ ବଜ୍ର ଶପଥ ନେଇଥିଲେ ନେପୋଲିୟନଙ୍କ ଭଳି ।

ସମଗ୍ର ପୃଥିବୀକୁ ଏକ କରିବା ପାଇଁ ନେପୋଲିୟନ୍ ଯେଉଁଭଳି ସଙ୍କଳ୍ପ ନେଇଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମଧ୍ୟ ଠିକ୍ ସେହିଭଳି ଶପଥ ନେଇଥିଲେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରିବା ପାଇଁ । ଭାରତ ଇତିହାସରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଦ୍ୱିତୀୟ ନେପୋଲିୟନ୍ । ଗଜପତିଙ୍କ ଭଳି ବୀର ସନ୍ତାନ ପାଇଁ ସମଗ୍ର ଭାରତ ଗର୍ବ ଅନୁଭବ କରୁଥିବା ବେଳେ ଆମେ ସେ ଗର୍ବ କରି ଶିଖିନାହୁଁ । ଭାରତୀୟ ପଣ୍ଡିତମାନଙ୍କ ଆଗରେ ଏକଥା କହିପାରୁ ନାହୁଁ ।

ଶାଇ ଜଗିବା କୁଆ ସାରଳା ଦାସ ନିଜକୁ ମୂର୍ଖ, ଶୂଦ୍ର ବୋଲି ପରିଚୟ ଦେଲେ ହେଁ ସାରଳାଙ୍କ ପାଖରେ ବସି ମହାଭାରତ ଲେଖି ପାରିଛନ୍ତି । ମୂଳ ସଂସ୍କୃତ ମହାଭାରତ ତୁଳନାରେ ଅଧିକ ତଥ୍ୟ ପରିବେଷଣ କରିଛନ୍ତି ସେ । କିନ୍ତୁ ସେହି ମହାଭାରତକୁ ଆଜିଯାଏଁ ଅନ୍ୟ ଭାଷାରେ ଅନୁବାଦ ହୋଇପାରି ନାହିଁ । ଢେଙ୍କାନାଳର

ଆଦିବାସୀ ଅନ୍ଧ କବି ଭୀମା ଭୋଇଙ୍କ ରଚିତ ଏକ ପଦ୍ୟାଂଶର ଇଂରାଜୀ ଅନୁବାଦ ଗତ ଏପ୍ରିଲ୍ ପାଞ୍ଚ ତାରିଖରେ ଦିଲ୍ଲୀଠାରେ ଅନୁଷ୍ଠିତ ଓଡ଼ିଆ ସାହିତ୍ୟ ସଂସ୍କୃତି ସମାରୋହରେ ମାନ୍ୟବର ଉପରାଷ୍ଟ୍ରପତି ଶ୍ରୀଯୁକ୍ତ ଶଙ୍କରଦୟାଲ୍ ଶର୍ମାଙ୍କୁ ଏହା ଦେଇଥିଲୁ । ଉପରାଷ୍ଟ୍ରପତି ଶ୍ରୀଯୁକ୍ତ ଶର୍ମା ଛପ୍ରୀଭୂତ ହୋଇଯାଇ କହିଥିଲେ – ପୃଥିବୀର କୌଣସି କବି ଏକଥା କହିନାହିଁ ଯାହା କି ନିପଟ ମଫସଲର ପାଠ ପଢ଼ି ନଥିବା ଆଦିବାସୀ ଅନ୍ଧ କବି ଭୀମା ଭୋଇ କହିଛନ୍ତି–

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ
ଉଦ୍ଧାର ହେଉ !"

ସମଗ୍ର ପୃଥିବୀ ପାଇଁ ଯିଏ ମାନବିକତାର ବାର୍ତ୍ତା ଦେଇପାରେ, ସେହି ଭୀମା ଭୋଇ ଯେ କୌଣସି ନୋବେଲ୍ ପୁରସ୍କାର ବିଜେତାମାନଙ୍କଠାରୁ ବହୁ ଗୁଣରେ ଅଧିକ, ସେଥିରେ ସନ୍ଦେହ ନାହିଁ । କେବଳ ସେତିକି ନୁହେଁ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ପ୍ରଭୃତି କବିମାନେ ଯେଉଁ ସ୍ତରର କବି, ସେମାନଙ୍କର କବିତାକୁ ପଢ଼ିଲେ, ବିଦେଶର ବହୁତ କବି ତାଙ୍କ ସମକକ୍ଷ ହୋଇପାରିବେ ନାହିଁ । ସେଥିପାଇଁ ମୁଁ ସବୁବେଳେ କହେ "ପଥରର କାରୁକାର୍ଯ୍ୟରେ ଖଚିତ କୋଣାର୍କ ମନ୍ଦିର ଭଳି ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟଙ୍କ ରଚନାବଳୀ ମଧ୍ୟ କାବ୍ୟ – କବିତାରେ ଗଢ଼ା ଯାଇଥିବା ଆଉ ଏକ କୋଣାର୍କ ।

ଓଡ଼ିଆମାନେ ନିଜକୁ ନିଜେ ଚିହ୍ନିନାହାନ୍ତି । ସେଥିପାଇଁ ଜଣେ କବି ଚିନ୍ତା କରି କହିଥିଲେ– "କିଏ ତୁମେ ଚିହ୍ନିଛ କି ଆପଣାକୁ ଆପେ ?" ଓଡ଼ିଆ ଜାତି ତା'ର ସେହି ପ୍ରାଣକେନ୍ଦ୍ରକୁ ଖୋଜିବା ଦରକାର । ନିଜ ପାଖରେ ସୌରଭ ଥିଲେ ସ୍ୱର୍ଣ୍ଣ ହରିଣୀ ଜାଣି ନପାରି ଏପଟ ସେପଟ ଦଉଡ଼ିଲା ପରି ଆମେ ଦଉଡୁଛୁ ସେକସ୍‌ପିୟର, ଟେନିସି ଉଇଲିୟମଙ୍କ ଆଡ଼କୁ ।

ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀ ନେଇ ଓଡ଼ିଆ ଜାତି ଆନ୍ଦୋଳନ କଲାବେଳେ ଅନ୍ୟମାନେ ଏ ଦାବୀକୁ ବିରୋଧ କରି କହୁଥିଲେ "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ" । ଏ ଯୁକ୍ତିକୁ ଖଣ୍ଡନ କରିବା ପାଇଁ, ଏ ଜଟିଳ ପ୍ରଶ୍ନର ସଠିକ୍ ଉତ୍ତର ଦେବା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିବା ପୁରୋଧାମାନେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ପ୍ରଭୃତିଙ୍କର ନଷ୍ଟପ୍ରାୟ ତାଳପତ୍ର ପୋଥିକୁ ସଂଗ୍ରହ କରି ସେ ସବୁକୁ ପୁସ୍ତକ ଆକାରରେ ପ୍ରକାଶ କରି ଅସମ୍ଭବକୁ ସମ୍ଭବ କରିଥିଲେ । ଅନ୍ୟ ଭାଷା ତୁଳନାରେ ଓଡ଼ିଆ ଭାଷା ଏକ ଉନ୍ନତ ଓ ପ୍ରାଚୀନ ଭାଷା ବୋଲି ସମସ୍ତେ ସ୍ୱୀକାର କରିଥିଲେ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀକୁ ମାନି ନେଇଥିଲେ ।

ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଛି – ମଧୁବାବୁ ଥିଲେ ବୋଲି, ମଧୁସୂଦନ ଥିଲେ ବୋଲି, ଗୋପବନ୍ଧୁ ଥିଲେ ବୋଲି । ଓଡ଼ିଆ ଭାଷା ବଞ୍ଚିଚି ଉପେନ୍ଦ୍ରଭଞ୍ଜ ଥିଲେ ବୋଲି – କବିସୂର୍ଯ୍ୟ ଥିଲେ ବୋଲି ଏବଂ ବିଶ୍ୱ ଦରବାରରେ ଓଡ଼ିଆ ଜାତି ବଞ୍ଚିଛି, କୋଣାର୍କ ଅଛି ବୋଲି ।

ଯେଉଁ ମନୀଷୀମାନଙ୍କ ଅଦ୍ୟମ ସାଧନା, ଅସମ୍ଭବକୁ ସମ୍ଭବ କରିପାରିଛି, ଓଡ଼ିଆ ଜାତିକୁ ବଞ୍ଚାଇ ରଖି ପାରିଛି, ଆଜି ସେହି ମନୀଷୀମାନେ ସ୍ୱର୍ଗପୁରରେ ଥାଇ ଆଶୀର୍ବାଦ କରନ୍ତୁ ଓଡ଼ିଆ ଜାତିମନରେ ସ୍ୱାଭିମାନ ଫେରିଆସୁ ।


ଓଡ଼ିଆ ଭିତରେ, ଓଡ଼ିଶା ବାହାରେ, ବିଦେଶରେ କିମ୍ବା ଚନ୍ଦ୍ରଲୋକରେ ଯିଏ ଯେଉଁଠି ଥିବେ ସମସ୍ତେ ଏକ ସଙ୍ଗରେ ଆବାଜ ଦେବେ । ମଧୁବାବୁ ଆଉ ସ୍ୱର୍ଗପୁରରୁ ବିକଳ ରୋଦନ ଛାଡ଼ିବେ ନାହିଁ– "ମାଆ ମାଆ ବୋଲି, କେତେ ମୁଁ ଡାକିଲି, କେହିତ ଶୁଣିଲେ ନାହିଁ" । ମାଆ ବୋଲି ଡାକିଲେ ସମସ୍ତେ ଏକ ସଙ୍ଗରେ ଆବାଜ ଦେବେ–" ଓଡ଼ିଆ ଏଠି ଅଛି" । ସେହିଦିନ ମା ପେଟରୁ ଛୁଆ ଜନ୍ମ ହେବା ମାତ୍ରେ କହିବ "ମୁଁ ଓଡ଼ିଆ" । ମୁଁ ବିଶ୍ୱର ସମ୍ରାଟ ହୋଇ ସମ୍ରାଟ ହେବି । ସେହିଦିନ ଖାରବେଳ ପୁଣି ଦେଖା ଦେବ – ସେହିଦିନ କୋଣାର୍କ ପୁଣି ତିଆରି ହେବ ।


ବନ୍ଦେ ଉତ୍କଳ ଜନନୀ।

(ଉତ୍କଳ ପରିଷଦ ପକ୍ଷରୁ ବ୍ରହ୍ମପୁରଠାରେ ଆୟୋଜିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଙ୍କ ଶତବାର୍ଷିକୀ ଉତ୍ସବରେ ୨୨–୪–୧୯୯୨ ତାରିଖରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଶରତ କୁମାର କରଙ୍କ ପ୍ରଦତ୍ତ ଅଭିଭାଷଣର କିୟଦଂଶ।)

"ଏହି ମୂକ,ଅବସାଦଗ୍ରସ୍ତ ଏବଂ ବିନୀତ ବ୍ୟକ୍ତିଙ୍କ ମୁଖରେ ଆମକୁ ଆସାର ପରିଭାଷା ଫୁଟାଇବାକୁ ହେବ, ଏହି ଅବସନ୍ନ, ଦୁର୍ବଳ ଏବଂ ପରିତ୍ୟକ୍ତ ବ୍ୟକ୍ତିଙ୍କ ହୃଦୟରେ ଆମକୁ ମାନବିକତାର ଆଶା ଜାଗରିତ କରିବାକୁ ହେବ ।"

ରବୀନ୍ଦ୍ରନାଥ





# ଜଙ୍ଗଲ : ଜୀବନ ତଥା ସଭ୍ୟତାର ଆଧାର

● ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର
ଜଙ୍ଗଲ ମନ୍ତ୍ରୀ, ଓଡ଼ିଶା

ଆମ ଦେଶରେ ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଆସୁଛି । ଲୋକମାନଙ୍କ ମନରେ ସଚେତନତା ସୃଷ୍ଟିକରି ଜଙ୍ଗଲ ସମ୍ପଦର ସୁରକ୍ଷା ତଥା ଅଭିବୃଦ୍ଧି କରିବା ଏହି ବନ ମହୋତ୍ସବ ପାଳନର ମୁଖ୍ୟ ଲକ୍ଷ୍ୟ ।

ଆମ ସଭ୍ୟତାର ଅରୁଣୋଦୟ ଘଟିଛି ଅରଣ୍ୟ ମଧ୍ୟରୁ । ସେହି ସ୍ମରଣାତୀତ କାଳରୁ ଏହି ଅରଣ୍ୟର ଶାନ୍ତ, ସବୁଜ ପରିବେଶ ମଧ୍ୟରେ ଆମ ଦେଶର ବହୁ ମୁନି, ଋଷି ଗୁରୁକୁଳ ସ୍ଥାପନ କରି ସ୍ୱୀୟ ସାଧନା ଲବ୍ଧ ଜ୍ଞାନର ପ୍ରସାର କରି ଆସିଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ପିତୃସତ୍ୟ ପାଳନ କରିବା ଲାଗି ବନବାସ କରିଥିଲେ । ସେହିପରି ଦ୍ୱାପରରେ ପାଣ୍ଡବମାନେ ମଧ୍ୟ ବନବାସ କରିଥିଲେ । ପ୍ରଭୁ ଶ୍ରୀକୃଷ୍ଣ ଗୋପାଳ ବାଳକମାନଙ୍କ ସହିତ ବନରେ ବିଚରଣ କରି ନିଜର ଦିବ୍ୟଲୀଳା ପ୍ରଦର୍ଶନ କରି ସାରିଥିଲେ । ଏଣୁ ବନମାଳୀ, ବନବିହାରୀ ପରି ପ୍ରିୟ ନାମରେ ଶ୍ରୀକୃଷ୍ଣଙ୍କୁ ସମ୍ବୋଧିତ କରାଯାଏ । ଅତଏବ, ଆମ ଭାରତୀୟ ସଭ୍ୟତାକୁ ଆରଣ୍ୟକ ସଭ୍ୟତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପରିବେଶର ସନ୍ତୁଳନ ପାଇଁ ଅତିକମ୍‌ରେ ଆମ ଭୂ-ଭାଗରେ ଏକ ତୃତୀୟାଂଶ ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହେବା ନିତାନ୍ତ ଆବଶ୍ୟକ । କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଲୋକମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ଅର୍ଥନୀତିକ ବିକାଶ ପାଇଁ ବିଭିନ୍ନ କଳକାରଖାନା ସ୍ଥାପନ ପ୍ରଭୃତି ବହୁ କାରଣରୁ ଜଙ୍ଗଲ ସମ୍ପଦ ଦ୍ରୁତ ଗତିରେ ହ୍ରାସ ହେବାରେ ଲାଗିଛି । ଏକ ହିସାବରୁ ଜଣାଯାଇଛି ଯେ, ବର୍ତ୍ତମାନ ପୃଥିବୀ ପୃଷ୍ଠରୁ ବାର୍ଷିକ ପ୍ରାୟ ୧୭ ନିୟୁତ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି । ବର୍ତ୍ତମାନ ଆମ ରାଜ୍ୟର ଭୂ-ଭାଗରେ ମାତ୍ର ୧୧ ଭାଗ ଅଞ୍ଚଳ ଉତ୍ପାଦନକ୍ଷମ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ବୋଲି ଉପଗ୍ରହ ମାଧ୍ୟମରେ କରାଯାଇଥିବା ସର୍ବେକ୍ଷଣରୁ ଜଣା ପଡ଼ିଛି ।

ଜଙ୍ଗଲ ସମ୍ପଦ ନଷ୍ଟ ହେବା ଫଳରେ ବନ୍ୟା, ମରୁଡ଼ି, ବାତ୍ୟା, ମୃତ୍ତିକା କ୍ଷୟ, ନୂତନ ମରୁଭୂମି ସୃଷ୍ଟି, ଭୂସ୍ତର ଜଳପତନରେ ହ୍ରାସଭଳି ବିଭିନ୍ନ ପ୍ରାକୃତିକ ବିପତ୍ତି ଦେଖାଦେଉଛି । ଏ ଗୁଡ଼ିକ ମୁଖ୍ୟତଃ ମନୁଷ୍ୟକୃତ । ଜଙ୍ଗଲ ଧ୍ୱଂସ ହେବା ଫଳରେ ବହୁ ବିରଳ ଜାତିର ବନ୍ୟପ୍ରାଣୀ ତଥା ଚିତ୍ତାକର୍ଷକ ପଶୁପକ୍ଷୀ ଧରାପୃଷ୍ଠରୁ ଲୋପ ପାଇବାରେ ଲାଗିଛନ୍ତି ।

ବିଭିନ୍ନ ଗୁରୁ ତଥା ଭାରୀ ଶିଳ୍ପ ପ୍ରତିଷ୍ଠା ଏବଂ ଅହରହ ଯନ୍ତ୍ରଚାଳିତ ଯାନବାହନର ବୃଦ୍ଧି ଫଳରେ ଅଙ୍ଗାରକାମ୍ଳ, କ୍ଲୋରୋଫ୍ଲୋରୋ କାର୍ବନ ଭଳି ଅତି ବିଷାକ୍ତ ବାଷ୍ପର ମାତ୍ରା ବାୟୁମଣ୍ଡଳରେ ବୃଦ୍ଧିପାଇବା ଫଳରେ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହେବା ସଙ୍ଗେ ସଙ୍ଗେ ପୃଥିବୀର ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ସାରା ପୃଥିବୀର ଜନସାଧାରଣ ଏହି ସବୁଜମଣ୍ଡଳ ପରିଣତି (Green Development)ର ଭୟାବହତାରେ ଚିନ୍ତିତ ଓ ବିବ୍ରତ ।

ଆମ ରାଜ୍ୟର ପ୍ରାୟ ୮୦ ଭାଗ ଲୋକ ଗାଁ ଗହଳିରେ ବାସ କରନ୍ତି । କୃଷି ହେଲା ସେମାନଙ୍କର ମୁଖ୍ୟ ଜୀବିକା । ଜଙ୍ଗଲ ନଷ୍ଟ ହେବା ଫଳରେ, ପାଣିପାଗରେ ଅନିୟମିତତା ଦେଖାଦେଇ କୃଷିକାମରେ ଘୋର ଅସୁବିଧା ସୃଷ୍ଟି ହୋଇ କୃଷି ଉତ୍ପାଦନ ଆଶାଜନକ ଭାବେ ବୃଦ୍ଧି ହୋଇ ପାରୁନାହିଁ । ଅତଏବ, କୃଷି ଉତ୍ପାଦନ ବୃଦ୍ଧି ଦିଗରେ ଜଙ୍ଗଲ ସମ୍ପଦର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ।

ଚଳିତ ବର୍ଷ ଜୁନ ମାସ ୩ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ରାଜଧାନୀ ରିଓ ଡି' ଜେନେଇରୋରେ ଅନୁଷ୍ଠିତ ହୋଇଯାଇଥିବା 'ଧରିତ୍ରୀ ଶିଖର ସମ୍ମିଳନୀ'ରେ ପୃଥିବୀର ପ୍ରାୟ ୧୭୮ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ, ପରିବେଶ ବିଜ୍ଞାନୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇ ସାମୂହିକ ଭାବେ ପରିବେଶ ସୁରକ୍ଷା ପାଇଁ ଯେଉଁ ଆନ୍ତରିକ ଆଗ୍ରହ ପ୍ରକାଶ କରିଛନ୍ତି, ତା ଅଭୂତପୂର୍ବ । ଏହା ସୂଚାଇ ଦିଏ ଯେ, ଆଜିର ଅବକ୍ଷୟପ୍ରାପ୍ତ ପରିବେଶରେ ସାରା ମଣିଷ ସମାଜର ସ୍ଥିତି କେତେଦୂର ସଙ୍କଟାପନ୍ନ ।

ପରିବେଶର ସୁରକ୍ଷା ପାଇଁ ଜନସଚେତନତା ସହ ଗଣ ସହଯୋଗ ନିତାନ୍ତ ଆବଶ୍ୟକ । ଅତଏବ, ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ଅଭିବୃଦ୍ଧି ପାଇଁ ସମାଜର ସବୁ ସ୍ତରର ଲୋକମାନଙ୍କର ସହଯୋଗ ଏକାନ୍ତ କାମ୍ୟ । ଜଙ୍ଗଲ ସମ୍ପଦର ସୁରକ୍ଷା ସହ ଆମର ଅର୍ଥନୈତିକ ପ୍ରଗତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆମର ଦ୍ରୁତ ଅର୍ଥନୀତିକ ବିକାଶ ପାଇଁ ଶିଳ୍ପର ଆବଶ୍ୟକତା ଅନୁଭୂତ ହେଉଥିବା

ବେଳେ ଆମେ ବଞ୍ଚି ରହିବା ପାଇଁ ବିଶୁଦ୍ଧ ବାୟୁ, ଜଳ, ବାସସ୍ଥାନ, ଖାଦ୍ୟ ସର୍ବୋପରି ଏକ ସୁସ୍ଥ ପରିବେଶର ଆବଶ୍ୟକତା ମଧ୍ୟ ନିତାନ୍ତ ଦରକାର। ଏଥିପାଇଁ ଜଙ୍ଗଲ ସମ୍ପଦର ଶ୍ରୀବୃଦ୍ଧି ସାଧନ କରିବା ଅବଶ୍ୟ ପ୍ରଣିଧାନ୍ୟଯୋଗ୍ୟ ।

ଆଜିର ଆହ୍ୱାନ ହେଲା-ଧ୍ୱଂସ ବିନା ପ୍ରଗତି (Development without Destruction) । ଏଣୁ ଜଙ୍ଗଲ ଧ୍ୱଂସ ନ କରି, ପରିବେଶରେ ସନ୍ତୁଳନ ରକ୍ଷାକରି, ପ୍ରଗତି ପଥରେ ଆଗେଇଯିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ।


ଏଠାରେ ଆମର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରିୟବାଣୀ ଉଦ୍ଧାର କରାଯାଇପାରେ। ପୂଜ୍ୟ ମହାତ୍ମା ଗାନ୍ଧୀଙ୍କ ଭାଷାରେ- ପ୍ରକୃତି ଆମର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ପ୍ରାକୃତିକ ସମ୍ପଦ ସାଇତି ରଖିଛି। କିନ୍ତୁ, ଆମର ଅହେତୁକ ଲୋଭ, ଅପରିଣାମଦର୍ଶୀ କାର୍ଯ୍ୟକଳାପ ଫଳରେ ପ୍ରାକୃତିକ ସମ୍ପଦ ସବୁ ନଷ୍ଟ ହେବାରେ ଲାଗିଛି ।

ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ରହିଥିବା ଜଙ୍ଗଲର ସୁରକ୍ଷା ତଥା ବୃକ୍ଷ ରୋପଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ପାରିଲେ, ଆମେ ଏକ ସୁସ୍ଥ ପରିବେଶ ସହ ଧରାପୃଷ୍ଠରେ ବଞ୍ଚି ରହିବା ସଙ୍ଗେ ସଙ୍ଗେ ସମୟ ସହ ପାଦମିଳାଇ ପ୍ରଗତି ପଥରେ ଅଗ୍ରସର ହୋଇ ପାରିବା । ଆମ ରାଜ୍ୟରେ ଅନେକ ଉଜୁଡ଼ା ଜଙ୍ଗଲ ଓ ପତିତ ଜମି ରହିଛି । ଜନସଂଖ୍ୟା ବୃଦ୍ଧି ସହ ଅରଣ୍ୟଜାତ ପଦାର୍ଥର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । କେବଳ ସରକାରୀ ସଂସ୍ଥା ଦ୍ୱାରା ବୃକ୍ଷରୋପଣ କରି ଆମର କ୍ଷୟପ୍ରାପ୍ତ ଜଙ୍ଗଲ ସମ୍ପଦର ଉଦ୍ଧାର କରାଯାଇ ପାରିବ ନାହିଁ। ଏଥିପାଇଁ ଦେଶର ପ୍ରତ୍ୟେକ ନାଗରିକ ସଚେତନଶୀଳ ହୋଇ ବୃକ୍ଷରୋପଣ ପରି ଏକ ମହତ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଆଗେଇ ଆସିବା ଉଚିତ।




ଜିଲ୍ଲା ପରିବେଶ ସମିତି ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମିଳିତ ଆନୁକୂଲ୍ୟରେ ବାଙ୍କୀ-ଡୋମ୍ପଡ଼ାର ବ୍ଲକର ବିଶ୍ୱନାଥବାଟିକାଠାରେ 'ପରିବେଶ ଓ ସାମାଜିକ ବନୀକରଣ' ଉପରେ ଆୟୋଜିତ ଏକ ଜିଲ୍ଲା ସ୍ତରୀୟ କର୍ମଶାଳାରେ କୃଷି ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକଙ୍କ ଉଦ୍‌ବୋଧନ । ଏହି ଉତ୍ସବରେ ପ୍ରଶାସ୍ତିରାଜ ମନ୍ତ୍ରୀ ଶ୍ରୀ ଦାମୋଦର ରାଉତ, ବିଧାୟକ ଶ୍ରୀ ରାଜକିଶୋର ରାମ୍, ଶ୍ରୀ ରାଜେନ୍ଦ୍ର ପ୍ରସାଦ ସିଂହ ଓ କଟକ ଜିଲ୍ଲାପାଳ ଶ୍ରୀ ରଘୁନାଥ ମିଶ୍ର ଯୋଗଦାନ କରିଥିଲେ (୨୬/୬/୧୯୯୨) ।





# ଲୁଣି ଚିଙ୍ଗୁଡ଼ି ଚାଷର ପ୍ରସାର ଓ ଜଳସେଚନ ପ୍ରକଳ୍ପରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଯୋଜନା

● ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର
ରାଷ୍ଟ୍ରମନ୍ତ୍ରୀ
ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଓଡ଼ିଶା

ଓଡ଼ିଶାର ସୁଦୀର୍ଘ ଉପକୂଳ ଅଞ୍ଚଳରେ ବର୍ତ୍ତମାନର ବିଶେଷ ଲାଭଦାୟକ ତଥା ରପ୍ତାନୀଯୋଗ୍ୟ ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ ଜମି ଓ ପରିବେଶର ଅଭାବ ନାହିଁ। ବିଶେଷ ବୈଜ୍ଞାନିକ ପ୍ରଣାଳୀରେ ସର୍ବେକ୍ଷଣ ଦ୍ୱାରା ପ୍ରାୟ ୨୫,୦୦୦ ହେକ୍ଟର ଲୁଣି ଚିଙ୍ଗୁଡ଼ି ଚାଷୋପଯୋଗୀ ଜମି ଚିହ୍ନଟ କରାଯାଇଛି। ଯେଉଁଥିରେ କି ଅତ୍ୟାଧୁନିକ ବୈଷୟିକ ପ୍ରଣାଳୀର ପ୍ରୟୋଗ ଦ୍ୱାରା ଉନ୍ନତ ମାନର ରପ୍ତାନୀଯୋଗ୍ୟ ଚିଙ୍ଗୁଡ଼ି ଚାଷ କରାଯାଇ ପାରିବ। ସେହିପରି ମଧ୍ୟ ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ମଧୁର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଉଜ୍ଜ୍ୱଳ ସମ୍ଭାବନା ରହିଛି। ଏହି ଦୁଇ ସୁଯୋଗକୁ ଓଡ଼ିଶାର ମତ୍ସ୍ୟ ଚାଷୀ ତଥା ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ସଦୁପଯୋଗ କରିବା ପାଇଁ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ୭୦ କୋଟି ଟଙ୍କା ଅଟକଳ ବିଶିଷ୍ଟ ଦୁଇଟି ଯୋଜନା ଚଳିତ ଆର୍ଥିକ ବର୍ଷଠାରୁ ଆରମ୍ଭ କରାଯାଇ ଆସନ୍ତା ସାତ ବର୍ଷ ମଧ୍ୟରେ ଶେଷ କରାଯିବାର କାର୍ଯ୍ୟକ୍ରମ ରହିଛି।

## ଲୁଣିପାଣି ଚିଙ୍ଗୁଡ଼ି ଚାଷ ଯୋଜନା :

ଏହି ଯୋଜନା ଅନ୍ତର୍ଗତ କଟକ ଜିଲ୍ଲାର ଜଗତସିଂହପୁର (ମାର୍ଶାଘାଇ ବ୍ଲକ୍)ଠାରେ ୨୯୩ ହେକ୍ଟର ଓ ବାଲେଶ୍ୱର ଜିଲ୍ଲାର ଚିଦେଇପୁର ଏବଂ ନରେନ୍ଦ୍ରପୁରଠାରେ ଯଥାକ୍ରମେ ୩୧୪ ଏବଂ ୨୬୪ ହେକ୍ଟର ଜଳ ଆୟତନ ବିଶିଷ୍ଟ ତିନିଗୋଟି ଅତ୍ୟାଧୁନିକ ଅର୍ଦ୍ଧ ସଘନ ଚିଙ୍ଗୁଡ଼ି ଫାର୍ମ ପ୍ରତିଷ୍ଠା କରାଯିବ। ଏହି ଫାର୍ମ ପ୍ରତିଷ୍ଠା ତଥା ତତ୍‌ସମ୍ବନ୍ଧୀୟ ଉନ୍ନତ ପ୍ରଣାଳୀରେ ଚିଙ୍ଗୁଡ଼ି ଚାଷ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯଥା—ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି କାରଖାନା, ବରଫ କଳ, ଚିଙ୍ଗୁଡ଼ି ଜାଆଁଳ ଉତ୍ପାଦନ କେନ୍ଦ୍ର (ହ୍ୟାଚେରୀ) ଇତ୍ୟାଦି ପାଇଁ ୬.୪୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ହେକ୍ଟର ପିଛା ବାର୍ଷିକ ଦୁଇ ମେଟ୍ରିକ୍ ଟନ୍‌ରୁ ଅଧିକ ରପ୍ତାନୀଯୋଗ୍ୟ ଚିଙ୍ଗୁଡ଼ି ଉତ୍ପାଦନ ହୋଇପାରିବ ଓ ଏଥି ସହ ସଂଶ୍ଳିଷ୍ଟ ପ୍ରତ୍ୟେକ ଚାଷୀ ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚ ପରେ ବାର୍ଷିକ ୪୫,୦୦୦ ଟଙ୍କା ନିଟ୍ ଆୟ ପାଇପାରିବ।

ଏହି ଫାର୍ମଗୁଡ଼ିକ କ୍ଲଷ୍ଟର୍ ପ୍ରଣାଳୀରେ ପ୍ରତିଷ୍ଠା କରାଯାଇ ସାଧାରଣ ନିମ୍ନ ଆୟକାରୀ ମତ୍ସ୍ୟଜୀବୀଙ୍କୁ ଅଧ ହେକ୍ଟର ବିଶିଷ୍ଟ ଗୋଟିଏ ଓ ଘରୋଇ ଉଦ୍ୟୋଗୀମାନଙ୍କୁ ଦଶ ହେକ୍ଟର ପରିମିତ ଚିଙ୍ଗୁଡ଼ି ଫାର୍ମ ଦୀର୍ଘ ମିଆଦି ସୂତ୍ରରେ ୨୫ ବର୍ଷ ପାଇଁ ଲିଜ୍ ଦିଆଯିବ ଏବଂ ଏଥିରେ ଖର୍ଚ୍ଚ ହେଉଥିବା ଅର୍ଥକୁ ସେମାନେ ୨୦ ବର୍ଷ ମଧ୍ୟରେ ସମୂଳ ସୁଧ ପରିଶୋଧ କରିବେ। ଏହି ଯୋଜନା ଦ୍ୱାରା ସର୍ବମୋଟ ୧,୩୫୦ ଜଣ ନିମ୍ନ ଆୟକାରୀ ମତ୍ସ୍ୟଜୀବୀ ଓ ୧୭ ଜଣ ଘରୋଇ ଉଦ୍ୟୋଗୀ ଉପକୃତ ହେବେ।

## ଜଳସେଚନ ପ୍ରକଳ୍ପରେ ମତ୍ସ୍ୟ ଚାଷ :

ଏହି ଯୋଜନା ଅନ୍ତର୍ଗତ ଓଡ଼ିଶାର ୧୧ ଗୋଟି ଜିଲ୍ଲାରେ ଥିବା ୧୯,୬୭୦ ହେକ୍ଟର ମୋଟ୍ ଜଳ ଆୟତନ ବିଶିଷ୍ଟ ୧୦ଟି ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ମତ୍ସ୍ୟ ସମ୍ପଦର ବିକାଶ କରାଯିବା ପାଇଁ ୬.୫୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନା ୧୯୯୨- ୯୩ରୁ ଆରମ୍ଭ ହୋଇ ଆସନ୍ତା ସାତ ବର୍ଷ ମଧ୍ୟରେ ଶେଷ ହେବ। ଏହାର କାର୍ଯ୍ୟକ୍ରମ ଅନୁସାରେ ଉପରୋକ୍ତ ଜଳସେଚନ ପ୍ରକଳ୍ପ ନିକଟରେ ଜାଆଁଳ ପାଳନ କେନ୍ଦ୍ରମାନ ପ୍ରତିଷ୍ଠା କରାଯିବ, ଯେଉଁଥିରୁ କି ବଡ଼ ଜାଆଁଳ ଉତ୍ପାଦନ କରି ଜଳ ଭଣ୍ଡାରରେ ଛଡ଼ାଯିବ। ଏହି ଜଳ ଭଣ୍ଡାରଗୁଡ଼ିକ ମତ୍ସ୍ୟଜୀବୀ ସମବାୟ ସମିତିମାନଙ୍କୁ ଦୀର୍ଘ ମିଆଦି ସୂତ୍ରରେ ମାଛ ଧରିବା ପାଇଁ ଲିଜ୍ ଦିଆଯିବ। ଏହି ଯୋଜନା ଅନୁଯାୟୀ ହିତାଧିକାରୀ ସମବାୟ ସମିତିମାନଙ୍କୁ ମାଛ ଧରିବା, ଡଙ୍ଗା ଓ ଜାଲ ପାଇଁ ଋଣ, ଜାଆଁଳ ପାଳନ କେନ୍ଦ୍ର ପରିଚାଳନା ଖର୍ଚ୍ଚ, ଯାତାୟାତ ପାଇଁ ରାସ୍ତା ଇତ୍ୟାଦିର ସୁବିଧା ଦିଆଯିବ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଉପରୋକ୍ତ ଜଳସେଚନ ପ୍ରକଳ୍ପଗୁଡ଼ିକରୁ ମତ୍ସ୍ୟ ଉତ୍ପାଦନ ହେକ୍ଟର ପିଛା ବାର୍ଷିକ ୮୦ରୁ ୨୫୦ କେ.ଜି. ହୋଇପାରିବ ଏବଂ ଜଣେ ସଂଶ୍ଳିଷ୍ଟ ସମବାୟ ସମିତି ସଭ୍ୟ ହାରାହାରି ବାର୍ଷିକ ୧୨,୦୦୦ ଟଙ୍କା ରୋଜଗାର କରିପାରିବେ।

ଏହି ପ୍ରକଳ୍ପ ଓଡ଼ିଶା ପାଇଁ ଏକ ଗୌରବମୟ ଯୋଜନା ଏବଂ ମତ୍ସ୍ୟଚାଷୀ ତଥା ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ଅପୂର୍ବ ସୁଯୋଗ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଅଧିକ ବାର୍ଷିକ ପ୍ରାୟ ୨,୦୦୦ ଟନ୍ ଲୁଣି ପାଣି ଚିଙ୍ଗୁଡ଼ି ଉତ୍ପାଦନ ଏବଂ ୨,୦୦୦ ଟନ୍ ମଧୁର ପାଣି ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଦ୍ୱାରା ବୈଦେଶିକ ମୁଦ୍ରା ଅର୍ଜନ ବାର୍ଷିକ ୩୩ କୋଟି ଟଙ୍କାରୁ ଅଧିକ ହୋଇପାରିବ।



# ଭାରତୀୟ ମୁକ୍ତି ସଂଗ୍ରାମରେ ଉତ୍କଳୀୟ ନାରୀମାନଙ୍କର ଅବଦାନ

● ଡଃ ଅପର୍ଣ୍ଣା ମହାନ୍ତି

ଉତ୍କଳ ବା କଳିଙ୍ଗ ଇତିହାସର ଅଧିକାଂଶ ପୃଷ୍ଠା ତା'ର ବୀରାଙ୍ଗନାମାନଙ୍କର ଶୌର୍ଯ୍ୟ ଓ ସାହସରେ ଚିର ଦୀପ୍ତିମାନ ହୋଇ ରହିଛି । ଅତୀତ ଉତ୍କଳର ରାଜ କନ୍ୟାମାନେ କେବଳ ଲବଣୀ ପିତୁଳା ନଥିଲେ, ଦେଶ ମାତୃକାର ସମ୍ମାନ ରକ୍ଷା ପାଇଁ ଅସ୍ତ୍ର ଧାରଣ କରିବାରେ ମଧ୍ୟ ସେମାନେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ । ଯେଉଁ ଐତିହାସିକ କଳିଙ୍ଗ ଯୁଦ୍ଧ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା । ସେ ଯୁଦ୍ଧରେ କଳିଙ୍ଗ ରାଣୀ କାରୁବାକୀ ଯୁଦ୍ଧ ଭୂମିରେ ଅସି ଝଳନା କରି ଅଶୋକଙ୍କୁ ବିସ୍ମିତ କରିଥିଲେ ଓ ଅଶୋକଙ୍କ ଶ୍ରଦ୍ଧାଭାଜନ ହେବା ପରେ ତାଙ୍କର ହୃଦୟ ପରିବର୍ତ୍ତନରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ । ସମ୍ରାଟ ଖାରବେଳଙ୍କର ଦ୍ୱିତୀୟା ମହିଷୀ ମଧ୍ୟ ସମରନିପୁଣା ଥିଲେ ବୋଲି ରାଣୀ–ଗୁମ୍ଫାର ଶିଳାଲେଖରୁ ପ୍ରମାଣ ମିଳିଥାଏ । ଖ୍ରୀଷ୍ଟୀୟ ଅଷ୍ଟମ ଓ ନବମ ଶତାବ୍ଦୀରେ ଭୌମକର ରାଜବଂଶର ରାଜମହିଷୀମାନେ କେବଳ ରାଜ୍ୟ ଶାସନ କରୁ ନଥିଲେ, ଯୁଦ୍ଧ ଭୂମିରେ ମଧ୍ୟ ସେମାନଙ୍କର ଅନମନୀୟ ଦକ୍ଷତା ସେମାନେ ପ୍ରମାଣ କରିଥିଲେ । ତ୍ରିଭୁବନ ମହାଦେବୀ, ଗୌରୀ ମହାଦେବୀ, ଦଣ୍ଡୀ ମହାଦେବୀ, ବକୁଳ ମହାଦେବୀ ଓ ଧର୍ମ ମହାଦେବୀ ଇତ୍ୟାଦି ଯୁଦ୍ଧ କ୍ଷେତ୍ରରେ ପ୍ରଦର୍ଶନ କରିଥିବା ତେଜ ଓ ପରାକ୍ରମର ଗୌରବ ଗାଥା ଓଡ଼ିଶାର ଶିଳାଲିପି ଓ ତାମ୍ରଲେଖମାନ ଆଜି ମଧ୍ୟ ସଗର୍ବେ ଘୋଷଣା କରୁଛନ୍ତି । ସୋମବଂଶର ରାଣୀ କୋଲାବତୀ ମଧ୍ୟ ନିଜର ବୀରତ୍ୱ ଓ ଶୌର୍ଯ୍ୟମୟୀ ବ୍ୟକ୍ତିତ୍ୱ ଯୋଗୁଁ ପ୍ରସିଦ୍ଧି ଲାଭ କରିଥିଲେ । ଉତ୍କଳୀୟ ରାଜକନ୍ୟା ଜଗନ୍ମୋହିନୀ ନିଜ ଜାତିର ସମ୍ମାନ ରକ୍ଷା ଲାଗି ସ୍ୱାମୀଙ୍କର ମୁକାବିଲା କରିବାକୁ ପଶ୍ଚାଦପଦ ହୋଇନଥିଲେ । ସେହିପରି ଅଷ୍ଟାଦଶ ଶତାବ୍ଦୀରେ ବାଙ୍କି ରାଣୀ ଶୁକଦେଇ ନିଜର ଅସାଧାରଣ ବୀରତ୍ୱ, ଧୈର୍ଯ୍ୟ ଓ ମାନବିକତା ଯୋଗୁଁ ଆଜି ମଧ୍ୟ ଉତ୍କଳର ନାରୀମାନଙ୍କର ଆଦର୍ଶ ଓ ନମସ୍ୟା ହୋଇ ରହିଛନ୍ତି ।

ଇଂରେଜ ଶାସନ ବିରୋଧରେ ସଙ୍ଗଠିତ ସିପାହୀ ବିଦ୍ରୋହଠାରୁ ସମଗ୍ର ଭାରତରେ ଏକ ମହାସଂଗ୍ରାମ ଯୁଗର ସୂତ୍ରପାତ ହୁଏ । ଭାରତର ମୁକ୍ତି ସଂଗ୍ରାମର ଇତିହାସରେ ମୁକ୍ତି ଯୁଦ୍ଧର ପ୍ରଥମ କର୍ଣ୍ଣଧାର ଭାବେ ରାଣୀ ଲକ୍ଷ୍ମୀବାଈ, ବିଠୁର ରାଣୀ ଚେନ୍ନାମା, ବେଗମ ହଜରତ୍ ମହଲ, ରାଣୀ ଅବନ୍ତୀବାଈ ଲୋଧି ଆଦି ଭାରତୀୟ ରାଜବାଳାଗଣ ନିଜର ଅମର ସ୍ୱାକ୍ଷର ଲିପିବଦ୍ଧ କରି ଯାଇଛନ୍ତି । ଅଥଚ ଏହି ଉତ୍କଳର ପାରଳାଖେମୁଣ୍ଡିର ମହାରାଣୀ ପାଟମହାଦେଇ ସିପାହୀ ବିଦ୍ରୋହର ପ୍ରାୟ ପଚାଶ ବର୍ଷ ପୂର୍ବରୁ ଦୁର୍ଦ୍ଧର୍ଷ ଇଂରେଜ ବାହିନୀ ବିରୋଧରେ ଉଦାତ୍ତ ରଣ ହୁଙ୍କାର ଶୁଣାଇଥିଲେ । ଏହି ଗୌରବମୟ ତଥ୍ୟ ଆଜି ବୋଧହୁଏ ବହୁ ଉତ୍କଳୀୟଙ୍କ ନିକଟରେ ଅଜ୍ଞାତ । ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଇତ୍ୟାଦି ଅଞ୍ଚଳରେ ୧୭୬୫–୬୬ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଆରମ୍ଭ କରିଥିଲେ । ତତ୍କାଳୀନ ମୋଗଲ ସମ୍ରାଟଙ୍କର ଏକ ଫର୍ମାନ୍ ଅନୁସାରେ ଇଂରେଜମାନେ ଏହି ଅଞ୍ଚଳରେ ରାଜାମାନଙ୍କଠାରୁ ଏକ ନିର୍ଦ୍ଧାରିତ ସଲାମୀ ଆଦାୟ କରିବାର ଉଦ୍ୟମ କରିଥିଲେ । ତତ୍କାଳୀନ ଗୋରା କଲେକ୍ଟର ଷ୍ଟଟର୍‌ଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ପାରଳାଖେମୁଣ୍ଡିର ସ୍ୱାଧୀନଚେତା ମହାରାଜା ଗଜପତି ଦେଓ ଏହି ଅପମାନଜନକ ସଲାମୀ ଦେବାକୁ ଅସ୍ୱୀକାର କରିଥିଲେ । ତେଣୁ ପାରଳା ରାଜାଙ୍କର କମ୍ପାନୀକୁ ଦେୟ ୮୨ ହଜାର ୨ ଶହ ୩ ଟଙ୍କା ଓ ତା' ଉପରେ ପିଟୁଣୀ ଜୋରିମାନା ଇଂରେଜ ଫୌଜର ସାମରିକ ବ୍ୟୟକୁ ମିଶାଇ ୧ ଲକ୍ଷ ୪୪ ହଜାର ଟଙ୍କାର ଦାବୀ କରି ପାରଳା ରାଜା ଗଜପତି ଦେଓ, ପୁତ୍ର ପୁରୁଷୋତ୍ତମ ଦେଓ ଓ ଭ୍ରାତା ଦୁର୍ଗାରାଜଙ୍କୁ ବନ୍ଦୀ କରାଗଲା । ଏହି ବନ୍ଦୀ ରାଜପୁରୁଷମାନଙ୍କୁ ୧୭୯୯ ମସିହା ଫେବ୍ରୁୟାରୀ ମାସରେ ମସଲିପଟ୍ଟମ୍ କାରାଗାରକୁ ସ୍ଥାନାନ୍ତରିତ କରାଯାଇଥିଲା । ଉତ୍କଳର ବୀରାଙ୍ଗନା ପାରଳାର ମହାରାଣୀ ଗଜପତି ପାଟମହାଦେଇ କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀର ଏହି ଅନ୍ୟାୟ ଆଚରଣକୁ ନୀରବରେ ସହିଯାଇ ନଥିଲେ କିମ୍ବା ଅସହାୟ ଅଶ୍ରୁ ତର୍ପଣରେ ଭାସିଯାଇ ନଥିଲେ । ରାଣୀ ମନ୍ଦସାପାଳ, ଜୀରାଙ୍ଗ, ଗୁମା, ସେରଙ୍ଗ, ରାୟଗଡ଼ ଓ ନରଣପୁର ଇତ୍ୟାଦି ଅଞ୍ଚଳର ବିଶୋଇ ଓ ଚଉଦ ଜଣ ଦୋରାଙ୍କୁ ଏକତ୍ରିତ କରି ଏକ ବିଶାଳ ଶବର ବାହିନୀ ସଙ୍ଗଠିତ କରିଥିଲେ ଏବଂ ଇଂରେଜ ସୈନ୍ୟମାନଙ୍କର ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଥିଲେ । ସେତେବେଳକୁ ରାଣୀଙ୍କ ନେତୃତ୍ୱରେ ସମଗ୍ର ଦକ୍ଷିଣ ଓଡ଼ିଶାରେ ଇଂରେଜ ଶାସନକୁ ପ୍ରାୟ ଅଚଳ କରି ଦିଶାଯାଉଥିଲା । ରାଣୀଙ୍କର ଏହି ସାମରିକ ପ୍ରସ୍ତୁତିର ଜବାବ ଦେବା ପାଇଁ ତତ୍କାଳୀନ ବଡ଼ ଲାଟ୍ ୱାରେନ୍ ହେଷ୍ଟିଙ୍ଗସ୍ ସାର୍ ଆଧାର ଉପରେ

ସିପାହୀମାନଙ୍କ ସହ ପ୍ରେରଣ କରିଥିଲେ । ସେହି ସୈନ୍ୟମାନଙ୍କୁ ବହନ କରି ଏକ ଯୁଦ୍ଧ ଜାହାଜ ଆସି ବିଶାଖାପାଟଣାରେ ପହଞ୍ଚିଥିଲା । ସେତେବେଳେ ଗଜପତି ମହାରାଜା ବିଶାଖାପାଟଣା କାରାଗାରରେ ରହିଥାନ୍ତି । ଇଂରେଜ ବାହିନୀ କର୍ଣ୍ଣେଲରେ ଷଟ୍‌ଙ୍କ ଦ୍ୱାରା ପ୍ରଦତ୍ତ ଏକ ରାଣୀ ଭୋଜୀରେ ମସଗୁଲ୍ ରହିଥିବା ବେଳେ ପାଇକ ସୈନ୍ୟମାନେ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ଛିନ୍ନଭିନ୍ନ କରିଦେଇଥିଲେ । କହିବା ବାହୁଲ୍ୟ ଏହି ସଂଗ୍ରାମକୁ ରାଣୀ ସ୍ୱୟଂ ପରିଚାଳନା କରିଥିଲେ । ଇଂରେଜ ସେନାପତି ଫ୍ଲେଞ୍ଚନ୍ ଶବର ସୈନ୍ୟମାନଙ୍କ ଦ୍ୱାରା ବନ୍ଦୀ ହୋଇ ରାଣୀଙ୍କ ନିକଟକୁ ଅଣାହୋଇଥିଲେ । କିନ୍ତୁ ଉତ୍କଳର ଗୌରବମୟ ମାନବିକ ପରମ୍ପରା ବଜାୟ ରଖି ରାଣୀ ତାଙ୍କ ସହ ଅତିଥିତୁଲ୍ୟ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର କରିଥିଲେ । ଶେଷରେ ପରାଜିତ ଇଂରେଜମାନେ ପାଇକ ରାଜାଙ୍କୁ ମୁକ୍ତ କରିବାକୁ ବାଧ୍ୟ ହୋଇଥିଲେ । ସିପାହୀ ବିଦ୍ରୋହର ବହୁ ପୂର୍ବରୁ ଓଡ଼ିଆ ନାରୀର ଏହି ଅଭୂତପୂର୍ବ ସାହସ ଓ ବୀରତ୍ୱର ପରିଚୟ ପାଇବା ନିମନ୍ତେ ଇଂରେଜ ସୈନ୍ୟମାନଙ୍କୁ ସେମାନଙ୍କ ମୂଲ୍ୟବାନ ଜୀବନ ବଳି ଦେବାକୁ ପଡ଼ିଥିଲା । ଓଡ଼ିଆ ପାଇକ ପୁଅର ରଣ କୌଶଳ ଇଷ୍ଟଇଣ୍ଡିଆ କମ୍ପାନୀର ଅତ୍ୟାଧୁନିକ ଅସ୍ତ୍ର ସଜ୍ଜିତ ସିପାହୀ ଓ ସେନାପତିମାନଙ୍କୁ ହତବାକ୍ କରି ଦେଇଥିଲା । ଏହିପରି ଇଂରେଜ ଶାସନ ବିରୋଧରେ ଭାରତର ଆତ୍ମ ମର୍ଯ୍ୟାଦାକୁ ଉଜ୍ଜଳ କରି ମୁକ୍ତି ସଂଗ୍ରାମର ପ୍ରଥମ ଅଜ୍ଞାତ ମଶାଲ ଜଣେ ଓଡ଼ିଆ ରମଣୀ ହାତରେ ଜଳିଉଠିଥିଲା — ଏହି ତଥ୍ୟ ଉତ୍କଳକୁ ପରମ ଗୌରବରେ ବିଭୂଷିତ କରିଛି ।

ଓଡ଼ିଶାର ନାରୀମାନେ ସଚେତନ ଓ ସକ୍ରିୟ ଭାବେ ଗାନ୍ଧିଜୀଙ୍କର ନେତୃତ୍ୱରେ ହିଁ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ । ସରକାରୀ ଚାକିରିର ଉଚ୍ଚ ପଦବୀକୁ ପ୍ରତ୍ୟାଖ୍ୟାନ କରି ଗୋପବନ୍ଧୁ ଚୌଧୁରୀ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହେଲା ପରେ ପତ୍ନୀ ରମାଦେବୀ ମଧ୍ୟ ପୂର୍ଣ୍ଣ ଉତ୍ସାହରେ ସ୍ୱାମୀଙ୍କର ଅନୁଗାମିନୀ ହୁଅନ୍ତି । ଉତ୍କଳ ଗୌରବ ମଧୁସୂଦନଙ୍କର ଝିଆରୀ ହିସାବରେ ଜାତି ପ୍ରୀତି ରମାଦେବୀଙ୍କ ପ୍ରାଣରେ ବାଲ୍ୟ କାଳରୁ ସଞ୍ଚରିତ ହୋଇଥିଲା ତଥା ଗୋପବନ୍ଧୁଙ୍କୁ ବିବାହ କରିବାର ପ୍ରଥମ ରାତିରେ ହିଁ ସେ ସ୍ୱାମୀଙ୍କୁ ଦେଶ ସେବା ନିମିତ୍ତ ତାଙ୍କର ଆଗ୍ରହ ଜଣାଇ ଦେଇଥିଲେ । ଶହ ଶହ ଭରି ସୁନା ଗହଣା, ପାଟମଠା ଓ ଦାସଦାସୀର ଆଡ଼ମ୍ବରକୁ ଅନାବଶ୍ୟକ ବୋଝ ମନେକରି ଏହି ମହିୟସୀ ମହିଳା ତା' ମଧ୍ୟରୁ ଅତି ସହଜରେ ମୁକୁଳି ଆସିଥିଲେ ଓ ଓଡ଼ିଶାର ସତ୍ୟାଗ୍ରହୀ ଏବଂ ପୁରପଲ୍ଲୀର ଆର୍ତ୍ତ ଜନସାଧାରଣଙ୍କର ପରମ ସ୍ନେହମୟୀ ମା' ପାଲଟି ଯାଇଥିଲେ । ଗୋପବନ୍ଧୁଙ୍କର ଅନୁଜ ନବକୃଷ୍ଣ ଚୌଧୁରୀଙ୍କର ପତ୍ନୀ ଦୀପ୍ତିମତୀ ମାଳତୀ ଦେବୀ ତାଙ୍କର ଥିଲେ ଯଥାର୍ଥ ସଖୀ । ଗାନ୍ଧିଜୀଙ୍କର ଆଦର୍ଶରେ ସ୍ୱାଧୀନତାର ବାର୍ତ୍ତା ପ୍ରସ୍ତୁର କରିବା ନିମନ୍ତେ ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ସେତେବେଳେ ପଦଯାତ୍ରା ଚାଲିଥାଏ । ଅସହଯୋଗ ସ୍ୱଦେଶୀ ଆନ୍ଦୋଳନ, ଧର୍ମଘଟ ଇତ୍ୟାଦି ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଯୋଗୁଁ ଅଧିକାଂଶ ସମୟରେ ପଦଯାତ୍ରୀମାନଙ୍କୁ ପୋଲିସ୍ ସହ ମୁକାବିଲା କରିବାକୁ ପଡୁଥାଏ । ନିର୍ମମ ଲାଠିମାଡ଼, ଜେଲ୍‌ବରଣ ଏହା ତ ପ୍ରାତ୍ୟହିକ ନିୟମରେ ପରିଣତ ହୋଇଯାଇଥାଏ । ମା' ରମାଦେବୀ, ମାଳତୀ ଚୌଧୁରୀ (ନୁମା) ଓ ସରଳାଦେବୀ (ମହାପାତ୍ର)ଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଉତ୍କଳୀୟ ମହିଳା ଲବଣ ସତ୍ୟାଗ୍ରହ ଅସହଯୋଗ ଆନ୍ଦୋଳନ ଓ ବାଣୀ ସତ୍ୟାଗ୍ରହ ଆଦିରେ ଅଦମ୍ୟ ଉନ୍ମାଦନାର ସହ ଯୋଗଦାନ କରିଥିଲେ । ପୁରୁଷ ସତ୍ୟାଗ୍ରହୀମାନଙ୍କ ସହ ସମକକ୍ଷ ହୋଇ ଲାଠିମାଡ଼ ଓ ଜେଲ୍‌ବରଣ କରିବା ସେମାନଙ୍କ ପାଇଁ ଉତ୍ସବ ପାଳନ ପରି ଆନନ୍ଦଦାୟକ ହୋଇପଡ଼ିଥିଲା । ଐତିହାସିକ ଭାରତ ଛାଡ଼ ଆନ୍ଦୋଳନରେ ମା' ରମାଦେବୀ ପ୍ରଥମ ପର୍ଯ୍ୟାୟରେ କଟକରେ ଗିରଫ ହୋଇଥିଲେ । ଦୁରନ୍ତ ଉତ୍ସାହ ଓ ଉଦ୍ଦୀପନାର ମୂର୍ତ୍ତିମତୀ ରୂପ ମାଳତୀ ଚୌଧୁରୀ ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ସହ ଛଦ୍ମ ବେଶରେ ଓଡ଼ିଶା ପଳାଇ ଆସି ଆନ୍ଦୋଳନ ପରିଚାଳନା କରିବାରେ ଲାଗିପଡ଼ିଥିଲେ । ଏହି ସମୟରେ ରମାଦେବୀଙ୍କର କନ୍ୟା ଅନ୍ନପୂର୍ଣ୍ଣା, ମାଳତୀ ଦେବୀଙ୍କ କନ୍ୟା ଉତ୍ତରା, ମଞ୍ଜୁଳା ସେନଗୁପ୍ତା, ସରଳା ଦେବୀ, ସରସ୍ୱତୀ ଦେବୀ, ଶଶୀବାଳା କାନୁନ୍‌ଗୋ, ପ୍ରିୟସଦା ଦେବୀ, ଅଂଶୁମାଳୀ ରାୟ, ଗୋଦାବରୀ ଦେବୀ, ଗୁଣମଞ୍ଜରୀ ଦେବୀ, ନୀଳମଣି ଦେବୀ, ମାଳତୀ ଦାସ, ସୁଶୀଳା ଦେବୀ, କ୍ଷେତ୍ରମଣୀ ଦେବୀ, ଜମ୍ବୁବତୀ ଦେବୀ, ରୁକ୍ମିଣୀ ଲାଠ, ହରିପ୍ରିୟା ଦେବୀ, ଶକୁନ୍ତଳା ଦେବୀ, ଶୋଭା ଦେବୀ, ସୁନାମଣୀ ଦେବୀ, କିରଣବାଳା ଦେବୀ ଓ ପାର୍ବତୀ ଗିରି ଆଦି ସଂଗ୍ରାମୀ ମହିଳାମାନଙ୍କ ନେତୃତ୍ୱରେ ଉତ୍କଳର ପୁରପଲ୍ଲୀର ନାରୀ ସ୍ୱାଧୀନତାର ଉନ୍ମାଦନାରେ ମାତି ଉଠିଥିଲେ । ଏହି ମହିୟସୀ ନାରୀମାନେ ବିଭିନ୍ନ ସମୟରେ କାରାବରଣ କରି ଓ ପୋଲିସ୍ ନିର୍ଯ୍ୟାତନାର ସମ୍ମୁଖୀନ ହୋଇ ମଧ୍ୟ ସ୍ୱକୀୟ ବ୍ୟକ୍ତିତ୍ୱରେ ଉଦ୍‌ଭାସିତ ହୋଇ ଉଠିଥିଲେ । ଗାନ୍ଧିଜୀଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ଉତ୍କଳୀୟ ମହିଳାମାନଙ୍କ ନିମନ୍ତେ ଏକ ସମ୍ପୂର୍ଣ୍ଣ ନୂତନ ଜୀବନାଦର୍ଶ ଗଢ଼ି ତୋଳିବାରେ ଏମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ସରଳ ଜୀବନଚର୍ଯ୍ୟା, ଉଚ୍ଚ ଚିନ୍ତା ଓ ଉଚ୍ଚ ଆଦର୍ଶକୁ ଅନୁସରଣ କରିବା ଏମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ସଂଗ୍ରାମୀ ଓ ଜନସାଧାରଣଙ୍କ ମଧ୍ୟରେ ପାରିବାରିକ ସ୍ନେହ–ସୌହାର୍ଦ୍ଦ୍ୟର ଧାରାକୁ ପ୍ରବାହିତ କରି ରଖିବାରେ ଏହି ସଂଗ୍ରାମୀ ମା' ଭଉଣୀମାନଙ୍କର ଭୂମିକା ଥିଲା ଅନବଦ୍ୟ । ନିଜେ ମା' ରମା ଦେବୀ ସମସ୍ତଙ୍କର ଖାଦ୍ୟପେୟ ଉପରେ ସର୍ବଦା ମାତୃସୁଲଭ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ ଶାନ୍ତିନିକେତନର କବିଗୁରୁଙ୍କର ସୁଯୋଗ୍ୟା ଶିଷ୍ୟା ମାଳତୀ ଦେବୀ ଝିଅମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରି ସଂଗ୍ରାମୀ ପ୍ରେରଣାକୁ ସଦା ଉଜ୍ଜୀବିତ କରି ରଖୁଥିଲେ । ତାଙ୍କର କଣ୍ଠ ସ୍ୱରରେ ଥିଲା ସମ୍ମୋହିନୀ ଓ ହୃଦୟରେ ଥିଲା ଅଗ୍ନିମୟ ଆତ୍ମବିଶ୍ୱାସ । ବିପ୍ଳବୀ କବି ବାଞ୍ଛାନିଧି ଦାସଙ୍କର ରଚନା ଓ ମାଳତୀ ଦେବୀଙ୍କର ସ୍ୱର ସଂଯୋଜନାରେ ବିପ୍ଳବୀ ସଙ୍ଗୀତର ଝଙ୍କାର ପ୍ରତିଟି ସତ୍ୟାଗ୍ରହ ଅଭିଯାନକୁ ଉତ୍ସାହ–ଉଦ୍ଦୀପନାର ପ୍ରାଣକେନ୍ଦ୍ରରେ ପରିଣତ କରିଦେଉଥିଲା । ସତ୍ୟାଗ୍ରହ, ବିଦେଶୀ ବସ୍ତୁ ବର୍ଜନ, ନିଶା ନିବାରଣ ଇତ୍ୟାଦି ସହ ଅନ୍ୟାନ୍ୟ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ ମଧ୍ୟ ଏହି ମହିଳାମାନଙ୍କ ନେତୃତ୍ୱରେ ଅଗଣିତ ଉତ୍କଳୀୟ ଲଳନା ଅଂଶ ଗ୍ରହଣ କରିଥିଲେ । ଇନ୍ଦୋର, ୱାର୍ଦ୍ଧା ଓ ସେବାଗ୍ରାମ ଆଦି ସର୍ବୋଦୟ ଅନୁଷ୍ଠାନଗୁଡ଼ିକରେ

ପ୍ରଶିକ୍ଷଣ ଲାଭ କରି ଓଡ଼ିଶାର ଅଗମ୍ୟ ପୁରପଲ୍ଲୀରେ ବାଳାଶ୍ରମ, କୁଷ୍ଠାଶ୍ରମ, ମାତୃମଙ୍ଗଳ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ପ୍ରତିଷ୍ଠା ଓ ପରିଚାଳନା ଦିଗରେ ଏହି ମହିଳା ଗଠନାତ୍ମକ କର୍ମୀମାନଙ୍କର ନିଷ୍ଠା ଓ ଦୃଢ଼ତା ଉଲ୍ଲେଖଯୋଗ୍ୟ ।

କିନ୍ତୁ ଅହିଂସା ଆନ୍ଦୋଳନର ଏହି ତେଜୋମୟୀ ଉତ୍କଳୀୟ ନାରୀମାନଙ୍କ ବ୍ୟତୀତ ଓଡ଼ିଆ ଲଳନାର ଅନ୍ୟ ଏକ ରୂପର କିଞ୍ଚିତ ଝଲକ ମଧ୍ୟ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ଦେଖିବାକୁ ମିଳେ । ତାହା ହେଉଛି ଦେଶ ପାଇଁ, ଜାତି ପାଇଁ ସମ୍ମୁଖ ସଂଗ୍ରାମରେ ପ୍ରାଣବଳି ଦେଇଥିବା ଶହୀଦ୍‌ର ରୂପ । ଓଡ଼ିଶାର 'ଜାଲିଆନାୱାଲାବାଗ୍' ବୋଲାଉଥିବା ବାଲେଶ୍ୱର ଜିଲ୍ଲାର ରକ୍ତତୀର୍ଥ 'ଇରମ୍' ରଣ ଭୂମିରେ ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇଥିବା ପଞ୍ଚଷଠି ବର୍ଷ ବୟସର ତେଜସ୍ୱିନୀ ବୃଦ୍ଧା ପାରବେଓ୍ୱା ଅନ୍ୟ ଛବିଶ ଜଣ ବିପ୍ଳବୀଙ୍କ ସହ ପୋଲିସ୍ ଗୁଳିରେ ଶହୀଦ୍ ହୋଇଯାଇଥିଲେ ଓ ଉତ୍କଳୀୟ ନାରୀ ନିମନ୍ତେ ଅଖଣ୍ଡ ଗୌରବର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । କୋରାପୁଟର ଡାବୁଗାଁ ଓ ପ୍ରତିବେଶୀ ଝୁଲା ଗ୍ରାମର ଜୟସିଂହଙ୍କର ପତ୍ନୀ ସୁବର୍ଣ୍ଣା ଲହରା ନାମକ ବୃଦ୍ଧ ଆଦିବାସୀ ମହିଳାଙ୍କର ସ୍ୱାଧୀନତା ସଂଗ୍ରାମରେ ଆତ୍ମଦାନ ଓଡ଼ିଆ ନାରୀ ବ୍ୟକ୍ତିତ୍ୱର ଅନ୍ୟ ଏକ କୀର୍ତ୍ତିମାନ ଅଧ୍ୟାୟ । ସ୍ୱାଧୀନତା ସଂଗ୍ରାମୀ ନନ୍ଦଲାଲ ମେଣ୍ଢାଙ୍କ ଗୃହରେ ଆତ୍ମଗୋପନ କରିଥିବାର ଖବର ପାଇ ବିଦେଶୀ ସରକାରର ଦେଶୀ ଗୋଲାମ୍ ଡାବୁଗାଁ ଥାନାର ବୈରାଗୀ ପାତ୍ର ଓ ଲକ୍ଷ୍ମୀ ମହାନ୍ତି ଚୌକିଦାରମାନଙ୍କ ସହ ମଣ୍ଡ୍ରୁଙ୍କ ଘର ଉପରେ ଚଢ଼ାଉ କରିଥିଲେ । ମାତ୍ର ପୋଲିସ୍‌ର ଧମକ ସତ୍ତ୍ୱେ ମେଣ୍ଢା ନନ୍ଦଲାଲଙ୍କ ସମ୍ପର୍କରେ ପଦେହେଲେ ତଥ୍ୟ ପ୍ରକାଶ କରିନଥିଲେ । ଗୋଟାଏ ପଟେ ବନ୍ଧୁକର ସଙ୍ଗୀନ ଓ ପୋଲିସ୍ ଫୌଜ, ଅନ୍ୟପଟେ ଟାଙ୍ଗିଆ, ପନିକି ଓ ମା' ଦୁର୍ଗା ବେଶରେ ଜଣେ ମାତୃ ମୁକ୍ତି ପାଗଳ ରମଣୀ । ଯାହା ହେବାର କଥା ତାହାହିଁ ହେଲା । ମେଣ୍ଢା ପରାଜିତ ହେଲେ ଓ ଦେଶଦ୍ରୋହୀ କୁକୁରମାନଙ୍କ ଲାଳସାର ଶିକାର ହୋଇ ମୃତ୍ୟୁବରଣ କଲେ । ସେହିପରି ଝୁଲା ଗ୍ରାମର ସୁବର୍ଣ୍ଣ ଲହରାଙ୍କ ଘରେ ବିପ୍ଳବୀ ଲଚ୍ଚୁ ଭକ୍ତଙ୍କୁ ଖୋଜିବା ବାହାନାରେ ଏହି ଦେଶଦ୍ରୋହୀ ଗୋଲାମ୍‌ମାନେ ଚଢ଼ାଉ କରନ୍ତି । ସ୍ୱାମୀ ଜୟସିଂହ ଅନୁପସ୍ଥିତ । ଏକାକିନୀ ସୁବର୍ଣ୍ଣା ସେମାନଙ୍କର ମୁକାବିଲା କରନ୍ତି । ଶେଷକୁ କ୍ଷତବିକ୍ଷତ ସୁବର୍ଣ୍ଣା ଲୋଟିପଡ଼ନ୍ତି ମାଟିରେ ଓ ଘୃଣ୍ୟ ପିଶାଚମାନଙ୍କର ଶିକାର ହୋଇ ମୃତ୍ୟୁବରଣ କରନ୍ତି । ସୁବର୍ଣ୍ଣାଙ୍କର ଏକ ବର୍ଷର ଶିଶୁ ପୁତ୍ର ମଧ୍ୟ ଏହି ସଂଘର୍ଷରେ ନିଜର କୋମଳ 'ଜୀବନଟିକୁ ହରାଇବସେ । ମାତୃ ପୂଜାର ବଳିବେଦୀରେ ନିଜର ଅଜାଣତରେ ସମର୍ପିତ ହୋଇଯାଏ ସେହି ଅବୋଧ ଶିଶୁ । ଇତିହାସ ଅଙ୍କିତ ଏହି ଘଟଣା ପ୍ରତିପନ୍ନ କରେ ଯେ କେବଳ ଉପକୂଳବର୍ତ୍ତୀ ଅଞ୍ଚଳର ଜାଗ୍ରତ ମହିଳାମାନେ ନୁହେଁ, ଓଡ଼ିଶାର ଅରଣ୍ୟ ଅଧ୍ୟୁଷିତ ଅଞ୍ଚଳର ଜନଜାତି–ନାରୀ–ପ୍ରାଣ ମଧ୍ୟ ସ୍ୱାଧୀନତାର ଉନ୍ମାଦନାରେ ସେଦିନ ନାଚି ଉଠିଥିଲା । ଆଦିବାସୀ ମା' ଭଉଣୀମାନେ ନିଜର ମାନ୍, ଇଜ୍ଜତ୍ ଓ ଶେଷ ରକ୍ତବିନ୍ଦୁକୁ ଭ୍ରୂକ୍ଷେପ ନକରି ଦେଶ ମାତୃକାର ମୁକ୍ତି ଯଜ୍ଞରେ ଝାସ ଦେବାକୁ ପରମ ସୌଭାଗ୍ୟ ମନେ କରୁଥିଲେ ।

ଏତଦ୍ ବ୍ୟତୀତ ଗୋପନ ଚିଠିପତ୍ର ନେବା ଆଣିବା, ଜେଲରୁ ଖବର ବାହାରକୁ ନେବା ଓ ବାହାର ଖବର ଜେଲକୁ ଆଣିବା ଇତ୍ୟାଦି କାର୍ଯ୍ୟରେ ଉତ୍କଳର ଅଗଣିତ ଚପଳ କିଶୋରୀ ନିଜକୁ ଅତି ଆନନ୍ଦରେ ନିୟୋଜିତ କରୁଥିଲେ । କଟକ ବିଶ୍ୱନାଥ ଲେନ୍‌ର ରାଧା ଦେବୀ ନାମକ ଗୋପାଳୁଣୀ ନିଜର ଦହିପସରା ଭିତରେ ବେଆଇନ୍ ବୁଲେଟିନ୍ ଲୁଚାଇ ବାଣ୍ଟୁଥିବା ସମୟରେ ଧରାପଡ଼ି ଗିରଫ ହୋଇଥିଲେ ।

ଶେଷରେ ଏହି ଆଲୋଚନାକୁ ସାମ୍ପ୍ରତିକ ଓଡ଼ିଶାର ନାରୀମାନଙ୍କର ସ୍ଥିତି, ବ୍ୟକ୍ତିତ୍ୱ ଓ ସମସ୍ୟା ଦିଗକୁ ସମ୍ପ୍ରସାରିତ କରିବା ଉଚିତ ମନେ କରୁଛି । କାରୁବାକୀଙ୍କଠାରୁ ଆରମ୍ଭ କରି ମେଣ୍ଢା, ସୁବର୍ଣ୍ଣା କିମ୍ବା ରାଧା ଦେବୀଙ୍କ ପର୍ଯ୍ୟନ୍ତ ଯେଉଁ ଉତ୍କଳୀୟ ନାରୀ ଶୌର୍ଯ୍ୟ, ବୀରତ୍ୱ, ସାହସ ଓ ଜାତିପ୍ରୀତିର ଏପରି ଅପୂର୍ବ ଉଦାହରଣମାନ ପ୍ରସ୍ତୁତ କରିଥିଲା, ଆଜିର ସମାଜରେ ଉଚ୍ଚ ଶିକ୍ଷା, ଉଚ୍ଚ ପଦବୀ, କର୍ମ ପରିସରର ବ୍ୟାପକତା ସତ୍ତ୍ୱେ ତା'ର ସ୍ଥିତି ଏପରି ଦୟନୀୟ ହୋଇପଡ଼ୁଛି କାହିଁକି ? ଯୌତୁକ ହତ୍ୟା, ଧର୍ଷଣ, ନାରୀ ନିର୍ଯ୍ୟାତନାର ସମ୍ବାଦ ଆଜି ପ୍ରତି ଓଡ଼ିଆ ଦୈନିକର ପୃଷ୍ଠାମାନଙ୍କୁ ନିୟମିତ ଭାବେ ଲାଞ୍ଛିତ କରୁଛି । ଚରମ ଲାଞ୍ଛନା ସତ୍ତ୍ୱେ ସମାଜର ସମସ୍ୟାମାନଙ୍କ ସମ୍ପର୍କରେ ତଥା ତା'ର ସ୍ୱୀୟ ସମସ୍ୟାମାନଙ୍କ ବିଷୟରେ ନାରୀ ସଚେତନ ହେଉନାହିଁ । ଯେଉଁ ଉତ୍କଳର କାରୁବାକୀ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲେ, ସେହି ଓଡ଼ିଆ ନାରୀ ଆଜି ନିଜର ପଦସ୍ଥ ସ୍ୱାମୀଙ୍କୁ ଦୁର୍ନୀତି କରିବା ନିମନ୍ତେ ଉତ୍ସାହିତ କରିବାରେ ଲାଗିଛି । ଯେଉଁଠି ଶୌର୍ଯ୍ୟମୟୀ ଲଳନାମାନେ ସଂଗ୍ରାମୀ ବୀରମାନଙ୍କୁ ନିଜର ଜୀବନ ସାଥୀ ରୂପେ ବାଛୁଥିଲେ ଆଜି ସେଇ ମାଟିର ଉଚ୍ଚ ଶିକ୍ଷିତ ବୁଦ୍ଧିଜୀବୀ ନାରୀ ଅଧିକ କଳା ଧନ ଅର୍ଜନ କରୁଥିବା ସ୍ୱାମୀମାନଙ୍କୁ ସୁପୁରୁଷ ବୋଲି ମନେ କରୁଛି । ସନ୍ତାନପଣ୍ଡି ଉପୁରି ପଇସା କିଛି ରୋଜଗାର କରିନପାରିଲେ ଜନନୀ ତାକୁ ଅପଦାର୍ଥ ଆଖ୍ୟା ଦେଉଛି । ଦିନ ଥିଲା ଓଡ଼ିଶାରେ ମାତ୍ର କେଇଜଣ ଝିଅ ପାଠ ପଢ଼ୁଥିଲେ । କିନ୍ତୁ ସେଇ କେତେଜଣ କିଶୋରୀ ଏକାଠି ହେଲେ ଦେଶର ସ୍ୱାଧୀନତା, ଆପଣା ବ୍ୟକ୍ତିତ୍ୱର ଉନ୍ନତି କଥା, ନାରୀର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରୁଥିଲେ । ଆଜି ଲକ୍ଷ ଲକ୍ଷ ଝିଅ ଉଚ୍ଚ ଶିକ୍ଷା ପାଉଛନ୍ତି । କିନ୍ତୁ ଝିଅମାନଙ୍କ ସମାବେଶରେ କେବଳ ପୋଷାକର ନୂଆ ଢଙ୍ଗ, ସିନେମା କିମ୍ବା ଜାଗତିକ ଭୋଗବିଳାସର ଆଲୋଚନା ବ୍ୟତୀତ ଆଉ କ'ଣ ବା କାନରେ ପଡ଼େ ? ଏସବୁ ଅନୁଶୀଳନ କଲେ ଜଣାଯାଏ ଯେ ପ୍ରଗତିଶୀଳତା ଦୃଢ଼ ବ୍ୟକ୍ତିତ୍ୱ, ଉଚ୍ଚ ଆଦର୍ଶ ଓ ସଂଗ୍ରାମୀ ମନୋଭାବକୁ ଆଧାର କରି ପ୍ରତିଷ୍ଠିତ ହୁଏ । ଉଚ୍ଚ ଡିଗ୍ରୀ, ବୃତ୍ତିଗତ ସୁବିଧା କିମ୍ବା ଅନ୍ୟାନ୍ୟ ବୈଷୟିକ ଉନ୍ନତି ଅର୍ଥନୈତିକ ପ୍ରଗତିର ପରିମାପକ ହୋଇନପାରେ । ସ୍ୱାଧୀନତା ସଂଗ୍ରାମ କାଳରେ ଉତ୍କଳୀୟ ନାରୀ ସମାଜର ଯେଉଁ ପ୍ରଗତିଶୀଳ ଚରିତ୍ର ଥିଲା ତାହା ଆଜି ସମ୍ପୂର୍ଣ୍ଣ ଲୋପପାଇ ଏକ ପ୍ରତିକ୍ରିୟାଶୀଳ ନାରୀ ସମାଜର ଅଭ୍ୟୁଦୟ ଘଟିଛି । ଶିକ୍ଷା ଓ ସ୍ୱାବଲମ୍ବନଶୀଳତା ସତ୍ତ୍ୱେ ନାରୀ ଯେଉଁଠି ନିଜ ସମ୍ପର୍କରେ କୌଣସି ମର୍ଯ୍ୟାଦାପୂର୍ଣ୍ଣ ମନୋଭାବ ପୋଷଣ କରେନାହିଁ, ନିଜର ବ୍ୟକ୍ତିତ୍ୱ ପ୍ରତି

ସର୍ବୋତଭାବେ ହୁଏନାହିଁ, ସେଠାରେ ଭୌତିକ ସୁଖ ସ୍ୱାଛନ୍ଦ୍ୟ ପାଇଁ ନିଜର ଆଧ୍ୟାତ୍ମିକ ଶକ୍ତି ଓ ପବିତ୍ରତାକୁ ବଳି ପକାଇବାକୁ ସେ ଆଦୌ କୁଣ୍ଠିତା ହୁଏନାହିଁ। ଏ କଥା ଭୁଲିଯିବା ଉଚିତ୍ ନୁହେଁ ଯେ ଭାରତର ମୁକ୍ତି ସଂଗ୍ରାମରେ ନାରୀ ଦିନେ ସମାନ ଅଂଶୀଦାର ହୋଇଥିଲା। ଆଜି ସମାଜରେ ଘଟୁଥିବା ଯାବତୀୟ ଅଘଟଣରେ ମଧ୍ୟ ସେ ସମାନ ଅଂଶୀଦାର। ନାରୀର ସହଯୋଗ ବିନା ପୁରୁଷ ଯେପରି କୌଣସି ଧର୍ମ କାର୍ଯ୍ୟ କରିପାରେ ନାହିଁ, ସେହିପରି ନାରୀର ଅସହଯୋଗ ଥିଲେ କେବଳ ପୁରୁଷ ଦ୍ୱାରା କୌଣସି ସାମାଜିକ ଅନ୍ୟାୟ ହେବା ମଧ୍ୟ ସମ୍ଭବ ନୁହେଁ। ମହିଳାର ସାର୍ବଜନୀନ ମର୍ଯ୍ୟାଦା ସୁରକ୍ଷିତ ହେଲେ ହିଁ ନାରୀର ମର୍ଯ୍ୟାଦା ସୁରକ୍ଷିତ ହୁଏ ଓ ସମାଜରେ ମଣିଷର ବ୍ୟକ୍ତିତ୍ୱକୁ ମର୍ଯ୍ୟାଦା ସଚେତନ କରି ଗଢ଼ିବାରେ ଜନନୀ ଓ ଜାୟାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଲକ୍ଷ ଲକ୍ଷ ଭାରତୀୟ ବୀର ଲଳନାମାନଙ୍କ ସହ ଉତ୍କଳର ବୀରାଙ୍ଗନାମାନଙ୍କର ଚରମ ତ୍ୟାଗ ଫଳରେ ଭାରତ ସ୍ୱାଧୀନ ହୋଇଛି। କିନ୍ତୁ ସଂଗ୍ରାମ ଶେଷ ହୋଇନାହିଁ। ନାରୀର ଉନ୍ନତି ଓ ସମାଜର ଉନ୍ନତି ପାଇଁ ଦୃଢ଼ ଆସ୍ଥା ବଳରେ ବଳୀୟାନ ହୋଇ ଉତ୍କଳୀୟ ଲଳନା ପୁଣି ଯେଉଁଦିନ ସଙ୍ଗଠିତ ଭାବେ ଅସ୍ତ୍ର ଉତ୍ତୋଳନ କରିବ; ପୁଣି ଯେଉଁଦିନ ସେ ଏକ ନୂତନ ଆଭିମୁଖ୍ୟ ନେଇ 'କର ଅବା ମର' ମନ୍ତ୍ରରେ ନିଜକୁ ଦୀକ୍ଷିତ କରିବ ସେଇଦିନ ହୁଏତ ମୁକ୍ତି ସଂଗ୍ରାମରେ ନିଜର ସର୍ବସ୍ୱ ଆହୁତି ଦେଇଥିବା ଏଇ ବୀର ଲଳନାମାନଙ୍କର ଆତ୍ମୋତ୍ସର୍ଗ ସଫଳ ହେବ।


ସହାୟକ ଗ୍ରନ୍ଥ :

1. History of Freedom Movement in Orissa, Vol. I
2. Political Unrest in Orissa in 19th Century
3. ରକ୍ତସ୍ନାତା – ପ୍ରଫୁଲ୍ଲ ଦାସ।


ତୁଳସୀ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା।



ପୁରୀଠାରେ ବାହୁଡ଼ା ରଥଯାତ୍ରା ଉପଲକ୍ଷେ ଆୟୋଜିତ ଏକ ଭଜନ ସମାରୋହକୁ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ଘାଟନ କରୁଛନ୍ତି (୧୦/୭/୧୯୯୨)।



# ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଶୋୟୀ

● ଡଃ ଦଣ୍ଡପାଣି ବେହେରା

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିଶିଷ୍ଟ ନାୟକ ଥିଲେ ବୀର ଚକରା ବିଶୋୟୀ । ସେ ଘୁମୁସର ରାଜ୍ୟର ମାଳ ଅଞ୍ଚଳସ୍ଥ ଓଗୋଲେ ଗ୍ରାମରେ ଜନ୍ମ ଲାଭ କରିଥିଲେ । ସେ ଜାତିରେ ଥିଲେ ବେଣିଆକନ୍ଧ । ତାଙ୍କର ପିତାଙ୍କର ନାମଥିଲା ଶ୍ୟାମ ବିଶୋୟୀ ଏବଂ କକା ଥିଲେ କମଳ ଲୋଚନ ଦୋରା ବିଶୋୟୀ । ତାଙ୍କର ପିତା ଶ୍ୟାମ ବିଶୋୟୀଙ୍କୁ ଏକ ସଂଘର୍ଷରେ ବ୍ରିଟିଶ୍ ସୈନିକମାନେ ନୃଶଂସ ଓ ନିର୍ମମ ଭାବେ ହତ୍ୟା କରିଥିଲେ । ପୁତ୍ର ଚକରା ପିତାଙ୍କ ହତ୍ୟାର ଉଚିତ୍ ପ୍ରତିଶୋଧ ନେବା ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ୧୮୪୬ରୁ ୧୮୫୬ ପର୍ଯ୍ୟନ୍ତ ଦୀର୍ଘ ଦଶବର୍ଷ ଧରି ତୁମୁଳ ସଂଗ୍ରାମ କରିଥିଲେ । ଏଥିପାଇଁ ତାଙ୍କର ପିତାଙ୍କର କନିଷ୍ଠ ଭ୍ରାତା କମଳ ଲୋଚନ ଦୋରା ବିଶୋୟୀ ତାଙ୍କୁ ଆବଶ୍ୟକ ପ୍ରେରଣା ଓ ସକଳ ସାହାଯ୍ୟ ପ୍ରଦାନ କରିଥିଲେ । ୧୮୦୫ରୁ ୧୮୧୮ ପର୍ଯ୍ୟନ୍ତ କମଳ ଲୋଚନ ଦୋରା ବିଶୋୟୀ ଘୁମୁସର ରାଜ୍ୟର ପରିଚାଳକ ଥିଲେ । ୧୮୧୯ରେ ଶ୍ରୀକର ଭଞ୍ଜ ପୁନଶ୍ଚ ଘୁମୁସରରେ ସିଂହାସନାରୂଢ଼ ହେବା ପରେ କମଳ ଲୋଚନ ଦୋରା ବିଶୋୟୀ ଶ୍ରୀକର ଭଞ୍ଜଙ୍କର ପୁତ୍ର ଧନଞ୍ଜୟଙ୍କର ପୁତ୍ରଙ୍କୁ ସିଂହାସନାସୀନ କରିବା ପାଇଁ ଘୁମୁସର ମାଳାଞ୍ଚଳରେ କନ୍ଧମାନଙ୍କୁ ସଙ୍ଗଠିତ କରି ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହର ସୂତ୍ରପାତ କଲେ । ସେତିକିବେଳେ କମଳ ଲୋଚନ ଦୋରା ବିଶୋୟୀଙ୍କ ଭ୍ରାତୃଷ୍ପୁତ୍ର ଚକରା ବିଶୋୟୀ ମଧ୍ୟ କକାଙ୍କ ସହିତ ବଣ ପର୍ବତରେ ଇତଃସ୍ତତଃ ଭ୍ରମଣ କରି କକା ଦୋରା ବିଶୋୟୀଙ୍କଠାରୁ ଯୁଦ୍ଧବିଦ୍ୟା ଶିକ୍ଷା କରିଗଲା ଯୁଦ୍ଧ କୌଶଳରେ ବିଶେଷ ଜ୍ଞାନ ଓ ନିପୁଣତା ହାସଲ କଲେ । ଘୁମୁସରରେ ସମଗ୍ର ପାର୍ବତ୍ୟ ଅଞ୍ଚଳରେ କମଳ ଲୋଚନ ଦୋରା ବିଶୋୟୀ ବୈଦେଶିକ ଶାସନ ବିରୁଦ୍ଧରେ ଘମାଘୋଟ ଲଢ଼େଇ ଆରମ୍ଭ କଲେ । ପରିଶେଷରେ ଦୋରା ବିଶୋୟୀଙ୍କ ସନ୍ଧାନ ପାଇଁ ବ୍ରିଟିଶ ସରକାର ପାଞ୍ଚ ହଜାର ଟଙ୍କା ପୁରସ୍କାର ଘୋଷଣା କରି ଚତୁରତାର ସହ ଦୋରା ବିଶୋୟୀଙ୍କୁ ବନ୍ଦୀ କଲେ । ୧୮୩୫ରୁ ୧୮୪୬ ଯାଏ ଦୋରା ବିଶୋୟୀଙ୍କର ଯୁଦ୍ଧ ନେତୃତ୍ୱରେ କନ୍ଧମାଳ ଅଞ୍ଚଳରେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହର ବହ୍ନି ଜଳି ଉଠିଲା । ୧୮୪୬ରେ ମାନ୍ଦ୍ରାଜ ନିକଟସ୍ଥ ଗୁଟି ସହରର କାରାଗାରରେ ରାଜବନ୍ଦୀ ବନ୍ଦୀ ଭାବେ କମଳ ଲୋଚନ ମୃତ୍ୟୁବରଣ କଲାପରେ ତାଙ୍କର ପୁତୁରା ଚକରା ଏହି ... ବିଦ୍ରୋହର ନେତୃତ୍ୱ ନେଲେ । ୧୮୪୬ ଯାଏଁ ସମଗ୍ର ଦକ୍ଷିଣ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚକରା ବିଶୋୟୀ ବ୍ୟାପକ ଗଣ ବିଦ୍ରୋହର ସଙ୍ଗଠନ କଲେ । ତାଙ୍କର ବିଦ୍ରୋହ ସୃଷ୍ଟିର ନିମନ୍ତେ କେତୋଟି କାରଣ ହେଲା-(୧) ଘୁମୁସର ସିଂହାସନରେ ପୁନର୍ବାର ଭଞ୍ଜ ରାଜପରିବାରଙ୍କୁ ଅଧିଷ୍ଠିତ କରାଇବା, (୨) ମେରିଆ ନରମେଧ ପ୍ରଥାକୁ ବନ୍ଦ କରିବା, (୩) ନିଜ ପରିବାରର ଅପହୃତ ସମସ୍ତ ସୁବିଧା, ସୁଯୋଗ ଓ ଅଧିକାରକୁ ପୁନଶ୍ଚ ହାସଲ କରିବା ଏବଂ (୪) ଦେଶମାତୃକା ବକ୍ଷରୁ ଗୋରା ଶାସନ କର୍ତ୍ତୃତ୍ୱକୁ ହଟାଇବା । ପିତାମ୍ବର ଭଞ୍ଜ ନାମକ ଏକ ରାଜପୁତ୍ର ଘୁମୁସରର ଖାଲିଥିବା ସିଂହାସନରେ ଆସୀନ କରିବା ଯୋଗୁଁ ଚକରା ବିଶୋୟୀ ପ୍ରାଥମିକ ବିଦ୍ରୋହ ଆରମ୍ଭ କଲେ । ଏହି ରାଜପୁତ୍ରଙ୍କୁ 'କନ୍ଧମାନେ' ପ୍ରକୃତ ରାଜାଭାବେ ବିଶ୍ୱାସ କରୁଥିଲେ କିନ୍ତୁ ପରିଶେଷରେ ଏହି ରାଜପୁତ୍ର ... ଅବା 'ରାଜାପାଲି' । 'ବଣ ଜଙ୍ଗଲରେ ଚକରାଙ୍କ ସହ ବୁଲିବୁଲି କ୍ଳାନ୍ତ ଅନୁଭବ କରି ଏବଂ ଚକରାଙ୍କର ଅଭିଭାବକତ୍ୱରେ ... ହୋଇ ତାଙ୍କର ପକ୍ଷ ପରିତ୍ୟାଗ କରି ବ୍ରିଟିଶ୍ ସରକାରୀ ପକ୍ଷ ଗ୍ରହଣ ପୂର୍ବକ ପେନ୍‌ସନ୍ ପ୍ରାପ୍ତ ହୋଇ ଆସ ସନ୍ତୋଷରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କଲେ । ଏହି ରାଜପୁତ୍ର ପିତାମ୍ବର ଭଞ୍ଜଙ୍କର ଏତାଦୃଶ ଆଚରଣରେ ଚକିତ ବିସ୍ମିତ ନ ହୋଇ ଦ୍ୱିଗୁଣିତ ମନବଳ ସହ ସରକାରୀ ବିରୋଧୀ ଆନ୍ଦୋଳନକୁ ଚକରା ବିଶୋୟୀ ବଳଓର କଲେ । ଜନସାଧାରଣ ଓ ରାଜନ୍ୟମଣ୍ଡଳୀଙ୍କର ପରୋକ୍ଷ ଓ ପ୍ରତ୍ୟକ୍ଷ ସାହାଯ୍ୟ ଓ ସହଯୋଗ ଲାଭ କରି ଅପୂର୍ବ ବୀର ଦର୍ପ ଓ ଉଦ୍ଦୀପନାରେ ଚକରା ବିଶୋୟୀ ଇଂରେଜ କର୍ତ୍ତୃତ୍ୱ ଆରୋପକୁ ପ୍ରତିରୋଧ କରି ଗଣ ଆନ୍ଦୋଳନକୁ ବ୍ୟାପକ ଓ ତେଜିୟାନ କଲେ । ତାଙ୍କର ସଂଗ୍ରାମ କ୍ଷେତ୍ରର ଅନ୍ତର୍ଭୁକ୍ତ ଥିଲା ଘୁମସର, ବୌଦ୍ଧ, ଅନୁଗୁଳ, ସୋନପୁର, ମଦନପୁର, ଚନ୍ଦ୍ରପୁର, କଳାହାଣ୍ଡି, ଜୟପୁର, ଭରତପୁର, ତେଲନଦୀ ଉପତ୍ୟକା, ଶୀମିତ ... ବଡ଼ଖେମୁଣ୍ଡି ଓ ସାନଖେମୁଣ୍ଡି ରାଜ୍ୟମାନ । ବହୁତ ... ଭିତ୍ତିକୁ ଦୋହଲାଇ ସତ୍ତ୍ୱେ ସେ ବ୍ରିଟିଶ୍ ଶାସନର ଶକ୍ତିଶାଳୀ ... ଶାସକମାନଙ୍କ ମନରେ ଦେଲେ । ଫଳତଃ ଗୋରା ଇଂରେଜ ଶାସକମାନଙ୍କ ... ସେ ଘୋର ଆତଙ୍କ ଓ ଆଶଙ୍କା ସୃଷ୍ଟି କଲେ । ତାଙ୍କର ନାମ ଶୁଣିଲେ ଶାସକ ବର୍ଗ ଆତଙ୍କିତ ହେଉଥିଲେ । ସମସ୍ତ ପ୍ରକାରର

ଉଦ୍ୟମ ସତ୍ତ୍ୱେ ଚକରାଙ୍କର ବିଦ୍ରୋହକୁ ସରକାର ଦମନ କରିପାରିଲେ ନାହିଁ କି ତାଙ୍କୁ ଗିରଫ କରିପାରିଲେ ନାହିଁ। ତାଙ୍କୁ ଧରିବା ପାଇଁ ସରକାରଙ୍କର ସମସ୍ତ ଯୋଜନା, ଆୟୋଜନ ଓ କୌଶଳ ଶୋଚନୀୟ ଭାବେ ବ୍ୟର୍ଥ ହେଲା। ତାଙ୍କୁ ଧରିବା ନିମନ୍ତେ ସରକାର ବାରମ୍ବାର ଅର୍ଥ ପୁରସ୍କାର ଘୋଷଣା କଲେ। ଖୋପି ଲୋକଙ୍କ ଉପରେ ଏହି ଘୋଷଣାର କୌଣସି ପ୍ରଭାବ ପଡ଼ିନଥିଲା। ଅର୍ଥଲୋଭ ଲାଳସାରେ କେହି ତାଙ୍କୁ ସରକାରଙ୍କହାତରେ ଧରାଇ ଦେବା ପାଇଁ ରାଜି ନ ଥିଲେ। ସବୁ ସ୍ଥାନୀୟ ଲୋକଙ୍କର ସ୍ନେହ ଓ ବିଶ୍ୱାସ ଭାଜନ ହୋଇ ସେ ଗୁପ୍ତଭାବରେ ବିଭିନ୍ନ ଅଞ୍ଚଳ ଭ୍ରମଣ କରି ସରକାରଙ୍କ ବିରୁଦ୍ଧରେ ଗଣ ପ୍ରୟୋଜନ ସଙ୍ଗଠନ କରୁଥିଲେ। ସମ୍ଭବତଃ ତାଙ୍କର ସାମରିକ ସମର୍ଥକମାନେ ସର୍ବତ୍ର ସନ୍ତ୍ରାସ ସୃଷ୍ଟିକରି ହିଂସା ଓ ଲୁଣ୍ଠନ ଦ୍ୱାରା ଜୀବିକା ନିର୍ବାହ କରୁଥିଲେ। ଚକରା ବିଶୋୟୀଙ୍କର ଯୁଦ୍ଧ କୌଶଳ ତଥା ସରକାରଙ୍କର ଆଖିରେ ଧୂଳି ଦେଇ ଆୟୋଜିତ ବ୍ୟୁହମାନଙ୍କରୁ ଚତୁରତାସହ ଖସି ପଳାଇ ଯିବାର ପାରଙ୍ଗମତା ପ୍ରଦର୍ଶନରେ ତତ୍କାଳୀନ ଭାରତର ବଡ଼ ଲାଟ ଡ଼େଲ୍‌ହାଉସୀ ଅତ୍ୟନ୍ତ ବିସ୍ମିତ ଓ ଚକିତ ହୋଇଥିଲେ। କୌଣସି ଉପାୟରେ ଚକରାଙ୍କୁ ଧରିବା ପାଇଁ ସେ ଏପ୍ରେଲ୍ ୧୮୪୮ରେ ମାନ୍ଦ୍ରାଜ ପ୍ରେସିଡେନ୍‌ସି ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଚକରାଙ୍କର ସମ୍ପର୍କରେ ସେ ଇଷ୍ଟଇଣ୍ଡିଆ କମ୍ପାନୀର ବୋର୍ଡ଼ ଅଫ କଣ୍ଟ୍ରୋଲର ପ୍ରେସିଡେଣ୍ଟଙ୍କର ନିକଟକୁ ଏକ ପତ୍ରରେ ଉଲ୍ଲେଖ କରିଥିଲେ। "ଚକରା ବିଶୋୟୀ ହେଉଛନ୍ତି ଜଣେ ଦୁଃସାହାସୀ ବିଦ୍ରୋହୀ। ତାଙ୍କୁ ପର୍ବତ କନ୍ଦରରୁ ଉପତ୍ୟକା ଇଲାକା ପର୍ଯ୍ୟନ୍ତ ଖୋଜା ଗଲିଛି। ତଥାପି ତାଙ୍କର ସନ୍ଧାନ ପାଇବା କଷ୍ଟକର ହୋଇ ପଡ଼ିଛି। ବୋଧହୁଏ ସେ ଘନ ଜଙ୍ଗଲର ନିଭୃତ ଘଞ୍ଚ ଦେଶରେ ଆତ୍ମଗୋପନ କରି ରହିଛନ୍ତି। "ସେ ପୁଣି ସେଥିରେ ଲେଖିଛନ୍ତି–" ଯଦିଚ ବର୍ତ୍ତମାନ ଚକରାଙ୍କୁ ଧରିବା କଷ୍ଟକର, ତଥାପି କି ଦିନେ ନା ଦିନେ ତାଙ୍କୁ ଓ ତାଙ୍କର ଅନୁଗାମୀମାନଙ୍କୁ ଧରାଯାଇ ସମସ୍ତ ଉପଦ୍ରୁତ ଅଞ୍ଚଳମାନଙ୍କର ଶାନ୍ତି ଓ ସ୍ଥିରତା ନିଶ୍ଚିତ ଭାବେ ସ୍ଥାପନ କରାଯିବ।" ଜଣେ ବିଦ୍ରୋହୀଙ୍କର ସମ୍ପର୍କରେ ଲର୍ଡ଼ ଡେଲ୍‌ହାଉସୀଙ୍କ ଭଳି ଭାରତର ଜଣେ ବଡ଼ଲାଟ ଇଷ୍ଟଇଣ୍ଡିଆ କମ୍ପାନୀର ବୋର୍ଡ଼ ଅଫ କଣ୍ଟ୍ରୋଲର ପ୍ରେସିଡେଣ୍ଟଙ୍କ ନିକଟକୁ ଏଭଳି ଏକ ଗୁପ୍ତ ବିବରଣୀ ପଠେଇବା ଅତ୍ୟନ୍ତ କୌତୁହଳମୟ ଓ ବିସ୍ମୟକର ମନେ ହୁଏ। ବଡ଼ ଲାଟଙ୍କର ଦୃଷ୍ଟି ଆକର୍ଷଣ କରି ଚକରା ବିଶୋୟୀ ଭାରତର ଜଣେ ଅସାଧାରଣ ଜାତୀୟ ବିଦ୍ରୋହୀ ନେତାଭାବେ ସର୍ବତ୍ର ସ୍ୱୀକୃତ ଓ ସମ୍ମାନିତ ହୋଇଥିଲେ। ଏହା ସମଗ୍ର ଓଡ଼ିଶା ପାଇଁ କମ୍ ଗର୍ବ ଓ ଗୌରବର ବିଷୟ ନଥିଲା।

ବିଦ୍ରୋହୀ ନେତା ଚକରାଙ୍କୁ ଧରିବା ନିମନ୍ତେ ସମସ୍ତ ସରକାରୀ ଉଦ୍ୟମ ଅବ୍ୟାହତ ରହିଲା। ତଥାପି ଏହି ସବୁ ଉଦ୍ୟମକୁ ଉପେକ୍ଷା କରି ଚକରା ତାଙ୍କର ସଂଗ୍ରାମକୁ ୧୮୫୬ ଯାଏଁ ଦଶବର୍ଷ ଧରି ପରମ ନିଷ୍ଠା ଶୌର୍ଯ୍ୟ ଓ ଧୈର୍ଯ୍ୟର ସହ ଚାଲୁ ରଖିଥିଲେ। ୧୮୫୫ରେ ଓଡ଼ିଶାର କମିଶନର ଜି:ଏଫ: କାକ୍‌ବର୍ଣ୍ଣ ଲେଖିଥିଲେ ଯେ– "ଏହା ନିଶ୍ଚିତ କଥା ଯେ ଚକରା ବିଶୋୟୀ ତାଙ୍କର ପୂର୍ବ ଗୋପନୀୟ ସ୍ଥାନ ଛାଡ଼ି ଭାରତର କେନ୍ଦ୍ର ଭାଗକୁ ଚାଲି ଯାଇଛନ୍ତି ଯେଉଁଠି କି ତାଙ୍କୁ ପୂର୍ବରୁ କେହି ଚିହ୍ନି ନଥିବେ କି ଜାଣି ନଥିବେ କି ତାଙ୍କର ସେଠାରେ କୌଣସି ପ୍ରଭାବ ନଥିବ"।

କାକ୍‌ବର୍ଣ୍ଣ ପୁନଶ୍ଚ ଲେଖିଛନ୍ତି ଯେ– "ପ୍ରାୟ ୧୮ (ଅଠର) ମାସ ଧରି ଚକରା ବିଶୋୟୀଙ୍କର ସମ୍ପର୍କରେ କିଛି ଶୁଣାଯାଏ ନାହିଁ। ଏଭଳି କି ତାଙ୍କର ସମର୍ଥକମାନଙ୍କର ବିଷୟରେ ମଧ୍ୟ ବିଶେଷ କିଛି ଶୁଣାଯାଏ ନାହିଁ। ସେମାନଙ୍କ ମଧ୍ୟରୁ କେତେଜଣ ଧରାପଡ଼ି କାରାଗାରରେ କାଳାତିପାତ କରୁଛନ୍ତି ଏବଂ ଆଉ କେତେଜଣ ସମଗ୍ର କନ୍ଧମାଳ ଅଞ୍ଚଳରେ ବିକ୍ଷିପ୍ତଭାବେ ଆତ୍ମଗୋପନ କରିଛନ୍ତି। ଉପଦ୍ରୁତ ଅଞ୍ଚଳରୁ ଚକରାଙ୍କର ଆକସ୍ମିକ ଅନ୍ତର୍ଦ୍ଧାନ ଫଳରେ ସେହି ଅଞ୍ଚଳରେ ସମ୍ପ୍ରତି ଶାନ୍ତି ଓ ସ୍ଥିରତା ପରିଲକ୍ଷିତ ହେଉଛି"।

ଘୁମୁସରର ପ୍ରତିରୋଧାତ୍ମକ ମୁକ୍ତି ସଂଗ୍ରାମର ମୁଖ୍ୟନାୟକ ଚକରା ବିଶୋୟୀ ୧୮୫୭ର ସିପାହୀ ବିଦ୍ରୋହ ସଂଗଠନ ପୂର୍ବରୁ ଇହଲୀଳା ସମ୍ବରଣ କରି ସାରିଥିବା ଅନୁମାନ କରାଯାଏ। ଭାରତର ଉତ୍ତର ଓ ପୂର୍ବଭାଗରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଉଥିବା ବେଳେ ଚକରା ବିଶୋୟୀ ଘୁମୁସର କନ୍ଧ ଅଞ୍ଚଳ ବିଦ୍ରୋହର ରଙ୍ଗମଞ୍ଚରେ ଅନୁପସ୍ଥିତ ଥିଲେ। ଯେତେବେଳେ ବୀର ସୁରେନ୍ଦ୍ର ସାଏଙ୍କର ନେତୃତ୍ୱରେ ଗୋଣ୍ଡ ଜାତୀୟ ଆଦିବାସୀମାନେ ବିଦ୍ରୋହ କଲେ ଏବଂ ପରବତ ରାଜାଙ୍କର ଇଙ୍ଗିତରେ କୋଲ ଜାତୀୟ ଆଦିବାସୀମାନେ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ, ସେତେବେଳେ କନ୍ଧମାଳ ଅଞ୍ଚଳ ତଥା ଘୁମୁସର ରାଜ୍ୟର ଉପଦ୍ରୁତ ଅଞ୍ଚଳମାନଙ୍କର ଶାନ୍ତି ଓ ସ୍ଥିରତା ଥିବା ଲକ୍ଷ୍ୟ କରାଯାଇଥିଲା। ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ୧୮୫୭ରେ ସଙ୍ଗଠିତ ଜାତୀୟ ସିପାହୀ ବିଦ୍ରୋହ ସମୟକୁ ଚକରା ବିଶୋୟୀ ଜୀବିତ ନଥିଲେ।

ପ୍ରଖ୍ୟାତ ଐତିହାସିକ ସ୍ୱର୍ଗତଃ ପ୍ରଭାତ ମୁଖାର୍ଜୀଙ୍କର ଭାଷାରେ– "ଚକରା ବିଶୋୟୀ ଅର୍ବାଚୀନ କନ୍ଧ ମୁଠାମାନଙ୍କର ଦଳପତି ଥିବାରୁ ତଥା ତାଙ୍କର ଜନ୍ମ ଓ ପରିବାର ସମ୍ପର୍କରେ ବିଶେଷ ଭାବେ କିଛି ଜଣା ନଥିବା ଯୋଗୁଁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଇତିହାସର ପୃଷ୍ଠାରେ ଅବହେଳା ପ୍ରଦର୍ଶନ କରାଯାଇଅଛି। ଯଦି ତାଙ୍କର ସମ୍ପର୍କରେ ସମ୍ୟକ୍ ଜ୍ଞାନ ହାସଲ କରାଯାଏ, ତାହାହେଲେ ତାଙ୍କୁ ନିଶ୍ଚିତ ଭାବେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଓ ସୁରେନ୍ଦ୍ର ସାୟୀଙ୍କ ସହ ସମ ସମ୍ମାନ ଓ ସମ୍ମାନ ଇତିହାସର ସ୍ଥାନରେ ଦିଆ ହୋଇଥାନ୍ତା"।

ଯଥାର୍ଥରେ କୁହାଯାଇଛି ଯେ– "ଚକରା ବିଶୋୟୀଙ୍କର କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ କି ସ୍ୱାର୍ଥ ନଥିଲା। ତାଙ୍କର ଜକା ଦୋରା ବିଶୋୟୀଙ୍କର ବଚନ ପାଳନ ନିମନ୍ତେ ଭଞ୍ଜ ରାଜ ପରିବାରଙ୍କୁ ପୁଣି ଥରେ କ୍ଷମତାସୀନ କରିବା ନିମନ୍ତେ ସେ ପଣ ଅପହୃତ ମର୍ଯ୍ୟାଦାକୁ ପୁନଃ ପ୍ରତିଷ୍ଠା ପାଇଁ ସେ ସଙ୍କଳ୍ପବଦ୍ଧ ହୋଇଥିଲେ। ୧୮୪୬ରୁ ୧୮୫୬ ଯାଏଁ ସେ ଅନବରତ ଓ ଅବିରାମ ଭାବେ ବ୍ରିଟିଶ୍ ଶକ୍ତି ବିରୁଦ୍ଧରେ ଜୁଝିଲ ସଂଗ୍ରାମ କରିଥିଲେ।"

"ଚକରା ବିଶୋୟୀ ଏକ ରାଜନୈତିକ ଆଶ୍ରୟ ପ୍ରାର୍ଥୀ ଭାବେ ବଣ ଜଙ୍ଗଲ, ପାହାଡ଼ ପର୍ବତ ଓ ମାଳ, କନ୍ଦରରେ ଇତଃସ୍ତତଃ ବିଚରଣ କଲେ । ସେ ଆଠଗଡ଼ରୁ ପାରଳାଖେମୁଣ୍ଡି ଓ ଅନୁଗୁଳରୁ ଘୁମୁସର ଯାଏ ସମସ୍ତ ଅଞ୍ଚଳରେ ଅତ୍ୟନ୍ତ ବିସ୍ମୟକର ତଥା ରୋମାଞ୍ଚକର ଭାବରେ ନାହିଁ ନଥିବା ଗଣ ବିଦ୍ରୋହର ଭୟାବହଃ ତାଣ୍ଡବଲୀଳା ଖିଆଇଥିଲେ । ସରକାରଙ୍କର କ୍ଷମା ଘୋଷଣାକୁ ଉପେକ୍ଷା କରି ଓ ପୁରସ୍କାର ଓ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି ଚକରା ଅପୂର୍ବ ସ୍ଥାୟି ବ୍ୟକ୍ତିଗତ ସଂହତି ଓ ତ୍ୟାଗ ଭାବରେ ପରାକାଷ୍ଠା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ କନ୍ଧ ମାଳ ଅଞ୍ଚଳରେ ଉତ୍ତୋଳିତ ଗଣ ଆନ୍ଦୋଳନକୁ ବହୁଗୁଣ କରିଥିଲେ । କଟକର କମିଶନର, ଛୋଟନାଗପୁରର କମିଶନର ତଥା ଭାରତର ବଡ଼ଲାଟ୍ ଲର୍ଡ଼ ଡେଲହାଉସୀ ପ୍ରମୁଖ ଚକରାଙ୍କୁ କୌଣସି ମତେ ଧରିବା ନିମନ୍ତେ ସକଳ ପ୍ରକାରର ଉଦ୍ୟମ କରି ମଧ୍ୟ ବ୍ୟର୍ଥ ହୋଇଥିଲେ ।

୧୮୪୬ରୁ ୧୮୫୬ ଯାଏଁ ଓଡ଼ିଶାର ସଂଗ୍ରାମୀମାନଙ୍କର ମଧ୍ୟରେ ସେ ଥିଲେ ସର୍ବାଧିକ ଅଗ୍ରଗଣ୍ୟ । ତାଙ୍କର ସାହାସୀକ ଅଭିଯାନ, ଦୁର୍ଦ୍ଦାନ୍ତ ଶକ୍ତି ଓ ଅସାଧାରଣ ବ୍ୟକ୍ତିତ୍ୱ ଓଡ଼ିଶାର ଇତିହାସରେ ଆଦୌ ପଟାନ୍ତର ନାହିଁ କହିଲେ ଅତୁକ୍ତି ହେବ ନାହିଁ । ବୀର ଚକରା ତାଙ୍କର ଅଦ୍ୱିତୀୟ ଦେଶପ୍ରେମ ଓ ଅତୁଳନୀୟ ଦେଶାସ ସଂଗ୍ରାମ ଯୋଗୁଁ ଓଡ଼ିଶା ତଥା ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅତ୍ୟଧିକ ମହନୀୟ ଓ ଗୌରବମୟ ସ୍ଥାନ ଅଧିକାର କରିଛନ୍ତି ।


ବୀର ଚକରା ବିଶୋୟୀ ପରିଶେଷରେ କେନ୍ଦ୍ର ଭାରତର ଏକ ଜଙ୍ଗଲରେ ଆକସ୍ମିକ ଭାବେ ଅନ୍ତର୍ଦ୍ଧାନ ହେଲେ ବୋଲି ସରକାରୀ ନଥିପତ୍ରରେ ଉଲ୍ଲେଖିତ ହୋଇଛି । କିନ୍ତୁ ଏହା ସତ୍ୟ ଯେ ସେ ଜୀବନର ଅନ୍ତିମ ମୁହୂର୍ତ୍ତଯାଏଁ ସରକାରଙ୍କ ଦ୍ୱାରା ଧରାପଡ଼ି ନଥିଲେ କି ଦବି ଯାଇ ନଥିଲେ । ଦେଶମାତୃକାକୁ ବିଦେଶୀ ଶାସନ ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଆଜୀବନ ସଂଗ୍ରାମର ଜୁଇ ... କମ୍ପିନ୍‌କାଳେ ସମ୍ୟକ୍ ପଟାନ୍ତର ଦେଖିବାକୁ କ୍ୱଚିତ୍ ମିଳେ । ଏଥିପାଇଁ ସେ ଓଡ଼ିଆ କାହିଁକି ଭାରତବାସୀଙ୍କର ଚିର ନମସ୍ୟ ଓ ପ୍ରଣମ୍ୟ ଓ ତାଙ୍କର ଏକନିଷ୍ଠ ଦେଶଭକ୍ତି ଓ ପ୍ରେମ ହେଉଛି ଏହି ଜାତିର ପରମ ଗର୍ବ ଓ ଗୌରବର ବିଷୟ । ବୀରତ୍ୱ ଓ କାର୍ଯ୍ୟ ଦୃଷ୍ଟିରୁ ତାଙ୍କୁ ସମସ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ମହାନ ଓ ଶ୍ରେଷ୍ଠ ବୋଲି ଧରାଯାଏ ।

---

*ହିଲିପାଟଣା, ବ୍ରହ୍ମପୁର-୫,*
*ରାମଦୀ ମହାବିଦ୍ୟାଳୟ,*
*ରାକ୍ଷିଗିରି, ଗଞ୍ଜାମ ।*



ସଚିବାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରାଙ୍କ ଉଦ୍‌ବୋଧନ (୬/୭/୧୯୯୨) ।



# ହସ୍ତତନ୍ତ ଉନ୍ନୟନ

● ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି

ଆଦିମ କାଳରୁ ମନୁଷ୍ୟ ବସ୍ତ୍ରର ବ୍ୟବହାର କ୍ରମାନ୍ୱୟରେ କରିଆସିଛି । ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ମଧ୍ୟରେ ବସ୍ତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଶୀତ–ତାପରୁ ରକ୍ଷା କରିବା ଏବଂ ଲଜ୍ୟାନିବାରଣ ନିମନ୍ତେ ମନୁଷ୍ୟ ପ୍ରଥମେ ଗଛର ପତ୍ର, ବକ୍‌କଳ ଏବଂ ପଶୁର ଛାଲ ବ୍ୟବହାର କରୁଥିଲା । କ୍ରମେ ସଭ୍ୟମନୁଷ୍ୟ ପଶମ, ରେଶମ ଏବଂ କପା ତୁଳାର ତିଆରି ସୂତାରେ ବସ୍ତ୍ର ବୁଣିଲା ଶତାବ୍ଦୀ ଶତାବ୍ଦୀ ଧରି କାଠ ତିଆରି ହସ୍ତ ଚାଳିତ ତନ୍ତ ସାହାଯ୍ୟରେ ଲୁଗା ତିଆରି କରି ମନୁଷ୍ୟ ତା'ର ମୌଳିକ ଆବଶ୍ୟକତାକୁ ପୂରଣ କରିଆସିଛି । ଶିଳ୍ପ ବିପ୍ଲବ ପରେ କଳ ତନ୍ତର ପ୍ରଚଳନ ହେଲା । ଇତିହାସ ଦେଖିଲେ ଜଣାଯାଏ ଯେ, ଖ୍ରୀ:ପୂ: ୫ ହଜାର ପୂର୍ବରୁ ମଧ୍ୟ, ଆମର ବୁଣାକାରମାନେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ବ୍ରିଟିଶ୍ ଶାସନ ସମୟରେ କଳ ତନ୍ତରେ ବୁଣା ଲୁଗା ଭାରତକୁ ବ୍ରିଟେନ୍‌ରୁ ଆମଦାନୀ ହୋଇଆସିଲା । ପରେ ୧୮୧୮ ମସିହା ବେଳକୁ କଲିକତାରେ ପ୍ରଥମ କଟନ ମିଲ୍ ସ୍ଥାପିତ ହେଲା । ବ୍ରିଟିଶ୍ ଲୋକେ ଭାରତରୁ ତୁଳା ନେଇ ତାଙ୍କ ଦେଶରେ ଲୁଗା ବୁଣି ଆମ ଦେଶରେ ବିକ୍ରୟ କରିବା ଫଳରେ ଭାରତର ହସ୍ତ ତନ୍ତ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଲା । ମହାତ୍ମା ଗାନ୍ଧୀ ଏଭଳି ଏକ ସନ୍ଧିକ୍ଷଣରେ ହସ୍ତ ତନ୍ତ ଲୁଗାର ଗୁରୁତ୍ୱ ଉପଲବ୍ଧି କରି ଦେଶରେ ଚରଖା ଚଳାଇ ସୂତା ବୁଣିବା ଏବଂ ଏଥିରୁ ଲୁଗା ତିଆରି କରିବାର ପ୍ରଣାଳୀକୁ ଉତ୍ସାହିତ କରାଇଲେ । ବହୁ ଘାତ ପ୍ରତିଘାତ ମଧ୍ୟରେ ହସ୍ତ ତନ୍ତ ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ଚେଷ୍ଟା କରିଛି । ଊନବିଂଶ ଶତାବ୍ଦୀରେ କଳ ତନ୍ତର ଦ୍ରୁତ ପ୍ରସାର ହେଲା । କମ୍ ସମୟରେ କମ୍ ଖର୍ଚ୍ଚରେ ଅଧିକ ପରିମାଣର ଲୁଗା ବୁଣାଯିବା ଫଳରେ ଏହି କଳ ତନ୍ତଗୁଡ଼ିକର ଦ୍ରୁତ ପ୍ରସାର କରିବାରେ ଲାଗିଲା । ଠିକ୍ ଏହି ସମୟରେ ଉନ୍ନତ ବୈଜ୍ଞାନିକ ଯୁଗର ମାନବ କୃତ୍ରିମ ରାସାୟନିକ ତନ୍ତୁର ଉଦ୍ଭାବନ କଲେ ଏହି ତନ୍ତୁର ଆବିର୍ଭାବ ବସ୍ତ୍ର ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଲା । କଳ ତନ୍ତ, ସଙ୍ଗଠିତ ମିଲ୍ ଏବଂ ରାସାୟନିକ ତନ୍ତୁର ପ୍ରଚଳନ ଫଳରେ ହସ୍ତ ତନ୍ତର ପ୍ରାଧାନ୍ୟ କ୍ରମେ କମିବାକୁ ଲାଗିଲା ।

ସ୍ୱାଧୀନତା ପରେ ରୁଗ୍ଣ ହୋଇ ଯାଇଥିବା ହସ୍ତ ତନ୍ତକୁ ପୁନର୍ଜୀବିତ କରିବା ପାଇଁ କେତେକ ଜାତୀୟ ବାଦୀ ନେତା ଉଦ୍ୟମ ଆରମ୍ଭ କରିଥିଲେ । ଏହି ଉଦ୍ୟମ ଫଳରେ ୧୯୪୮ ମସିହାରେ ଘୋଷିତ ଶିଳ୍ପନୀତିରେ ଏଥି ସମ୍ପର୍କିତ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦତ୍ତ କରାଗଲା ଏବଂ କୁଟୀର ଶିଳ୍ପ ବୋର୍ଡ଼ ମଧ୍ୟ ଗଠନ କରାଗଲା । ହସ୍ତ ତନ୍ତର ଉନ୍ନୟନ ପାଇଁ ୧୦ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରାଗଲା ଯେଉଁଥିରେ କି ରାଜ୍ୟ ସରକାରମାନଙ୍କୁ ହସ୍ତ ତନ୍ତ ଉନ୍ନୟନ ପାଇଁ ସହାୟତା ମିଳି ପାରିଲା । ପଞ୍ଚବାର୍ଷିକ ଯୋଜନାରେ ହସ୍ତ ତନ୍ତକୁ ମଧ୍ୟ ପ୍ରାଧାନ୍ୟ ଦିଆଗଲା। ୧୯୫୨ ମସିହାରେ ' ସର୍ବଭାରତୀୟ ସ୍ତରରେ ଏକ ହସ୍ତ ତନ୍ତ ବୋର୍ଡ଼ ଗଠନ କରାଗଲା । ୧୯୫୩ ମସିହାରେ ଖଦୀ ଓ ହସ୍ତ ତନ୍ତର ଉନ୍ନୟନ ପାଇଁ ଏକ ଆଇନ୍ ମଧ୍ୟ ପ୍ରଣୟନ କରାଗଲା। ଫଳରେ ଲୁଗାଉପରୁ ଅତିରିକ୍ତ ଶୁଳ୍କ ଆଦାୟ କରି ଖଦୀ ଏବଂ ହସ୍ତ ତନ୍ତ ଶିଳ୍ପର ଉନ୍ନୟନ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ୧୯୫୮ରୁ ୬୯ରେ ହସ୍ତ ତନ୍ତର ଉନ୍ନୟନ କରିବା ପାଇଁ ଯୋଜନା କମିଶନ ଏକ ବିଧିବଦ୍ଧ ଯୋଜନା କଲେ । ଏହି ଯୋଜନାରେ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତା ପ୍ରଦାନ କରାଗଲା ।

ହସ୍ତ ତନ୍ତର ଉନ୍ନୟନ ଏବଂ ବିକ୍ରୟ ନିମିତ୍ତ ପୁଞ୍ଜି ସଂଗ୍ରହର ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଏକ କମିଟି ୧୯୫୫ ମସିହାରେ ଗଠନ କରାଯାଇଥିଲା । ପରେ ୨ୟ ପଞ୍ଚବାର୍ଷିକ ଯୋଜନାରେ ହସ୍ତ ତନ୍ତର ଉନ୍ନୟନ ପାଇଁ ସର୍ବଭାରତୀୟ ହସ୍ତ ତନ୍ତ ବୋର୍ଡ଼ ୧୩୦ କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଦେଶର ଆଭ୍ୟନ୍ତରରେ ବିକ୍ରୟର ସୁବିଧା କରିବା ପାଇଁ ଏକ କେନ୍ଦ୍ରୀୟ ମାର୍କେଟିଂ ସଂସ୍ଥା ଗଠନ କରାଯାଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ମାନ୍ଦ୍ରାଜଠାରେ ସ୍ଥାପିତ ହୋଇଥିଲା । ହସ୍ତ ତନ୍ତ ଆନ୍ତଃରାଜ୍ୟ କାରବାର ପାଇଁ ୧୯୫୬ ମସିହାରେ ଏକ ମାର୍କେଟିଂ ସମବାୟ ସମିତି ଗଠନ କରାଗଲା । ଏହାପରେ ହସ୍ତ ତନ୍ତର ସଂଖ୍ୟା ଏବଂ ପ୍ରକାର ଭେଦ ଜାଣିବା ପାଇଁ ହସ୍ତ ତନ୍ତର ପଞ୍ଜୀକରଣ କରାଗଲା । ୧୯୫୮ ମସିହାରେ ପ୍ରାୟ ୨୫ ଲକ୍ଷ ତନ୍ତ ରେଜିଷ୍ଟ୍ରିଭୁକ୍ତ ହୋଇଥିଲା ହସ୍ତତନ୍ତରେ ନୂତନ କୌଶଳ ବ୍ୟବହାର ପାଇଁ ତାଲିମ୍‌ର ମଧ୍ୟ ବ୍ୟବସ୍ଥା କରାଗଲା । ହସ୍ତ ତନ୍ତର ସର୍ବାଙ୍ଗୀନ ଉନ୍ନତି କଳ୍ପେ ୧୯୭୩ ମସିହାରେ ଜାତୀୟ କୃଷି କମିଶନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଅନୁସନ୍ଧାନ

କମିଟି ଗଠନ କରାଗଲା । ଏହି କମିଟି ଗଭୀର ଅନୁଧ୍ୟାନକରି ୧୯୭୪ ମସିହାରେ ୯୧ଟି ପ୍ରସ୍ତାବ ସମ୍ବଳିତ ଏକ ରିପୋର୍ଟ ସରକାରଙ୍କ ହାତରେ ଅର୍ପଣ କଲେ । ଏହି ପ୍ରସ୍ତାବଗୁଡ଼ିକ ହସ୍ତତନ୍ତ ଉନ୍ନୟନ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରିଥିଲା । ଏହି ପ୍ରସ୍ତାବ ଅନୁଯାୟୀ ହସ୍ତତନ୍ତ ପାଇଁ ଜଣେ ଉନ୍ନୟନ କମିଶନରଙ୍କୁ ଅବସ୍ଥାପିତ କରାଗଲା । ବୁଣାକାରମାନଙ୍କୁ ତାଲିମ ଦେବା ପାଇଁ ଏବଂ ତନ୍ତଗୁଡ଼ିକରେ ଉନ୍ନତିକରଣ କରିବା ପାଇଁ ବ୍ୟବସ୍ଥାମାନ ଗ୍ରହଣ କରାଗଲା । ଆଞ୍ଚଳିକ ଦୁର୍ବଳ ଶ୍ରେଣୀର ବୁଣାକାରମାନଙ୍କୁ ସହାୟତା ଯୋଗାଇ ଦିଆଗଲା । ବୁଣାକାରମାନଙ୍କୁ କାମ ଯୋଗାଇ ଦେବା ଏବଂ ଗରିବ ଲୋକଙ୍କୁ ଲୁଗା ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୭୬ ମସିହାରେ 'ଜନତା ଲୁଗା'ର ଏକ ଯୋଜନା ଆରମ୍ଭ କରାଗଲା ।

ହସ୍ତତନ୍ତର ଉନ୍ନୟନ, ମାର୍କେଟିଂ ଏବଂ କଞ୍ଚାମାଲ ବୁଣାକାରମାନଙ୍କୁ ଯୋଗାଇ ଦେବା ପାଇଁ କେନ୍ଦ୍ରରେ ହସ୍ତ ତନ୍ତ ଉନ୍ନୟନ ନିଗମ ଗଠନ କରାଗଲା । ଏହାର ରପ୍ତାନୀ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ହସ୍ତ ତନ୍ତ ଏବଂ ହସ୍ତକର୍ମ ରପ୍ତାନୀ ନିଗମ ମଧ୍ୟ ଗଠନ କରାଗଲା । ୧୯୮୧ ମସିହାରେ ହସ୍ତ ତନ୍ତ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରି ବୟନ ଶିଳ୍ପନୀତି ସରକାର ପ୍ରସ୍ତୁତ କରିଥିଲେ । ୧୯୮୫ ମସିହାରେ ମଧ୍ୟ ବୟନ ଶିଳ୍ପ ନୀତିରେ ହସ୍ତ ତନ୍ତକୁ ଅଗ୍ରାଧିକାର ଦିଆ ଯାଇଥିଲା । ବୟନ ଶିଳ୍ପର ଗବେଷଣା ଲବ୍ଧ ପଦାର୍ଥକୁ ବୁଣାକାର ନିକଟରେ ପହଁଚାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ହସ୍ତତନ୍ତ ଉତ୍ପାଦନ ପାଇଁ ସଂରକ୍ଷଣ ଆଇନ୍ ୧୯୮୫ ଅନୁଯାୟୀ ୨୨ଟି ବିଭିନ୍ନ ପ୍ରକାର ହସ୍ତତନ୍ତର ବିଶେଷ ଉତ୍ପାଦନ ପାଇଁ ସଂରକ୍ଷିତ ରଖାଯାଇଛି ।

ହସ୍ତତନ୍ତର ଉନ୍ନୟନ ପାଇଁ ବିଭିନ୍ନ ଯୋଜନା କାଳରେ ଖର୍ଚ୍ଚ ଅଟକଳ ବିଷୟ ଆଲୋଚନା କଲେ ଜଣା ଯାଏ ପ୍ରଥମ ପଞ୍ଚ ବାର୍ଷିକ ଯୋଜନାରେ ଏହାର ଉନ୍ନୟନ ପାଇଁ ମାତ୍ର ୧୧ କୋଟି ଟଙ୍କା ଦିଆ ଯାଇଥିବା ବେଳେ ୬ଷ୍ଠ ଯୋଜନାରେ ୧୨୦ କୋଟି ଟଙ୍କା ଏବଂ ସପ୍ତମ ଯୋଜନାରେ ୧୬୮ କୋଟି ଟଙ୍କା ଦିଆ ଯାଇଛି । ରାଜ୍ୟମାନଙ୍କର ନିଜସ୍ୱ ଅନୁଦାନ ମିଶିଲେ ଏହାର ପରିମାଣ ୫୦୦ କୋଟି ହେବ ବୋଲି ଜଣା ପଡ଼ିଛି । ୧୯୫୧ ମସିହାରେ ହସ୍ତ ତନ୍ତର ପରିମାଣ ମାତ୍ର ୨୮ ଲକ୍ଷ ଥିବା ବେଳେ ୧୯୯୦ ମସିହାରେ ଏହା ୩୮ ଲକ୍ଷରେ ପହଁଚିଛି । ୧୯୫୦ ମସିହାରେ ଉତ୍ପାଦନ ୫ ଶହ ନିୟୁତ ମିଟର ହୋଇଥିବା ବେଳେ ୬ଷ୍ଠ ଯୋଜନା ଶେଷ ବେଳକୁ ଏହା ୩୭ ଶହ ନିୟୁତ ମିଟରରେ ପହଁଚି ପାରିଛି । ସାରା ଭାରତରେ ଯେତେ ପ୍ରକାରର ବୟନ ଶିଳ୍ପ ଉତ୍ପାଦିତ ହେଉଛି ସେଥି ମଧ୍ୟରୁ ହସ୍ତତନ୍ତର ପରିମାଣ ଶତକଡ଼ା ୩୦ ଭାଗ ଜଣା ପଡ଼ିଛି । ସପ୍ତମ ଯୋଜନା କାଳରେ ଏହି ହସ୍ତ ତନ୍ତର କାର୍ଯ୍ୟକ୍ରମ ବିଶେଷ ଭାବେ ବୃଦ୍ଧି ପାଇଥିବାର ଲକ୍ଷ୍ୟ କରାଯାଉଛି । ସପ୍ତମ ଯୋଜନା ଶେଷ ବେଳକୁ ୬୫୦ଟି ସମବାୟ ସୋସାଇଟି ପ୍ରତିଷ୍ଠା ହୋଇଥିବା ବେଳେ ତନ୍ତର ପରିମାଣ ୧,୦୩,୧୧୭କୁ ବୃଦ୍ଧି ପାଇଛି । ଲୁଗାର ଉତ୍ପାଦନ ପରିମାଣ ୧୯୮୦ ମସିହାରେ ୧୭୮ ଲକ୍ଷ ବର୍ଗ ମିଟର ଥିବା ବେଳେ ୧୯୯୦ ମସିହାରେ ୨୬୧ ଲକ୍ଷ ବର୍ଗ ମିଟର ହୋଇଛି । ବର୍ତ୍ତମାନ ରାଜ୍ୟରେ ୬ଟି ସ୍ପିନିଂ ମିଲ୍ ସମବାୟ ଭିତ୍ତିରେ ଖୋଲିଛି ।

ଅଷ୍ଟମ ଯୋଜନା କାଳରେ ହସ୍ତ ତନ୍ତର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୧୫୦୦୦ ନୂତନ ତନ୍ତ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରହିଛି । ସଙ୍ଗଠିତ କ୍ଷେତ୍ରରେ ୯୪୦ ଲକ୍ଷ ବର୍ଗ ମିଟର ଅର୍ଥାତ୍ ୯୨ କୋଟି ଟଙ୍କାର ବସ୍ତ୍ର ବାର୍ଷିକ ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୯୯୪-୯୫ ମସିହା ସୁଦ୍ଧା ୨ ଲକ୍ଷ ୩୨ ହଜାର ବୁଣାକାରମାନଙ୍କୁ କର୍ମ ନିଯୁକ୍ତି ଦିଆଯାଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ମଧ୍ୟ କରାଯାଇଛି । ମାର୍କେଟିଂ, ଆବଶ୍ୟକ ପରିମାଣର କଞ୍ଚା ମାଲ ଯୋଗାଣ, ଉନ୍ନତ ତାଲିମ, ନୂତନ କୌଶଳ, ବୈଷୟିକ କୌଶଳ ପ୍ରଦାନ, ଋଣ ପ୍ରଦାନରେ କୋହଳ ନୀତି ଅବଲମ୍ବନ, ବୁଣାକାରମାନଙ୍କୁ ସବୁଦିନିଆ କାମ ଯୋଗାଇ ଦେବାର ବ୍ୟବସ୍ଥା, ବୁଣାକାରମାନଙ୍କୁ ଭଲ ରୋଜଗାର ଯୋଗାଇ ଦେବା ଇତ୍ୟାଦି ହସ୍ତତନ୍ତର ସର୍ବାଙ୍ଗୀନ ଉନ୍ନତି ଉପରେ ଅଷ୍ଟମ ଯୋଜନାରେ ଗୁରୁତ୍ୱ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଆଶୀର୍ବାଦ ଲାଭ କରି ବୟନ ଶିଳ୍ପ ବିଭାଗ ବର୍ତ୍ତମାନ ଶିଳ୍ପ ବିଭାଗରୁ ଅଲଗା ହୋଇ ଏକ ନୂତନ ବିଭାଗରେ ପରିଣତ ହେବା ଫଳରେ ହସ୍ତ ତନ୍ତ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଅନୁମେୟ । ଏଥିପାଇଁ ଅଧିକ ଅର୍ଥ ବରାଦର ଆଶା ଉଜ୍ଜ୍ୱଳ ବୋଲି ବିଭାଗୀୟ କର୍ମକର୍ତ୍ତାମାନେ ମତ ପୋଷଣ କରିଛନ୍ତି ।

ଦେଶର ଜନସଂଖ୍ୟା ତୁଳନାରେ ବସ୍ତ୍ର ଉତ୍ପାଦନର ହାର ଆମ ଦେଶରେ କମ୍ ବୋଲି ଏକ ସମୀକ୍ଷାରୁ ଜଣା ପଡ଼ିଛି । ଅର୍ଥନୈତିକ ଅଗ୍ରଗତି ଫଳରେ ମନୁଷ୍ୟର ବସ୍ତ୍ରର ଚାହିଦା ବଢ଼ିବାରେ ଲାଗିଛି । ଏହି କ୍ରମବର୍ଦ୍ଧିଷ୍ଣୁ ବସ୍ତ୍ରର ଚାହିଦା ମେଣ୍ଟାଇବାରେ ହସ୍ତତନ୍ତ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତେଣୁ ହସ୍ତତନ୍ତର ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶ୍ୟକୀୟ ଦୂରଦର୍ଶିତା, ଉପଯୁକ୍ତ ପରିଚାଳନା ତଥା ସୁଚିନ୍ତିତ ପରିକଳ୍ପନାର ଶୀଘ୍ର ରୂପାୟନ ଏକାନ୍ତ ପ୍ରୟୋଜନ । ଏହା ଗ୍ରାମିଣ ଜୀବନକୁ ଅଧିକ କର୍ମମୁଖର କରିବ ବୋଲି ଆଶା ଓ ବିଶ୍ୱାସ । ତେଣୁ ବୁଣାକାରମାନେ ନିଜର ଆତ୍ମବିଶ୍ୱାସ ବଜାୟ ରଖି ଆଗାମୀ ଦିନରେ ସରକାରଙ୍କ ସମସ୍ତ ପ୍ରକାର ସାହାଯ୍ୟକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସରକାରଙ୍କୁ ସହଯୋଗ କରି ହସ୍ତତନ୍ତ ଉନ୍ନୟନକୁ ଆଗେଇ ନିଅନ୍ତୁ ।

*କ୍ୱାର୍ଟର-ଭି/ଏ, ୪/୧,*
*ୟୁନିଟ୍-୨, ଭୁବନେଶ୍ୱର-୯ ।*



# ସ୍ୱାଧୀନତା ସଂଗ୍ରାମର ରଣ ବେଦୀରେ ଭାରତୀୟ ନାରୀ

● ଶ୍ରୀ ଗିରିଜାଶଙ୍କର ଚରାସିଆ

ନାରୀ ଅବଳା ହୋଇପାରେ, କିନ୍ତୁ ଦୁର୍ବଳା ନୁହେଁ । ଏହି ସତ୍ୟତାକୁ ଭାରତୀୟ ନାରୀ ସମାଜର କଷଟି ପଥରରେ ବାରମ୍ବାର ପରୀକ୍ଷିତ କରାଇପାରିଛି । ସୁସ୍ଥ ସମାଜ ଗଠନ ପାଇଁ ଉଭୟ ନାରୀ ଏବଂ ପୁରୁଷର ଐକାନ୍ତିକ ମିଳିତ ଉଦ୍ୟମ ଆବଶ୍ୟକ । ଏଣୁ ପୁରୁଷ, ନାରୀକୁ ବିଳାସର ସାମଗ୍ରୀ ଭାବେ ଗ୍ରହଣ ନକରି ଜୀବନଚର୍ଯ୍ୟାର ଅନ୍ତରଙ୍ଗ ସହଯୋଗୀ ଭାବେ ଗ୍ରହଣ କରିବା ଉଚିତ୍ । ପତି–ପତ୍ନୀର ସମ୍ପର୍କ ଯେ ଅତି ପବିତ୍ର ତଥା ଶାଶ୍ୱତ ଉଭୟେ ଏକଥା ଜାଣିରଖିବା ଦରକାର । ପୁଣ୍ୟାଙ୍ଗ ଜୀବନ ଗଠନରେ ପରସ୍ପରର ସ୍ୱର୍ଗୀୟପ୍ରେମ ଏକାନ୍ତ ଅପରିହାର୍ଯ୍ୟ । ଏଥିପାଇଁ ବିବାହକୁ ଇନ୍ଦ୍ରିୟ ଭୋଗର ମାଧ୍ୟମଭାବେ ଗ୍ରହଣ କରା ନଯାଇ ଏହାକୁ ଦୁଇଟିଆତ୍ମାର ଅପୂର୍ବ ମିଳନ ଭାବେ ଗ୍ରହଣ କରାଯାଇଥାଏ । ଉଭୟଙ୍କର ସୁଖଦୁଃଖରେ ପରସ୍ପର ସମଭାଗୀ ହେବାପାଇଁ ଭାରତୀୟ ସଂସ୍କୃତି ନିର୍ଦ୍ଦେଶ ପ୍ରଦାନ କରିଥାଏ । ସୀତାହରଣପରେ ରାମଚନ୍ଦ୍ରଙ୍କର ବିରହ ବେଦନା ଏବଂ ସୀତାଙ୍କର ପ୍ରଭୁ ରାମଚନ୍ଦ୍ରଙ୍କର ବିଚ୍ଛେଦର ଅଶ୍ରୁଳ ମର୍ମ ବେଦନା ପତିପତ୍ନୀଙ୍କ ସ୍ୱର୍ଗୀୟ ପ୍ରେମର ଉଦାହରଣ ମାତ୍ର । ସମାଜରେ ପ୍ରଚଳିତ କେତେକ ରକ୍ଷଣଶୀଳ ପରମ୍ପରା ଅନୁଯାୟୀ ବିଂଶ ଶତାବ୍ଦୀର ଶେଷ ଭାଗରେ ମଧ୍ୟ ନାରୀକୁ ପଣ୍ୟଦ୍ରବ୍ୟ ଭାବରେ ପୁରୁଷହାତରେ ଅର୍ପଣ କରାଯିବା ଦେଖା ଯାଉଛି । ଉତ୍କଟ ଯୌତୁକ ରୂପକ ବ୍ୟାଧି କବଳରୁ ମୁକ୍ତି ନପାଇ ନାରୀକୁ ଜଳନ୍ତା ଚୁଲିରେ ଜଳିବାକୁ ପଡୁଛି । ଯୌତୁକ ପରି ମାରାତ୍ମକ ବ୍ୟାଧିର ନିବାରଣପାଇଁ କେବଳ ଆଇନ ପ୍ରଣୟନ କରି ଦେଲେ କିମ୍ବା ସଭା ସମିତିରେ ଗାଳ ଗପ-ଭାଷଣ ଦେଲେ ଯଥେଷ୍ଟ ହେବ ନାହିଁ । ଏଥିପାଇଁ ନାରୀ ଜାତିର ଆତ୍ମବଳର ବିକାଶ ଏବଂ ସର୍ବୋପରି ଅର୍ଥନୈତିକ ମାନଦଣ୍ଡର ଉନ୍ନତିପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ୍ ।

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ସମାଜରେ ରକ୍ଷଣଶୀଳତାର ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଥିବାବେଳେ ଭାରତୀୟନାରୀ, ରକ୍ଷଣଶୀଳତାର ଜଟିଳ ଫାଶ ମଧ୍ୟରେ ନିଜକୁ ବାନ୍ଧି ନରଖି ରଣଚଣ୍ଡୀର ରଣ ହୁଙ୍କାରଦେଇ ସଂଗ୍ରାମର ରଣ ଭୂମିରେ ପହଞ୍ଚି ପାରିଥିଲା । ୧୮୫୭ ମସିହାର ଐତିହାସିକ ସିପାହୀ ବିଦ୍ରୋହରେ ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ନିଜକୁ ବୀର ରମଣୀରେ ସଜାଇ ଫିରିଙ୍ଗି ଶାସନକୁ ଉପଯୁକ୍ତ ଜବାବ ଦେଇ ପାରିଥିଲେ । କେବଳ ଲକ୍ଷ୍ମୀବାଈ ନୁହଁନ୍ତି, ଉତ୍ତରପ୍ରଦେଶର ରାଏବରେଲୀ ରାଜ୍ୟର ରାଜା ନାରାୟଣରାଓଙ୍କ କନ୍ୟା 'ତପସ୍ୱିନୀ' ଅଳ୍ପ ବୟସରୁ ସ୍ୱାମୀହରା ଏବଂ ପିତୃହରା ହେବାପରେ ବ୍ରିଟିଶ ସରକାରଙ୍କ ଚକ୍ଷୁଶୂଳ ହୋଇ ତ୍ରିଚିନାପଲ୍ଲୀରେ ଫିରିଙ୍ଗି ସରକାରଦ୍ୱାରା ନଜରବନ୍ଦୀ ହୋଇରହିଲେ । ସେଠାରୁ ଖଲାସ ହେବାପରେ ରାଣୀ ଲକ୍ଷ୍ମୀବାଈଙ୍କର ଆଦର୍ଶରେ ଅନୁପ୍ରାଣିତା ହୋଇ ସେ ନିଜକୁ ସିପାହୀ ବିଦ୍ରୋହର ମହାଯଜ୍ଞରେ ଝାସ ଦେବାକୁ ଆଗେଇ ଆସିଲେ । ଏହି ବୀର ରମଣୀ ନେପାଳରେ ଆତ୍ମ ଗୋପନ କରିବା ସହିତ କଲିକତାରେ ଗୋପନରେ ବିଦ୍ରୋହୀମାନଙ୍କୁ ଅସ୍ତ୍ର ଶସ୍ତ୍ର ଯୋଗାଇବା ଆଦି କାର୍ଯ୍ୟମାନ କରି ବ୍ରିଟିଶ ସରକାରଙ୍କୁ ଚକିତ କରି ପକାଇଥିଲେ ।

ଯୁଗପୁରୁଷ ବିବେକାନନ୍ଦଙ୍କର ଅନ୍ୟତମ ପ୍ରଧାନଶିଷ୍ୟା ଭଗିନୀ ନିବେଦିତା ଜଣେ ବିଦେଶିନୀ ମହିଳା ହେଲେ ମଧ୍ୟ ମାତ୍ର ୨୮ ବର୍ଷ ବୟସରେ ଭାରତ ଭୂମିରେ ପଦାର୍ପଣକରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରାଇ ଜଣେ ବିପ୍ଳବିନୀର ପରିଚୟ ଦେଇ ପାରିଥିଲେ । ସେ ଅରବିନ୍ଦ ଘୋଷଙ୍କଦ୍ୱାରା ଗଠିତ ପଞ୍ଚବିପ୍ଳବୀ ପାର୍ଟିରେ ଜଣେ ପ୍ରମୁଖ ସଭ୍ୟା ଭାବେ କାର୍ଯ୍ୟ କରୁଥିଲେ । ଭଗିନୀ ନିବେଦିତା ୧୯୦୫ ମସିହାରେ ବନାରସଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗ ଦାନ କରିଥିଲେ ।

କେବଳ ଭଗିନୀ ନିବେଦିତା ନୁହଁନ୍ତି; ବୀଣା ଦାସ, କଳ୍ପନା ଯୋଶୀ, ଉଜ୍ଜ୍ୱଳା, ପ୍ରୀତିଲତା ୱାଡେଦାର, ମାଡାମ କାମାଙ୍କ ପରି ବିପ୍ଳବିନୀଙ୍କ ବିପ୍ଳବ କାହାଣୀମାନ ମନରେ ଅପୂର୍ବ ଜାଗରଣ ସୃଷ୍ଟି କରିଥାଏ । ଗୋଟଏ ଦରିଦ୍ର ପରିବାରରେ ଜନ୍ମ ହୋଇ ମଧ୍ୟ ପ୍ରୀତିଲତା ୱାଡେଦାରଙ୍କ ମନ ଯେ କଦାପି ଦରିଦ୍ର ନଥିଲା ଏହା ତାଙ୍କର ଛାତ୍ରୀ ଅବସ୍ଥାରୁ ଜଣା ପଡ଼ିଥିଲା । ନିଷ୍ଠାପର ଭାବେ ଦେଶ ସେବାକରିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ । ୧୯୧୧ ମସିହାରେ ଚିଟାଗଙ୍ଗଠାରେ ଜନ୍ମଲାଭ କରିଥିବା ପ୍ରୀତିଲତା ଢାକା ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରିବା କାଳରେ ସେଠାରେ ଗଢ଼ି ଉଠିଥିବା 'ଦୀପାଳି' ନାମକ ସଙ୍ଘର ସକ୍ରିୟ ସଭ୍ୟା ଭାବରେ ନାନା

ବୈପ୍ଳବିକ କାର୍ଯ୍ୟମାନ ସଙ୍ଗଠିତ କରାଇବାରେ ଲାଗିଥିଲେ । ଏପରିକି ବ୍ରିଟିଶ ଶାସନର କ୍ରୁର ଦୃଷ୍ଟିରେ ପଡ଼ି ତାଙ୍କର ମୁଣ୍ଡକୁ ଧରାଇ ଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ଦିଆଯିବାକଥା ଘୋଷଣା କରାଯାଇଥିଲା ।

ସୋଭିଏତ୍ ଦେଶ ନେହେରୁ ପୁରସ୍କାର ବିଜୟିନୀ, ଭାରତର ପ୍ରଖ୍ୟାତ ସାମ୍ୟବାଦୀ ନେତା ଶ୍ରୀ ପି: ସି: ଯୋଶୀଙ୍କର ସହଧର୍ମିଣୀ ଶ୍ରୀମତୀ କଳ୍ପନା ଯୋଶୀ ମାତ୍ର ଚଉଦ ବର୍ଷ ବୟସରୁ ବିଭିନ୍ନ ଉଗ୍ରବାଦୀ କାର୍ଯ୍ୟକଳାପ ସହିତ ସମ୍ପୃକ୍ତ ରହି ନାନା ଚମକପ୍ରଦ ଘଟଣାମାନ ଘଟାଇଥିଲେ । ବିପ୍ଳବୀ କ୍ଷୁଦିରାମ ଢାଞ୍ଚାରେ ବଙ୍ଗ ପ୍ରଦେଶର ବିପ୍ଳବିନୀ ବୀଣା ଦାସ ୧୯୩୨ ମସିହା ଫେବୃଆରୀ ମାସ ୬ ତାରିଖ ଦିନ ତତ୍‌କାଳୀନ ରାଜ୍ୟପାଳ ଏକ ସାଂସ୍କୃତିକ ଉତ୍ସବରେ ଯୋଗଦେଇ ସମବେତ ଦର୍ଶକଙ୍କୁ ଉଦ୍‌ବୋଧନ ଦେବାକୁ ଆରମ୍ଭ କଲାବେଳେ ପୂର୍ବ କଳ୍ପିତ ଯୋଜନା ଅନୁଯାୟୀ ରାଜ୍ୟପାଳଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ତାଙ୍କୁ ଲକ୍ଷ୍ୟକରି ନିଜର ଅଙ୍ଗବାସ ମଧ୍ୟରେ ଲୁକାୟିତ ରଖିଥିବା ବନ୍ଧୁକରୁ ଗୁଳି ଫୁଟାଇବା ଆରମ୍ଭ କଲେ । ଅବଶ୍ୟ ବୀଣାଦାସଙ୍କର ଗୁଳି ଲକ୍ଷ୍ୟଭେଦ କରି ପାରି ନଥିଲା । ଏହି ଘଟଣାରେ ଅଭିଯୁକ୍ତ ହୋଇ ତାଙ୍କୁ ୯ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା । ବିଶ୍ୱଶାନ୍ତି ପାଇଁ ଜୀବନସାରା ସଂଗ୍ରାମକରି ଲେନିନ ପୁରସ୍କାର ପାଇଥିବା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଆସଫ ଅଲ୍ଲୀଙ୍କର ସହଧର୍ମିଣୀ ଶ୍ରୀମତୀ ଅରୁଣା ଆସଫ ଅଲ୍ଲୀ ନିଜର ତ୍ୟାଗପୂତ ଜୀବନ ତଥା ନିରବଚ୍ଛିନ୍ନ ନିଃସ୍ୱାର୍ଥପର ସାଧନା ପାଇଁ କେବଳ ଭାରତୀୟ ଜନମାନସରେ ନୁହେଁ, ପରନ୍ତୁ ସମଗ୍ର ବିଶ୍ୱବାସୀଙ୍କ ନିକଟରେ ଆଦରଣୀୟା ତଥା ବନ୍ଦନୀୟା ହୋଇ ପାରିଛନ୍ତି । ଗାନ୍ଧିଜୀଙ୍କ ଡାକରାରେ ନିଜକୁ ହଜାଇ ଦେଇଥିବା ଏହି ମହିୟସୀ ମହିଳା ଲବଣ ସତ୍ୟାଗ୍ରହ ତଥା ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ବିପ୍ଳବିନୀଙ୍କ କାର୍ଯ୍ୟରେ ଆତଙ୍କିତ ହୋଇ ତାଙ୍କୁ ଜୀବନ୍ତ ବା ମୃତ ଧରାଇ ଦେଲେ ପାଞ୍ଚ ହଜାର ଟଙ୍କାପୁରସ୍କାରଦିଆ ଯିବବୋଲି ତତ୍‌କାଳୀନ ବ୍ରିଟିଶ ପ୍ରଶାସନ ଘୋଷଣା କରିଥିଲେ । ଅରୁଣାଙ୍କର ଭଗ୍ନସ୍ୱାସ୍ଥ୍ୟ ଯୋଗୁଁ ସରକାରଙ୍କ ନିକଟରେ ଆତ୍ମ ସମର୍ପଣ କରିବା ପାଇଁ ଗାନ୍ଧିଜୀ ପରାମର୍ଶ ଦେଇଥିଲେ ମଧ୍ୟ ଆତ୍ମସମ୍ମାନକୁ ବଳିଦେଇ ତାହା କଦାପି କରାଯାଇ ନପାରେ ବୋଲି ସେ ନମ୍ରତାର ସହିତ ଗାନ୍ଧିଜୀଙ୍କୁ ଜଣାଇଥିଲେ ।

ଅଗଣିତ ବୀରରମଣୀ ନିଜର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗକରି ହସିହସି ସ୍ୱାଧୀନତା ସଂଗ୍ରାମର ମହାଯଜ୍ଞରେ ଡେଇଁ ଦେଇଥିଲେ । କସ୍ତୁରବା, କମଳା ନେହେରୁ, ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ, କମଳା ଦେବୀ ଚଟ୍ଟୋପାଧ୍ୟାୟଙ୍କ ପରି ବିପ୍ଳବିନୀ ମହିଳାଙ୍କ ତ୍ୟାଗର ଇୟତା ନାହିଁ । ଭାରତୀୟ ସ୍ୱାଧୀନତା ସଂଗ୍ରାମପାଇଁ ମଧ୍ୟ ଓଡ଼ିଶାର ବୀରା ରମଣୀମାନଙ୍କର ତ୍ୟାଗର ପଟାନ୍ତର ନାହିଁ । ୧୯୨୧ ମସିହା ମାର୍ଚ୍ଚ ମାସରେ ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ କାଳରେ କଟକଠାରେ ଅନୁଷ୍ଠିତ ଏକ ମହିଳା ସମାବେଶରେ ରମାଦେବୀ ଓ ସରଳାଦେବୀଙ୍କ ସମେତ ଅନ୍ୟାନ୍ୟ ପ୍ରାୟ ୫୦ ଜଣ ଦେଶପ୍ରେମୀ ମହିଳା ଯୋଗଦେଇ ଗାନ୍ଧିଜୀଙ୍କର ଆହ୍ୱାନରେ ଅନୁପ୍ରାଣିତ ହୋଇ ଆବଶ୍ୟକ ପଡ଼ିଲେ ଦେଶମାତୃକା ସେବାପାଇଁ ପ୍ରାଣପାତ କରିବାକୁ ଶପଥ ନେଇଥିଲେ । ନାରୀକବି କୁନ୍ତଳା କୁମାରୀ ସାବତ ଗାନ୍ଧିଜୀଙ୍କ ପ୍ରେରଣାରେ ଦେଶାତ୍ମବୋଧକ କବିତା ମାନ ରଚନା କରି ସ୍ୱାଧୀନତା ସଂଗ୍ରାମୀଙ୍କ ମନୋବଳ ଦୃଢ଼ କରିବାରେ ସାହାଯ୍ୟ କରିଥିଲେ ।

ଯମୁନାଲାଲ ବଜାଜ ପୁରସ୍କାର ବିଜୟିନୀ ଶ୍ରୀମତୀ ମାଳତୀ ଚୌଧୁରୀ ଅସହଯୋଗ ଆନ୍ଦୋଳନରେ ଓଡ଼ିଶାର ନାରୀ ସମାଜର ନେତୃତ୍ୱ ନେଇ ଯେଉଁ ଲୋମହର୍ଷଣକାରୀ ଘଟଣାମାନ ଘଟାଇଥିଲେ ତାହା ବାସ୍ତବରେ ସ୍ମରଣ ଯୋଗ୍ୟ । ବଞ୍ଚିତ ଜନତାର କଲ୍ୟାଣ ପାଇଁ ମାଳତୀ ଦେବୀଙ୍କର ଦରଦୀ ହୃଦୟ ଏବେ ମଧ୍ୟ ଉଦ୍‌ବେଳିତ । କାଳର କରାଳ ମୁଖରୁ ଅନେକ ଦେଶପ୍ରେମୀ ରମଣୀଙ୍କର ହଜିଲା ସ୍ମୃତିକୁ ଖୋଜି ବାହାର କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ଯେଉଁ ପୂଜନୀୟା ଚିରନମସ୍ୟା ମାତୃଜାତିର ଅସୀମ ଧୈର୍ଯ୍ୟ ଏବଂ ତ୍ୟାଗ ବଳରେ ଆମେ ଆମର କଷ୍ଟ ଲବ୍ଧ ସ୍ୱାଧୀନତା ପାଇଛୁ, ସେହି ମାତୃଜାତି ପ୍ରତି ଅବହେଳା ପ୍ରଦର୍ଶନ କରିବା ଅକ୍ଷମଣୀୟ ଅପରାଧ ବ୍ୟତୀତ ଅନ୍ୟ କିଛି ନୁହେଁ ।

---

*ଗା:/ପୋ: ଖଣ୍ଡପଡାଗଡ଼,*
*ଜି: ପୁରୀ–୭୫୨୦୭୭ ।*

■ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି । ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି ।

—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ



# ଖରାଟିଆ ଚାଷର ଉପକାରିତା

● ଡକ୍ଟର ଦାମୋଦର ଜେନା

ଖରିଫ ଋତୁ ଆମର ପ୍ରଧାନ ଫସଲ ଋତୁ । ଜ୍ୟେଷ୍ଠ, ଆଷାଢ଼ରୁ ସବୁ ପ୍ରକାର ଫସଲ ବୁଣାହୋଇ ଫସଲର ଜୀବନ କାଳ ଅନୁସାରେ ଭାଦ୍ରବଠାରୁ ଆରମ୍ଭ କରି ପୌଷ, ମାଘ ପର୍ଯ୍ୟନ୍ତ କଟାଯାଏ ବା ଉପୁଡ଼ାଯାଏ । ଧାନ କାଟିସାରି ବତର ଅନୁସାରେ ଦ୍ୱିତୀୟ ଫସଲ ବୁଣାଯାଏ ବା ଛଟାଯାଏ । ଏ ସବୁ ଫସଲ ଅଣଜଳସେଚିତ ଅଞ୍ଚଳରେ ଫାଲ୍‌ଗୁନ, ଚୈତ୍ର ସୁଦ୍ଧା ଉଠି ଯାଇଥାଏ । ଯେଉଁଠି ରବି ଫସଲ ବୁଣାବୁଣିର ସୁବିଧା ନାହିଁ ସେଠି ଖାଲି ଗୋଟିଏ ଧାନ ଫସଲ ଉଠି ଗଲାପରେ ଜମି ଖାଲି ପଡ଼ିଥାଏ । ଫସଲ ବୁଣିବାଠାରୁ କାଟିବା ଭିତରେ ଜମି ଟାଣ ହୋଇଯାଇଥାଏ । ପରବର୍ତ୍ତୀ ଫସଲ ପାଇଁ ଜମିକୁ ହଳକରି ହାଲୁକା ରଖିବା ଆବଶ୍ୟକ ହୋଇଥାଏ । ଏହି ଚାଷ ଖରାଦିନେ କରାଗଲେ ଭଲ । ଏହାକୁ ଖରାଟିଆ ଚାଷ କହନ୍ତି ।

ଓଡ଼ିଶାରେ ମାଘ ଓ ଫଗୁଣ ମାସରେ କିଛି କିଛି ବର୍ଷା ହୋଇଥାଏ ।

କଥାରେ ଅଛି ;—

"ଯଦି ବରଷଇ ମାଘର ଶେଷ,
ଧନ୍ୟ ସେ ରାଜା, ଧନ୍ୟ ସେ ଦେଶ" ।
"ମାଘ ମାସେ ବର୍ଷା ଯେବା ;
ରାଜା ଛାଡ଼େ ପ୍ରଜା ସେବା" ।
"ଯେଉଁ ବର୍ଷ ଘନ ଘନ ବୃଷ୍ଟି ମାଘ ମାସେ,
ସେଇ ବର୍ଷ ଶସ୍ୟ ବୃଦ୍ଧି ହୁଅଇ ସେ ଦେଶେ ।"
"ବରଷିଲେ ମେଘ ମକରେ,
ଧାନ ଫଳ ହୁଏ ଟିକରେ ।
ମାଘ ମାସେ ହେଲେ ବର୍ଷା ଘନ ଘନ,
ଟେକ ଜମିମାନ ହୁଏ ଶସ୍ୟପୂର୍ଣ୍ଣ ।
ଖାଲ ଢିପ ସବୁ ଜମି କର୍ଷିତ ହୁଅଇ,
ତେଣୁ କରି ଫଳ ଲାଭ ବିଶେଷ ଘଟଇ ।"

ବର୍ଷା ହେତୁ ମାଟିରେ ବତର ବଢ଼ିଯାଏ । ଏହି ସମୟରେ ଜମିକୁ ଗଭୀର ଭାବେ ହଳକରି ଛାଡ଼ିଦେବା ଦରକାର । ଏହି ଚାଷ ହେତୁ ଜମିରେ ସାନ ବଡ଼ ଢେଲୁଆ ହୁଏ । ଢେଲୁଆ ଭିତରେ ଫାଙ୍କ ରହେ । ଫାଙ୍କ ମଧ୍ୟରେ ବାୟୁ ସହଜରେ ଚଳାଚଳ କରେ । ତଳମାଟି ଉପରକୁ ଉଠିଆସେ, ଉପରମାଟି ତଳକୁ ଯାଏ । ଫସଲ ମୂଳ ଉପୁଡ଼ିଯାଏ । ମାଟିରେ ମିଶେ । ମାଟି ଝାଉଁ ଝାଉଁ ହୋଇ ଶୁଖିଯାଏ । ଅତି ପୁରାକାଳରୁ ଜଣାଯାଇଛି ଯେ, ମାଟି ଭଲ ଭାବରେ ଗରମ ହୋଇଗଲେ, ପରେ ଚାଷ କରାଯାଉଥିବା ଫସଲର ଅମଳ ବଢ଼େ । ଏଥିପାଇଁ କେହି କେହି ମାଟିକୁ ପୋଡନ୍ତି । ଏଥିରେ ପାଳ, ନଡ଼ା, ଛଣ ଗୁଣ୍ଡି, ମୂଳି ପୋଡ଼ି ଦିଅନ୍ତି । ବେଦରେ ଏହି ମୃତ୍ତିକା ଶୋଧନ କ୍ରିୟାକୁ ରାବ୍ ବୋଲି କୁହାଯାଇଛି । ଯେଉଁ ଅଞ୍ଚଳରେ ପ୍ରଚଣ୍ଡ ଖରା ହୁଏ, ସେ ଅଞ୍ଚଳରେ ଜମିକୁ ଚାଷ କରି ଛାଡ଼ିଦେଲେ ଏହା ଭାଜି ହୋଇ ଖରଡ଼ି ହୋଇଯାଏ ।

ଏହାକୁ ଆମ ଦେଶରେ ଓ ମିଶର ଦେଶରେ ସେରାକି ମଧ କୁହାଯାଏ । ମାଟିକୁ ଶୁଖାଇ ଗରମ କଲେ ଏଥିରେ ଥିବା ଜୈବିକାଂଶ ବାହ୍ୟମସ୍ ତାପମାନ ବଢ଼ିଯାଏ ଏବଂ ପରେ ବର୍ଷାରେ ଓଦା ହେଲେ ଭଲ ଭାବରେ ସଢ଼ି ପଚିଯାଏ । ଏହା ଦେହରୁ ପ୍ରଥମେ ଆମୋନିୟମ୍ ଓ ପରେ ନାଇଟ୍ରେଟ୍ ନିଷ୍କାଳିତ ହୋଇ ଝରିଆସେ । ଏହା ୭-୮ ଦିନ ଧରି ଚାଲେ । ଯେତେ ଜୋରରେ ମାଟି ଖରାଖାଇଥିବ, ଯେତେ ବେଶୀ ଦିନ ଖରାଖାଇଥିବ ଏବଂ ଏଥିରେ ଯେତେ ବେଶୀ ଜୈବିକାଂଶ ଥିବ, ମାଟି ଓଦାହେଲା ପରେ ଏଥିରୁ ସେତେ ବେଶୀ ଯବକ୍ଷାରଜାନ ନିର୍ଗତ ହେବ ଏବଂ ଫସଲ ଏହି ଯବକ୍ଷାରଜାନ ଗ୍ରହଣ କରି ହୁ ହୁ ହୋଇ ବଢ଼େ । ଟାଣ ଖରା ପରେ ତୁହାକୁ ତୁହା ବର୍ଷା ହେଲେ ଝରିବା ନାଇଟ୍ରେଟ୍ ପରିମାଣ କ୍ରମେ କମି କମି ଆସେ । ମାଟି ସମ୍ପୂର୍ଣ୍ଣ ଓଦା ହୋଇ ଶୀତଳ ହୋଇଗଲେ ଆଉ ଯବକ୍ଷାରଜାନ ଝରେ ନାହିଁ । ସାର ପ୍ରୟୋଗ କରି ଫସଲ ଚାହିଦା ପୂରଣ କରିବାକୁ ପଡ଼େ ।

ମୃତ୍ତିକାରେ ଥିବା କର୍ଦ୍ଦମ ବା କାଦୁଅର ଆକାର ଚେପ୍ଟା ଥାଳି ଭଳି ହୋଇଥିବାରୁ ଏହାର ସମ୍ପ୍ରସାରଣ ଏବଂ ସଙ୍କୁଚନ ଗୁଣ ଅଛି । ଦାନାଗୁଡ଼ିକ ଖରାରେ ଶୁଖି ଛୋଟ ଛୋଟ ହୋଇ ବଳି ହୋଇଯାନ୍ତି । ତାଙ୍କର ତାପମାନ ବେଶୀ ରହିଥାଏ । ଚାଲିଲେ ଗୋଡ଼ ତାତିଯାଏ । ମୌସୁମୀ ବୃଷ୍ଟିର ପ୍ରଥମ ଅସରାରେ

ତାପମାନ ହ୍ରାସ ପାଏ । ମୃତ୍ତିକା ଆର୍ଦ୍ରତା ବଢ଼େ । ମାଟିରୁ ବାମ୍ପ ବାହାରେ । ମାଟିରୁ ବାହାରୁଥିବା ବାସନା ମଧ୍ୟ ଅଲଗା ଜଣାପଡ଼େ । ଢେଣ୍ଡୁଆର କର୍ଦ୍ଦମାଂଶ ପାଣି ଶୋଷି ଫୁଲି ଉଠନ୍ତି । ଢେଣ୍ଡୁଆର ଓଜନ ବଢ଼ିଯାଏ । ଶୁଖିଲା ମୃତ୍ତିକାର କଣିକାଗୁଡ଼ିକର ଗ୍ରନ୍ଥିପଟେ ପାଣି ପରସ୍ତ ପରସ୍ତ ହୋଇ ଲାଖି ଯିବାରୁ ଦାନାଗୁଡ଼ିକର ପରସ୍ପର ପ୍ରତି ଆକର୍ଷଣ କମିଯାଏ । ସେମାନେ ପରସ୍ପରଠାରୁ ଛାଡ଼ି ଯାଆନ୍ତି । ମାଟି ବଉଳି ଯାଏ । ମାଟି ଝୁରୁଝୁରୁଆ ହୋଇଯାଏ । ଖସି ପଡ଼େ । ଢେଣ୍ଡୁଆ ଭିତରେ ଫାଙ୍କ ବନ୍ଦ ହୋଇଯାଏ । ମାଟି ପାଣି ଧରି ରଖେ । ଉଠୁ ଥିବା ଗଛର ଚେର ମୂଳ ଶକ୍ତ ହୋଇଯାଏ । ଗଛରୁ ଶୀଘ୍ର ପିଲ ବାହାରେ । ହିସାବରୁ ଜଣାପଡ଼େ ଯେ ମାଟିର ଗୁଣ ଓ ଖରାର ତାତି ଓ ମାଟି କେତେଦିନ ଖରା ପାଇଲା ତା' ଉପରେ ନିର୍ଭର କରି ପାଖାପାଖି ହେକ୍ଟର ପ୍ରତି ୧୦୦-୧୮୦ କି: ଗ୍ରା: ଯବକ୍ଷାରଜାନ ଯୋଗାଇଥାଏ । ଏହି ଯବକ୍ଷାରଜାନକୁ ସଦୁପଯୋଗ ପାଇଁ ଫସଲ ଖୁବ୍ ଶୀଘ୍ର ବୁଣା ହେବା ଦରକାର । ନଚେତ ଏ ଯବକ୍ଷାରଜାନ ପାଣିରେ ତଳକୁ ବହିଯାଇ ନଷ୍ଟ ହୋଇଯାଏ, ଫସଲ ଉତ୍ପାଦନ କମିଯାଏ । ଏହି କାରଣରୁ ଆମର ଜମିକୁ ଖରାଦିନେ ହଳକରି କିଆରିକୁ ଖୋଲାକରି ରଖି ଦିଆଯାଏ ଏବଂ ଖରୁଡ଼ି ଧାନ ବୁଣାଯାଏ । ଖରୁଡ଼ି ବୁଆ ଏ ଯବକ୍ଷାରଯାନ ପାଇ ଖୁବ୍ ଶୀଘ୍ର ବଢ଼େ । ସେଇଥିପାଇଁ କୁହାଯାଏ ଖରୁଡ଼ି ବୁଆ ବତୁରି ବୁଆଠାରୁ ଭଲ । ବୁଣାକୁ ରୁଆଁ ସରି ନୁହେଁ । ଏହା ଚଷ ଋତୁର ସମନ୍ୱୟର କଥା । ଖାଲ ଜମିରେ ଏଇଥିପାଇଁ ଆମେ ସାର ନ ଦେଲେ ମଧ୍ୟ ଅମଳ ହ୍ରାସ ପାଏ ନାହିଁ । ଏହା ବ୍ୟତୀତ ମାଟିରେ ଯବକ୍ଷାରଜାନ ସ୍ଥିରିକୃତ ହୋଇ ଫସଲକୁ ଯୋଗାଇଥାଏ । ଯେତେ ଯାହା ହେଲେବି ଖରାଟିଆ ଚଷ ହେତୁ ଅନ୍ୟୁନ ୩୦ କି: ଗ୍ରା: ଯବକ୍ଷାରଜାନ ମିଳିଥାଏ ।

ଖରାଟିଆ ଚଷ ହେତୁ ମାଟିରେ ଥିବା ଘାସ, ନଡା ମୂଳ, ଚେର ଇତ୍ୟାଦିରେ ଥିବା ବିଭିନ୍ନ ପୋକ, ସେମାନଙ୍କର ଅଣ୍ଡା, ଶାବକ, ଗୋଟିପୋକ, ଓ ଖୋଷା ସବୁ ମରି ନଷ୍ଟ ହୋଇଯାଆନ୍ତି । ମାଟିରେ ଥିବା ବିଭିନ୍ନ ରୋଗକାରୀ ବାକ୍ଟେରିଆ, କବକ, କିରଣ କବକ (ଆକ୍ଟିନୋ ମାଇସେଟିସ୍), ସୂକ୍ଷ୍ମ କୃମି ଓ ଅନେକ ପ୍ରକାର ଅନିଷ୍ଟକାରୀ ଅଣୁଜୀବାଣୁ ମରିଯାଆନ୍ତି ବା ସକ୍ରିୟତା ହରାଇ ବସନ୍ତି । ମାଟିରେ ଥିବା ମୁଥା, ଗେଗେଡା, ଦୁବ, ସାରଗେଡ଼, ବନ୍ଦୁଆ, ଘୁଆଁ, ହଁସପାଦିଆ, ଗରଗଡ଼ ଇତ୍ୟାଦି ଅନାବନା ଘାସର ମୂଳ ନଷ୍ଟ ହୋଇଯାଏ । ସେଗୁଡ଼ିକର ମଞ୍ଜି ମଧ୍ୟ ଖୁବ୍ ଶୀଘ୍ର ଗଜା ହୋଇ ଗୁଣ ହରାନ୍ତି । ପରେ ଫସଲ କିଆରୀରେ ଅନାବନା ଘାସ ହୁଏ ନାହିଁ ଓ ବାଛିବା ଖର୍ଚ୍ଚ କମ୍ ପଡ଼େ । ଏଣୁ ଖରାଟିଆ ଚଷ ହେତୁ ମାଟିର ଭୌତିକ, ରାସାୟନିକ ଓ ଜୈବିକ ଗୁଣରେ ପରିବର୍ତ୍ତନ ହୁଏ । ମାଟି ସୁସ୍ଥ ସବଳ ଓ ନିରୋଗ ହୋଇ ଫସଲ ଦିଏ । ଟାଣ ଖରାଟିଆ ଚଷ ଜମିରେ ଫସଲ ଖୁବ୍ ଶୀଘ୍ର ବଢ଼େ, ସେଥିରେ ରୋଗ ପୋକ ଲାଗନ୍ତି ନାହିଁ ।

କର୍ଷଣ ହେତୁ (୧) ମୃତ୍ତିକା ଗଠନ ବୃଦ୍ଧିପାଏ, ମାଟି ଫସଫସିଆ ହୁଏ, ତା' ଭିତରୁ ବାୟୁ ବାହାରକୁ ଓ ବାହାରୁ ଭିତରକୁ ସହଜରେ ଚଳପ୍ରଚଳ କରିପାରେ । ମଞ୍ଜି ଶୀଘ୍ର ଗଜା ହୁଏ, ଚେର ଟାଣ ହୁଏ । ଖୁବ୍ ତଳକୁ ଯାଏ । ମାଟି ବେଶୀ ପାଣି ଧରି ରଖେ । ମାଟିରେ ଛିଦ୍ର ସଂଖ୍ୟା ବଢ଼େ ଓ ଆକାର କମେ । ମାଟିରେ ଜଳ ସହଜରେ ପ୍ରବାହିତ ହୁଏ ଏବଂ ପରିବାହିତା ବୃଦ୍ଧି ପାଇଥାଏ । ଖରା ହେଲେ ବି, ତେର ମାଟିରୁ ଜଳ ସଂଗ୍ରହ କରିପାରି ନିଜର ଅଭାବ ପୂରଣ କରିପାରେ । ଉପର ମାଟି ଗୁଣ୍ଡ କରି ମଇ ଦେଲେ ମାଟିରୁ ବାଷ୍ପୀଭବନ ହ୍ରାସ ପାଇଥାଏ ।

ଚଷ ହେତୁ ଖତ, ସାର, ମାଟିରେ ଭଲଭାବରେ ଘେଣ୍ଟି ହୋଇଯାଏ । ଗଛକୁ ଚାରିଆଡ଼େ ସମାନ ଭାବରେ ମିଳିଥାଏ । ଫସଲ ଏକମାଛା ହୋଇ ବଢ଼ନ୍ତି ।

(୨) ମୃତ୍ତିକାର ତାପକ୍ରମ ତାରତମ୍ୟ ବେଶୀ ରହେ ନାହିଁ । ମୃତ୍ତିକାରେ ଅମ୍ଳଜାନ ପରିମାଣ ବୃଦ୍ଧିପାଏ । ଗଛର ଉପର ଅଂଶ ଡାଳ, ଶାଖା, ପ୍ରଶାଖା, ପତ୍ର ଓ ତଳ ଅଂଶ ଚେର, ତାହାର ଶାଖା ଓ ପ୍ରଶାଖା ଚେରର ବୃଦ୍ଧିରେ ସମତା ରହେ । ଗଛ ସହଜରେ ପବନରେ ପଡ଼ିଯାଏ ନାହିଁ ।

(୩) ଫସଲରେ ଶତ୍ରୁ- ରୋଗ ଓ ପୋକ ପରିମାଣ କମିଯାଏ ।

(୪) ଅମଳ ଅଧିକ ମିଳେ ।

---

*କୃଷି କଲେଜ, ଭୁବନେଶ୍ୱର ।*

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ ?
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?

—ଉତ୍କଳ ଗୌରବ ମଧୁସୂଦନ ଦାସ



# ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନାରୀ

● ଡଃ ବୀଣାପାଣି ସିଂହ

ନାରୀ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଇତିହାସ ପୃଷ୍ଠା ଲେଉଟାଇଲେ ଆମେ ଦେଖିପାରିବା ଯେ ବହୁ ମହୀୟସୀ ମହିଳା ସ୍ୱୀୟ ପ୍ରତିଭା ବଳରେ ପୃଥିବୀ ବକ୍ଷରେ ବହୁ କୃତି ସାଉଁଟି ରଖିଯାଇଛନ୍ତି । ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି । କ୍ଲିଓପେଟ୍ରା, ଏଲିଜାବେଥ୍, ଜୋଆନ୍ ଅଫ୍ ଆର୍କ, ଲୀଳାବତୀ, ସୁଲତାନ ରେଜିଆ, ନୁରଜାହାନ, ରାଣୀ ଦୁର୍ଗାବତୀ, ଲକ୍ଷ୍ମୀବାଈ ପ୍ରଭୃତି ରାଷ୍ଟ୍ର ତଥା ଯୁଦ୍ଧ ପରିଚାଳନା କ୍ଷେତ୍ରରେ ନିଜକୁ ସୁପ୍ରତିଷ୍ଠିତ କରାଇ ପାରିବା ସହିତ ସାହିତ୍ୟ, ସଙ୍ଗୀତ, କଳା, ଗବେଷଣା ଓ ବିଜ୍ଞାନ ଅଧ୍ୟୟନ କ୍ଷେତ୍ରରେ ମଧ୍ୟ ଅନେକ ସୁଖ୍ୟାତି ଅର୍ଜନ କରିଛନ୍ତି ।

ଭାରତର ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ଇତିହାସକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ନାରୀ ଯୁଗେ ଯୁଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଭାରତବର୍ଷର ବିରାଟ ଇତିହାସରେ ଅଗଣିତ ନାରୀ ନିଜ ନିଜର କ୍ରିୟାକଳାପ ଦ୍ୱାରା ସମସାମୟିକ ସମାଜରେ ପୁରୁଷମାନଙ୍କଠାରୁ ଅଧିକ ସମ୍ମାନିତା ହୋଇଛନ୍ତି, କିନ୍ତୁ ଇତିହାସ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପାଶୋରି ଦେଇଛି ।

ନାରୀ ଶକ୍ତି ଉପରେ ଗାନ୍ଧିଜୀଙ୍କର ଅଖଣ୍ଡ ବିଶ୍ୱାସ ଥିଲା । ଥରେ ଏକ ସମାବେଶରେ ନାରୀମାନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ – "ମୁଁ ଯଦି ନାରୀଟିଏ ହୋଇ ଜନ୍ମିଥାନ୍ତି, ତେବେ ପୁରୁଷର କ୍ରୀଡ଼ନକ ହୋଇ ରହିବା ବିରୋଧରେ ନିଶ୍ଚୟ ବିଦ୍ରୋହ କରିଥାନ୍ତି । ନାରୀର ହୃଦୟ ଭିତରେ ପ୍ରବେଶ କରି ତା'ର ହୃଦୟ ବେଦନା ବୁଝିବା ଲାଗି ମୁଁ ଆଗ ନିଜକୁ ନାରୀ ରୂପେ କଳ୍ପନା କରିଛି । ଯେ ପର୍ଯ୍ୟନ୍ତ ସେହି ଚିରାଚରିତ ଏବଂ ତଥାକଥିତ ପୁରୁଷୋଚିତ ଅଧିକାର ଭିତରୁ ମୋର ପତ୍ନୀକୁ ମୁଁ ମୁକ୍ତି ଦେଇପାରି ନଥିଲି, ସେ ପର୍ଯ୍ୟନ୍ତ ମୋର ପତ୍ନୀକୁ ମଧ୍ୟ ମୁଁ ବୁଝିପାରି ନଥିଲି । ପତ୍ନୀ ହେଉଛି ପତିର ସାଥୀ, ସହଧର୍ମିଣୀ ଏବଂ ସୁଖ ଦୁଃଖରେ ସମଭାଗିନୀ ଓ ଅର୍ଦ୍ଧାଙ୍ଗିନୀ । ନିଜ ପଥରେ ନିଜେ ଚାଲିବାର ସମସ୍ତ ସ୍ୱାଧୀନତା ତା'ର ନିଶ୍ଚୟ ଅଛି । ମୁଁ ତୁମମାନଙ୍କଠାରୁ ବହୁତ କିଛି ଆଶା କରେ । ମୋର ବିଶ୍ୱାସ ନାରୀମାନେ ସ୍ୱାଧୀନତା ସଂଗ୍ରାମରେ ସମ୍ପୂର୍ଣ୍ଣ ରୂପେ ଭାଗ ନେବେ । ଆମ କାମ ଏତେ ସରଳ ଯେ କେବଳ ନାରୀମାନେ ହିଁ ଏହାକୁ ଅନାୟାସରେ ପରିଚାଳନା କରିପାରିବେ ।" ଭାରତର ନାରୀ ଶକ୍ତି ଉପରେ ଯଥେଷ୍ଟ ଆଶା ଓ ବିଶ୍ୱାସ ରଖି ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନରେ ଡାକରା ଦେଇଥିଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଇଂରେଜ ଶାସନ ବିରୁଦ୍ଧରେ ଏ ଦେଶରେ ଯେଉଁ ଜନଜାଗରଣ ଦେଖାଦେଲା, ତାକୁ ଅବ୍ୟାହତ ରଖିବା ପାଇଁ ବହୁ ମହୀୟସୀ ନାରୀ କାରାବରଣ କଲେ, ଆତ୍ମୋତ୍ସର୍ଗ କଲେ, ଶହୀଦ ହେଲେ । ସେମାନଙ୍କ ମଧ୍ୟରୁ ଓଡ଼ିଶାର ରମା ଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀଙ୍କ ପରି ବିଶିଷ୍ଟ ନାରୀ ନେତ୍ରୀମାନେ ସୁପରିଚିତା । ଏମାନଙ୍କ ବ୍ୟତୀତ ବହୁ ନାରୀ କର୍ମୀ ସେତୁବନ୍ଧର ଗୁଣ୍ଡୁଚି ମୂଷା ପରି ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତାକୁ ଓଡ଼ିଶାର ପୁରପଲ୍ଲୀରେ ପ୍ରସାର କରିଛନ୍ତି । ତତ୍କାଳୀନ ଲେଖକ ଲେଖିକାମାନଙ୍କର ଯୁଗୋପଯୋଗୀ ରଚନା ନାରୀମାନଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରି ପାରିଥିଲା । କୁନ୍ତଳା କୁମାରୀ ସାବତଙ୍କ ପରି ମହାନ କବୟିତ୍ରୀଙ୍କ ଆହ୍ୱାନ ଉତ୍କଳୀୟ ନାରୀମାନଙ୍କ ହୃଦୟ ଭିତରେ ଜାତୀୟତା ଭାବ ଉନ୍ମେଷ କଲା । ସାମାଜିକ ସ୍ଥିତି, ଦାୟିତ୍ୱବୋଧ ଏବଂ ନିଜ ଅଧିକାର ବିଷୟରେ ସେମାନେ ଆହୁ ସଚେତନ ହୋଇ ଉଠିଲେ । ଯା' ଫଳରେ କି ନାରୀ ଆଉ "ମହାଜନର ଝରକା ହୀନ ଧାନକୋଠି" ପରି ସମାଜ କୋଠିରେ ବନ୍ଦିନୀ ହେଲା ନାହିଁ । ଉତ୍କଳୀୟ ନାରୀ ଅନୁଭବ କଲା ସମାଜରେ ଥିବା ତା'ର ନିଜସ୍ୱ ଗୁରୁ ଦାୟିତ୍ୱ । .....ସ୍ୱାଧୀନ ବାସ୍ତବ ଜୀବନ ସହିତ ମୁକାବିଲା କରିବାକୁ ସେ ଶ୍ରେୟସ୍କର ମଣିଲା । "ସ୍ୱାଧୀନତା ମଣିଷର ଜନ୍ମଗତ ଅଧିକାର" – ଉକ୍ତିକୁ ହୃଦୟଙ୍ଗମ କରି ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲା ।

ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ଇତିହାସର ପୃଷ୍ଠା ମଣ୍ଡନ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ନାରୀ ନେତ୍ରୀଙ୍କ ସମ୍ପର୍କରେ ସମ୍ୟକ ସୂଚନା ଦେଉଛି ମାତ୍ର ।

### ଅମର ବିପ୍ଳବିଣୀ ମା' ରମା ଦେବୀ :

ଶ୍ରୀମତୀ ରମା ଦେବୀ କଟକ ସହରରେ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପାଙ

ନାମ ଗୋପାଳ ବଲ୍ଲଭ ଦାସ, ମା'ଙ୍କ ନାମ ବସନ୍ତ କୁମାରୀ ଦେବୀ। ତାଙ୍କ ବାପା ସେତେବେଳର ଡେପୁଟି କଲେକ୍ଟର, ବଡ଼ବାପା ଉତ୍କଳ ଗୌରବ ମଧୁସୂଦନ ଦାସ। ସ୍ନେହ, ଆଦର, ପ୍ରାଚୁର୍ଯ୍ୟ ଭିତରେ ବଢ଼ି ମାତ୍ର ୧୫ ବର୍ଷ ବୟସରେ ରମା ଦେବୀ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କଲେ। ଜାତୀୟବାଦୀ ତଥା ଚିନ୍ତାଶୀଳ ଗୋପବନ୍ଧୁ ଚୌଧୁରୀ ସେତେବେଳର ଡେପୁଟି ମାଜିଷ୍ଟ୍ରେଟ ଥିଲେ । ବାପୁଜୀଙ୍କ ଆହ୍ୱାନରେ ରମା ଦେବୀ ପରିବାରର ସମସ୍ତ ପରମ୍ପରାକୁ ଉପେକ୍ଷା କରି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ପାଟପଟନ ଆଡ଼େଇ ଦେଇ ଖଦଡ଼ ଶାଢ଼ୀ ପିନ୍ଧିଲେ। ନିଜର ସମସ୍ତ ଅଳଙ୍କାର ସତ୍ୟାଗ୍ରହ ଆନ୍ଦୋଳନ ପାଇଁ ଦାନ କରି ଦେଲେ। ବାଲେଶ୍ୱରର ଇଞ୍ଚୁଡ଼ି ଓ କଟକର ବିଭିନ୍ନ ସ୍ଥାନରେ ଲବଣ ସତ୍ୟାଗ୍ରହ କରିବା ସଙ୍ଗେ ସଙ୍ଗେ ଅସହଯୋଗର ବାର୍ତ୍ତା ପ୍ରଚାର କଲେ। ଫଳରେ ୧୯୩୦ ମସିହା ନଭେମ୍ବର ୧୧ ତାରିଖ ରାତି ୧୦ଟାରେ କଟକରେ ଗିରଫ ହୋଇ ଆଠମାସ ଜେଲ୍‌ରେ ରହିଲେ। ଜେଲ୍‌ରୁ ଫେରି ପୁଣି ଆନ୍ଦୋଳନରେ ଭାଗ ନେଇ କାରାବରଣ କଲେ। ଅଖିଳ ଭାରତ ସେବକ ସଙ୍ଘ, ଓଡ଼ିଶା ଶାଖାର ସେ ସମ୍ପାଦିକା ଥିଲେ। ବରୀ ତାଙ୍କ କର୍ମ କ୍ଷେତ୍ର ଥିଲା। ସେଠାରେ ୮ ବର୍ଷ ରହି ବାପୁଜୀଙ୍କ ନିର୍ଦ୍ଦେଶରେ ନାନା ପ୍ରକାର ଗଠନାତ୍ମକ କାର୍ଯ୍ୟ କଲେ। ସର୍ବଭାରତୀୟ ଚରଖା ସଙ୍ଘର ସେ କୋଷାଧ୍ୟକ୍ଷ ଥିଲେ। ରମା ଦେବୀଙ୍କ ପ୍ରେରଣାରେ ଅନେକ ନାରୀ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଲେ। ଓଡ଼ିଶାରେ ପ୍ରୌଢ଼ ଶିକ୍ଷାର ପ୍ରସାର, ନାରୀ ଶିକ୍ଷାର ପ୍ରସାର, ହରିଜନମାନଙ୍କର ସାମୁହିକ ଉନ୍ନତି, ଚରଖାର ପ୍ରସାର ପ୍ରଭୃତି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କଲେ। ସମାଜ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ୧୯୮୧ ମସିହାରେ ତାଙ୍କୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରାଯାଇ ଏକଲକ୍ଷ ଟଙ୍କାର ଯମୁନାଲାଲ୍ ବଜାଜ୍ ପୁରସ୍କାର ଦିଆଗଲା। କିନ୍ତୁ ସେ ଅର୍ଥକୁ ମା' ରମା ଦେବୀ ସମାଜର ଉନ୍ନତି ପାଇଁ ଦାନ କରିଦେଲେ। ୧୯୮୫ ମସିହା ଜୁଲାଇ ୨୨ ତାରିଖ ରାତି ୨ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ।

## ଶ୍ରୀମତୀ ମାଳତୀ ଚୌଧୁରୀ :

ଶ୍ରୀମତୀ ମାଳତୀ ଚୌଧୁରୀ ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତାର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା କୁମୁଦବନ୍ଧୁ ସେନ୍ ଜଣେ ପ୍ରଖ୍ୟାତ ଆଇନଜ୍ଞ ଥିଲେ। ମା' ଶ୍ରୀମତୀ ସ୍ନେହଲତା ସେନ୍ ଜଣେ ଧର୍ମପରାୟଣା ମହିଳା। ମାଳତୀ ଦେବୀ ପିଲାଟି ଦିନରୁ ସ୍ୱାଧୀନଚେତା ଥିଲେ। ସେ ଇଂରେଜମାନଙ୍କ ଶାସନକୁ ଘୃଣା କରିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଶିକ୍ଷାକୁ ମଧ୍ୟ ଘୃଣା କରୁଥିଲେ। ମାଟ୍ରିକ୍ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଉଚ୍ଚ ଶିକ୍ଷା ଲାଭ ପାଇଁ ମନ ବଳାଇଲେ, କିନ୍ତୁ ତତ୍କାଳୀନ ବ୍ରିଟିଶ୍ ଶିକ୍ଷା ପଦ୍ଧତିକୁ ବର୍ଜନ କରିବାର ସଂକଳ୍ପ ନେଇ ଶାନ୍ତିନିକେତନରେ ବିଦ୍ୟାଭ୍ୟାସ କରିବାକୁ ରବୀନ୍ଦ୍ରନାଥଙ୍କ ଅନୁମତି ଲୋଡ଼ିଲେ। ସେତେବେଳେ ଶାନ୍ତିନିକେତନରେ ସ୍ତ୍ରୀମାନଙ୍କର ସ୍ଥାନ ନଥିଲା। ମାଳତୀଙ୍କ ଅନୁରୋଧ ରକ୍ଷା କରି ରବୀନ୍ଦ୍ରନାଥ ଶାନ୍ତିନିକେତନରେ ଛାତ୍ରୀନିବାସର ସୁବନ୍ଦୋବସ୍ତ କଲେ। ମାଳତୀ [illegible] ୧୯୨୭ରେ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲେ ଓ ପରେ ଓଡ଼ିଶାକୁ ଆସି ତାଙ୍କ କର୍ମମୟ ଜୀବନ ଆରମ୍ଭ କଲେ। ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗ ଦେଲେ ଓ କୁଜଙ୍ଗ ଅଞ୍ଚଳ ହେଲା ତାଙ୍କ ମୁଖ୍ୟ କର୍ମ କ୍ଷେତ୍ର। ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ ଯୋଗଦାନ କରି ସେ କାରାବରଣ କଲେ ୧୯୩୦ ସେପ୍ଟେମ୍ବର ୨୦ ତାରିଖରେ ଓ ୬ ମାସ ଜେଲ୍‌ରେ ରହିଲେ। ତାଙ୍କ ବିପ୍ଳବାତ୍ମକ ଆନ୍ଦୋଳନରେ ଇଂରେଜ ସରକାର ଅତିଷ୍ଠ ହୋଇ ୧୯୩୨ରେ ତାଙ୍କୁ ପୁଣି ଗିରଫ କରି ହଜାରିବାଗ ଜେଲ୍‌ରେ ରଖିଲେ। ୧୯୩୪ରେ ସେଠାରୁ ସେ ମୁକ୍ତି ପାଇଲେ।

ଜାତୀୟ ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମରେ ଜଣେ ବିପ୍ଳବିନୀ ନାରୀ ତଥା ସଂଗ୍ରାମୀ ରୂପେ ସେ ସମ୍ମାନିତା। ତାଙ୍କ ସଂଗ୍ରାମର ପରିସର ଆଜି ସମଗ୍ର ଓଡ଼ିଶାରେ ପରିବ୍ୟାପ୍ତ। ସବୁଠି ସେ ନେତୃତ୍ୱର ମୂର୍ତ୍ତିମନ୍ତ ପ୍ରତୀକଟିଏ। ବଜ୍ର କଠୋର ବିପ୍ଳବୀ ଭାବମୂର୍ତ୍ତିର ଅନ୍ତରାଳରେ ସଭିଙ୍କ ପାଇଁ ଆଜି ସେ ସ୍ନେହଶୀଳା ମା'ଟିଏ — ନମସ୍ୟା "ନୁମା"।

## ଶ୍ରୀମତୀ ସରଳା ଦେବୀ :

କଟକ ଜିଲ୍ଲା ବାଲିକୁଦାର ଏକ ସମ୍ଭ୍ରାନ୍ତ, ରକ୍ଷଣଶୀଳ, ଜମିଦାର ପରିବାରରେ ୧୯୦୪ ମସିହା ଅଗଷ୍ଟ ୯ ତାରିଖରେ ସରଳା ଦେବୀଙ୍କ ଜନ୍ମ। ସରଳା ପିଲାଟି ଦିନରୁ ତାଙ୍କ ଦାଦାଙ୍କ ପାଖରେ ବାଙ୍କୀରେ ରହି ପଢୁଥିଲେ। ଦାଦା ବାଙ୍କୀର ଡେପୁଟି କଲେକ୍ଟର ଥିଲେ। ରାଣୀ ଶୁକ ଦେଇଙ୍କ କଥା ଶୁଣି ସରଳା ଦେବୀ ଜାତୀୟତା ଭାବରେ ଉଦ୍‌ବୁଦ୍ଧ ହୋଇ ଉଠିଲେ। ....ବିଂଶ ଶତାବ୍ଦୀର ପ୍ରଥମ ସପ୍ତାହରେ ସାରା ଭାରତରେ ନାରୀ ଜାତୀୟତା ଆନ୍ଦୋଳନରେ ଯୋଗ ଦେଇଥିଲେ ହେଁ ଓଡ଼ିଆ ଝିଅ, ବୋହୂ ପରଦା ଚାରିକାନ୍ଥ ଭିତରେ ଲୁଚି ରହିଥିଲା। ସମାଜର କୁସଂସ୍କାର ଓଡ଼ିଆ ନାରୀକୁ ବାନ୍ଧି ରଖିଥିଲା। ଏସବୁ ଦେଖି ସରଳା ଦେବୀ ଅତିଷ୍ଠ ହୋଇ ଉଠିଥିଲେ। ୧୯୨୮ ମସିହାରେ ସରଳା ମାତ୍ର ଚଉଦବର୍ଷ ବୟସରେ ଭାଗିରଥୀ ମହାପାତ୍ରଙ୍କୁ ବିବାହ କଲେ। ସ୍ୱାମୀ ଜଣେ ସ୍ୱାଧୀନ ଚେତା ବ୍ୟକ୍ତି ତଥା ସ୍ୱାଧୀନତା ସଂଗ୍ରାମର ଜଣେ ସକ୍ରିୟ ସଭ୍ୟ ଥିଲେ। ମଣିକାଞ୍ଚନ ପରି ଏ ଦୁହିଁଙ୍କର ମିଳନ ହେଲା। ନିଜ ମନର ଦୃଢ଼ତା ତଥା ସ୍ୱାମୀଙ୍କର ମହାନ୍ ଆଦର୍ଶ ଭାବ, ପୁଣି ସହଯୋଗ ସରଳାଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବାକୁ ପ୍ରେରଣା ଦେଲା। ଦେଶ ମାତୃକା ପାଇଁ କିଛି କରିବା ପାଇଁ ସେ ମନ ଭିଡ଼ିଲେ।

## ଶ୍ରୀମତୀ ଚମ୍ପା ଦେବୀ :

ସମାଜ ସେବିକା ଚମ୍ପା ଦେବୀ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟସ୍ଥ 'ତୁରା' ଗ୍ରାମରେ ୧୯୦୪ ମସିହା ଅଗଷ୍ଟ ମାସରେ ଜନ୍ମ ଗ୍ରହଣ କରିଥିଲେ। ଅନ୍ୟର ଦୁଃଖ କଷ୍ଟ ସେ ସହିପାରୁ ନଥିଲେ। ଅନାଥ, ଅସହାୟ, ପତିତା ଝିଅ ଓ ପରିତ୍ୟକ୍ତା ମହିଳାଙ୍କ ପାଇଁ ତାଙ୍କ ମନ ବିକଳ ହେଉଥିଲା। ସେ

ଥିଲେ। ସମାଜରେ ବିଧବାର ଅସହାୟତା ହୃଦୟଙ୍ଗମ କରି ବିଧବା ବିବାହର ପୁନରୁଦ୍ଧାର କରିବାକୁ ସେ ଆପ୍ରାଣ ଚେଷ୍ଟା କରିଥିଲେ। ପରିତ୍ୟକ୍ତ ସନ୍ତାନଙ୍କୁ ରାସ୍ତା କଡ଼ରୁ ଗୋଟେଇ ଆଣି ନିଜ ସନ୍ତାନ ପରି ପାଳି ପୋଷି ବଡ଼ କରିବା ଥିଲା ତାଙ୍କ କର୍ମମୟ ଜୀବନର ପ୍ରଧାନ ଅଙ୍ଗ। ସମାଜ ସେବା ସହିତ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ, ଆଇନ ଅମାନ୍ୟ କଲେ; ଇଂରେଜ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ।

## ଶ୍ରୀମତୀ ଗୋଦାବରୀ ଦେବୀ :

କଟକ ଜିଲ୍ଲାର ଯାଜପୁର ସବଡିଭିଜନର କଲ୍ୟାଣପୁରରେ ଗୋଦାବରୀ ଦେବୀଙ୍କ ଜନ୍ମ। ପିଲାଟି ଦିନରୁ ସେ ମାତୃହରା। ଜେଜେମା'ଙ୍କଠାରୁ ସ୍ନେହ ପାଇଲେ ବି ସେ ସବୁବେଳେ ମା'ଙ୍କୁ ଝୁରି ହେଉଥିଲେ, କହୁଥିଲେ–"ଠାକୁରେ, ମୋ ମା'ଙ୍କୁ କାହିଁକି ନେଇଗଲ ?" ଗୋଦାବରୀଙ୍କର ସମ୍ପର୍କୀୟ ଦାଦା ରଘୁନାଥ ଦାଶ ଥରେ ତାଙ୍କୁ କହିଲେ–"ଝିଅ ! ଠାକୁର, ଠାକୁର ହେଲେ ସେ ତ ଆସି କଥା କହିବେନି — ମଣିଷ ଭିତରେ ସେ ବିଦ୍ୟମାନ। ବାପୁଜୀ ପରା କହିଛନ୍ତି — ଆମେ ମଣିଷଙ୍କ ପାଇଁ କାମ କଲେ ଠାକୁର ଖୁସି ହୁଅନ୍ତି।" ଦାଦାଙ୍କ କଥା ଗୋଦାବରୀଙ୍କ ପାଇଁ ବେଦବାକ୍ୟ ହୋଇଗଲା। ସେତେବେଳେ ତାଙ୍କ ଗାଁରୁ ଅନେକ ଲୋକ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେଣି, ଲୋକେ ବିଦେଶୀ ବସ୍ତ୍ର ବର୍ଜନ କରି ସ୍ୱଦେଶୀ ଲୁଗାର ଆଦର କଲେଣି। ବାପୁଜୀଙ୍କ ଆହ୍ୱାନ, ଗୋପବନ୍ଧୁଙ୍କ ସ୍ୱାର୍ଥହୀନ ସେବା, ରମା ଦେବୀଙ୍କ ସଂଗ୍ରାମୀ ଜୀବନ ଗୋଦାବରୀଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାକୁ ପ୍ରେରଣା ଦେଲା ଓ ସେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ।

## ଶ୍ରୀମତୀ କୋକିଳ ଦେବୀ :

ଭଦ୍ରକର ସ୍ୱନାମଧନ୍ୟ ଜାତୀୟବାଦୀ ପ୍ରଖ୍ୟାତ ଆଇନଜ୍ଞ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ରଙ୍କ କନ୍ୟା କୋକିଳ ଦେବୀ ସ୍ୱାଧୀନତା ଆନ୍ଦୋଳନର ଜଣେ ବିଶିଷ୍ଟ ନାରୀ ନେତ୍ରୀ। ତାଙ୍କ ପରିବାରର ସମସ୍ତେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାର ନାରୀମାନଙ୍କ ମହଲରେ ସେ "କକ ମାଉସୀ" ହିସାବରେ ପରିଚିତା।

## ଶ୍ରୀମତୀ ନିର୍ମଳା ଦେବୀ :

ସ୍ୱାଧୀନତା ଆନ୍ଦୋଳନ ପାଇଁ ନିଜ ପରିବାରରୁ ପ୍ରେରଣା ପାଇଥିଲେ ନିର୍ମଳା ଦେବୀ। ତାଙ୍କ ସ୍ୱାମୀ ଗଜେନ୍ଦ୍ର ପ୍ରସାଦ ଦାସ ବିହାର-ଓଡ଼ିଶା ସରକାରଙ୍କର ଓଡ଼ିଶା ପାଇଁ ସରକାରୀ ଓକିଲ ଥିଲେ। ଓଡ଼ିଶା ଓ ବିହାରରେ ନାରୀମାନଙ୍କର ଉନ୍ନତି ପାଇଁ ତଥା ସେମାନଙ୍କ ପାଖରେ ସ୍ୱାଧୀନତା ବାର୍ତ୍ତା ପହଞ୍ଚାଇବା ପାଇଁ ନିର୍ମଳା ଦେବୀଙ୍କ ନିଷ୍ଠା ପ୍ରଶଂସନୀୟ।

## ଶ୍ରୀମତୀ ଜାହ୍ନବୀ ଦେବୀ :

ଜାହ୍ନବୀ ଦେବୀ ପିଲାଟି ଦିନରୁ ପିତାଙ୍କଠାରୁ ପ୍ରେରଣା ପାଇ ଜାତୀୟ ଭାବାପନ୍ନ ହୋଇଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦ ଦାସ ଓଡ଼ିଶା ବିଧାନ ସଭାର ପ୍ରଥମ ବାଚସ୍ପତି ଥିଲେ। ସ୍ପଷ୍ଟବାଦୀ ଓ ନିର୍ଭୀକ ପ୍ରକୃତିର ସ୍ୱାମୀଙ୍କଠାରୁ ପ୍ରେରଣା ପାଇ ଜାହ୍ନବୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ନିଜର କର୍ତ୍ତବ୍ୟନିଷ୍ଠା ଓ ଦେଶପ୍ରେମ ଯୋଗୁଁ ଜଣେ ବିଶିଷ୍ଟ ନାରୀ ନେତ୍ରୀ ରୂପେ ପରିଚିତା ହେଲେ।

## ଶ୍ରୀମତୀ ଶୋଭାବତୀ ପଣ୍ଡା :

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ୧୯୧୩ ମସିହାରେ ଶୋଭାବତୀ ଜନ୍ମ ଗ୍ରହଣ କରିଥିଲେ। ସ୍ୱାମୀ ଅନ୍ତର୍ଯ୍ୟାମୀ ପଣ୍ଡା ଦେଶପ୍ରେମୀ ତଥା ସ୍ୱାଧୀନତା ସଂଗ୍ରାମୀ ଥିଲେ। ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ବୋହୂ ତତ୍କାଳୀନ ସମୟର ସାମାଜିକ କଟକଣା ଓ ନାଲି ଆଖିକୁ ଏଡ଼େଇ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ।

## ଶ୍ରୀମତୀ କିଶୋରୀମଣି ଦେବୀ :

ଗଞ୍ଜାମର ସୁପରିଚିତ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ପତ୍ନୀ କିଶୋରୀମଣି ବାପୁଜୀଙ୍କ ଆହ୍ୱାନ ତଥା ପତିଙ୍କ ପ୍ରେରଣାରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ। କାୟା ସଙ୍ଗେ ଛାୟା ରହିଲା ପରି ସ୍ୱାମୀଙ୍କ ସହ ସେ କଂଗ୍ରେସ ସଙ୍ଗଠନର ଦାୟିତ୍ୱ ବହନ କରିଥିଲେ।

## ଶ୍ରୀମତୀ କୁନ୍ଦଲତା ଦେବୀ :

ଗଞ୍ଜାମର ଗୋବରାଠାରେ ୧୯୩୦ ମସିହାରେ ସରଳା ଦେବୀ ନାରୀମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କର ଆର୍ଥିକ ସାହାଯ୍ୟ ତଥା ସହଯୋଗ କାମନା କରୁଥିଲା ବେଳେ ତାଙ୍କ ଭାଷଣରେ ପ୍ରଭାବିତ ହୋଇ କୁନ୍ଦଲତା ନିଜ ସୁନା ଅଳଙ୍କାର ସତ୍ୟାଗ୍ରହ ପାଣ୍ଠିକୁ ଦାନ କରିଥିଲେ। ସ୍ୱାମୀ ବାଞ୍ଛାନିଧି ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀ ଥିଲେ।

## ଶ୍ରୀମତୀ ସରସ୍ୱତୀ ଦେବୀ :

ସରସ୍ୱତୀ ଦେବୀ ପୁରୀରେ "ବାକି ଅପା" ଅବା ବାକ୍ୟ ଦେବୀ ନାମରେ ସୁପରିଚିତା। ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ। ତାଙ୍କର ଉଲ୍ଲେଖଯୋଗ୍ୟ ସମାଜ ସେବା ପାଇଁ ଭାରତର ପ୍ରଥମ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦଙ୍କଠାରୁ ସେ ସ୍ୱତନ୍ତ୍ର ପ୍ରଶଂସା ପତ୍ର ପାଇଥିଲେ।

## ଶ୍ରୀମତୀ ବରଲକ୍ଷ୍ମୀ ଦେବୀ :

ଆସ୍କାର କୋରଡ଼ା ବୀର ରାଜୁଙ୍କ ପତ୍ନୀ ବରଲକ୍ଷ୍ମୀ ଦେବୀ ସ୍ୱାମୀଙ୍କ ପ୍ରେରଣା ତଥା ବାପୁଜୀଙ୍କ ଆହ୍ୱାନରେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ। ତାଙ୍କ କନ୍ୟାମାନେ ମଧ୍ୟ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିଥିଲେ।

## ଶ୍ରୀମତୀ ହେମଲତା ସାମନ୍ତ :

ସାରା ଓଡ଼ିଶାରେ ନାରୀମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଆନ୍ଦୋଳନକୁ ସକ୍ରିୟ କଲାବେଳେ ଖଲ୍ଲିକୋଟର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରୀଶଙ୍କର ସାମନ୍ତଙ୍କ ପତ୍ନୀ ହେମଲତା ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ।

## ଶ୍ରୀମତୀ ଅପୂର୍ବ ଦେବୀ :

ଗଞ୍ଜାମର କୋଦଳା ଅନ୍ତର୍ଗତ ପଦ୍ମପୁର ନୂଆଗାଁର ବଲ୍ଲଭ ନାୟକଙ୍କ ପତ୍ନୀ ଅପୂର୍ବ ଦେବୀ ଜଣେ ବିଶିଷ୍ଟ ନାରୀ ନେତ୍ରୀ । ସ୍ୱାମୀଙ୍କ ସହ ମିଶି ସେ ଖଲ୍ଲିକୋଟ ଅଞ୍ଚଳରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

## ଶ୍ରୀମତୀ ସୂର୍ଯ୍ୟାମା :

ବ୍ରହ୍ମପୁର ସ୍ୱାଧୀନତା ସଂଗ୍ରାମୀ ମାଷ୍ଟର ସାନେସ୍ୱାଙ୍କ ପତ୍ନୀ ସୂର୍ଯ୍ୟାମା ସ୍ୱାମୀଙ୍କ ସହ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ ଦେଶପ୍ରେମୀ ତଥା ସ୍ୱାଧୀନଚେତା ମହିଳା ଥିଲେ ।

## ଶ୍ରୀମତୀ ପି: ତାରାମ୍ମା :

ଗଞ୍ଜାମର ପାରଳାଖେମୁଣ୍ଡିରେ ୧୯୦୦ ମସିହାରେ ମେ ୨୭ ତାରିଖରେ ପି: ତାରାମ୍ମାଙ୍କ ଜନ୍ମ । ପିତା ପି: ସତ୍ୟନାରାୟଣ ଜଣେ ସ୍ୱାଧୀନଚେତା ବ୍ୟକ୍ତି । ପିତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପି: ତାରାମ୍ମା ଜାତୀୟ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ ।

## ଶ୍ରୀମତୀ ଅବନ୍ତି ଲକ୍ଷ୍ମୀବାଇ :

ଭି. ଭି. ଯୋଗେସ୍ୱା ପାନ୍ତୁଲଙ୍କ ସୁଯୋଗ୍ୟା କନ୍ୟା ଲକ୍ଷ୍ମୀବାଇ ବ୍ରହ୍ମପୁର ସହରର ଜଣେ ବିଶିଷ୍ଟ ନାରୀ ନେତ୍ରୀ । ପିଲାଟି ଦିନରୁ ସେ ସ୍ୱାଧୀନଚେତା ଓ ନିର୍ଭୀକ ଥିଲେ । ବାପୁଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୩୦ ମସିହାରେ ଓଡ଼ିଶାର ଅନ୍ୟାନ୍ୟ ନାରୀମାନଙ୍କ ସହ ଆଇନ ଅମାନ୍ୟ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ ।

## ଶ୍ରୀମତୀ କୃଷ୍ଣକାମିନୀ ଦେବୀ :

୧୯୧୧ ମସିହା ଜାନୁଆରୀ ୧୩ ତାରିଖରେ ଯାଜପୁରର ବରିହୂଳରେ କୃଷ୍ଣକାମିନୀଙ୍କର ଜନ୍ମ । ପିତା ଥିଲେ ସୁବୋଧ ଦାସ ଓ ସ୍ୱାମୀଙ୍କ ନାମ ଥିଲା ଡାକ୍ତର ସୁବୋଧ ଦାସ । ସ୍ୱାମୀଙ୍କ ସମାଜ ସେବା, ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କୃଷ୍ଣକାମିନୀଙ୍କୁ ପରଦାର ଅନ୍ତରାଳରୁ ଆସିବା ପାଇଁ ଅନୁପ୍ରେରିତ କରିଥିଲା । ବାପୁଜୀଙ୍କ ଆହ୍ୱାନ ତାଙ୍କ ହୃଦୟରେ ଚିନ୍ତା ଓ ଚେତନା ଜାଗ୍ରତ କଲା । ରମା ଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀଙ୍କ ସହ ହାତକୁ ହାତ ମିଶାଇ ସେ ମୁକ୍ତ କଣ୍ଠରେ ଗାଉଥିଲେ :

ସଫଳ ଜନମ – ମୁଁ ପରା ଭାରତ ରମଣୀ
ମୋ' ତ୍ୟାଗ, ପୁଣ୍ୟ, ସହିଷ୍ଣୁତା ଗୁଣେ
ମୋହିବି ନିଖିଳ ଧରଣୀ ।

## ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା :

ରମା ଦେବୀଙ୍କ ସୁଯୋଗ୍ୟା କନ୍ୟା ଅନ୍ନପୂର୍ଣ୍ଣା । ମାଙ୍କ ପ୍ରେରଣାରେ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ପିଲାଟି ବେଳୁ ସେ ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତ ଥିଲେ । ବାପୁଜୀଙ୍କ ସ୍ନେହାଶୀର୍ବାଦ ଲାଭ କରି, ରମା ଦେବୀ ଓ ମାଳତୀ ଚୌଧୁରୀଙ୍କ ପଦାଙ୍କ ଅନୁସରଣ କରି ଅନ୍ନପୂର୍ଣ୍ଣା ଦେବୀ ଓଡ଼ିଶାରେ ଜାତୀୟ ଆନ୍ଦୋଳନକୁ ବ୍ୟାପକ ଭାବେ ପ୍ରସାର କରିଥିଲେ । ବିଶେଷ କରି ଗଠନମୂଳକ କାର୍ଯ୍ୟ ଓ ଭାରତ ଛାଡ଼ ଆନ୍ଦୋଳନରେ ତାଙ୍କ ଭୂମିକା ଚିରସ୍ମରଣୀୟ । ତାଙ୍କ ସ୍ୱାମୀ ଶ୍ରୀ ଶରତ ମହାରଣା ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ । ଅନ୍ନପୂର୍ଣ୍ଣା ଦେବୀ ଏବେ ମଧ୍ୟ କର୍ମ ତତ୍ପର । ସାରା ଓଡ଼ିଶାରେ ଆଜି ସେ ଜଣେ ବିରଷ୍ଠ ନାରୀ ନେତ୍ରୀ ଓ ସମାଜସେବୀ ରୂପେ ସୁପରିଚିତା ।

## ଶ୍ରୀମତୀ ତୁମୁଲୁ ଅରାହାଲୁ :

ଗଞ୍ଜାମର ନୂଆପଡ଼ାଠାରେ ୧୯୧୫ ମସିହା ଜୁଲାଇ ୧୯ ତାରିଖରେ ଅରାହାଲୁଙ୍କ ଜନ୍ମ । ସେଠାକାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତୁମୁଲୁ କୃଷ୍ଣମୂର୍ତ୍ତିଙ୍କୁ ସେ ବିବାହ କରିଥିଲେ । କୃଷ୍ଣମୂର୍ତ୍ତି ବାପୁଜୀଙ୍କ ପଟ୍ଟଶିଷ୍ୟ ଥିଲେ । ସ୍ୱାମୀଙ୍କ ପ୍ରେରଣା ଅରାହାଲୁଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବାକୁ ଅନୁପ୍ରାଣିତ କରିଥିଲା । ୧୯୫୭ ମସିହା ସେପ୍ଟେମ୍ବର ପହିଲାରେ ସେ ମୃତ୍ୟୁବରଣ କଲେ ।

ଉଲ୍ଲିଖିତ ବନ୍ଦନୀୟା ନାରୀମାନଙ୍କ ବ୍ୟତୀତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆହୁରି ଅନେକ ନାରୀ ଅଛନ୍ତି, ଯେଉଁମାନେ କି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରି କାରାବରଣ କରିଛନ୍ତି, ଅନେକେ ମଧ୍ୟ ଶହୀଦ ହୋଇଛନ୍ତି । ସେମାନେ ହେଲେ–

**କୋରାପୁଟ ଜିଲ୍ଲାର**–ବୁଡ଼ୱାଲି ଦେବୀ, ଭିଦାରୁ ଦେବୀ ।

**କେଉଁଝର ଜିଲ୍ଲାର**–କାଦମ୍ବିନୀ ପଟ୍ଟନାୟକ ।

**ବାଲେଶ୍ୱର ଜିଲ୍ଲାର**–ଅହଲ୍ୟା ଦେଇ, ଆଶାମଣି ଦେଇ, ବାସନ୍ତୀ ଦେଇ, ବିନ୍ଦୁ ଦେଇ, ବିଷ୍ଣୁପ୍ରିୟା ଦେବୀ, ଶୁଦ୍ଧ ଦେବୀ, ଚମ୍ପାମଣି ଦେବୀ, ଚିନ୍ତାମଣି ଦେବୀ, ଚୂଡ଼ାମଣି ଦେବୀ, ଫୁଲମଣୀ ଦେବୀ, ଗୌରୀ ଦେବୀ, ଦାଡ଼ିମଣି ଦେଇ, ହଂସ ଦେବୀ, କ୍ଷେମମଣି ଦେବୀ, କ୍ଷୀର ଦାସୀ, କ୍ଷୀରମଣି ଦେଇ, କୃଷ୍ଣପ୍ରିୟା ଦେବୀ, କସ୍ତୁରୀ ଦେବୀ, ମହାରୀ ଦେବୀ, ମହେଶ୍ୱରୀ ଦେବୀ, ମନୋରମା ଦେବୀ, ନିଶାମଣି ଦେବୀ, ନିତମ୍ବିନୀ ସାହୁ, ପ୍ରଭାତୀ କର, ପିକ ଦେବୀ, ପୀର ଦେବୀ, ପୁଞ୍ଜି ଦେବୀ, ସାକ୍ଷୀ ଦେବୀ, ଶାରଦା ଦେବୀ, ସୀତାମଣି କୁହ୍ନାରି, ଶ୍ରୀକାମଣି ଦେବୀ, ସୁମା ଦେବୀ, ତୀରା ଦେବୀ, ନାରାୟଣୀ ଦାଶ, ପଦ୍ମିନୀ ଦେବୀ ।

**ସମ୍ବଲପୁର ଜିଲ୍ଲାର**–ଅମୃତ ଦେବୀ, ଭାର୍ଗବୀ ଦେବୀ, ପ୍ରଭାବତୀ ଦେବୀ, ହୀରାବତୀ ଦେବୀ, ଝରଣା ଦେବୀ, ଲକ୍ଷ୍ମୀ ଦେବୀ, ଜମ୍ବୁବତୀ ପଟ୍ଟନାୟକ, ପାର୍ବତୀ ଗିରି, ରାଧିକା ଦେବୀ, ରୁକ୍ମଣୀ ଦୁବେ, ରୁକ୍ମଣୀ ରଥ, ସୁମିତ୍ରା ଦେବୀ, ତୁଳସୀ ଦେବୀ ।

ସୁନ୍ଦରଗଡ଼ ଜିଲ୍ଲାର—ମର୍ସି ମୁଣ୍ଡାନୀ, ମୁସୋମାଟ ସମାରି ।

କୋରାପୁଟ ଜିଲ୍ଲାର—ଲଳିତା ଦେବୀ ।

ଢେଙ୍କାନାଳ ଜିଲ୍ଲାର—ଅଲି ଦେବୀ, ବାଳୀ ଦେବୀ, ନୂଆରାଣୀ ଦେବୀ, ତୁଳସୀ ଦେବୀ, ହେମା ଦେବୀ ।

କଟକ ଜିଲ୍ଲାର—ଅଧରମଣି ଦେଈ, ବସନ୍ତ କୁମାରୀ ମହାନ୍ତି, ବସନ୍ତ କୁମାରୀ ପରିଡ଼ା, ବିମଳା ଦତ୍ତ, ହାରାମଣି କାନୁନ୍‌ଗୋ, କ୍ଷେତ୍ରମଣି ଦେଈ, କୁମାରୀ ଦେଈ, ସରସ୍ୱତୀ ଦେଈ, ରାଧାମଣି ଦେବୀ, ଶଶିବାଳା ଦେଈ, ଉଷା ଦେଈ, ସୁଭଦ୍ରା ଦେବୀ ।

ପୁରୀ ଜିଲ୍ଲାର—ବିମଳା ଦେବୀ, ଶ୍ରବାମଣି ଦେବୀ, ଶ୍ରୀମତୀ ଦେବୀ, ସୁନାମଣି ଦେବୀ, ଗୁଣମଞ୍ଜରୀ ଦେବୀ । ଏହା ବ୍ୟତୀତ ରାଜ୍ୟର ବହୁ ନାରୀ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ହୋଇଥିଲେ । ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗୃହୀତ ହୋଇ ପାରିନଥିଲେ ମଧ୍ୟ ସେମାନେ ସମସ୍ତେ ଏ ଜାତିର ନମସ୍ୟା ।

ଭାରତୀୟ ଜାତୀୟ କଂଗ୍ରେସ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଓ ପ୍ରେରଣାରେ ସମଗ୍ର ଭାରତବର୍ଷରେ ଆନିବେସାନ୍ତ, ସରୋଜିନୀ ନାଇଡୁ, ପଦ୍ମଜା ନାଇଡୁ, କମଳା ନେହେରୁ, ଇନ୍ଦିରା ଗାନ୍ଧୀ ପ୍ରମୁଖ ନାରୀମାନେ ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନ ପ୍ରଭୃତି ରାଜନୈତିକ ଆନ୍ଦୋଳନ ଏବଂ ଚରଖା ପ୍ରଚଳନ, ଖଦୀ ବସ୍ତ୍ର ପରିଧାନ" ପ୍ରଭୃତି ସାମାଜିକ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ସମୟରେ ଓଡ଼ିଶାର ନାରୀମାନେ ଯେପରି ଭାବରେ ବୈପ୍ଳବିକ ପଦକ୍ଷେପ ନେଇ ସ୍ୱାଧୀନତା ଆନ୍ଦୋଳନର ପ୍ରବାହକୁ ପ୍ରବହମାନ କରି ରଖିଥିଲେ ତାହା ସେମାନଙ୍କୁ ଚିର ସ୍ମରଣୀୟ କରି ରଖିବ । ସେମାନଙ୍କର ତ୍ୟାଗପୂତ ଜୀବନାଦର୍ଶ ଆଜିର ନାରୀ ସମାଜର ଦିଗ୍‌ଦର୍ଶକ ହେଉ ଏତିକି କାମନା ।

---

*ମାର୍ଫତ୍ : ଡାଃ ବୀରକିଶୋର ସିଂହ,*
*"ବିଜୁ ବସୁଧା", ମହାନଦୀ ବିହାର, କଟକ-୪ ।*



ନାଟକ 'ଅଭିନ୍ନ'ର ଉଦ୍‌ଘାଟନୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଏକ ପତ୍ରିକା ଉନ୍ମୋଚନ କରୁଛନ୍ତି । ବିଭାଗୀୟ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଓ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବିଶ୍ୱଜିତ୍ ଦାସ ଏହି ଉତ୍ସବରେ ଯୋଗଦାନ କରିଛନ୍ତି ।



# ସ୍ୱାଧୀନତା ସଂଗ୍ରାମକୁ କୋରାପୁଟ ଜିଲ୍ଲାର ଅବଦାନ

● ଶ୍ରୀ ରାଧାଗୋବିନ୍ଦ ମିଶ୍ର

ବିଂଶ ଶତାବ୍ଦୀରେ ପୃଥିବୀର ତଥା କେତେକ ଦେଶର ମାନଚିତ୍ର ବଦଳି ଯାଇଛି ଏବଂ ବଡ଼ ବଡ଼ ବିପ୍ଳବ ସଙ୍ଗଠିତ ହୋଇଛି। କେତେ ନୂଆ ଭାବ ଖେଳି ଯାଇଛି। ଇଂରେଜମାନେ ପ୍ରଥମେ ବେପାର କରିବାକୁ ଏ ଦେଶକୁ ଆସିଲେ, ଏହା ଆମ ସମସ୍ତଙ୍କୁ ଜଣା, ସେହି ବେପାରକୁ ଏକଚାଟିଆ କରିବା ପାଇଁ ଯଦି ସାରା ଦେଶଟା ନିଜ ହାତକୁ ଆସି ପାରିଲା ତେବେ ଅସୁବିଧା କ'ଣ ? ଏହି ବିଷୟରେ ଇଂରେଜ ବଣିକମାନେ ଦେଶର ସେହି ସମୟର ସୁବିଧା ନେଇ କଳେ ବଳେ କୌଶଳେ ଆସ୍ଥାନ ଜମାଇ ଦେଲେ। ମୋଗଲ ରାଜୁତି ବଦଳରେ କମ୍ପାନୀ ରାଜୁତି ମୁଣ୍ଡ ଟେକିଲା। ଏହି ରାଜୁତି ସମୟରେ ଦେଶର ଅଭାବ ବଢ଼ିବାକୁ ଲାଗିଲା, ବଡ଼ ବଡ଼ ଅକାଳ ଦୁର୍ଭିକ୍ଷ ପଡି ହଜାର ହଜାର ଲୋକ ମଲେ। ଓଡ଼ିଶାର ନ'ଅଙ୍କ ଦୁର୍ଭିକ୍ଷ କେହି କେବେ ଭୁଲି ପାରିବ ନାହିଁ। ଚାରିଆଡ଼େ ଅସନ୍ତୋଷ ଖେଳଗଲା। ୧୭୫୭ ଖ୍ରୀଷ୍ଟାବ୍ଦର ପଲାସି ଯୁଦ୍ଧ ଲୋକଙ୍କ ମନରେ ଶକ୍ତ ଦାଗ ରଖି ଯାଇଥିଲା। ଶହେ ବର୍ଷ ପରେ ପୁଣି ଏକ ବିଦ୍ରୋହ ହେଲା। ଏହି ସିପାହୀ ବିଦ୍ରୋହ ୧୮୫୭ରେ ହୋଇଥିଲା। ସେତେବେଳେ ବିଦେଶୀ ଶାସନକୁ ହଟାଇବା ପାଇଁ ଏହା ଶେଷ ଚେଷ୍ଟା ଅବଶ୍ୟ ତରବାରୀ ବଳରେ ହିଂସା ବାଟରେ। ସେତେବେଳେ ଅହିଂସା କଥା କେହି ଜାଣି ନ ଥିଲେ କିମ୍ବା ସ୍ୱାଧୀନତା ବୋଇଲେ ଆଜି ଆମେ ଯାହା ବୁଝୁ, ତାହା କାହାରିକୁ ଜଣା ନ ଥିଲା। ସେ କାଳର ବସ୍ତୁର ଭିନ୍ନ ଥିଲା। ରାଜା ପ୍ରଜା ଭାବ ଥିଲା। ରାଜାର କଥା ପ୍ରଜା ପାଳିବ। ଏହା ଦଇବ ଲିଖନ। ସିପାହୀ ବିଦ୍ରୋହ ଦମନ ପରେ ଆଉ କମ୍ପାନୀ ରାଜୁତି ନ ରଖି ଖାସ୍ ଇଂରେଜ ରାଜୁତି ରଖାହେଲା। ପରେ ଅସ୍ତ୍ର ଧରିବାର କ୍ଷମତା କାଢ଼ି ନିଆଗଲା। ରାଜସ୍ୱ ଆଦାୟ ବ୍ୟବସ୍ଥାରେ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଲା। ଜଙ୍ଗଲ ଆଇନ ବି କଡ଼ା ହେଲା। କୌଣସି ଖବର କାଗଜ ବାହାର କରିବା ସ୍ୱାଧୀନତା ମଧ୍ୟ ଉଠାଇ ଦିଆଗଲା।

ଇତିହାସରୁ ଦେଖାଯାଏ ପ୍ରାୟ ବଡ଼ ବଡ଼ ସଙ୍ଗଠନ ସବୁ ପ୍ରଥମେ ଛୋଟ ଛୋଟ ଆକାରରେ ଆରମ୍ଭ ହୋଇଥାଏ। ଦୁନିଆର ସବୁ ଦେଶରେ ମୁକ୍ତି ପାଇଁ ଲଢ଼େଇ ହୋଇଛି। କେଉଁଠି ବିଦେଶୀ ଶାସନ ହଟାଇବା ପାଇଁ ତ କେଉଁଠି ଅତ୍ୟାଚାରୀ ଶାସନ ଲୋପ କରିବା ପାଇଁ ୧୯୦୫ରେ ବଙ୍ଗ ଭଙ୍ଗ ଆରମ୍ଭ ପର୍ଯ୍ୟନ୍ତ ସ୍ୱଦେଶ ଭାବ କଂଗ୍ରେସ ମଞ୍ଚରୁ ପ୍ରଚାର ହୋଇ ନ ଥିଲା। ୧୯୦୬ ମସିହାରେ ପ୍ରଥମେ ଦାଦାଭାଇ ନାରୋଜି "ସ୍ୱରାଜ" ଶବ୍ଦ ବ୍ୟବହାର କରିଥିଲେ। ୧୯୨୧ ମସିହା ସମସ୍ତଙ୍କୁ ସାରା ଭାରତରେ ନୂଆ ଜୀବନ ଖେଳି ଯାଇଥିଲା। ୧୯୨୦ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ୧୯୪୨ରେ ଭାରତ ଛାଡ ଆନ୍ଦୋଳନ ସଙ୍ଗଠିତ ହୋଇଥିଲା। ବଣ ପାହାଡ ଘେରା କୋରାପୁଟ ପ୍ରକୃତିର ଭଣ୍ଡାର ଘର। ଏହାର ଅଧିବାସୀ, ଗୁଲିଚଳନ ପ୍ରଭୃତି ଟନତନ ଭାବେ ଦେଖିଲେ ଜଣାଯିବ ଯେ ଏହିମାନେ ହିଁ ଅମୃତସ୍ୟ ପୁତ୍ରାଃ ସରଳ, ଅମାୟିକ, ସ୍ୱାଧୀନଚେତା, ଅହଂକାର ଶୂନ୍ୟ, ନିରାଡ଼ମ୍ବର ଓ ଆଶା ଶୂନ୍ୟ ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଗୌରବ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ଏହ ଜିଲ୍ଲାଟି ମାନ୍ଦ୍ରାଜ ସରକାରଙ୍କ ଅଧୀନରେ ଥିଲା। ୧୭୬୮ ମସିହାରେ ବିଜୟନଗର ରାଜା ବିଜୟ ରାମାରାଜୁଙ୍କ ନିବେଦନ କ୍ରମେ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳର ଜମିଦାର ଭାବେ ସମ୍ବୋଧିତ କରି ଜାଗିର ପ୍ରଦାନ କରିଥିଲେ। ଜୟପୁର ଜମିଦାରୀ ଇଂରେଜଙ୍କ ହାତକୁ ଆସିବା ପରେ କ୍ରମେ ଜୟପୁର ଜମିଦାରୀର ପ୍ରଜା ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୭୯୪ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଜୟପୁର ରାଜାଙ୍କୁ ସ୍ଥାୟୀ ସନନ୍ଦ ପ୍ରଦାନ କରିଥିଲେ। ବ୍ରିଟିଶର ପ୍ରତ୍ୟକ୍ଷ ଶାସନ ଚାଲିବା ପରେ ଏହି ପାର୍ବତ୍ୟ ଅଞ୍ଚଳର ଲୋକଙ୍କ ପକ୍ଷରୁ କେତେକ ବିଦ୍ରୋହାତ୍ମକ କାର୍ଯ୍ୟ ଦେଖା ଦେଇଥିଲା। ୧୮୬୪ ମସିହାରେ ବୁଟାସିଙ୍ଗ ଅଞ୍ଚଳ ସଉରାମାନେ ତାଙ୍କ ମୁଖିଆର ଗିରଫଦାରୀରେ ଉତ୍ୟକ୍ତ ହୋଇ ଥାନା ପୋଡି ସଙ୍ଗେ ସଙ୍ଗେ ୪ ଜଣ ସିପାହୀଙ୍କୁ ହତ୍ୟା କରିଥିଲେ। ବ୍ରିଟିଶ ବିରୁଦ୍ଧରେ ଆଲ୍ଲୁରୁ ସୀତାରାମା ରାଜୁଙ୍କ ନେତୃତ୍ୱରେ ୧୯୨୨ରୁ ୧୯୨୪ ଯାଏଁ ହୋଇଥିବା ବିଦ୍ରୋହ ଉଲ୍ଲେଖଯୋଗ୍ୟ। ୧୯୩୨ ମସିହାରେ ନାରାୟଣ ପାଟଣା ଅଞ୍ଚଳରେ ଶାଁ ମୁଖିଆ ବା ପାଇକମାନେ ବିଦ୍ରୋହ କରିଥିଲେ। ମାନ୍ଦ୍ରାଜ ପ୍ରେସିଡେନ୍ସିରେ ବିଶାଖାପାଟଣା ଜିଲ୍ଲାର ମାଳ ଅଞ୍ଚଳ ଭାବେ ପରିଗଣିତ ହୋଇ ଆସୁଥିଲା। ଇଂରେଜ ଶାସନ କାଳରେ କୋରାପୁଟିଆର ସ୍ୱାର୍ଥ ପାଇଁ ପଦେ କଥା କହିବା କାହାର ସାହାସ ନ ଥିଲା।

ଏହି ନିରୀହ ଆଦିମ ଜାତି ସାମାଜିକ ଆର୍ଥିକ, ତଥା ପ୍ରଶାସନିକ ନିର୍ଯାତନାରେ ପେଟକୁ ଖଣ୍ଡେ ଭଲ ଖାଇବା ଓ ଖଣ୍ଡେ ପିନ୍ଧିବା ମଧ୍ୟ କଷ୍ଟକର ହୋଇ ପଡୁଥିଲା । ବେଠି, ବେମାରୀରେ ନିର୍ଯ୍ୟାତିତ ହୋଇ ପଡୁଥିଲା । ୧୯୩୦ ମସିହା ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାରେ କଂଗ୍ରେସର ବାର୍ତ୍ତା ପହଞ୍ଚି ନ ଥିଲେ ମଧ୍ୟ ଖାଁ ଖାଁ ଖଦୀର ପ୍ରଚାର ଓ ପ୍ରସାର କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲା । ଜମିଦାରମାନଙ୍କ ପ୍ରବଳ ବିରୋଧ ସତ୍ତ୍ୱେ କୋରାପୁଟ ଏଜେନ୍ସି ଡିଭିଜନ ସହ ଗୁଣପୁର, ରାୟଗଡ଼ ଓ ବିଶମକଟକ ଇତ୍ୟାଦି ମିଶ୍ରଣ ହୋଇ ବିରାଟ କୋରାପୁଟ ଜିଲ୍ଲା ଓଡ଼ିଶାରେ ସାମିଲ ହେଲା । ଗୋରା ଶାସନ କର୍ମଚାରୀଙ୍କ ଅତ୍ୟାଚାର ନିରୀହ ପ୍ରଜାଙ୍କ ମନରେ ବିଭିନ୍ନ ମେଳ ମାଧ୍ୟମରେ ଉଙ୍କିମାରି ରହିଥିଲା । ଏହା ପୂର୍ବରୁ ସାପରା ଗ୍ରାମର ଗୋରା ପାର୍ବତୀଙ୍କ ବଶ୍ୟତା ସ୍ୱୀକାର କରି ୧୯୦୦ ମସିହାରେ ପାଣ୍ଡୁପେଣ୍ଠାରେ ଦୁଇଜଣ ଗୋରା ସିପାହିଙ୍କୁ ହତ୍ୟା କରିଥିଲେ । କୋରାପୁଟ ଜିଲ୍ଲାର କଂଗ୍ରେସ କାର୍ଯ୍ୟାବଳୀ ସ୍ୱରାଜ ସଂଗ୍ରାମର ଇତିହାସ । ଅନୁନ୍ନତ ଓ ଅଶିକ୍ଷିତ ଜିଲ୍ଲାବାସୀଙ୍କ ସ୍ୱାଧୀନତାର ସଚେତନା ଗୋରା ସରକାର ବିରୁଦ୍ଧରେ ଏକଯୁଟ ହେବା ଏବଂ ଏହିମାନଙ୍କ ତ୍ୟାଗପୂତ ଭାବ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହି ଆଦିବାସୀଙ୍କ ମନରେ ରାଜନୈତିକ ଚେତନା ଜାଗ୍ରତ କରିବାରେ ଧୁରୋଧା ହେଉଛନ୍ତି ସ୍ୱର୍ଗୀୟ ରାଧାକୃଷ୍ଣ ବିଶ୍ୱାସ ରାୟ । ଚାକିରିରୁ ଇସ୍ତଫା ଦେଇ ଓଡ଼ିଶାର କଂଗ୍ରେସ ସଭାପତି ଗୋପବନ୍ଧୁ ଚୌଧୁରୀଙ୍କ ତଥା ଲବଣ ସତ୍ୟାଗ୍ରହର ଅଧିନାୟକଙ୍କ ପରାମର୍ଶ କ୍ରମେ ଗଞ୍ଜାମ ଲବଣ ସତ୍ୟାଗ୍ରହ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହ ସମ୍ପର୍କ ସ୍ଥାପନ କରି ଲବଣ ସତ୍ୟାଗ୍ରହ ବିଷୟରେ ଶିକ୍ଷା ପାଇଥିଲେ । ୧୯୩୪ରେ ସର୍ବ ପ୍ରଥମ ଥର ପାଇଁ ରାଧାକୃଷ୍ଣ ବିଶ୍ୱାସ ରାୟଙ୍କ ସଭାପତିତ୍ୱରେ ଜିଲ୍ଲା କମିଟି ଗଠନ କରାଯାଇଥିଲା । ସ୍ୱର୍ଗୀୟ ରାଧାମୋହନ ସାହୁ ଏହାର ସମ୍ପାଦକ ଥିଲେ । ବିଭିନ୍ନ ସ୍ଥାନରେ ପ୍ରାଥମିକ କମିଟିମାନ ଗଠନ କରି ସ୍ୱରାଜ୍ୟ ବାର୍ତ୍ତା ପ୍ରଚାର ଆରମ୍ଭ ହୋଇଥିଲା ଏବଂ ୨୭ଟି କମିଟି ଜିଲ୍ଲାରେ ଗଠିତ ହୋଇଥିଲା । ନବରଙ୍ଗପୁରର ଲକ୍ଷ୍ମୀ ଚନ୍ଦ୍ର ଦାସ, ଅନାଦି ରାଓ, ମହମ୍ମଦ ବାଜି, ସଦାନନ୍ଦ ମହାନ୍ତି, ମାଧବ ପ୍ରଧାନୀ, କୋଟପାଡର ବିଶ୍ୱନାଥ ମହାପାତ୍ର, କପିଳ ପାତ୍ର, ସୂର୍ଯ୍ୟ ନାରାୟଣ ମାଝି, ସଦାଶିବ ତ୍ରିପାଠୀ, ଅମରକୋଟର ରବି ସିଂ ମାଝି ଓ ଅନ୍ୟମାନେ ଦିଗ୍ସଲପାରୁ ଆନନ୍ଦ ବେହେରା ଇତ୍ୟାଦି, ନନ୍ଦପୁରରୁ ଭଗବାନ ଖେମୁଣ୍ଡୁ, ଗଙ୍ଗାଧର ଝୋଲା, ଡାବୁଗାଁର ସନୁ ମାଝି ଓ ଅନ୍ୟାନ୍ୟ କେତେ, ଜୟପୁରରୁ ରାଧାକୃଷ୍ଣ ବିଶ୍ୱାସ ରାୟ, ରାଧାମୋହନ ସାହୁ, ନିଳକଣ୍ଠ ପାତ୍ର, ଦାମୋଦର ସାଣ୍ଡା, କୃଷ୍ଣ ସାଣ୍ଡା ପାତ୍ର, ଗୁଣୁପୁରରୁ ପ୍ରହଲ୍ଲାଦ ପାଣିଗ୍ରାହୀ ପ୍ରଭୃତି ତ୍ୟାଗୀ ପୁରୁଷଗଣଙ୍କ ନେତୃତ୍ୱରେ ଶହ ଶହ ଆଦିବାସୀ, ହରିଜନ ସ୍ୱାଧୀନତା ଅଗ୍ନିରେ ଝାସ ଦେଇଥିଲେ । ଅକ୍ଟୋବର ୧୯୩୯ ସୁଦ୍ଧା ଜିଲ୍ଲାର ୨୭,୯୦୦ ବ୍ୟକ୍ତି କଂଗ୍ରେସରେ ସଭ୍ୟ ଶ୍ରେଣୀଭୁକ୍ତ ହୋଇ ସାରିଥିଲେ । ୧୯୩୬ ସାଲରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ୍ ଅଷ୍ଟିନ ହବାକ୍‌ଙ୍କ କୋରାପୁଟ ଗସ୍ତ ସମୟରେ ପ୍ରଜାଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପ୍ରତିବାଦ କରିବା ପାଇଁ ବିଭିନ୍ନ ସ୍ଥାନରେ ସଭା ସମିତି ମାଧ୍ୟମରେ ସ୍ୱର ଉତ୍ତୋଳନ ହୋଇଥିଲା । ୧୯୪୨ ମସିହା ଅଗଷ୍ଟ ମାସରେ ସ୍ୱାଧୀନତା ସଂଗ୍ରାମୀଙ୍କର ଜୀବନ୍ତ କାର୍ଯ୍ୟାବଳୀ ଓ ଅପୂର୍ବ ତ୍ୟାଗର ଚିତ୍ର ମିଳେ । ବମ୍ବେର କଂଗ୍ରେସ ଅଧିବେଶନରେ ୯ ତାରିଖ ଦିନ ଭାରତ ଛାଡ ପ୍ରସ୍ତାବ ଗୃହୀତ ହୋଇଥିଲା । ବିଶ୍ୱାସ ରାୟ ବମ୍ବେରୁ ଫେରିବା ସମୟରେ ୧୧ ତାରିଖ ଦିନ ସାଲୁରୁଠାରେ ତାଙ୍କୁ ଗିରଫ କରାଯାଇଥିଲା । ପୂର୍ବରୁ ବିଶ୍ୱାସ ରାୟ "ଭାରତ ଛାଡ" ପ୍ରସ୍ତାବ ପତ୍ର ଦ୍ୱାରା ରାଧାମୋହନ ସାହୁ, ଲକ୍ଷ୍ମୀ ଚନ୍ଦ୍ର ଦାସ ଓ ବିଶ୍ୱନାଥ ପଟ୍ଟନାୟକ, ସଦାଶିବ ତ୍ରିପାଠୀଙ୍କୁ ଜଣାଇ ଦେଇଥିଲେ । ସ୍ୱରାଜ ସଂଗ୍ରାମ ସମୟରେ ମାତିଲି ଓ ପାପଡାହାଣ୍ଡିଠାରେ ବ୍ରିଟିଶ ପୋଲିସ କଂଗ୍ରେସ ମେଳ ଉପରେ ନିର୍ମମ ଭାବେ ଗୁଳି ବର୍ଷଣ କରାଯାଇଥିଲା । ମାତିଲିଠାରେ ୬ ଜଣ ପ୍ରାଣ ହରାଇଥିଲେ ଓ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ । ମାତିଲି ଗୁଳିକାଣ୍ଡରେ ରାମାୟା ଫରେଷ୍ଟ ଗାର୍ଡର ମୃତ୍ୟୁକୁ ଆଳ କରି ଲକ୍ଷ୍ମଣ ନାୟକ ଫାଶି ପାଇଥିଲେ । ଏହି ମକଦ୍ଦମାରେ ୫୪ ଜଣ ସଂଗ୍ରାମୀ ଅଭିଯୁକ୍ତ ହୋଇଥିଲେ ଏବଂ ଜେଲ ଭିତରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିଲା, ଅଗଷ୍ଟ ୨୪ ତାରିଖ ୧୯୪୨ ଦିନ ନିର୍ମମ ଗୁଳି ମାଡରେ ତୁରୀ ନଦୀ କୂଳରେ ୧୯ ଜଣ ସଂଗ୍ରାମୀ ପାପଡ଼ାହାଣ୍ଡିଠାରେ ମୃତ୍ୟୁବରଣ କରିଥିଲେ ଏବଂ ୮ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା । ପାପଡାହାଣ୍ଡିର ଅବିସ୍ମରଣୀୟ ଗୁଳିକାଣ୍ଡ ପରେ ସଂଗ୍ରାମୀଙ୍କ ମନୋବଳ ଭାଙ୍ଗିବା ଉଦ୍ଦେଶ୍ୟରେ ଲକ୍ଷ୍ମୀଚନ୍ଦ୍ର ଦାସ ଓ ମାଧବ ପ୍ରଧାନୀଙ୍କ ସହ ୯୬ ଜଣଙ୍କ ନାମରେ ମକଦ୍ଦମା ରୁଜୁ କରା ଯାଇଥିଲା ଏବଂ ଲକ୍ଷ୍ମୀ ଚନ୍ଦ୍ର ଦାସ ଏହି ୯୨ ଜଣଙ୍କ ତରଫରୁ ସୁଆଲ କରିଥିଲେ । କୋରାପୁଟ ଜିଲ୍ଲାର ଅଭୂତପୂର୍ବ ଆନ୍ଦୋଳନ ସମୟର ଚିତ୍ର ଏହି ସ୍ୱଳ୍ପ ସମୟରେ ଦେବା ସମ୍ଭବ ନୁହେଁ । ଇଂରେଜ ଶାସନ କର୍ମଚାରୀଙ୍କ ଅତ୍ୟାଚାର ଶୁଣିଲେ ଲୋମ ଟାଙ୍କୁରି ଉଠେ । ଏହି କର୍ମଚାରୀଗଣ ସଂଗ୍ରାମୀମାନଙ୍କ ପ୍ରତି ଯେଉଁ ପାଶବିକ ଅତ୍ୟାଚାର କରିଛନ୍ତି ତାହା ବର୍ଣ୍ଣନାତୀତ । ଏପରିକି ପାଶବିକ ଅତ୍ୟାଚାରରେ କେତେକ ଝିଅ ବୋହୂ, ସ୍ତ୍ରୀ ମୃତ୍ୟୁ ମୁଖରେ ପଡ଼ିଛନ୍ତି ତା'ର ହିସାବ ନାହିଁ । କୋରାପୁଟ ଜିଲ୍ଲାରେ ଅଗଷ୍ଟ ବିପ୍ଲବର ଯେଉଁ ଦମନଲୀଳା ଚାଲିଥିଲା ଓ ଆତଙ୍କର ରାଜତ୍ୱ ସୃଷ୍ଟି ହୋଇଥିଲା ଓଡ଼ିଶାର ଅନ୍ୟତ୍ର କୌଣସି ଜିଲ୍ଲାରେ ହୋଇ ନ ଥିଲା । କୋରାପୁଟ ଜିଲ୍ଲାର ବିଶେଷ କରି ନବରଙ୍ଗପୁର ଅଞ୍ଚଳର ସଂଗ୍ରାମୀ ମାତିଲି, ନନ୍ଦପୁର, ପଟ୍ଟାଙ୍ଗୀ, ଜୟପୁର, ପାପଡ଼ାହାଣ୍ଡି, ମୈଦଲପୁର ଅଞ୍ଚଳର ଯେଉଁ ତ୍ୟାଗ ସ୍ୱୀକାର ତାହା ଇତିହାସର ଊର୍ଦ୍ଧ୍ୱରେ । ଅବର୍ଣ୍ଣନୀୟ ଅତ୍ୟାଚାର ଏହି ଜିଲ୍ଲାର ଅଧିବାସୀ ସହିଛନ୍ତି କିନ୍ତୁ ଆଜି ଆମେ କ'ଣ ଦେଖୁଛେ, ସ୍ୱାଧୀନତା ସଂଗ୍ରାମର ଆହୁରି ଇତିହାସ ଗୁପ୍ତ ପଞ୍ଜିକାରେ ନନ୍ଦପୁର ପ୍ରଭୃତି ଥାନାମାନଙ୍କରେ ରହିଥିବା ଜଣାଯାଏ । ତାହା ପ୍ରକାଶ ପାଇଲେ କୋରାପୁଟର ଅବଦାନ ହୁଏତ ଭାରତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ।

ଅଗଷ୍ଟ ବିପ୍ଳବ ପୂର୍ବରୁ କୋରାପୁଟ ଜିଲ୍ଲାର ଜମିଦାର ପୋଲିସ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଅନ୍ୟାୟ ଅତ୍ୟାଚାରର ପ୍ରତିରୋଧ କରି ଆସୁଥିଲେ । ତେଣୁ ଜୟପୁର ଜମିଦାର ଇଂରେଜ ଶାସନର ବାହୁ ଛାୟାତଳେ ରହି ଲୋକଙ୍କ ଧନ ଜୀବନ ସହ ଖେଳିବାକୁ ଲାଗିଲେ । କର୍ମୀମାନଙ୍କ ଘରେ ଘରେ ପଶି ଜିନିଷ ପତ୍ର, ଗାଇ

ଗୋରୁ, ଛେଳି, କୁକୁଡ଼ା ଯାହା ପାଇଲେ ଲୁଟ୍ କରି ନେଉଥିଲେ । ହାତୀ ଦ୍ୱାରା କେତେକ ଗ୍ରାମକୁ ନଷ୍ଟ ଭ୍ରଷ୍ଟ କରି ଦେଇ ଦାଣ୍ଡର ଭିକାରୀ କରି ଦେଉଥିଲେ । ବିଭିନ୍ନ ସ୍ଥାନରେ ଖଦଡ଼ ଲୁଗାକୁ ପୋଡ଼ି ଦିଆ ଯାଉଥିଲା । ବିଶେଷ କରି ମାଟିଲି ଅଞ୍ଚଳ, ବୈପାରିଗୁଡ଼ା, ନନ୍ଦପୁର- ପାଡୁଆ, ଜୟପୁର, ପାପଡ଼ାହାଣ୍ଡି, ଡାବୁଗାଁ, ଉମରକୋଟ, ଡେଙ୍ଗୁଳିଖୁଣ୍ଟି ପ୍ରଭୃତି ଥାନାର ବାବୁମାନେ ଅକଥନୀୟ ଅତ୍ୟାଚାର କରି ଚାଲିଥିଲେ ।

'ଅଗଷ୍ଟବିପ୍ଳବ ସମୟରେ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କୁ ବିଶ୍ବ... ହୋଇ ୧୯୪୩ ମାର୍ଚ୍ଚ ୨୯ ତାରିଖ ଦିନ ଫାଶି ଖୁଣ୍ଟରେ ଝୁଲା... ଦିଆଯାଇ ଥିଲା । ସେହି ବୀରଙ୍କ ସ୍ମୃତି ପ୍ରତି ମୋର ସଶ୍ର... ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

(ଆକାଶବାଣୀ ଜୟପୁର କେନ୍ଦ୍ର ଦ୍ୱାରା ତା ୧୭-୪-୧୯୯... ୧୬-୩-୧୯୯୬ ରିଖରେ ପ୍ରସାରିତ ।)

*ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ*
*କୋରାପୁଟ ।*



ପରିବାଳସ୍ଥଠାରେ ଅନୁଷ୍ଠିତ ବିଶ୍ୱ ବ୍ୟାଙ୍କ୍ ସହାୟତା ଲାଭ କରିଥିବା ପ୍ରକଳ୍ପ, ଲୁଣି ପାଣିରେ ଚିଙ୍ଗୁଡ଼ି ଚାଷ ଓ ଜଳ ଭଣ୍ଡାର ମତ୍ସ୍ୟ ଚାଷ ଉପରେ ଏକ ବୈଠକରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉଦ୍‌ବୋଧନ ।



# ସେବା ଓ ସମ୍ବେଦନଶୀଳତାର ପ୍ରତୀକ ପାର୍ବତୀ ଗିରି

● ଶ୍ରୀ କୃତିବାସ ନାୟକ

୧୯୮୪ ମସିହା ମାର୍ଚ୍ଚ ମାସ ୯ ତାରିଖ ଦିନ ଭାରତର ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ୨୦ ହଜାର ଟଙ୍କାର ଜାତୀୟ ପୁରସ୍କାର ସହ ମାନପତ୍ର ପ୍ରଦାନ କଲେ, ସମ୍ବଲପୁରର ପାର୍ବତୀ ଗିରିଙ୍କୁ। ଏହି ପୁରସ୍କାର ପାଇବା ପୂର୍ବରୁ ପାର୍ବତୀ ଗିରିଙ୍କୁ ସାମ୍ବାଦିକମାନେ ପଚାରିଥିଲେ, 'ଏହି ୨୦ ହଜାର ଟଙ୍କା ନେଇ ଆପଣ କ'ଣ କରିବେ ?" ଉତ୍ତର ଥିଲା– "ଏ' ପୁରସ୍କାର ଟଙ୍କା ସେମାନଙ୍କ ସେବାରେ ଲାଗିବ, ଯେଉଁମାନଙ୍କ ପାଇଁ ମୁଁ ସମ୍ମାନ ଓ ପୁରସ୍କାର ପାଇ ପାରିଛି।" ଆଜି ସେହି ଟଙ୍କା ଆଶ୍ରମ ପାଣ୍ଠିରେ ଜମା ହୋଇ ରହିଛି।

ହେଲେ କେଉଁମାନେ ପାର୍ବତୀ ଗିରିଙ୍କୁ ଜାତୀୟ ସମ୍ମାନ ଦେଇଛନ୍ତି ? ଏ କଥା ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗେ। ଆଖିରେ ଦେଖିଲେ ବି ବିଶ୍ୱାସ ହୁଏ ନାହିଁ। ଏଇଭଳି ଜାତୀୟ ଗୌରବରେ ତାଙ୍କୁ ଯେଉଁମାନେ ଗୌରବାନ୍ୱିତ କରିଛନ୍ତି, ସେମାନେ ହେଉଛନ୍ତି; ଅସହାୟ, ଅନାଥ, ରୁଗ୍ଣ, ଅଜ୍ଞାନ କୁନିକୁନି ଶିଶୁମାନେ। ଯେଉଁମାନଙ୍କ ଅଙ୍ଗରେ ଛିଣ୍ଡା ପ୍ୟାଣ୍ଟ ଖଣ୍ଡେ ନାହିଁ। ଯେଉଁମାନେ ଦିନକୁ ମୁଠାଏ ଖାଇବାକୁ ପାଆନ୍ତି ନାହିଁ। ଅଦିନରେ ଝଡ଼ିପଡ଼ିବାକୁ ଅପେକ୍ଷାରେ ଥିବା କଳିକା ମାନଙ୍କୁ ସେ ଠିକ୍ ଭାବରେ ଫୁଟିବାର ସୁଯୋଗ ଦେଇଛନ୍ତି। ସେଇଥି ପାଇଁ ତାଙ୍କୁ "ଶିଶୁ କଲ୍ୟାଣ" ଜାତୀୟ ପୁରସ୍କାର ମିଳି ପାରିଲା।

କେବଳ "ଶିଶୁ କଲ୍ୟାଣ" କାର୍ଯ୍ୟ ନୁହେଁ, ପାର୍ବତୀ ଗିରି "ନାରୀ କଲ୍ୟାଣ" ତଥା ଅସହାୟ ଜନତାର କଲ୍ୟାଣ କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରି ଦେଇଛନ୍ତି।

ସମ୍ବଲପୁର ଜିଲ୍ଲାର ପାଇକମାଳଠାରୁ ମାତ୍ର ଏକ କିଲୋମିଟର ଦୂରରେ ତାଙ୍କର "କସ୍ତୁରବା ଗାନ୍ଧୀ ମାତୃ ନିକେତନ" ଅବସ୍ଥିତ। ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶର ଦୃଶ୍ୟ ରମଣୀୟ। ନଳଧର, ଭୀମଧର, କପିଳଧର ଭଳି ଜଳପ୍ରପାତର ଶୋଭା ତଥା ଶାନ୍ତ ପରିବେଶ ଏଇ ଆଶ୍ରମକୁ ଘେରି ରହିଛି। ପ୍ରସିଦ୍ଧ ନୃସିଂହନାଥ ମନ୍ଦିର ମଧ୍ୟ ସେଇଠି ଅବସ୍ଥିତ।

ମାତୃ ନିକେତନ ଭିତରେ ଟିକି ଟିକି ପିଲାଙ୍କଠାରୁ ଆରମ୍ଭ କରି ଯୁବକ ଯୁବତୀମାନେ ସମସ୍ତେ ସାଧନାରତ। ଅସହାୟ, ବିଧବା ଏବଂ ଗରିବ ମହିଳାମାନେ ସିଲେଇ ଶିକ୍ଷାରେ ବ୍ୟସ୍ତ। ସଙ୍ଗୀତ, ନୃତ୍ୟ, ବାଦ୍ୟରେ ଆଉ କେତେଜଣ ପିଲା ମନୋନିବେଶ କରନ୍ତି। ନିୟମିତ ପ୍ରାର୍ଥନା, ବିଦ୍ୟା ଅଧ୍ୟୟନ, ଖେଳ କସରତ ପାଇଁ ସମସ୍ତ ବ୍ୟବସ୍ଥା। ଦେଖୁଥିବା ଲୋକ ଖୁସି ହୋଇଯାଏ। ଏତେ ପିଲାଙ୍କୁ ଶୃଙ୍ଖଳିତ ଭାବରେ ଚଳେଇ ନେଉଛନ୍ତି। ବଡ଼ ମା' ଭାବେ ପରିଚିତା ପାର୍ବତୀ ଗିରି।

କେବଳ "କସ୍ତୁରବା ମାତୃ ନିକେତନ"ଗଢ଼ି ସେ ସନ୍ତୋଷ ଲାଭ କରି ପାରି ନାହାନ୍ତି। ଯୁଯୁମରାର ହାତୀବାଡ଼ି ନିକଟ ଫୁଲ ଝରନ୍‌ରେ ସେ ଆଉ ଗୋଟିଏ "ବାଳ ନିକେତନ" ଗଢ଼ି ତା'ର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇଛନ୍ତି। ତା'ପାଖକୁ ଲାଗି "ଜରା ନିବାସ"। ସେଇଠି ଅସହାୟ, ଅକର୍ମଣ୍ୟ, ଦୁର୍ବଳ ବୃଦ୍ଧ ବୃଦ୍ଧାଙ୍କର ଉପଯୁକ୍ତ ସେବାର ବ୍ୟବସ୍ଥା କରି ଦେଇଛନ୍ତି। ସେମାନଙ୍କ ପାଖରେ ପାର୍ବତୀ ଗିରି "ନାନୀ" ହିସାବରେ ପରିଚିତା।

ଶିଶୁ, ନାରୀ ଏବଂ ଅସହାୟମାନଙ୍କ ସେବାରେ ବ୍ରତୀରହି ସେ ନିଜର ସୁଖ–ସୁବିଧାକୁ ଭୁଲି ଯାଇଛନ୍ତି। ନିଜର ବେଶ, ପୋଷାକ ପ୍ରତି ନଜର ନାହିଁ। ଖଦୀ ଶାଢ଼ୀ, ଖଦୀ କପଡ଼ାରେ ତିଆରି ବ୍ଲାଉଜ ଖଣ୍ଡେ ତାଙ୍କ ପାଇଁ ଯଥେଷ୍ଟ। ସେବାକୁ ସାଧନା ମନେ କରି ସେ କର୍ମ କ୍ଷେତ୍ରରେ ଆଗେଇ ଚାଲିଛନ୍ତି। କୌଣସି ପ୍ରକାର କୁଆଁରଟନା ବା ପ୍ରଶଂସାକୁ ସେ ଅପେକ୍ଷା କରି ନାହାନ୍ତି। ଫଳରେ ଚିରକୁମାରୀ ପାର୍ବତୀ ଗିରି ଶହ ଶହ ଅସହାୟ ସନ୍ତାନଙ୍କର ଜନନୀ ହୋଇ ପାରିଛନ୍ତି। ସାଧନାର ସିଦ୍ଧି ପାଇ ପାରିଛନ୍ତି।

କଟକ ଜିଲ୍ଲାର ବରୀଠାରେ ଥିବା ରମା ଦେବୀଙ୍କ ମାତୃମଙ୍ଗଳ କେନ୍ଦ୍ରରେ ସେ ଯାହା ଦେଖି ଥିଲେ, ଶିଖି ଥିଲେ, ରମା ଦେବୀଙ୍କଠାରୁ ଯାହା ପରାମର୍ଶ ପାଇଥିଲେ ସେ ସମସ୍ତ ଅଭିଜ୍ଞତାକୁ ସଫଳ କରି ପାର୍ବତୀ ଗିରି "ମାତୃ ନିକେତନ", "ବାଳ ନିକେତନ" ଏବଂ "ଜରା ନିବାସ" ପ୍ରତିଷ୍ଠା କରିଥିଲେ। ଆଜି ତାଙ୍କ ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ଗୋଟିଏ ଗୋଟିଏ ତୀର୍ଥରେ ପରିଣତ ହୋଇଛି।

ସେବା ଆଉ ତ୍ୟାଗର ଅବତାର ପାର୍ବତୀ ଗିରି ସମ୍ବଲପୁର ଜିଲ୍ଲାର ବିଜେପୁର ଥାନା ଅନ୍ତର୍ଗତ ସମଲେଇ ପଦର ଗାଁରେ ୧୯୨୬

ମସିହା ଜାନୁଆରୀ ମାସ ୧୯ ତାରିଖ ଶନିବାର ଦିନ ଜନ୍ମ ନେଇଥିଲେ । ତାଙ୍କର ବାପା ଧନଞ୍ଜୟ ଗିରି ଥିଲେ, ଗାଆଁ ଗୌନ୍ତିଆ । ଛଅଗୋଟି ସନ୍ତାନ ମଧ୍ୟରୁ ପାର୍ବତୀ ଥିଲେ ବଡ଼ ଝିଅ । ପିଲାଦିନେ ଅତି ଅଲିଅଳରେ ବଢ଼ି ପାର୍ବତୀ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ନିଜ ଗାଆଁ ପାଖ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିଥିଲେ । ସେ ଥିଲେ ସ୍ୱାଧୀନ ଚିନ୍ତାଧାରାର ବାଳିକା । ସେତେବେଳର ସମାଜର ଗତି, ଗ୍ରାମ୍ୟ ଚଳନ ତାଙ୍କୁ ମୋଟେ ଭଲ ଲାଗୁ ନଥିଲା । ମହିଳାମାନଙ୍କ ପାଇଁ ଥିବା କଟକଣା ତାଙ୍କର ପସନ୍ଦ ହେଉ ନଥିଲା ।

୧୯୩୮ ମସିହା, ସେତେବେଳକୁ ସେ ମାତ୍ର ୧୨ ବର୍ଷର ବାଳିକା । ସେହି ସମୟରେ ସେ ନିଜକୁ ଲୋକଙ୍କ ସେବାରେ ନିୟୋଜିତ କଲେ ।

ଠିକ୍ ସେତିକି ବେଳେ ମହାତ୍ମା ଗାନ୍ଧୀଙ୍କର ସ୍ୱାଧୀନତା ଆନ୍ଦୋଳନ ସାରା ଦେଶରେ ଚେଇଁ ଉଠିଥାଏ । କର୍ମୀମାନେ ଗାନ୍ଧିଜୀଙ୍କର ବାର୍ତ୍ତା ପ୍ରଚାର କରୁଥାଆନ୍ତି । ଭାରତୀୟ ମହିଳାମାନଙ୍କୁ ଶିକ୍ଷିତ କରାଯିବା, ହିନ୍ଦୁ-ମୁସଲମାନମାନଙ୍କ ମଧ୍ୟରେ ଭେଦ ଭାବକୁ ଦୂର କରିବା, ଛୁଆଁ-ଅଛୁଆଁ ଭଳି ହୀନ ଭାବନାକୁ ସମାଜରୁ ହଟେଇ ଦେବା ଏବଂ ମଦଭଳି ନିଶା ଦ୍ରବ୍ୟ ବ୍ୟବହାରକୁ ସବୁଦିନ୍ ପାଇଁ ବନ୍ଦ କରିବା ଥିଲା ଗାନ୍ଧିଜୀଙ୍କର ବାର୍ତ୍ତା । ଏହି ବାର୍ତ୍ତା ସହରଠାରୁ ପୁରପଲ୍ଲୀକୁ ବ୍ୟାପି ଯାଇଥିଲା ।

'ସ୍ୱାଧୀନଚେତା' କୁମାରୀ ପାର୍ବତୀ ଗିରିଙ୍କ ମନରେ ଗାନ୍ଧିଜୀଙ୍କର ବାର୍ତ୍ତା ଗଭୀର ରେଖାପାତ କଲା । ସେ ମନେ ମନେ ଉପାୟ ଖୋଜି ବୁଲୁଥିଲେ – ସୁଯୋଗର ଅପେକ୍ଷାରେ ଥିଲେ । ଏହି ଆନ୍ଦୋଳନରେ ସେ କିପରି ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରିବେ, ସେଥିପାଇଁ ସେ କଂଗ୍ରେସ କର୍ମୀମାନଙ୍କ ନିକଟରେ ନିଜର ଇଚ୍ଛା ପ୍ରକାଶ କରୁଥିଲେ । କିନ୍ତୁ ଏତେ କମ୍ ବୟସର ବାଳିକା କଥାକୁ କେହି ଗୁରୁତ୍ୱ ଦେଉ ନଥାନ୍ତି । ସେତେବେଳର ସମାଜ ଅତି ରକ୍ଷଣଶୀଳ ଥିଲା । ବାଳିକା, ମହିଳାମାନେ ଘରୁ ପାଦ କାଢ଼ିଲେ, ଲୋକେ ତାଙ୍କ ପରିବାର ବିରୁଦ୍ଧରେ କୁତ୍ସାରଟନା କରୁଥିଲେ । ତାଙ୍କୁ ଗାଳି ଅପମାନ ସହିବାକୁ ପଡୁଥିଲା । ତେଣୁ ପାର୍ବତୀଙ୍କୁ ଏ' ଦିଗରେ କେହି ସାହାଯ୍ୟ କରୁ ନଥାନ୍ତି । ବରଂ ବାପା-ମାଆ ପାର୍ବତୀଙ୍କର କାର୍ଯ୍ୟକଳାପ ଦେଖି ବିରକ୍ତି ପ୍ରକାଶ କରୁଥିଲେ ।

ଦିନେ ପାର୍ବତୀ ଗିରି ତାଙ୍କର ସେଦିନର କଥା ସ୍ମରଣ କରି ଲେଖକଙ୍କୁ କହିଥିଲେ, "ଆମ ଘରେ ହରିଜନ ପିଲାମାନେ ହଳିଆ ରହୁଥାନ୍ତି, ସେମାନଙ୍କୁ ମାଆ ପିତଳ ବାସନରେ ଖାଇବାକୁ ଦିଅନ୍ତି । କିନ୍ତୁ ଆମକୁ ସବୁବେଳେ କଂସା ବାସନରେ ଖାଇବାକୁ ଦିଆଯାଏ । ମୁଁ ଲକ୍ଷ୍ୟକଲି ମାଆ ଜାଣି ଜାଣି ଗୋଟାଏ ଅନ୍ୟାୟ କାମ କରୁଛନ୍ତି । ହଳିଆମାନେ ଆମରି କାମ କରୁଥିଲେ ବି ତାଙ୍କୁ ମାଆ ମନେ ମନେ ଘୃଣା କରୁଛନ୍ତି । ମୁଁ ଘରୁ କଂସା ବାସନଟାଏ ଆଣି ହଳିଆକୁ ଜବରଦସ୍ତି ଖାଇବାକୁ ଦେଇ ପକାଏ । ପିତଳ ବାସନରୁ କଂସା ବାସନକୁ ଭାତ ଢାଳି ଦେଇଯାଏ । ଏଥିପାଇଁ ମୋତେ କେତେଥର ମାଡ଼ ଖାଇବାକୁ ପଡ଼ିଛି । ରାଗିଗଲେ ମାଆ ସମସ୍ତେ 'ଜଖେଇ' ବୋଲି କହନ୍ତି ।"

ଏ' ଥିଲା– 'ଶିଶୁ ପାର୍ବତୀଙ୍କର ସାମାଜିକ କୁସଂସ୍କାର ବିରୁଦ୍ଧରେ ବିଦ୍ରୋହ' ।

ପାର୍ବତୀ ଗିରିଙ୍କର ବଢ଼ବାପା ରାମଚନ୍ଦ୍ର ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ତାଙ୍କଠାରୁ ସେ ଅନ୍ଦୋଳନର ଆଭିମୁଖ୍ୟ ସମ୍ପର୍କରେ ଅନେକ କଥା ଶୁଣିଥାନ୍ତି । ମଝିରେ ମଝିରେ ସେ ତାଙ୍କୁ ବାଧ୍ୟ କରି କହନ୍ତି– "ମୋତେ ସଙ୍ଗଠନରେ ଭର୍ତ୍ତି କରି ଦିଅ । ମୁଁ ବି ଦେଶ ପାଇଁ ଲଢ଼େଇ କରିବି ।" ରାମଚନ୍ଦ୍ର ପୁରୀ, ବଡ଼ ଅଡୁଆରେ ପଡ଼ି ଯାଆନ୍ତି । କିନ୍ତୁ ଝିଅ ପିଲାଟାକୁ ନେଇ ସେ କୁଆଡ଼େ ବି କାମ କରି ପାରିବେ ? ତେଣୁ ତାଙ୍କ କଥାକୁ ଆଡେଇ ଦେଇ ହଁ-ଆଁ କରି ସେ ସମୟଟା ଚଳେଇ ନିଅନ୍ତି ।

ଦିନେ ରାମଚନ୍ଦ୍ର ପୁରୀ, ବରଗଡ଼ର ନାଏକ ପଡ଼ାରେ ଗାନ୍ଧିଜୀଙ୍କ ବାର୍ତ୍ତା ପ୍ରଚାର କରୁଥାଆନ୍ତି । ସେଇଠି ପ୍ରଭାବତୀ ଦେବୀ ଙ୍କୁ ତାଙ୍କର ମନକଥା ଜଣେଇ ସଙ୍ଗଠନରେ ମିଶିବାକୁ କହିଲେ । ତାଙ୍କର ନିଜ ଝିଆରୀ କଥା ବି ମନେ ପଡ଼ିଗଲା । ସେ ପ୍ରଭାବତୀଙ୍କୁ ବରୀ ଆଶ୍ରମକୁ ପଠାଇ ଦେବାକୁ ପ୍ରତିଶ୍ରୁତି ଦେଇ ଥିଲେ ।

ସଙ୍ଗଠନର ଲକ୍ଷ୍ୟ ଥିଲା– 'ଦେଶସେବା' । ଏଥିପାଇଁ ସବୁ ପ୍ରକାର ସ୍ୱାର୍ଥ ତ୍ୟାଗ କରି ନିଷ୍ଠାର ସହିତ କର୍ତ୍ତବ୍ୟ ପାଳନ କରିବାକୁ ପଡ଼େ । ଏ'ସବୁ ଜାଣି ମଧ୍ୟ ପାର୍ବତୀ ଜିଦ୍ ଧରି ବସିଲେ, ସେ ବରୀର ଆଶ୍ରମକୁ ଯାଇ ରମା ଦେବୀଙ୍କ ପାଖରେ ରହିବେ । ବାପା– ମାଆଙ୍କର ଦୃଢ଼ ବିରୋଧ ସତ୍ତ୍ୱେ ଜିଦ୍‌ଖୋର ପାର୍ବତୀ ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ଦେଶ ପାଇଁ କାମ କରିବାକୁ ତାଙ୍କର କିଭଳି ଦୃଢ଼ ମନୋବଳ ଅଛି– ତା'ର ପ୍ରମାଣ ଦେବା ପାଇଁ ପାର୍ବତୀଙ୍କୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଏକ ସାକ୍ଷାତ୍‌କାରରେ କହିଥିଲେ,– "ଆମ ଘରେ ସେଦିନ ସମସ୍ତେ ଉପସ୍ଥିତ ଥାଆନ୍ତି । ମୋର ବରୀ ଯିବା ବିଷୟ ନେଇ ବିଚାର ଚାଲିଥାଏ । ବାପା ଗମ୍ଭୀର ହୋଇ ବସି ଥାଆନ୍ତି । ମୋର ପିଉସୀ ଅମୃତା ଦେବୀ ମୋ ମନୋବଳ ପରୀକ୍ଷା କରିବାକୁ ଯାଇ କହିଲେ– 'ତୁ ଯଦି ବାସି ପଖାଳ ଭାତରେ କଞ୍ଚା ହରିଡ଼ା ଚକଟି ଖାଇ ପାରିବୁ ମୁହଁ ତୋର ବିକୃତ୍ତଟିଆ ହବ ନାହିଁ । ତେବେ ଯାଇ ତୁ ବରୀକୁ ଯାଇ ପାରିବୁ ।'

ସତକୁ ସତ ମୁଁ ମୁହଁଟାଣ କରି ଆସିଲା ପଖାଳ, କଞ୍ଚା ହରିଡ଼ା ନିର୍ବିକାର ଭାବରେ ଖାଇ ଦେଲି । ମୁହଁ ମୋର ଟସ ... ଥାଏ । ମୋର ଦୃଢ଼ ମନୋବଳ ଦେଖି, ବାପା ... ପକେଇଲେ– 'ବାଘଛୁଆ ଗାର ଡେଇଁ ଯାଇଛି, ସେ ନିଶ୍ଚୟ ... ଯିବ ।' ତାପରେ ମୋର ବରୀ ଯିବା କଥା ନିଶ୍ଚିତ ହୋଇ ... ଫକୀର ବେହେରା ଏବଂ ପ୍ରଭାବତୀ ଦେବୀଙ୍କ ସହ ... ଆଶ୍ରମରେ ପହଞ୍ଚିଲୁ ।"

୧୯୩୮ ମସିହାରୁ ୧୯୪୦ ମସିହା ତିନିବର୍ଷ କାଳ ସେ ରମା ଦେବୀ ଏବଂ ମାଳତୀ ଦେବୀଙ୍କ ଗହଣରେ ରହିଲେ । ସେଠାରେ ସେ ଗାଆଁ ଗହଳିର ଲୋକଙ୍କ ସେବା ଏବଂ ସଙ୍ଗଠନ କାର୍ଯ୍ୟରେ

ଲାଗି ପଡ଼ିଲେ । ଦରକାର ବେଳେ କାମରେ ଲାଗିବା ପାଇଁ, ଆଶ୍ରମରେ ଥାଇ ସେ ଗଛଚଢ଼ା, ସାଇକେଲ ଚଲାଇବା, ହଳ କରିବା, ପୋଖରୀ- ନଦୀ ପହଁରା ଏବଂ ସାବୁନ ତିଆରି କରିବାରେ ଧୁରନ୍ଧର ହୋଇଗଲେ ।

ବାରୀ ଆଶ୍ରମରେ ଥିଲାବେଳେ ଅନ୍ୟ ଝିଅ ମାନଙ୍କ ସହିତ ମିଶି ସେ ଗାଁ ଲୋକଙ୍କୁ ସୂତାକଟା ଶିଖେଇଲେ । ହରିଜନ ବସ୍ତି ପରିଷ୍କାର କଲେ । ମହିଳା ଏବଂ ଶିଶୁମାନଙ୍କୁ ପାଠ ପଢ଼େଇବା ପାଇଁ ବୁଝେଇଲେ ।

୧୯୪୦ ମସିହାରେ ରମାଦେବୀଙ୍କ ପରାମର୍ଶରେ ସେ ସମ୍ବଲପୁର ଆସି ସଙ୍ଗଠନ କାମରେ ଲାଗି ପଡ଼ିଲେ । ବରଗଡ଼ ଧର୍ମଶାଳାଠାରେ ଗୋଟିଏ ଖୋଲା ସଭା କଲେ । ଏଭଳି ସଭା କରିବା ସେତେବେଳେ ଏକ ଅପରାଧ ରୂପେ ଗଣା ଯାଉଥିଲା । ତେଣୁ ପୁଲିସ୍ ତାଙ୍କ ସଭାକୁ ଭଣ୍ଡୁର କରି ଦେଲେ । ଗିରଫ କରି ପାର୍ବତୀଙ୍କୁ ଜେଲକୁ ନେଇଗଲେ । ତାଙ୍କୁ ଅଠର ବର୍ଷ ହୋଇ ନଥିବାରୁ ଜେଲରେ ରଖା ଯାଇ ପାରିଲା ନାହିଁ । ସେଥିରୁ ମୁକ୍ତି ପାଇ ସେ ବସେ ପ୍ରସ୍ତାବର ପ୍ରଶ୍ନର ପଦ ବାଣ୍ଟିଲେ । ଏହା ମଧ୍ୟ ଅପରାଧ ମୂଳକ କାର୍ଯ୍ୟ ଥିଲା । ଏଥି ପାଇଁ ପୁଣି ଗିରଫ କରି ତାଙ୍କୁ ଛାଡ଼ି ଦିଆଗଲା । ପାର୍ବତୀ ଗିରି ଦବିଯିବାର ଝିଅ ନ ଥିଲେ । ସେ ବରଗଡ଼ର ମଦଭାଟି ଭାଙ୍ଗିବାକୁ ସଦଳେ ବଳେ ଗଲେ । ସେଠାରେ ପୁଣି ଗିରଫ ହେଲେ । ଜଣେ ବୁଢ଼ା ପୁଲିସ୍ ଅଫିସର ତାଙ୍କୁ ଅପମାନିତ କରିବା ପାଇଁ କହିଲେ –"ତମେ ଯଦି ଝିଅ ହୋଇ ପୁଅଙ୍କ ସାଙ୍ଗରେ ମିଶି, ପୁଅଙ୍କ ଭଳି ସଂଗ୍ରାମ କରିବାକୁ ଆଗେଇଛ, ମୋ କୋଳରେ ତମେ ବସି ପାରିବ ?"

ଚତୁର ଝିଅ ପାର୍ବତୀ ନିଜର ଉପସ୍ଥିତ ବୁଦ୍ଧିରେ ବୁଢ଼ା ପୁଲିସଙ୍କୁ ଉତ୍ତର ଦେଇ କହିଲେ– "ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ବରଂ ଖୁସି ହେବା କଥା । କାରଣ ବାପ କୋଳରେ ଝିଅ ବସିବ । ତମେ ତ ମୋର ବାପାଙ୍କ ବୟସର ଲୋକ !"

ପାର୍ବତୀଙ୍କର ସାହସିକ କଥା ଶୁଣି ପୁଲିସ ଅଫିସର ଜଣକ ନିଜେ ଲଜ୍ଜିତ ହୋଇ ହାର ମାନିବାକୁ ବାଧ୍ୟ ହୋଇ ଥିଲେ ।

ପୁଣି ଥରେ ବରଗଡ଼ର ଏସ୍.ଡି.ଓ.ଙ୍କ ଅଫିସ ଚଢ଼ଉ କରି, ସେ ନିଜେ ଏସ୍.ଡି.ଓ.ଙ୍କ ଆସନରେ ବସି ଥିଲେ । ନିଜର ସହଯୋଗୀ ପୂର୍ଣ୍ଣ ଗିରି ଏବଂ ବିରିଞ୍ଚିଙ୍କୁ ପିଅନ କରି ଠିଆ କରେଇ ଥାଆନ୍ତି । ଏସ୍.ଡି.ଓ. ଆସି ନିଜ ଅଫିସର ଅବସ୍ଥା ଦେଖି ଚମକି ପଡ଼ିଲେ । ପାର୍ବତୀ ତାଙ୍କର ଅଭିନୟ ଆରମ୍ଭ କରି ତାଙ୍କ ପିଅନଙ୍କୁ ଆଦେଶ ଦେଲେ, ଏସ୍.ଡି.ଓ.ଙ୍କୁ ଗିରଫ କରିବା ପାଇଁ । ତାଙ୍କ ଆଦେଶ ପାଳନ ହେବା ପୂର୍ବରୁ ପାର୍ବତୀ ଗିରି ଏବଂ ପିଅନ ରୂପୀ ପୂର୍ଣ୍ଣ ଓ ବିରଞ୍ଚି ଗିରଫ ହୋଇ ହାଜତକୁ ଗଲେ ।

ପୂର୍ବପରି ତାଙ୍କୁ ୧୮ ବର୍ଷ ହୋଇ ନ ଥିବାରୁ ବାଧ୍ୟ ହୋଇ ଇଂରେଜ ସରକାର ତାଙ୍କୁ ଛାଡ଼ି ଦେଇଥିଲେ ।

୧୯୪୨ ମସିହାରେ ପ୍ରସ୍ତାବ ପଦ ବାଣ୍ଟିବା ଅପରାଧରେ ତାଙ୍କୁ ଗିରଫ କରି ଜେଲରେ ରଖାଗଲା ।

୧୯୪୬–୪୭ ମସିହା ବେଳକୁ ସେ ୱାର୍ଦ୍ଧାରେ ଥାଆନ୍ତି । ପୁନା ଆଶ୍ରମକୁ ମଧ୍ୟ ଯିବା ଆସିବା କରୁଥାଆନ୍ତି । ସେଇ ଆଶ୍ରମରେ ରହି କଠୋର ଶୃଙ୍ଖଳାରେ ସେ ପାଇଲେ ଜୀବନର ପ୍ରକୃତ ସ୍ୱାଦ । ବଡ଼ ବଡ଼ ଜାତୀୟ ନେତାମାନଙ୍କ ସହିତ ତାଙ୍କର ପରିଚୟ ହେଲା । ଚିନ୍ତାଧାରାରେ ପରିବର୍ତ୍ତନ ଘଟିଲା ।

ଦେଶ ସ୍ୱାଧୀନ ହେଲା ବେଳକୁ ପାର୍ବତୀ ଗିରି ୱାର୍ଦ୍ଧାରେ ଥାଇ ସ୍ୱାଧୀନତା ଦିବସ ପାଳନ କଲେ । ଅନେକ ଦିନର ସଂଗ୍ରାମର ଫଳ ସ୍ୱରୂପ ଦେଶ ସ୍ୱାଧୀନ ହେବାରୁ ଆନନ୍ଦରେ ଅଧୀରା ହୋଇ ପଡ଼ିଲେ । ସେ ପୂର୍ବରୁ ଅଧିକ ପାଠ ପଢ଼ାର ସୁଯୋଗ ପାଇ ପାରି ନଥିଲେ, ସେଥିପାଇଁ ତାଙ୍କ ମନରେ ଅବଶୋଷ ରହିଯାଇଥିଲା । ୧୯୪୯ ମସିହାରେ ସେ ପ୍ରୟାଗ ମହିଳା ବିଦ୍ୟାପୀଠ, ଆହ୍ଲାବାଦରେ ଚାରି ପାଞ୍ଚ ବର୍ଷ କାଳ ପାଠ ପଢ଼ିଲେ । ତା'ପରେ ସେଠାରୁ ଫେରି ଆସି ରମା ଦେବୀଙ୍କୁ ସାକ୍ଷାତ କଲେ ।

ସେହି ସମୟରେ କଳାହାଣ୍ଡିରେ ଅକାଳ ମରୁଡ଼ି ପଡ଼ି ଥାଏ । ଲୋକେ ଖାଦ୍ୟ ଅଭାବରେ ତ୍ରାହିତ୍ରାହି ବିକଳ ହେଉଥାନ୍ତି । ଚାରି ଆଡ଼େ ହାହାକାର । ରମା ଦେବୀ ପାର୍ବତୀ ଗିରିଙ୍କୁ କଳାହାଣ୍ଡିର ଅସହାୟ ଲୋକ ଏବଂ ଅନାଥ ଶିଶୁଙ୍କୁ ଥଇଥାନ କରିବାକୁ ଏବଂ ତାଙ୍କର ଉପଯୁକ୍ତ ସେବା କରିବାକୁ ପଠାଇଲେ । କଳାହାଣ୍ଡିର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳକୁ ଆସି ପାର୍ବତୀ ଗିରି ଅନାଥ ଆଶ୍ରମର ଦାୟିତ୍ୱ ନେଲେ । ସେତିକିବେଳେ ସାଇକେଲ ଚଢ଼ା ଶିଖିବାଟା ତାଙ୍କୁ ଖୁବ୍ ସାହାଯ୍ୟ କଲା । ସେ ସାଇକେଲ ଚଢ଼ି ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କର ସେବା କରି ପାରିଲେ ।

୧୯୬୫ ମସିହାରେ ସମ୍ବଲପୁର ଜିଲ୍ଲାରେ ଅଭୂତପୂର୍ବ ମରୁଡ଼ି ଦେଖା ଦେଲା । ଗରିବ ଲୋକେ କାମ ପାଇଲେ ନାହିଁ କି ଖାଇବାକୁ ପାଇଲେ ନାହିଁ । ପାର୍ବତୀ ଗିରି ବିଭିନ୍ନ ଅଞ୍ଚଳରୁ ଅନାଥ, ଅସହାୟ ଏବଂ ଦୁଃଖୀ ପିଲାମାନଙ୍କୁ ସଂଗ୍ରହ କରି ପାଇକମାଳ, ପଦ୍ମପୁର, ନୂଆପଡ଼ା, ଖଡ଼ିଆଳ ଏବଂ କୁମୁରା ପାଞ୍ଚୋଟି ଜାଗାରେ ଅନାଥ ଆଶ୍ରମ ଖୋଲିଲେ । ତାଙ୍କର ଦୁଇଜଣ ବିଶ୍ୱାସୀ ତଥା ସହଯୋଗୀ ନିରୁପମା ମହାପାତ୍ର ଏବଂ ଫତିମା ବି ତାଙ୍କୁ ଏ ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲେ ।

ପରବର୍ତ୍ତୀ ସମୟରେ ପାର୍ବତୀ ଗିରି ପାଇକମାଳର ନୃସିଂହନାଥ ମନ୍ଦିର ନିକଟରେ "କସ୍ତୁରବା ମାତୃ ନିକେତନ" ପ୍ରତିଷ୍ଠା କଲେ । ୧୪ ଏକର ଜମି ଉପରେ ଗଢ଼ି ଉଠିଲା–ଆଶ୍ରମ ଗୃହ । ତା'ର ପରିଚାଳନା ଦାୟିତ୍ୱରେ ରହିଲେ ସାନ ମା' ନିରୁପମା ମହାପାତ୍ର ।

ଫୁଲଝରନର ବୀର ସିଂହଗଡ଼ରେ ଆଉ ଗୋଟିଏ ବାଳ ନିକେତନ ଗଢ଼ି ଆଖପାଖ ଅଞ୍ଚଳରେ ଥିବା ଅନାଥ ଶିଶୁମାନଙ୍କୁ ଥଇଥାନ ବ୍ୟବସ୍ଥା କଲେ । ଏହାର ନାମ ରଖାଗଲା–"ଡାକ୍ତର ସାନ୍ତ୍ୱା ବାଳ ନିକେତନ" । ଏହି ବାଳ ନିକେତନର ସାନ ମାଆ ଦାୟିତ୍ୱରେ ଅଛନ୍ତି ଫତିମା ।

ସେତିକିରେ ପାର୍ବତୀ ଗିରି ସନ୍ତୁଷ୍ଟ ନ ହୋଇ ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କ ଥଇଥାନର ବ୍ୟବସ୍ଥା କଲେ । ଏଥିପାଇଁ ସ୍ୱତନ୍ତ୍ର ବାସଗୃହ, ଆଶ୍ରମ ଘର ନଥିବାରୁ ସମ୍ବଲପୁରର ରେଡ଼କ୍ରସ ବିଲ୍ଡିଂରେ ୧୯୯୧ ମସିହା ପର୍ଯ୍ୟନ୍ତ ଜରା ନିବାସ ଚାଲିଲା । ବର୍ତ୍ତମାନ ଡାକ୍ତର ପାଡ଼ା "ବାଳ ନିକେତନ" ନିକଟରେ ନୂତନ ଜରାନିବାସ ନିର୍ମାଣ ହେବାରୁ ବୃଦ୍ଧ ବୃଦ୍ଧାମାନେ ସେଇଠି ରହୁଛନ୍ତି । ପାରକମାଲରେ ସୁନ୍ଦର ସୁନ୍ଦର ଦୁଇଟି ବୃହତ ପଢ଼ାଘର ଏବଂ ଛାତ୍ରାବାସ ନିର୍ମାଣ କରାଯାଇଛି । ବାଳ ନିକେତନର ନୂତନ ପଢ଼ାଘର ମଧ୍ୟ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଉନ୍ମୋଚନ କରିଛନ୍ତି ।

ତଥାପି ପାର୍ବତୀ ଗିରି ନିରବ ରହି ନାହାନ୍ତି । ସେ କୁଷ୍ଠ ରୋଗୀମାନଙ୍କ ଥଇଥାନ ପାଇଁ ସମ୍ବଲପୁରଠାରୁ ଆଠ କି.ମି. ଦୂରରେ ଏକ କୁଷ୍ଠାଶ୍ରମ ପ୍ରତିଷ୍ଠା କରିଛନ୍ତି । ପାର୍ବତୀ ଗିରି ନିଜର ସମସ୍ତ ବ୍ୟକ୍ତିଗତ ରୋଜଗାରକୁ ଏଇସବୁ ଅନୁଷ୍ଠାନକୁ ଦାନ କରି ସେ ଅନେକ ସନ୍ତାନର ମାଆ ହୋଇଚନ୍ତି । ସମସ୍ତେ ତାଙ୍କୁ ବଡ଼ମା ହିସାବରେ ଚିହ୍ନନ୍ତି । ମନ ଧ୍ୟାନରେ ପାର୍ବତୀ ଗିରି ଯେଉଁମାନଙ୍କ ସେବା କରନ୍ତି ସେମାନେ ତାଙ୍କର ସନ୍ତାନ ନୁହଁନ୍ତି ତ ଆଉ କ'ଣ ?

---

*କାର୍ଯ୍ୟକ୍ରମ ନିର୍ବାହୀ,*
*ଆକାଶବାଣୀ–ସମ୍ବଲପୁର ।*



ସୂଚନା ଭବନଠାରେ ଅନୁଷ୍ଠିତ ଓଡ଼ିଶା ସାମ୍ବାଦିକ ୟୁନିୟନ୍‌ର ଅଷ୍ଟମ ବାର୍ଷିକୀସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ବିଧାନ ସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସଙ୍କ ଉଦ୍‌ବୋଧନ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଓ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀ ଦାମୋଦର ରାଉତ ମଞ୍ଚାସୀନ ଅଛନ୍ତି ।



# ମୟୂରଭଞ୍ଜ ଜିଲ୍ଲାରେ ରବି ଚାଷ

● ଜାନକୀ ବଲ୍ଲଭ ଦାଶ

ମୟୂରଭଞ୍ଜ ଜିଲ୍ଲାର ମୋଟ ଚାଷୋପଯୋଗୀ ଜମି ୪,୪୭,୨୧୪ ହେକ୍ଟର । ଏଥି ମଧ୍ୟରୁ ଚଳିତ ୧୯୯୨–୯୩ ମସିହା ରବି ଋତୁରେ ମୋଟ ୧,୩୭,୦୭୮ ହେକ୍ଟର ପାଇଁ ରବି ଚାଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଅଛି । ଜିଲ୍ଲାରେ ରବି ଚାଷ ପାଇଁ ଜଳସେଚନର ଯାହାକିଛି ସୁବିଧା ରହିଛି ତା'ର ପୂର୍ଣ୍ଣ ସଦୁପଯୋଗ କରାଯାଇ ମୋଟ ୩୬,୪୩୭ ହେକ୍ଟର ଜଳସେଚିତ ଓ ୧,୦୧,୬୪୧ ହେକ୍ଟରରେ ଅଣଜଳସେଚିତ ଫସଲ ଚାଷ ପାଇଁ କାର୍ଯ୍ୟକ୍ରମ ରଖାଯାଇଛି ।

ଜିଲ୍ଲାର କୃଷି ଆଭିମୁଖ୍ୟ କମିଟିର ବୈଠକ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଗତ ଅକ୍ଟୋବର ମାସରେ ଡକାଯାଇ ଚଳିତ ବର୍ଷ ରବି ଚାଷ କେତେଗୁଡ଼ିଏ ପ୍ରଧାନ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏହା ଜିଲ୍ଲାରେ ଜମିର ଅବସ୍ଥା ଓ ଜଳବାୟୁକୁ ଦୃଷ୍ଟିରେ ରଖି ସ୍ଥିର କରାଯାଇଛି । ସେହି ଆଭିମୁଖ୍ୟଗୁଡ଼ିକ ଅଣଜଳସେଚିତ ଓ ଜଳସେଚିତ ଉଭୟ କିସମ ଜମି ପାଇଁ ଗ୍ରହଣ କରାଯାଇଛି । ଅଣଜଳସେଚିତ ଜମିପାଇଁ :–

(୧) ଜମିର ବର୍ଷାବଶେଷ ଆର୍ଦ୍ରତାକୁ ବିନିଯୋଗ କରିବା ପାଇଁ ଶୀଘ୍ର ରବି ଫସଲ ବୁଣିବା । ଏହା ବିଶେଷତଃ ପ୍ରାକ୍ ରବି ଋତୁ ଯଥା ସେପ୍ଟେମ୍ବର ଓ ଅକ୍ଟୋବର ମାସରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉଚ୍ଚ ଓ ଉଚ୍ଚମାଧ୍ୟମ ଜମିରେ ବର୍ଷାଦିନେ ପଡ଼ିଆ ଥିବା ଓ ବର୍ଷାଦିନିଆ ପ୍ରଥମ ଫସଲ ଆଶୁ ଧାନ ଓ ମୁଗ, ବିରି ଇତ୍ୟାଦି ଅମଳ ପରେ ଜମି ଚାଷ କରାଯାଇ ସେଥିରେ କୋଳଥ, ରାଶିଲା/ମୁଗ, ଅଳସୀ ଓ ଅଣଜଳସେଚିତ ସୋରିଷ ଚାଷ କରାଯିବାର ବ୍ୟବସ୍ଥା ।

(୨) ଅଣଜଳସେଚିତ ନିମ୍ନ ମଧ୍ୟମ ଓ ଖାଲ ଜମିମାନଙ୍କରେ ବର୍ଷାବଶେଷ ଆର୍ଦ୍ରତାର ବିନିଯୋଗ କରାଯାଇ ଅଧିକ ଫସଲ ଅମଳର ବ୍ୟବସ୍ଥା କରାଯାଇଛି । ଏହି କୌଶଳ ଅନୁଯାୟୀ ମଟାଳ ମାଟିଥିବା ଧାନ କ୍ଷେତମାନଙ୍କରେ କାଦୁଆ ଅବସ୍ଥାରେ ଧାନ କାଟିବାର ୧୫ ଦିନ ପୂର୍ବରୁ ପାଇରା ଫସଲ ଛଟାବୁଣା କରାଯିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏଥିରେ ବୁଟ, ମଟର, ମସୁର, ତିସି, ବିରି ଇତ୍ୟାଦି ପାଇରା ଫସଲ ଭାବରେ ଚାଷ କରାଯାଉଛି ।

(୩) ଜିଲ୍ଲାରେ ତୈଳବୀଜ ଓ ଡାଲିଜାତୀୟ ଫସଲ ଚାଷ ଅଧିକ ଜମିରେ ଚାଷ କରାଯିବାର ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏହି ଫସଲ ଅଳ୍ପ ଜଳ ଆବଶ୍ୟକ କରୁଥିବାରୁ ଅଣଜଳସେଚିତ ଜମିରେ ଏଗୁଡ଼ିକ ପ୍ରାଧାନ୍ୟ ସହିତ ଚାଷ କରାଯାଉଛି । ଜଳସେଚିତ ଜମିରେ ମଧ୍ୟ ଧାନ ପରିବର୍ତ୍ତେ ଗହମ ଓ ପନିପରିବା ଇତ୍ୟାଦି ଚାଷ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଯେତିକି ଜଳ ବିନିଯୋଗ କରାଯାଇ ୧ ହେକ୍ଟର ଡାଲୁଅ ଧାନ ଚାଷ କରାଯାଇ ପାରିବ, ସେତିକି ଜଳରେ ୪ରୁ ୫ ହେକ୍ଟର ପର୍ଯ୍ୟନ୍ତ ଡାଲି ଓ ତୈଳବୀଜ ଜାତୀୟ ଫସଲ ଏବଂ ୨ରୁ ୩ ହେକ୍ଟର ପର୍ଯ୍ୟନ୍ତ ପନିପରିବା ଓ ଗହମ ଇତ୍ୟାଦି ଚାଷ କରାଯାଇ ପାରିବ । ଏହାଦ୍ୱାରା ନିଶ୍ଚିତ ଭାବରେ ଜିଲ୍ଲାର ଆୟ ଧାନ ଚାଷ ତୁଳନାରେ ୨/୩ ଗୁଣ ଅଧିକ ହୋଇପାରିବ ।

(୪) ଜଳସେଚିତ ଜମିର ଖାଲୁଆ ଅଞ୍ଚଳ ଯେଉଁଠାରେ ଧାନ ବ୍ୟତୀତ ଅନ୍ୟ ରବି ଫସଲ ଚାଷ କରାଯାଇ ପାରିବ ନାହିଁ ସେହି ସବୁ ଅଞ୍ଚଳରେ କେବଳ ଡାଲୁଅ ଧାନ ଚାଷ ପାଇଁ କାର୍ଯ୍ୟକ୍ରମ ରଖାଯାଇଛି ।

(୫) ହେକ୍ଟର ପ୍ରତି ସର୍ବୋପରି ମୋଟ ଅମଳର ବୃଦ୍ଧି ନିମିତ୍ତ ଫସଲ ପର୍ଯ୍ୟାୟ ଅନୁସରଣ ସହିତ, ସ୍ୱଳ୍ପକାଳୀନ ଅଧିକ ଅମଳକ୍ଷମ ପ୍ରାମାଣିକ ବିହନ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବ୍ଲକର 'ବିହନ ବିକ୍ରୟ' କେନ୍ଦ୍ରମାନଙ୍କୁ ପ୍ରାମାଣିକ ବିହନ ଯୋଗାଇ ଦିଆଯାଇଅଛି ।

(୬) ଖତ ଓ ରାସାୟନିକ ସାରର ସୁଷମ ବ୍ୟବହାର ଦ୍ୱାରା ଅଧିକ ଅମଳ କରାଯିବାର ଲକ୍ଷ୍ୟ ରଖାଯାଇଅଛି ।

(୭) ଫସଲକୁ କୀଟ ଓ ରୋଗର ପ୍ରଭାବରୁ ମୁକ୍ତ କରିବା ପାଇଁ ଏସବୁ ଆକ୍ରମଣର ଗୁରୁତ୍ୱ ଦେଖି ଶସ୍ୟ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥିର କରାଯାଇଛି ।

(୮) ଅଧିକ ଅମଳ ପାଇଁ ଚାଷରେ ଉନ୍ନତ କୃଷି ସାମଗ୍ରୀ ସହିତ ବୈଜ୍ଞାନିକ କୌଶଳ ପ୍ରୟୋଗ ଦିଗରେ ଚାଷୀମାନଙ୍କୁ ପରାମର୍ଶ ଓ ପ୍ରତ୍ୟକ୍ଷ ସହାୟତା କରିବା ପାଇଁ ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ଜିଲ୍ଲାରେ ଦୀର୍ଘଦିନ ହେବ କାର୍ଯ୍ୟକାରୀ କରାଯାଇଅଛି ।

ରବି ଋଷର ଆଭିମୁଖ୍ୟଗୁଡ଼ିକର ସଫଳ ରୂପାୟନ ପାଇଁ ଯେଉଁସବୁ ଲକ୍ଷ୍ୟ ରଖାଯାଇଛି ତାହାସବୁ ବି ଏଥି ସହିତ ଦିଆଯାଇଛି । ପ୍ରଥମତଃ ବିଭିନ୍ନ ରବି ଫସଲ ଋଷ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଓ ଗତ ନଭେମ୍ବର ମାସଶେଷ ପର୍ଯ୍ୟନ୍ତ ହାସଲ ହୋଇଥିବା ଆୟତନ ନିମ୍ନୋକ୍ତ ଟେବୁଲରେ ପ୍ରଦାନ କରାଯାଉଛି ।

| କ୍ର. ନଂ. | ଫସଲର ନାମ | ୧୯୯୨–୯୩ ରବି ଋତୁ ପାଇଁ ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟରରେ) | ଗତ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ହାସଲ ହୋଇଥିବା ଆୟତନ (ହେକ୍ଟରରେ) |
|---|---|---|---|
| ୧ | ଅଧିକ ଅମଳକ୍ଷମ ଧାନ | ୬୨୯୦·୦୦ | |
| ୨ | ଗହମ | ୪୬୮୦·୦୦ | ୧୬୩ |
| ୩ | ମକା | ୬୮୨·୦୦ | ୪୧ |
| | ମୋଟ୍ ଖାଦ୍ୟ ଫସଲ | ୧୦୩୫୨·୦୦ | ୨୦୪ |
| ୪ | ବୁଟ | ୬୬୯୦·୦୦ | ୩୪୭୧ |
| ୫ | ମୁଗ | ୧୪୬୫·୦୦ | ୪୬୬୯ |
| ୬ | ବିରି | ୨୪୨୫·୦୦ | ୪୨୨୫ |
| ୭ | କୋଳଥ | ୧୯୬୩୦·୦୦ | ୧୯୪୧୩ |
| ୮ | ମଟର | ୨୬୦୦·୦୦ | ୨୪୬ |
| ୯ | ବରଗୁଡ଼ି | ୩୬୬·୦୦ | ୧୨୪ |
| ୧୦ | ମସୁର | ୨୩୪୦·୦୦ | ୬୨୪୨ |
| | ମୋଟ୍ ଡାଲି ଜାତୀୟ | ୫୨୪୨୬·୦୦ | ୩୬୬୮୧ |
| ୧୧ | ଚିନାବାଦାମ | ୧୯୩୮·୦୦ | ୨୪ |
| ୧୨ | ରାଶି | ୨୬୩·୦୦ | ୧୨ |
| ୧୩ | ଜଡ଼ା | ୧୯୫·୦୦ | ୨୦ |
| ୧୪ | ସୋରିଷ | ୨୮୫·୦୦ | ୩୪୨୫ |
| ୧୫ | ତିସି (ପେଶୀ) | ୧୭୬୯୫·୦୦ | ୧୧୧୬୮ |
| ୧୬ | ଅଳସୀ | ୧୨୨୦୫·୦୦ | ୧୨୦୫୨ |
| ୧୭ | କୁସୁମୀ | ୮·୦୦ | – |
| | ମୋଟ୍ ତୈଳବୀଜ ଫସଲ | ୬୧୧୧୦·୦୦ | ୩୦୮୦୫ |
| ୧୮ | ଆଳୁ | ୧୮୪୦·୦୦ | ୨୦୪ |
| ୧୯ | [illegible] | ୨୬୭·୦୦ | ୨୨୬ |
| ୨୦ | ଅନ୍ୟାନ୍ୟ ପନିପରିବା | ୧୨୦୦୦·୦୦ | ୧୭୬୦ |
| | ମୋଟ୍ ପନିପରିବା | ୨୩୧୦୭·୦୦ | ୧୦୫୯୦ |
| ୨୧ | ପିଆଜ | ୨୨୬୫·୦୦ | ୧୩୫ |
| ୨୨ | ଲଙ୍କାମରିଚ | ୩୩୬୨·୦୦ | ୧୨୭ |
| ୨୩ | ଧନିଆ | ୧୪୮·୦୦ | ୨୯ |
| ୨୪ | ରସୁଣ | ୧୨୮୫·୦୦ | ୨୫ |
| | | | ୨୫ |
| | ମୋଟ୍ ମସଲା ଜାତୀୟ | ୮୦୦୫·୦୦ | ୩୧୬ |
| ୨୫ | ଧୁଆଁ ପତ୍ର | ୧୩୬·୦୦ | ୨୦ |
| ୨୬ | ଆଖୁ | ୧୩୬·୦୦ | ୨୨ |
| | ମୋଟ୍ ଅନ୍ୟାନ୍ୟ ଫସଲ | ୨୭୩·୦୦ | ୪୨ |
| | ସର୍ବ ମୋଟ୍ | ୧,୩୭୦୩୮·୦୦ | ୮୨୦୮ |

## ଜଳସେଚିତ କାର୍ଯ୍ୟକ୍ରମ :

ରବି ଋଷ ପାଇଁ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୯,୬୭୦ ହେକ୍ଟର, କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ୧୯୩୨୬ ହେକ୍ଟର, ସରକାରୀ ଓ ଘରୋଇ ଉଠା ଜଳସେଚନ ପ୍ରକଳ୍ପରୁ ୬,୩୬୬ ହେକ୍ଟର, ସେଚକୂପରୁ ୧,୧୨୮ ହେକ୍ଟର ଏବଂ ଝରଣା, ପୋଖରୀ ଓ ଅନ୍ୟାନ୍ୟ ଜଳସେଚନ କେନ୍ଦ୍ରରୁ ୨୨, ୨୭୧ ହେକ୍ଟର, ଏହିପରି ମୋଟ ୪୦,୨୬୧ ହେକ୍ଟର ଜମିରେ ଜଳସେଚନ ମିଳିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହିସବୁ ଜମିରେ ଫସଲ ଋଷ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଅଛି ।

ଅଧିକ ଉତ୍ପାଦନ ନିମିତ୍ତ ଋଷୀମାନେ ନିଜ ପାଖରେ ଥିବା ଅଧିକ ଅମଳକ୍ଷମ ବିହନ ବ୍ୟବହାର କରିବା ସଙ୍ଗେ ସଙ୍ଗେ କେତେକ ଉନ୍ନତମାନର ପ୍ରାମାଣିକ ବିହନ ଋଷୀମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହି ବିହନ ସବୁ ଜିଲ୍ଲାର ୨୬ଟି ବ୍ଲକର ୫୭ଟି ବିକ୍ରୟ କେନ୍ଦ୍ରରେ ବିକ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି । ନୂତନ ଭାବରେ ଯୋଗାଇ ଦେବା ପାଇଁ ବିହନର ଲକ୍ଷ୍ୟ ନିମ୍ନରେ ପ୍ରଦତ୍ତ ହୋଇଛି :—

| କ୍ର. ସଂ. | ବିହନର ନାମ | ୧୯୯୨–୯୩ ରବି ଋତୁରେ ବଣ୍ଟନର ଲକ୍ଷ୍ୟ (କୁଇଣ୍ଟାଲରେ) | ଗତ ୧୯୯୨ ନଭେମ୍ବର ... ପୂର୍ବ ଯୋଗାଣ ... ବିହନ ପରିମାଣ (କୁଇଣ୍ଟାଲରେ) |
|---|---|---|---|
| ୧ | ଗହମ (ସୋନାଲିକା) | ୨୨୦୦·୦୦ | ୮୫୨ |
| ୨ | ସୋରିଷ(ଏମ୍:୨୭) | ୧୦୦·୦୦ | |

| | | | |
|---|---|---|---|
| ୩ | [illegible] | ୪୦.୦୦ | ୭୬.୬୮ |
| ୪ | ମକର [illegible] | ୫୦.୦୦ | ୪୭.୬୯ |
| ୫ | ମୁଗ | ୧୨୦.୦୦ | ୩୭.୦୮ |
| ୬ | ଶଶି (ଟି-୧) | ୨୦.୦୦ | ୩୦.୦୪ |
| ୭ | ଚିନାବାଦାମ | ୨୦୦.୦୦ | ୭୮.୦୦ |
| ୮ | ରାଶି | ୪.୦୦ | – |
| ୯ | କୁସୁମୀ | ୧.୦୦ | – |
| ୧୦ | ମକା | ୧୦.୦୦ | – |
| ୧୧ | [illegible] ଧାନ | ୨୦୦.୦୦ | – |

ଅଧିକ ଅମଳକ୍ଷମ ବିହନ ସହିତ ଖତ ଓ ରାସାୟନିକ ସାରର, ସୁଷମ ବ୍ୟବହାର ଦ୍ୱାରା ଅଧିକ ଉତ୍ପାଦନ ହାସଲ କରିବାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଅଛି । ୧୯୯୨–୯୩ ମସିହା ରବି ଋତୁରେ ଉଦ୍ଭିଦ ଖାଦ୍ୟସାର ଆକାରରେ ମୋଟ ୧୨୨୪ ମେଟ୍ରିକ୍ ଟନ୍ ସାର ବ୍ୟବହାର ହୋଇଥିବା ସ୍ଥଳେ ଚଳିତ ବର୍ଷ ରବି ଋତୁରେ ୧୫୯୦ ମେଟ୍ରିକ୍ ଟନ୍ ଉଦ୍ଭିଦ୍ ଖାଦ୍ୟସାର ଆକାରରେ ସାର ବ୍ୟବହାରର ଲକ୍ଷ୍ୟ ରଖାଯାଇଅଛି । ଏହା ଗତ ବର୍ଷ ବ୍ୟବହାର ଉପରେ ଶତକଡ଼ା ୩୦ ଭାଗ ଅଧିକ ହାରରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

ଜିଲ୍ଲାରେ ଚଳିତ ରବି ଋତୁରେ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ମୋଟ ୬୭୫.୧୯୮ ମେଟ୍ରିକ୍ ଟନ୍ ଖାଦ୍ୟସାର ବ୍ୟବହାର କରାଯାଇଅଛି । ଫସଲରେ ପୋକ ଓ ରୋଗର ନିରାକରଣ ପାଇଁ ଏହାର ଗୁରୁତ୍ୱ ଅର୍ଥନୈତିକ ନିୟନ୍ତ୍ରଣ ସୀମା ଅତିକ୍ରମ କଲେ କୀଟ ଓ ରୋଗନାଶକ ଔଷଧ ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି । ଅଯଥା ଔଷଧ ପ୍ରୟୋଗ ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ନହୋଇ ବାୟୁମଣ୍ଡଳକୁ ବିଷାକ୍ତ ନକରିବାକୁ ପରାମର୍ଶ ଦିଆଯାଉଅଛି ।

ଜିଲ୍ଲାରେ ବେତନଟୀ, ବଡ଼ସାହି, କପ୍ତିପଦା, ବହଳଦା ଓ ଠାକୁରମୁଣ୍ଡା ଏହି ୫ଟି ବ୍ଲକରେ ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ଚାଷୀମାନଙ୍କୁ ନିର୍ଦ୍ଦିଷ୍ଟ ଅର୍ଥ ଆବଣ୍ଟନ ଅନୁଯାୟୀ ସାର, କୀଟନାଶକ ଔଷଧ, କୃଷିଯନ୍ତ୍ରପାତି ଉପରେ ରିହାତି ଯୋଗାଇ ଦିଆଯାଉଛି । ଏହିସବୁ ବ୍ଲକମାନଙ୍କରେ କୃଷକ ଓ କୃଷି ଶ୍ରମିକମାନଙ୍କର ମୋଟ ୧୦ଟି କରି ତାଲିମ୍ ସଂଗଠିତ କରାଯାଇଅଛି । ଏହା ବ୍ୟତୀତ ତୈଳବୀଜ ଉତ୍ପାଦନ, ବୃଦ୍ଧି ନିମିତ୍ତ ଜିଲ୍ଲାର ୫ଟି ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଥିବା ବ୍ଲକ ବ୍ୟତୀତ ଅନ୍ୟ ୨୧ଟି ବ୍ଲକ୍‌ରେ ତୈଳବୀଜ ଜାତୀୟ ଫସଲ ଉତ୍ପାଦନରେ ସୁବିଧା ସୁଯୋଗ ଦେଖି ଏହି ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ଏଥିରେ ମୋଟ ୩୦୦ ହେକ୍ଟର ଜମିରେ ପ୍ରଦର୍ଶନ କ୍ଷେତ୍ର କରିବାର ବ୍ୟବସ୍ଥା ରଖାଯାଇଅଛି । ଏହା ବ୍ୟତୀତ ୨୦୦ ହେକ୍ଟର ପାଇଁ ଶସ୍ୟ ସଂରକ୍ଷଣ ରସାୟନ ଯୋଗାଇ ଦେବାର ବ୍ୟବସ୍ଥା ରଖାଯାଇଅଛି । ୧୦୦ଟି ଔଷଧ ସିଞ୍ଚନ ଯନ୍ତ୍ର, ୫୦ଟି ସେଟ୍ କୃଷି ଯନ୍ତ୍ରପାତି ଶତକଡ଼ା ୫୦ ରିହାତି ଦରରେ ଓ ୧୬୦ ମେଟ୍ରିକ୍ ଟନ୍ ଜିପ୍‌ସମ୍ ମାଗଣାରେ ଚାଷୀମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି ।

ରବି ଚାଷରୁ ଅଧିକ ଅମଳ ପାଇବା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀମାନେ ପାକ୍ଷିକ ତାଲିମ୍ ପାଇଁ ପରିଦର୍ଶନ ମାଧ୍ୟମରେ ଚାଷୀମାନଙ୍କୁ ବିଭିନ୍ନ ଯୋଜନାର ସୁଫଳ ସହିତ ବୈଷୟିକ ପରାମର୍ଶ ଦେଉଛନ୍ତି ।

(ତଥ୍ୟ ସୌଜନ୍ୟ : ଜିଲ୍ଲା କୃଷି କାର୍ଯ୍ୟାଳୟ ।)

*ସମ୍ପାଦିକା: ଶକ୍ତିଥାନ ଏକ୍ସପ୍ରେସ୍,*
*ଶ୍ରୀରାମଚନ୍ଦ୍ରୀ ଭବନ, ଟେମ୍ପଲ୍‌ଷ୍ଟ୍ରିଟ୍,*
*ବାରିପଦା–୭୫୭୦୦୧ ।*

■ କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ । ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ ।

—ଗାନ୍ଧିଜୀ



# ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମର ଭୂମିକା

● ଶ୍ରୀ ମାରୁତି ଦାଶ

ସ୍ୱାଧୀନତା ସଂଗ୍ରାମର ମୂଳ ଉଦ୍ଦେଶ୍ୟ ଥିଲା, ବିଦେଶୀ ଶାସନ ବିରୁଦ୍ଧରେ ବିଦ୍ରୋହ ବା ବିଦେଶୀ ଶାସନ ପ୍ରବର୍ତ୍ତିତ ଆଇନର ଅମାନ୍ୟ । ଭାରତୀୟମାନଙ୍କ ସ୍ୱାଧୀନତାକୁ ଅପହରଣ କରି ନେଇ ଥିବାରୁ ବିଦେଶୀ ସାମ୍ରାଜ୍ୟ ସ୍ଥାପନ ବିରୁଦ୍ଧରେ ଭାରତୀୟମାନେ ସଂଗ୍ରାମ କରିବାକୁ ଆଗେଇ ଆସିଥିଲେ ।

ବିଦେଶୀମାନଙ୍କ ମଧ୍ୟରେ ଇଂରେଜମାନେ ସର୍ବଶେଷରେ ଭାରତରେ ସାମ୍ରାଜ୍ୟ ସ୍ଥାପନ କରି ଥିବାରୁ ଭାରତର ସ୍ୱାଧୀନତା ସଂଗ୍ରାମ ମୁଖ୍ୟତଃ ଇଂରେଜ ଶାସନ ବିରୁଦ୍ଧରେ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇଂରେଜ ଶାସନ ସ୍ଥାପନ ସମୟରୁ ଓଡ଼ିଶାରେ ମଧ୍ୟ ସ୍ୱାଧୀନତା ସଂଗ୍ରାମର ନିଆଁ ଜଳି ଉଠିଥିଲା । ଗଞ୍ଜାମରେ ଇଂରେଜ ଶାସନ ପୂର୍ବରୁ ନର୍ଦନ ସରକାର ଶାସନ କରୁଥିଲେ । ୧୭୬୬ ମସିହାରେ ନର୍ଦନ ସରକାର ଇଂରେଜ ଶାସନାଧୀନ ହେଲା । ସେହି ବର୍ଷଠାରୁ ଗଞ୍ଜାମରେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହର ନିଆଁ ଜଳି ଉଠିଥିଲା ।

୧୭୬୭ ମସିହାରେ ପାରଳାଖେମୁଣ୍ଡି ରାଜା ନାରାୟଣ ଦେଓ ଇଂରେଜ ଶାସନ ବିରୁଦ୍ଧରେ ପ୍ରଥମେ ବିଦ୍ରୋହ କରିଥିଲେ । ଫଳରେ ସେ ଗାଦିଚ୍ୟୁତ ହୋଇଥିଲେ ଏବଂ ଦେଶତ୍ୟାଗୀ ହୋଇ ପରାଶ୍ରୟରେ ଜୀବନ କଟାଇ ଥିଲେ ।

ନାରାୟଣ ଦେଓଙ୍କ ପରେ ଖଲ୍ଲିକୋଟର ରାଜା ବିଦ୍ରୋହ କଲେ । ତାଙ୍କ ବିରୁଦ୍ଧରେ ଇଂରେଜମାନେ ଯୁଦ୍ଧ କଲେ । ସୁସଜ୍ଜିତ ଓ ସୁଶିକ୍ଷିତ ଇଂରେଜ ସୈନ୍ୟମାନେ ଯୁଦ୍ଧରେ ବିଜୟୀ ହେଲେ । ଫଳରେ ଖଲ୍ଲିକୋଟ ରାଜାଙ୍କୁ ଇଂରେଜଙ୍କ ବଶ୍ୟତା ସ୍ୱୀକାର କରିବାକୁ ହୋଇଥିଲା ।

୧୭୯୯ ମସିହାରେ ପାରଳାଖେମୁଣ୍ଡିର ରାଜା ନାରାୟଣ ଦେଓଙ୍କ ପୁଅ ଗଜପତି ଦେଓ ଇଂରେଜଙ୍କ ବିରୁଦ୍ଧରେ ପୁନର୍ବାର ବିଦ୍ରୋହ କଲେ । ଫଳରେ ଇଂରେଜ ସରକାର ତାଙ୍କୁ ଓ ତାଙ୍କର ପୁଅ, ପୁତୁରା ସମସ୍ତଙ୍କୁ ବନ୍ଦୀ କଲେ । ଏଥିରେ ପାରଳାଖେମୁଣ୍ଡିର ପ୍ରଜାମାନେ, ପାଇକ, ଦୋରା ବିଷୋୟୀ ଇତ୍ୟାଦି ଉତ୍ୟକ୍ତ ହୋଇ ଗଜପତି ଦେଓଙ୍କ ଭାଇ ଜଗନ୍ନାଥ ଦେଓଙ୍କ ନେତୃତ୍ୱରେ ଇଂରେଜ ବିରୁଦ୍ଧରେ ଅଭିଯାନ ଚଳାଇଲେ । ବିଦ୍ରୋହର ନିଆଁ ବହୁଦୂର ପର୍ଯ୍ୟନ୍ତ ବ୍ୟାପୀଗଲା । ଶେଷରେ ଇଂରେଜ କର୍ତ୍ତୃପକ୍ଷ ବିଦ୍ରୋହ ଦମନ କରିବାକୁ ଅସମର୍ଥ ହୋଇ ଗଜପତି ଦେଓଙ୍କ ପୁଅ ପୁରୁଷୋତ୍ତମ ଦେଓଙ୍କ ପୁତୁରା ଦୁର୍ଗରାଜଙ୍କୁ ବନ୍ଦୀରୁ ମୁକ୍ତ କରିବାରୁ ଶାନ୍ତି ସ୍ଥାପିତ ହୋଇଥିଲା ।

୧୮୧୪ ମସିହାରେ ପାରଳାଖେମୁଣ୍ଡିରେ ପୁନର୍ବାର ଏକ ବିଦ୍ରୋହ ହେଲା । ତିନି ବର୍ଷପରେ ୧୮୧୭ ମସିହାରେ ସରକାର ଲୋକଙ୍କ ଦାବୀ ପୂରଣ କରିବାରୁ ବିଦ୍ରୋହ ଶାନ୍ତ ହୋଇଥିଲା ।

୧୮୩୧ ମସିହାରେ ପାରଳାଖେମୁଣ୍ଡିର ବିଷୋୟୀ ଓ ପାଇକମାନେ ପୁନର୍ବାର ବିଦ୍ରୋହ କଲେ । । ବିଦ୍ରୋହ ଉଗ୍ରରୂପ ଆକାର ଧାରଣ କରିବାରୁ ଇଂରେଜ ସରକାର ଜର୍ଜ ରସେଲଙ୍କୁ ସ୍ପେଶାଲ କମିଶନର ରୂପେ ନିଯୁକ୍ତି ଦେଇ ବିଦ୍ରୋହ ଦମନ କରିବାକୁ ପଠାଇଲେ । ଜର୍ଜ ରସେଲ ଏଥିରେ କୃତକାର୍ଯ୍ୟ ହୋଇଥିଲେ । ୧୮୩୪ ମସିହା ବେଳକୁ ବିଦ୍ରୋହ ସମ୍ପୂର୍ଣ୍ଣ ରୂପେ ଦମନ ହୋଇପାରିଥିଲା । ଏହି ବିଦ୍ରୋହରେ ଭାଗ ନେଇଥିବା ୫ ଜଣଙ୍କୁ ଫାଶୀ ଓ ୧୭ ଜଣଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆ ଯାଇଥିଲା ।

ପାରଳାଖେମୁଣ୍ଡି ପରେ ଘୁମୁସରରେ ମଧ୍ୟ ବିଦ୍ରୋହର ନିଆଁ ଜଳି ଉଠିଥିଲା । ୧୭୬୪ ମସିହାରେ କୃଷ୍ଣଭଞ୍ଜ ଘୁମୁସରରେ ରାଜା ହେଲେ । ତାଙ୍କ ଅଧୀନରେ ପ୍ରାୟ ଦଶହଜାର ପାଇକ ସୈନ୍ୟ ଥିଲେ । ଆବଶ୍ୟକ ସମୟରେ ଆଉ ହଜାରେ ଦୁଇହଜାର ପାଇକ ସୈନ୍ୟ ଅନାୟାସରେ ସଂଗ୍ରହ କରିବା ପାଇଁ ତାଙ୍କର ସୁବିଧା ଥିଲା ।

୧୭୭୩ ମସିହାରେ କୃଷ୍ଣ ଭଞ୍ଜଙ୍କର ମୃତ୍ୟୁ ହେବାରୁ ବଡ଼ ପୁଅ ଲକ୍ଷ୍ମଣ ଭଞ୍ଜ ଓ ସାନ ପୁଅ ବିକ୍ରମ ଭଞ୍ଜଙ୍କ ମଧ୍ୟରେ ଉତ୍ତରାଧିକାରୀତ୍ୱ ନେଇ ବିବାଦ ହେଲା । ଗଡଜାତ ଆଦାୟ ଓ ଉଚ୍ଛେଦ, ଉତ୍ତରାଧିକାରୀ ନିର୍ଣ୍ଣୟରେ ପ୍ରଧାନ ନୀତି ହୋଇଥିଲା ସରକାର ଲକ୍ଷ୍ମଣ ଭଞ୍ଜଙ୍କୁ ରାଜା ନକରି ବିକ୍ରମ ଭଞ୍ଜଙ୍କୁ ରାଜା

କୋଣି ସ୍ୱୀକାର କଲେ। ପିତା କୃଷ୍ଣ ଭଞ୍ଜ ବାର୍ଷିକ ତିରିଶି ହଜାର ଟଙ୍କା ଖଜଣା ଦେଉଥିଲେ। ତ୍ରିବିକ୍ରମ ଭଞ୍ଜ ରାଜସ୍ୱ ବଢ଼ାଇ ପଞ୍ଚଶ ହଜାର ଟଙ୍କା ଦେବାକୁ ସ୍ୱୀକାର କଲେ। ସେ ମଧ୍ୟ ବଡ଼ଭାଇ ଲକ୍ଷ୍ମଣ ଭଞ୍ଜଙ୍କୁ ନଅ ଖଣ୍ଡି ଗ୍ରାମ ଜାଗିରି ସ୍ୱରୂପ ଦେବାକୁ ରାଜି ହୋଇଥିଲେ। କିନ୍ତୁ ପରେ ତ୍ରିବିକ୍ରମ ଭଞ୍ଜ ଜାଗିରି ସନନ୍ଦ ଦେବାକୁ ରାଜି ହେଲେ ନାହିଁ କି ରାଜସ୍ୱ ନୀୟମିତ ଭାବରେ ଦାଖଲ କଲେ ନାହିଁ। ସେ ସରକାରୀ ହାକିମମାନଙ୍କର ବାରମ୍ବାର ତାଗିଦ୍ ସତ୍ତ୍ୱେ ସରକାରୀ ସର୍ତ୍ତ ନମାନିବାରୁ ୧୭୭୮ ମସିହାରେ ସରକାର ତାଙ୍କ ବିରୁଦ୍ଧରେ ସାମରିକ ଅଭିଯାନ କରିବାକୁ ସ୍ଥିର କଲେ। କିନ୍ତୁ ରାଜା ତ୍ରିବିକ୍ରମ ଭଞ୍ଜ ନିକଟବର୍ତ୍ତୀ ବୌଦ ରାଜ୍ୟରେ ଆଶ୍ରୟ ଗ୍ରହଣ କରି ଇଂରେଜଙ୍କ ବିରୁଦ୍ଧରେ ପ୍ରବଳ ଯୁଦ୍ଧ ଚଳାଇଲେ। ଯୁଦ୍ଧରେ ତ୍ରିବିକ୍ରମ ଭଞ୍ଜଙ୍କ ଜାନୁରେ ଶତ୍ରୁପକ୍ଷର ବନ୍ଧୁକ ଗୁଳି ଭେଦି ଯାଇ ତାଙ୍କୁ ଆହତ କରି ଥିଲେ ମଧ୍ୟ ଇଂରେଜ ସରକାର ତାଙ୍କୁ କୌଣସି ମତେ ଧରି ପାରିନଥିଲେ। ବଡ଼ ଭାଇ ଲକ୍ଷ୍ମଣ ଭଞ୍ଜଙ୍କ ସହାୟତାରେ ଇଂରେଜମାନେ ବିଜୟୀ ହେଲେ ଏବଂ ତ୍ରିବିକ୍ରମ ଭଞ୍ଜ ଗାଦିଚ୍ୟୁତ ହେଲେ। ଲକ୍ଷ୍ମଣ ଭଞ୍ଜ ଏକଲକ୍ଷ ଟଙ୍କା ରାଜସ୍ୱ ଦେବାକୁ ସମ୍ମତ ହୋଇ ଘୁମୁସରରେ ରାଜା ହେଲେ। ସେଇ ଦିନଠାରୁ ଘୁମୁସରରେ ଅସନ୍ତୋଷର ବାତ୍ୟା ପ୍ରବାହିତ ହେବାକୁ ଲାଗିଲା।

ଲକ୍ଷ୍ମଣ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ଶ୍ରୀକର ଭଞ୍ଜ ୧୭୯୦ ମସିହାରେ ଘୁମୁସର ସିଂହାସନ ଆରୋହଣ କଲେ। ସେ ଇଂରେଜ ସରକାରଙ୍କ କର ଭାର ଓ ଘୁମୁସରର ଆର୍ଥିକ ଦୁରବସ୍ଥା ଦେଖି ୧୭୯୯ ମସିହାରେ ତୀର୍ଥାଟନରେ ଚାଲିଗଲେ। ତାଙ୍କ ଅନୁପସ୍ଥିତିରେ ପୁତ୍ର ଧନଞ୍ଜୟ ଭଞ୍ଜ (ଦେଓ) ଘୁମୁସରରେ ରାଜା ହେଲେ। ଶ୍ରୀକର ଭଞ୍ଜ ତୀର୍ଥାଟନରୁ ଫେରି ପୁଣି ୧୮୧୫ ମସିହାରେ ରାଜ ଶାସନଭାର ନିଜ ହାତକୁ ନେଲେ। ସେ ରାଜ୍ୟର ଆର୍ଥିକ ଦୁରବସ୍ଥା ଦେଖି ସରକାରଙ୍କୁ ରାଜସ୍ୱ ଦେଲେ ନାହିଁ। ପାରଳାଖେମୁଣ୍ଡିର ବିଦ୍ରୋହୀ ନେତା ଜଗନ୍ନାଥ ଦେଓ ଓ ବିଜୟ ନଗରର ରାଜମଣି ଦେଓଙ୍କ ସହିତ ମିଶି ଇଂରେଜ ସହିତ ବିଦ୍ରୋହ କଲେ। ଗଞ୍ଜାମର ଅନ୍ୟାନ୍ୟ କେତେକ ଜମିଦାର ମଧ୍ୟ ଏହି ବିଦ୍ରୋହରେ ତାଙ୍କୁ ସାହାଯ୍ୟ କରିଥିଲେ। ରାଜାମାନଙ୍କର ସମ୍ମିଳିତ ବିଦ୍ରୋହକୁ ପଣ୍ଡ କରିବା ପାଇଁ କେତେକ ସୈନ୍ୟବଳ ସହ ଲେଫ୍‌ଟନେଣ୍ଟ କର୍ଣ୍ଣେଲ ସ୍ମିଥଙ୍କୁ ଇଂରେଜ ସରକାର ପଠାଇଥିଲେ। ଶେରଗଡ଼ଠାରେ ପ୍ରବଳ ଯୁଦ୍ଧ ହେଲା। ସେଥିରେ ଶେରଗଡ଼ ଜମିଦାର ମୃତ୍ୟୁ ମୁଖରେ ପଡ଼ିଲେ। ଏହା ଦ୍ୱାରା ଅନ୍ୟାନ୍ୟ ଜମିଦାରମାନେ ହତୋତ୍ସାହ ହୋଇ ପଡ଼ିଲେ ଓ ପଛଘୁଞ୍ଚା ଦେଲେ। ଶ୍ରୀକର ଭଞ୍ଜଙ୍କୁ ବିଦ୍ରୋହୀ ଆଖ୍ୟା ଦିଆଯାଇ ତାଙ୍କୁ ଧରିବା ପାଇଁ ଦଶ ହଜାର ଟଙ୍କା ପୁରସ୍କାର ଘୋଷଣା କଲେ। ସରକାର ଶ୍ରୀକର ଭଞ୍ଜଙ୍କୁ ଗାଦିଚ୍ୟୁତ କରି ତାଙ୍କ ପୁତ୍ର ଧନଞ୍ଜୟ ଭଞ୍ଜଙ୍କୁ ପୁଣି ଘୁମୁସରରେ ରାଜା କଲେ।

ଶ୍ରୀକର ଭଞ୍ଜଙ୍କୁ ଧରିବା ପାଇଁ ବହୁ ପରିମାଣରେ ପୁରସ୍କାର ଘୋଷଣା କରା ଯାଇଥିଲେ ମଧ୍ୟ ତାଙ୍କର ଅନୁଚରମାନେ ବିଶ୍ୱାସ ଘାତକତା କରି ନଥିଲେ। ଏଥିରୁ ସେମାନେ ନିଜର ନେତାଙ୍କୁ କିପରି ଭଲ ପାଉଥିଲେ ଏବଂ ଇଂରେଜ ରାଜତ୍ୱକୁ କିପରି ଘୃଣା କରୁଥିଲେ ତାହା ସ୍ପଷ୍ଟ ଜଣା ପଡ଼େ।

୧୮୩୫ ମସିହା ଯାଏଁ ଧନଞ୍ଜୟ ଭଞ୍ଜ ସରକାରଙ୍କର ଦାବୀ ପୂରଣ ନକରି ପାରିବାରୁ ଇଂରେଜ ସୈନ୍ୟ ଘୁମୁସର ଅଧିକାର କଲେ। ଏଥିରେ ଉତ୍ୟକ୍ତ ହୋଇ ଘୁମୁସରର ପ୍ରଜାମାନେ ପାଇକ, ନାଇକ, ବିଶୋୟୀ, ସର୍ଦ୍ଦାର ଇତ୍ୟାଦି ଜଗନ୍ନାଥ ଭଞ୍ଜ, ବୃନ୍ଦାବନ ଭଞ୍ଜ, ଦୋରା ବିଶୋୟୀଙ୍କ ନେତୃତ୍ୱରେ ବିଦ୍ରୋହ କଲେ। ଏମାନଙ୍କୁ ଓ ଅନ୍ୟ ଯେଉଁମାନେ ବିଦ୍ରୋହରେ ଯୋଗ ଦେଇଥିଲେ ସେମାନଙ୍କୁ ଧରାଇ ଦେଲେ ପୁରସ୍କାର ଦିଆ ଯିବ ବୋଲି ସରକାର ଘୋଷଣା କରିଥିଲେ।

| | | |
|---|---|---|
| (୧) | ବୃନ୍ଦାବନ ଭଞ୍ଜ | ୫୦୦୦ ଟଙ୍କା |
| (୨) | ଦୋହରା ବିଶୋୟୀ | ୫୦୦୦ ଟଙ୍କା |
| (୩) | ସୁନ୍ଦର ରା | ୧୦୦୦ ଟଙ୍କା |
| (୪) | ବକିଆର ସିଂହ | ୧୦୦୦ ଟଙ୍କା |
| (୫) | ଦାମ ଉଜଗ୍ରା | ୫୦୦ ଟଙ୍କା |
| (୬) | ହାତି ରାମ | ୫୦୦ ଟଙ୍କା |
| (୭) | ବାହୁ ବଳେନ୍ଦ୍ର | ୫୦୦ ଟଙ୍କା |
| (୮) | କାଥନ ସିଂହ | ୫୦୦ ଟଙ୍କା |

ଏମାନଙ୍କ ଛଡ଼ା ମଧୁ ଭଞ୍ଜ, ଛତ୍ରାଣ ସିଂହ, ବଛି ବିଶୋୟୀ, ଶାମ ବିଶୋୟୀ, ପ୍ରଭୃତି ୧୪୬ ଜଣ ଉଲ୍ଲେଖ ଯୋଗ୍ୟ ବୀର ବିଦ୍ରୋହରେ ଯୋଗ ଦେଇଥିଲେ। ଶେଷରେ ଦୋହରା ବିଶୋୟୀଙ୍କ ସୁଯୋଗ୍ୟ ଦାୟାଦ ଚକ୍ର ବିଶୋୟୀ ସମଗ୍ର ଘୁମୁସରରେ ବିଦ୍ରୋହର ନିଆଁ ଜଳାଇ ରଖିଲେ। ୧୮୫୫ ମସିହା ପର୍ଯ୍ୟନ୍ତ ଏହି ବିଦ୍ରୋହ ଲାଗି ରହିଥିଲା। ୧୮୫୭ ମସିହାରେ ଚକ୍ର ବିଶୋୟୀ ସିପାହି ବିଦ୍ରୋହରେ ଯୋଗ ଦେଇ ଥିବା କୁହାଯାଏ। ଚକ୍ର ବିଶୋୟୀଙ୍କ ନେତୃତ୍ୱରେ ଘୁମୁସର ମାଳଅଞ୍ଚଳ ଫୁଲବାଣୀ ଜିଲ୍ଲାର କନ୍ଧମାନେ ବହୁତ ଦିନ ଧରି ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହର ନିଆଁ ଜଳାଇ ରଖିଥିଲେ। "Chakra Bisoyi the great leader of the Khonds" ବୋଲି ମେଡ୍ରାସ ରେକର୍ଡ଼ରେ ଇଂରେଜମାନେ ଉଲ୍ଲେଖ କରି ଅଛନ୍ତି। ଚକ୍ର ବିଶୋୟୀଙ୍କୁ ଧରିବା ପାଇଁ ଇଂରେଜମାନେ ପ୍ରବଳ ଉଦ୍ୟମ କରିଥିଲେ। ବହୁତ ଚେଷ୍ଟା ପରେ ମଧ୍ୟ ସେମାନେ ତାଙ୍କୁ ଧରି ପାରିନଥିଲେ। ସେ କେଉଁ ଆଡ଼େ ଗଲେ କେହି କହି ପାରିଲେ ନାହିଁ।

ଘୁମୁସରର ଜମିଦାର, ଦୋରା ବିଶୋୟୀ, ପାଇକ, ନାଇକ ଓ ସର୍ଦ୍ଦାରମାନେ ଇଂରେଜ ଶାସନ ବିରୁଦ୍ଧରେ ଦୀର୍ଘ ୭୦ ବର୍ଷ କାଳ ଲଢ଼ିଥିଲେ। ବିଦେଶୀ ଶାସନ ବିରୁଦ୍ଧରେ ଲଢ଼େଇ କରିବାକୁ ଯାଇ ସେମାନଙ୍କୁ ବହୁତ ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିଛି। ଅନେକ ଦୀର୍ଘ କାରାବାସ ଭୋଗକରି ଫାଶୀ କାଠରେ ଝୁଲିଛନ୍ତି। ଗଞ୍ଜାମର ସେହି ବୀରମାନେ କେବଳ ଓଡ଼ିଶାର ନୁହେ ସମଗ୍ର ଭାରତରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟରେ ଅଗ୍ରଣୀ କହିଲେ ଅତ୍ୟୁକ୍ତି ହେବନାହିଁ।

ପ୍ରତ୍ୟେକ କ୍ଷେତ୍ରରେ ଇଂରେଜମାନେ ବିଜୟୀ ହୋଇଥିଲେ ସତ୍ୟ, କିନ୍ତୁ ସୁପ୍ତ ଜାତିର ଜାଗରଣର ସୂଚନା ପାଇ ଇଂରେଜମାନେ ବିଦ୍ରୋହ ଯୋଗୁ ଅନ୍ତବ୍ୟସ୍ତ ଓ ଶଙ୍କିତ ହୋଇ ପଡ଼ିଥିଲେ ।

ଏତଗଲା ଇଂରେଜଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ । ଏହାଛଡ଼ା ୧୯୨୦ ମସିହାଠାରୁ ୧୯୪୭ ମସିହା ଯାଏ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ଅହିଂସା ସଂଗ୍ରାମ ହୋଇଥିଲା, ସେଥିରେ ମଧ୍ୟ ଗଞ୍ଜାମର ହଜାର ହଜାର କର୍ମୀ ଯୋଗ ଦେଇ ଗଞ୍ଜାମର ସୁନାମ ରକ୍ଷା କରିଥିଲେ ।

*ସ୍ୱାଧୀନତା ସଂଗ୍ରାମୀ, ଗାପାଡିଲ,*
*ଭଞ୍ଜନଗର (ଗଞ୍ଜାମ) ।*



ପୁରୀ ରଥଯାତ୍ରାର ଦୂର ଦର୍ଶନ ସିଧା ପ୍ରସାରଣ ପାଇଁ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜିତ୍ କୁମାର ପାଞ୍ଜା ଭୁବନେଶ୍ୱରଠାରେ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉପସ୍ଥିତ ଅଛନ୍ତି (୨୦/୬/୧୯୯୨) ।



ସୂଚନା ଭବନଠାରେ ବିନୋଦ କାନୁନ୍‌ଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏକ ସଭାରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି ।



ହୋଟେଲ୍ କଳିଙ୍ଗ ଅଶୋକାଠାରେ ଓଡ଼ିଶା ଶିଶୁ କଲ୍ୟାଣ ପରିଷଦ ଆନୁକୂଲ୍ୟରେ 'ଦୁସ୍ଥ ଅବସ୍ଥାରେ ରହିଥିବା ଶିଶୁମାନଙ୍କ ଲାଗି ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଉଦ୍‌ବୋଧନ (୧୫/୭/୧୯୯୨) ।



କେନ୍ଦୁଝରଠାରେ ଅନୁଷ୍ଠିତ ସାକ୍ଷରତା ଅଭିଯାନ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ ଆଦିବାସୀ ମହିଳାଙ୍କୁ ଲେଖି ଶିଖିବା ପାଇଁ ଶିକ୍ଷା ଦେଉଛନ୍ତି ।



ପୁରୀଠାରେ ପ୍ରତିଷ୍ଠା କରାଯାଇଥିବା ଏକ ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟ୍ରାନ୍‌ସମିସନ୍ କେନ୍ଦ୍ରକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜିତ୍ କୁମାର ପାଞ୍ଜା ଉଦ୍‌ଘାଟନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ସୁପ୍ରିମ୍ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଶ୍ରୀ ରଙ୍ଗନାଥ ମିଶ୍ର ଓ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଏହି ଉତ୍ସବରେ ଉପସ୍ଥିତ ଅଛନ୍ତି (୧/୭/୧୯୯୨) ।



କେନ୍ଦୁଝରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏକ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି । ନଗର ଉନ୍ନୟନ ଏବଂ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି (୨୬/୬/୧୯୯୨ ) ।



ଢେଙ୍କାନାଳଠାରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମକୁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଶ୍ରୀ ଅର୍ଜୁନ ସିଂହ ଉଦ୍‌ଘାଟନ କରୁଛନ୍ତି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଓ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଯୋଗଦାନ କରିଛନ୍ତି (୬/୭/୧୯୯୨) ।




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୬୪ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ବିଧାନ ସଭା ପରିସର ମଧ୍ୟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି (୩୮/୬/୧୯୯୨) ।



ସାମ୍ବାଦିକମାନଙ୍କୁ ବସ୍‌ଭଡ଼ା ରିହାତି ଦେବା ଉପରେ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା, ସାମ୍ବାଦିକ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପଦାଧିକାରୀ ଏବଂ ପରିବହନ ବିଭାଗର ପଦାଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।




ଗଞ୍ଜାମ ଜିଲ୍ଲାର ଗଙ୍ଗେଇଲୁଣ୍ଠାଠାରେ ଗ୍ରାମ ସେବକ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ମହିଳା କୃଷକ ତାଲିମ ଶିବିରକୁ କୃଷି ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି । ମତ୍ସ୍ୟ ଓ ପଶୁ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଉପସ୍ଥିତ ଅଛନ୍ତି (୧୭/୬/୧୯୯୨) ।



କେନ୍ଦୁଝରଠାରେ ଅନୁଷ୍ଠିତ ଆଦିବାସୀ କଳା ପ୍ରଦର୍ଶନୀକୁ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ ବୁଲି ଦେଖୁଛନ୍ତି (୨୩/୬/୧୯୯୨) ।



ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଆନ୍ତର୍ଜାତିକ ବାଣିଜ୍ୟ ମେଳା ଉପଲକ୍ଷେ ପ୍ରସ୍ତୁତି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀମାନଙ୍କ ସହିତ ଆଲୋଚନାରତ ।



ଭୁବନେଶ୍ୱରଠାରେ ଅନୁଷ୍ଠିତ ଗଡ଼ିକୃଷ୍ଣ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅବସରରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି (୨୩/୭/୧୯୯୨) ।



ନୂଆଦିଲ୍ଲୀର ଓଡ଼ିଶା ଭବନଠାରେ ଅନୁଷ୍ଠିତ ଜାତୀୟ ଉନ୍ନୟନ ପରିଷଦର ମିତବ୍ୟୟିତା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସଭାପତିତ୍ୱ କରୁଛନ୍ତି । ଉକ୍ତ ବୈଠକରେ ହରିଆଣା ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନ ଲାଲ୍ ଓ ଅରୁଣାଚଳ ମୁଖ୍ୟମନ୍ତ୍ରୀ ଶ୍ରୀ ଜିଆଙ୍ଗ ଅପାଙ୍ଗ ଯୋଗଦାନ କରିଛନ୍ତି (୧୭/୭/୧୯୯୨) ।



ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଗୁ: ଏସ୍. ଭାଟିଆ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ବିଧାନ ସଭା ପ୍ରକୋଷ୍ଠରେ ଭେଟି ଖଣି ନିଗମ କରିଥିବା ୧ କୋଟି ଟଙ୍କା ଲାଭାଂଶର ଏକ ଚେକ୍ ପ୍ରଦାନ କରୁଛନ୍ତି (୨୦/୭/୧୯୯୨) ।



ମାଉସୀ ମା' ଦେଉଳ ଅଭିମୁଖେ ତିନି ରଥ ।



ସୂଚନା ଭବନଠାରେ ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉପସ୍ଥିତ ଅଛନ୍ତି (୧୫/୭/୧୯୯୭) ।



# ଅରୁନ୍ଧତୀ

● ଶ୍ରୀ ଭଗବାନ ପାତ୍ରୀ

ଏ ହେଉଛି ଢେର ଦିନ ତଳର କଥା, ପ୍ରାଚୀନ ଯୁଗର କଥା । ଗଙ୍ଗାନଦୀ କୂଳରେ ଗୋଟିଏ ଚଣ୍ଡାଳ ପଲ୍ଲୀରେ ଅମ୍ବିକା ନାମରେ ଏକ ଚଣ୍ଡାଳ ବାସ କରୁଥିଲା । ତା'ର ଗୋଟିଏ ଝିଅ ଥିଲା । ତାହାର ନାଁ ଅରୁନ୍ଧତୀ ।

ଚନ୍ଦ୍ରକଳା ପରି ଅରୁନ୍ଧତୀ ପିତୃ ଗୃହରେ ବଢୁଥାଆନ୍ତି । ରୂପରେ, ଗୁଣରେ ସେ ସମସ୍ତଙ୍କୁ ମୁଗ୍ଧ କରୁଥିଲେ । ଚଣ୍ଡାଳ ପଲ୍ଲୀର ଲୋକମାନଙ୍କୁ ସତ୍‌କର୍ମ ସାଧନ କରି ନୀତିମୟ ଜୀବନ ଯାପନ କରିବାକୁ ସେ ଉପଦେଶ ଦେଉଥିଲେ । ତାଙ୍କର ସଦୁପଦେଶ ଲୋକମାନଙ୍କ ଉପରେ ଗଭୀର ପ୍ରଭାବ ପକାଉଥିଲା । ସମସ୍ତେ ତାଙ୍କୁ 'ମା' ଅରୁନ୍ଧତୀ' ବୋଲି ସମ୍ବୋଧନ କରୁଥିଲେ, ତାଙ୍କ ଉପଦେଶକୁ ବେଦବାକ୍ୟ ପରି ମାନୁଥିଲେ, ସମ୍ମାନ ଦେଉଥିଲେ ।

ଥରେ ଆଦୌ ବର୍ଷା ହେଲା ନାହିଁ । ତେଣୁ କୌଣସି ଖାଦ୍ୟ ଶସ୍ୟ ଉତ୍ପନ୍ନ ହୋଇପାରିଲା ନାହିଁ । ଅନାବୃଷ୍ଟି ଜନିତ ଦୁର୍ଭିକ୍ଷ ଉପସ୍ଥିତ ହେଲା । ଲୋକେ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରାଣ ହରାଇଲେ । ଜୀବ ଜଗତର ଏ ଦୁର୍ଦ୍ଦଶାରେ ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମାଙ୍କ ହୃଦୟ ବିଷମ ଚିନ୍ତାରେ ଭାରାକ୍ରାନ୍ତ ହୋଇ ଉଠିଲା । ସ୍ରଷ୍ଟା ଜାଣେ ସୃଷ୍ଟିର ମହତ୍ତ୍ୱ । ପ୍ରାଣୀ ଜଗତର ଏ ଦୁର୍ଦ୍ଦିନରେ ତାଙ୍କର ସ୍ରଷ୍ଟା-ପ୍ରାଣ ମହମ ପରି ତରଳିଗଲା । ସେ ଏହାର ପ୍ରତିକାର ପାଇଁ କ'ଣ କରାଯାଇପାରେ – ସେହି କଥା ଭାବିଲେ, ଭାବିଲେ ଓ ଭାବିଲେ । ଦେବର୍ଷି ନାରଦଙ୍କୁ ସେ ମର୍ତ୍ତ୍ୟପୁର ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଲେ ।

ମନ-ଯାନରେ ଆରୋହଣ କରି ଦେବର୍ଷି ନାରଦ ପୃଥିବୀ ପରିକ୍ରମା କରିବା ଅବସରରେ ଦେଖିଲେ.....ଗଙ୍ଗାନଦୀ କୂଳରେ ବାସ କରୁଥିବା ଅମ୍ବିକା ଚଣ୍ଡାଳ ପାଖରେ ଲକ୍ଷ ଲକ୍ଷ ଭରଣ ଧାନ ସଞ୍ଚିତ ଅଛି, ଅଥଚ ଲକ୍ଷ ଲକ୍ଷ ଲୋକ ଖାଦ୍ୟାଭାବରେ ଛଟପଟ ହୋଇ ଚାଲି ପଡୁଛନ୍ତି । ଯଦି ଅମ୍ବିକା ଚଣ୍ଡାଳ ତା' ନିଜ ପରିବାର ପାଇଁ ଆବଶ୍ୟକ ଧାନ ରଖି ବଳକା ଧାନକୁ ପୃଥିବୀବାସୀଙ୍କୁ ବିତରଣ କରିଦିଅନ୍ତା..... ତା' ହେଲେ ଯେଉଁମାନେ ମରିମରି ବଞ୍ଚିଛନ୍ତି– ଅନ୍ତତଃ ସେମାନେ ବଞ୍ଚିଯାଆନ୍ତେ, ସୃଷ୍ଟି ରକ୍ଷା ହୋଇପାରନ୍ତା ।

ଯଥା ସମୟରେ ଦେବର୍ଷି ନାରଦଙ୍କର ମର୍ତ୍ତ୍ୟ ପରିକ୍ରମା ଶେଷ ହେଲା । ବ୍ରହ୍ମାଙ୍କ ପାଖରେ ପହଞ୍ଚି ସେ ମର୍ତ୍ତ୍ୟ ଭ୍ରମଣର ଫଳାଫଳ ଜଣାଇଲେ । ପ୍ରସଙ୍ଗକ୍ରମେ ଅମ୍ବିକା ଚଣ୍ଡାଳ ପାଖରେ ଲକ୍ଷ ଲକ୍ଷ ଭରଣ ଖାଦ୍ୟ ଶସ୍ୟ ଗଚ୍ଛିତ ଅଛି ବୋଲି ସେ କହିଲେ । ଅକୂଳ ସାଗରରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସତେ ଯେପରି କୂଳ ମିଳିଗଲା । ସେ ନିଜେ ଯାଇ ସେହି ଚଣ୍ଡାଳକୁ ଭେଟିବେ । ନିଜେ ବଞ୍ଚି ଅପରଙ୍କୁ ବଞ୍ଚାଇବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ବୋଲି କହି ତାକୁ –ଉଦ୍‌ବୁଦ୍ଧ କରିବେ । ସେ ନାରଦଙ୍କୁ ପଚାରିଲେ– 'ମୁଁ ସେ ଚଣ୍ଡାଳ ନିକଟକୁ ଯିବି । ତୁମେ ତା' ସହିତ ଏ ବିଷୟରେ କିଛି ପରାମର୍ଶ କରିଛ କି ?'

ନାରଦ କହିଲେ– 'ଅମାପ ଧନଧାନ୍ୟର ଅଧିକାରୀ ସେହି ଚଣ୍ଡାଳର ଗର୍ବର ସୀମା ନାହିଁ । ମୁଁ ତାହାକୁ ଭେଟି ତା' ସହିତ ବାକ୍ୟାଳାପ କରିଛି । ତା'ର କଠୋର ପ୍ରତିଜ୍ଞା ଓ ସର୍ତ୍ତ ବିଷୟରେ ଅବଗତ ହୋଇଛି । ତା'ର ଗୋଟିଏ କନ୍ୟା ଅଛି । ଯିଏ ତା'ର ସେହି କନ୍ୟାର ପାଣି ଗ୍ରହଣ କରିବ – ସେ ତା'ର ସମସ୍ତ ଧନଧାନ୍ୟର ଉତ୍ତରାଧିକାରୀ ହେବ– ଏହା ହିଁ ହେଉଛି ତା'ର ପ୍ରତିଜ୍ଞା ଓ ସର୍ତ୍ତ ।

'କୁଳଧର୍ମ ତ୍ୟାଗକରି ଚଣ୍ଡାଳ ଦୁହିତାର ପାଣି ଗ୍ରହଣ କରିବ କିଏ ? ଏହା ହିଁ ହେଉଛି ପ୍ରଶ୍ନ ।' ବ୍ରହ୍ମା କହିଲେ– 'ତୁମେ ସେଥିପାଇଁ ଆଦୌ ଚିନ୍ତା କରନାହିଁ । ମହର୍ଷି ବଶିଷ୍ଠଙ୍କୁ ମୋ ପାଖକୁ ଡାକିଆଣ ।' ନାରଦ ତୁରନ୍ତ ବଶିଷ୍ଠଙ୍କ ପାଖରେ ପହଞ୍ଚିଲେ ଓ ତାଙ୍କୁ ବ୍ରହ୍ମା ଡକାଇଛନ୍ତି ବୋଲି କହିଲେ ।

ମହର୍ଷି ବଶିଷ୍ଠ ସଙ୍ଗେ ସଙ୍ଗେ ବ୍ରହ୍ମଲୋକ ଉଦ୍ଦେଶ୍ୟରେ ଯାତ୍ରା କଲେ । ବ୍ରହ୍ମାଙ୍କ ପାଖରେ ପହଞ୍ଚି ତାଙ୍କର ପଦ ବନ୍ଦନାକରି ତାଙ୍କୁ ଡକାଇବାର କାରଣ ପଚାରିଲେ । ବ୍ରହ୍ମା କହିଲେ– 'ସତ୍ ସଙ୍କଳ୍ପ, ସତ୍ କର୍ମ ବଳରେ ମନୁଷ୍ୟ ଦେବତ୍ୱର ଅଧିକାରୀ ହୁଏ । ଉଚ୍ଚନୀଚ, ସବର୍ଣ୍ଣ ଅସବର୍ଣ୍ଣ – ଏ ଭେଦଭାବ ସୃଷ୍ଟି କେବଳ ଗୋଟିଏ ଗୋଷ୍ଠୀର ସୁବିଧାବାଦର ନିଦର୍ଶନ ମାତ୍ର ।'

ବ୍ରହ୍ମର୍ଷି ବଶିଷ୍ଠ ବ୍ରହ୍ମାଙ୍କର ଏ ଉପକ୍ରମଣିକାର ଉଦ୍ଦେଶ୍ୟ ବୁଝିନପାରି ପଚାରିଲେ– 'ଆପଣ ମତେ କାହିଁକି ସ୍ମରଣ କଲେ ଓ ମତେ କଅଣ କରିବାକୁ ହେବ ଦୟାକରି କହିଲେ ମୁଁ କୃତାର୍ଥ

ହେବି ।' ବ୍ରହ୍ମା କହିଲେ– 'ସଂସାର ସୃଷ୍ଟିକରି ତାକୁ ପାଳନ କରିବା ପିତାର କର୍ତ୍ତବ୍ୟ । ପୁତ୍ର ପକ୍ଷରେ ପିତାଙ୍କର ଆଦେଶ ପାଳନ କରିବା ସେହିପରି ଏକ କର୍ତ୍ତବ୍ୟ । କର୍ତ୍ତବ୍ୟନିଷ୍ଠ ପୁତ୍ରର କାର୍ଯ୍ୟକଳାପରେ ପିତାମାତାଙ୍କର ଆନନ୍ଦର ସୀମା ରହେନାହିଁ ।'

ବଶିଷ୍ଠ କହିଲେ– 'ଆପଣଙ୍କ ମତାମତ ଯଥାର୍ଥ । ଗୁଣୀ ଲୋକମାନଙ୍କ ଦ୍ୱାରା ସନ୍ତାନ ଯଦି ପ୍ରଶଂସିତ ନହୁଏ, ସେ ଯଦି ପିତୃମାତୃ ଭକ୍ତ ନହୁଏ, ତେବେ ତା'ର ଜୀବନ ଅକାରଣ ଓ ସେପରି ସନ୍ତାନକୁ ଜନ୍ମଦେବା ପିତାମାତାଙ୍କ ପକ୍ଷରେ ନିରର୍ଥକ ।' ଏତିକି ଶୁଣି ବ୍ରହ୍ମା ବଶିଷ୍ଠଙ୍କୁ ଆଶୀର୍ବାଦ କରି କହିଲେ– 'ମର୍ତ୍ତ୍ୟର ରକ୍ଷଣ ପାଇଁ ତୁମକୁ ଚଣ୍ଡାଳ କନ୍ୟାର ପାଣିଗ୍ରହଣ କରିବାକୁ ହେବ । ତୁମେ ଏହା ପାରିବ କି ନାହିଁ, ମତେ କହ ।'

ମୁହୂର୍ତ୍ତେ ମାତ୍ର ବିଳମ୍ବ ନକରି ବଶିଷ୍ଠ ଉତ୍ତର ଦେଲେ– 'ଆପଣଙ୍କର ଆଦେଶ ଶିରୋଧାର୍ଯ୍ୟ । ମତେ ଆପଣଙ୍କର ଆଦେଶ ପାଳନ କରିବାର ସୁଯୋଗ ଦେଇ କୃତାର୍ଥ କରନ୍ତୁ ।' ବ୍ରହ୍ମା କହିଲେ– 'ଗଙ୍ଗାନଦୀ କୂଳରେ ଗୋଟିଏ ଚଣ୍ଡାଳ ପଲ୍ଲୀ ଅଛି । ସେଠାରେ ଅସିକା ନାମକ ଏକ ଚଣ୍ଡାଳର ଗୋଟିଏ କନ୍ୟା ଅଛି । ତୁମେ ଯାଇ ତା'ର ସେହି କନ୍ୟାକୁ ଧର୍ମପତ୍ନୀ ଭାବରେ ଗ୍ରହଣ କର । ତା' ପାଖରେ ଥିବା ଖାଦ୍ୟ ଶସ୍ୟକୁ ଆଣି ଦୁର୍ଭିକ୍ଷ ପ୍ରପୀଡ଼ିତ ନରନାରୀଙ୍କୁ ମରଣ ମୁହଁରୁ ବଞ୍ଚାଅ ।'

ବଶିଷ୍ଠ ତଥାସ୍ତୁ କହି ସ୍ୱର୍ଗ ରାଜ୍ୟରୁ ଯାଇ ମର୍ତ୍ତ୍ୟଲୋକରେ ଅବତରଣ କଲେ । ପତିତପାବିନୀ ଜାହ୍ନବୀ ଜଳରେ ସ୍ନାନ ତର୍ପଣ ସଂପାଦନ କରି ସେ ଅସିକା ଚଣ୍ଡାଳର ଦ୍ୱାର ଦେଶରେ ଉପସ୍ଥିତ ହେଲେ । ଅସିକା ଚଣ୍ଡାଳ ମହର୍ଷିଙ୍କ ଦର୍ଶନ ଲାଭକରି ନିଜକୁ ଧନ୍ୟ ମନେକଲା ଓ ଯଥାବିଧି ଅଭିବାଦନ ଜଣାଇବା ପରେ ପଚାରିଲା– 'ମହର୍ଷି, କେଉଁ ଅଭିପ୍ରାୟ ପୂରଣ କରିବା ପାଇଁ ଆପଣ ମୋର ଦ୍ୱାରସ୍ଥ ହେଲେ ଦୟାକରି କହନ୍ତୁ ।'

ବଶିଷ୍ଠ କହିଲେ– 'ଲକ୍ଷ ଲକ୍ଷ ନରନାରୀ ବର୍ତ୍ତମାନ ଦୁର୍ଭିକ୍ଷ କବଳିତ । ଖାଦ୍ୟାଭାବରେ, ଜଳାଭାବରେ ଖୁନ୍ତୁ ଖୁନ୍ତୁ ଟଳି ପଡୁଛନ୍ତି । ଜଗତର ଏଭଳି ମର୍ମନ୍ତୁଦ ଦୁର୍ଦ୍ଦଶା ବେଳେ ତୁମେ ଏତେ ଖାଦ୍ୟ ଶସ୍ୟ ଗଚ୍ଛିତ କରି ରଖିବା ନିତାନ୍ତ ଅସୁନ୍ଦର ଓ ଅସଙ୍ଗତ । ଏ ଖାଦ୍ୟ ଶସ୍ୟ ପ୍ରାଣିମାନଙ୍କର ପ୍ରାଣରକ୍ଷା ପାଇଁ ତୁମେ ବିତରଣ କରିଦେବା ଉଚିତ । ଅନ୍ନ ଦାନଠାରୁ ବଳି ମହତ୍ କାର୍ଯ୍ୟ ଆଉ କିଛି ନାହିଁ ।' ତୁମର ଏ ଦାନଶୀଳତା ପାଇଁ ତୁମେ ଯୁଗ ଯୁଗାନ୍ତରରେ ଅକ୍ଷୟ କୀର୍ତ୍ତିର ଅଧିକାରୀ ହୋଇ ରହିବ ।'

ଚଣ୍ଡାଳ କହିଲା–''ମୁଁ ଆପଣଙ୍କର ତତ୍ତ୍ୱବାଣୀ ଶୁଣିଲି, ହେଲେ ମୁଁ ପ୍ରତିଜ୍ଞାବଦ୍ଧ, ତେଣୁ ନିରୁପାୟ । ଆପଣ ମୋର ପ୍ରତିଜ୍ଞା ରକ୍ଷା କରିପାରିଲେ ଏ ଖାଦ୍ୟଶସ୍ୟ ନେଇ ପାରିବେ ଓ ଲୋକମାନଙ୍କ ମଧ୍ୟରେ ବିତରଣ କରିଦେଇ ପାରିବେ ।' ବଶିଷ୍ଠ ଆବେଗ ଆଗ୍ରହ ସହକାରେ କହିଲେ– 'ତୁମେ ତୁମର ପ୍ରତିଜ୍ଞା ପ୍ରସଙ୍ଗ ବ୍ୟକ୍ତ କର ।' ଚଣ୍ଡାଳ ଏହା ଶୁଣି କହିଲା– 'ଆପଣ ମୋତେ ଅଭୟ ପ୍ରଦାନ କଲେ ମୁଁ ମୋ ପ୍ରତିଜ୍ଞା ବିଷୟ ଜଣାଇବି ।' ବଶିଷ୍ଠ କହିଲେ– 'ନିର୍ଭୟରେ ଆଉ ନିଃସଂକୋଚରେ ତୁମେ ତୁମ ପ୍ରତିଜ୍ଞା ପ୍ରକାଶ କର ।'

ଚଣ୍ଡାଳ କହିଲା– 'ଯେଉଁ ବ୍ୟକ୍ତି ମୋର କନ୍ୟାର ପାଣି ଗ୍ରହଣ କରିବ ସେ ଉତ୍ତରାଧିକାରୀ ରୂପରେ ମୋର ସମସ୍ତ ଧନଧାନ୍ୟ ଲାଭ କରିବ । ଏହା ହିଁ ମୋର ସର୍ତ୍ତ ଓ ପ୍ରତିଜ୍ଞା ।' ବଶିଷ୍ଠ କ୍ଷଣେମାତ୍ର ବିଳମ୍ବ ନକରି କହିଲେ– 'ତୁମର ଏ ପ୍ରସ୍ତାବ ଉତ୍ତମ । ତୁମ କନ୍ୟାଙ୍କୁ ଧର୍ମପତ୍ନୀ ଭାବେ ଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ ।' ଚଣ୍ଡାଳ ଏପରି କଥା ମହର୍ଷି ବଶିଷ୍ଠଙ୍କଠାରୁ ଶୁଣିବ ବୋଲି କେବେ ଆଶା କରିନଥିଲା । ସତେ ଯେପରି ସରଗର ଚାନ୍ଦ ତା' ହାତରେ ଖସି ପଡ଼ିଲା । ବାଷ୍ପ ଗଦ୍‌ଗଦ୍ କଣ୍ଠରେ ସେ କହିଲା– 'ଆପଣଙ୍କ ଭଳି ମହାତପା ମହର୍ଷିଙ୍କୁ ଜାମାତା ରୂପେ ଲାଭ କରିବା ମୋ ପୂର୍ବ ଜନ୍ମର ପୁଣ୍ୟ ଫଳ ବୋଲି ମୁଁ ବିବେଚନା କରୁଛି ।'

ବଶିଷ୍ଠ କହିଲେ– 'କୋଟି କୋଟି ଦୁର୍ଭିକ୍ଷ ପ୍ରପୀଡ଼ିତ ପ୍ରାଣୀମାନଙ୍କର ରକ୍ଷଣ ପାଇଁ ପ୍ରାଣ ବିସର୍ଜନ କରିବାକୁ ପଛାଘୁଞ୍ଚା ନହେବାହିଁ ସୁପୁତ୍ରର କର୍ତ୍ତବ୍ୟ । ମହତ୍ ଉଦ୍ଦେଶ୍ୟ ସାଧନ ପାଖରେ ଏ ଜାତି ଭେଦ – ଏ ସ୍ପୃଶ୍ୟ ଅସ୍ପୃଶ୍ୟ ପ୍ରଭେଦ ନିରର୍ଥକ । ନିଜେ ବଞ୍ଚି ଅପରକୁ ବଞ୍ଚାଇବା ଉତ୍ତମ ନାଗରିକ ନୀତି । ପରୋପକାର ସାଧୁସଜ୍ଜନମାନଙ୍କର କର୍ତ୍ତବ୍ୟ । ନୀଚ କୁଳରେ ସ୍ତ୍ରୀରତ୍ନ ଥିଲେ ତାକୁ ଗ୍ରହଣ କରିବା ଶାସ୍ତ୍ର ସମ୍ମତ । ପଙ୍କରେ ପଦ୍ମ ଫୁଟିଲେ ବି ତା'ର ସୌରଭ ଓ ସ୍ୱଭାବରେ ପଙ୍କ ବାଧକ ହୁଏ ନାହିଁ । ତୁମେ ଶୁଭପରିଣୟ ଉତ୍ସବର ବ୍ୟବସ୍ଥା କର । ବ୍ରହ୍ମ ଲୋକରୁ ଋଷିମାନେ ଆସି ଏ ବିବାହ କାର୍ଯ୍ୟରେ ପୌରୋହିତ୍ୟ କରିବେ ଓ ନବଦମ୍ପତିଙ୍କୁ ଆଶୀର୍ବାଦ କରିଯିବେ ।'

ଏ କଥାରେ ଚଣ୍ଡାଳର ଆନନ୍ଦ କହିଲେ ନସରେ । ସେ ତା'ର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରି ଡାକିଆଣିଲା । ବିବାହର ସମସ୍ତ ଆୟୋଜନ ଖୁବ୍ ଅଳ୍ପ ସମୟ ମଧ୍ୟରେ ଶେଷ ହେଲା । ଦେବ ଲୋକରୁ ଋଷି ମହର୍ଷିମାନେ ଆସି ବିବାହ କାର୍ଯ୍ୟରେ ଯୋଗ ଦେଲେ । ପିତାମହ ବ୍ରହ୍ମା ଚଣ୍ଡାଳ କୁଟୀରରେ ଆସି ପଦାର୍ପଣ କଲେ । ଅଶେଷ ସଦ୍‌ଗୁଣବତୀ, ପରମ ରୂପବତୀ ଅରୁନ୍ଧତୀଙ୍କ ସହିତ ମହର୍ଷି ବଶିଷ୍ଠଙ୍କ ସହିତ ଶୁଭପରିଣୟ ବାର୍ତ୍ତା ଘୋଷଣା କରିବାରେ ଲାଗିଲା ଘନଘନ ଶଙ୍ଖଧ୍ୱନି । ଅସିକା ଚଣ୍ଡାଳ କନ୍ୟା ଓ ଜାମାତାଙ୍କୁ ବିଦାୟ ଦେଲାବେଳେ ତା' ପାଖରେ ଗଚ୍ଛିତ ଥିବା ସମସ୍ତ ଖାଦ୍ୟଶସ୍ୟ ସେ ଦୁହିଁଙ୍କୁ ସମର୍ପଣ କରିଦେଲା ।

ଚଣ୍ଡାଳ କୁଟୀରରୁ ବିଦାୟ ଗ୍ରହଣ କଲାବେଳେ ସମବେତ ସଜ୍ଜନମଣ୍ଡଳୀ ଉଦ୍ଦେଶ୍ୟରେ ପିତାମହ ବ୍ରହ୍ମା କହିଲେ–'ଜଗତର କଲ୍ୟାଣ ପାଇଁ ବଶିଷ୍ଠଙ୍କର ତ୍ୟାଗର ତୁଳନା ନାହିଁ । ସତୀ ସାଧ୍ୱୀ ଅରୁନ୍ଧତୀ ଚଣ୍ଡାଳ କନ୍ୟା ନୁହନ୍ତି– ସେ ଦୁର୍ଭିକ୍ଷ ପ୍ରପୀଡ଼ିତ ପ୍ରାଣୀ ଜଗତର ପରିତ୍ରାଣ ପରାୟଣା, ଅସୀମ କରୁଣାବତୀ, ଜଗଜ୍ଜନନୀ ଜଗଦ୍ଧାତ୍ରୀ । ଏହି ନବଦମ୍ପତିଙ୍କ ଯୋଗୁ ଅନାହାର କ୍ଲିଷ୍ଟ ପ୍ରାଣୀମାନଙ୍କର ପ୍ରାଣରକ୍ଷା ହେବ, ଏଥିରେ ଆଉ ସନ୍ଦେହ ନାହିଁ । ବଶିଷ୍ଠ ଅରୁନ୍ଧତୀଙ୍କର ଜୟ ହେଉ । ଏପରି ଆଦର୍ଶ ଦମ୍ପତିଙ୍କୁ କୋଳରେ ଧରି ବସୁମତୀ ଆଜି ଧନ୍ୟା, ବରେଣ୍ୟା ।'

ସତୀ ସାଧ୍ୱୀ ଶିରୋମଣି ଅରୁନ୍ଧତୀ ଆଜି ବି ସପ୍ତର୍ଷି ମଣ୍ଡଳରେ ବଶିଷ୍ଠଙ୍କ ନିକଟରେ ବିରାଜିତା । ତାଙ୍କ ସତୀତ୍ୱରେ, ପତିବ୍ରତାରେ ଓ ବିଶ୍ୱ କଲ୍ୟାଣ ସାଧନ ପରାୟଣତାରେ ଏ ପୃଥିବୀବାସୀଙ୍କ ନିକଟରେ ସେ କଲ୍ୟାଣମୟୀ ଦେବୀ ରୂପେ ପୂଜିତା, ସମ୍ମାନିତା ହେଉଛନ୍ତି ଓ ହେଉଥିବେ ।

*ଶିକ୍ଷକ, ଫକୀରପୁର ହାଇସ୍କୁଲ,*
*ପୋଷ୍ଟ–ଫକୀରପୁର,*
*ଜି: କେନ୍ଦୁଝର–୭୫୮୦୨୨ ।*

# ଓଡ଼ିଶାର ଅର୍ଥନୈତିକ ସ୍ଥିତି : ପ୍ରାଚୁର୍ଯ୍ୟ ମଧ୍ୟରେ ଅଭାବ ଏକ ବିଡ଼ମ୍ବନା

● ଗୀତା ଦାସ

ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ଭଳି ଉନ୍ନତ ରାଷ୍ଟ୍ରଗୁଡ଼ିକ ତୁଳନାରେ ଆମ ଭାରତବର୍ଷର ଅର୍ଥନୈତିକ ଅବସ୍ଥା କ'ଣ, ସେ ସମ୍ପର୍କରେ ଆମେ ଅଳ୍ପ ବହୁତ ଅବଗତ ଅଛୁ। ମାତ୍ର ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ଓଡ଼ିଶାର ଅବସ୍ଥା କ'ଣ, ସେ ସମ୍ପର୍କରେ ଓଡ଼ିଶାବାସୀ ଜାଣିବା ଆବଶ୍ୟକ। ଅତି ପ୍ରାଚୀନ ସଭ୍ୟତା ଓ ସମୃଦ୍ଧ ସଂସ୍କୃତିର ଉତ୍ତରାଧିକାରୀ ଭାବରେ ଆମେ ଗର୍ବ କରୁ। ମାତ୍ର ସର୍ବ ଭାରତୀୟ ସ୍ତରରେ ଆମ ସ୍ଥାନ କେଉଁଠି ?

ଓଡ଼ିଶାର ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ବିଶେଷଜ୍ଞମାନେ ଯେଉଁ ଭାଷାରେ ବର୍ଣ୍ଣନା କରନ୍ତି, ତାହା ସାଧାରଣ ଲୋକଙ୍କ ପକ୍ଷେ ଅବୋଧ ଓ ମୂଲ୍ୟହୀନ। ସେମାନେ ଚାହାଁନ୍ତି ପେଟପୁରା ଖାଇବାକୁ ମିଳୁ। ପିନ୍ଧିବାକୁ ଲୁଗାପଟା, ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ, ପିଲାଙ୍କ ପାଠ ପଢ଼ିବା ପାଇଁ ସୁବିଧା, ରୋଗର ନିଦାନ ପାଇଁ ଚିକିତ୍ସାର ବ୍ୟବସ୍ଥା ଓ ସମାଜରେ ସୁଖ ଶାନ୍ତିରେ ମୁଣ୍ଡ ଟେକି ରହିବାର ବ୍ୟବସ୍ଥା। ସେମାନଙ୍କ ପାଇଁ ଜଟିଳ ଭାଷାର ଧ୍ୱନି ମୂଲ୍ୟହୀନ।

୧୯୯୧ ମସିହାର ଜନଗଣନା ହିସାବ ଅନୁଯାୟୀ ଓଡ଼ିଶାର ଜନସଂଖ୍ୟା ହେଉଛି ୩୧୫ ଲକ୍ଷ। ଏହା ରାଷ୍ଟ୍ରୀୟ ଜନସଂଖ୍ୟାର ଶତକଡ଼ା ୩.୭ ଭାଗ। ଭାରତର କ୍ଷେତ୍ରଫଳର ଶତକଡ଼ା ୪.୭ ଭାଗ ହେଉଛି ଓଡ଼ିଶା। ଜନସଂଖ୍ୟା ଓ କ୍ଷେତ୍ରଫଳ ତୁଳନାରେ ଭାରତର ଅର୍ଥନୈତିକ ସମୃଦ୍ଧି ପାଇଁ ଆମର ଅବଦାନ କ'ଣ ? ନିଜର ଉନ୍ନତି ପାଇଁ ଆମେ କ'ଣ କରିଛୁ ? ଅର୍ଥନୈତିକ ମାନଚିତ୍ରରେ ଆମର ସ୍ଥାନ କେଉଁଠି ?

ଅର୍ଥନୈତିକ ପ୍ରଗତିର ପରିମାପକ ଭାବେ ସାଧାରଣତଃ କେତୋଟି ବିଷୟ ବିଚାରକୁ ନିଆଯାଏ। ଆମ ରାଜ୍ୟରେ ଆମେ କ'ଣ ଉତ୍ପାଦନ କରୁଛୁ, ଆମ ଲୋକେ କ'ଣ ଆୟ କରୁଛନ୍ତି ଓ କ'ଣ ବ୍ୟୟ କରୁଛନ୍ତି ? ଶିଳ୍ପ କାରଖାନାରେ କେତେ ଲୋକ କାମ କରୁଛନ୍ତି, ବେକାର ସଂଖ୍ୟା କେତେ ? ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁସ୍ଥ ସାମାଜିକ ଜୀବନ ଯାପନ ପାଇଁ ଆମର କି ବ୍ୟବସ୍ଥା ରହିଛି ? ଭାରତର ଅନ୍ୟାନ୍ୟ ଉନ୍ନତ ରାଜ୍ୟ ତୁଳନାରେ ଆମ 'ଅବସ୍ଥା କ'ଣ ? ବିଜୁଳି ଶକ୍ତିର ବ୍ୟବହାର, ରାସ୍ତାଘାଟର ବ୍ୟବସ୍ଥା, ଜଳସେଚନର ବ୍ୟବସ୍ଥା କଥା ମଧ୍ୟ ବିଚାରକୁ ନିଆଯାଇପାରେ।

୧୯୯୧ ଜନଗଣନାରୁ ଜଣାଯାଉଛି ଯେ, ଆମ ରାଜ୍ୟର ଜନସଂଖ୍ୟାର ଶତକଡ଼ା ୮୬ ଭାଗ ଗ୍ରାମାଞ୍ଚଳରେ ରହନ୍ତି। ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ୧୪। ସୁଖର କଥା ଯେ ୧୯୭୧–୮୧ ମଧ୍ୟରେ ଆମ ରାଜ୍ୟର ଜନସଂଖ୍ୟା ଯେଉଁ ହାରରେ ବଢ଼ିଥିଲା, ୧୯୮୧–୯୧ରେ ତାହା ସାମାନ୍ୟ ହ୍ରାସ ପାଇଛି। ୧୯୭୧–୮୧ ମଧ୍ୟରେ ଜନସଂଖ୍ୟା ଶତକଡ଼ା ୨୦.୧୭ ହାରରେ ଜନସଂଖ୍ୟା ବଢ଼ିଥିବା ବେଳେ ୧୯୮୧–୯୧ରେ ଏହା ୧୯.୫୦କୁ କମିଛି। ସାରା ଭାରତବର୍ଷରେ ଜନସଂଖ୍ୟା ବୃଦ୍ଧି ହାର ଶତକଡ଼ା ୨୩.୫୬ରେ ପହଞ୍ଚିଛି। ଓଡ଼ିଶାର ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଶତକଡ଼ା ୧୧.୮୦ରୁ ବଢ଼ି ୧୩.୪ରେ ପହଞ୍ଚିଛି। ସାକ୍ଷରଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ୧୯୮୧ରେ ଶତକଡ଼ା ୪୦.୯୭ ଭାଗ ସାକ୍ଷର ଥିବାବେଳେ ୧୯୯୧ ବେଳକୁ ଏହା ଶତକଡ଼ା ୪୮.୫୫ ଭାଗରେ ପହଞ୍ଚିଛି। ସର୍ବ ଭାରତୀୟ ସ୍ତରର ସାକ୍ଷରତା ସଂଖ୍ୟା ହେଉଛି ଶତକଡ଼ା ୫୨.୧୧ ଭାଗ। ପ୍ରତି ବର୍ଗ କିଲୋମିଟରରେ ୧୯୯୧ରେ ଓଡ଼ିଶାରେ ୧୭୯ ଜଣ ବାସ କରୁଛନ୍ତି। ସର୍ବ ଭାରତୀୟ ସ୍ତରର ସଂଖ୍ୟା ହେଲା ୨୬୭।

ଏ କଥା କହିବା ବାହୁଲ୍ୟ ଯେ, ଓଡ଼ିଶାର ଅଧିକାଂଶ ଭାଗ ଆୟ କୃଷି କ୍ଷେତ୍ରରୁ ମିଳିଥାଏ। କୃଷି ବହୁଳ ଆମ ରାଜ୍ୟରେ ଶତକଡ଼ା ୮୦ ଭାଗ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ଜୀବିକା ନିର୍ବାହ ପାଇଁ ନିର୍ଭର କରିଥାନ୍ତି। ରାଜ୍ୟର ଆୟର ପ୍ରାୟ ଶତକଡ଼ା ୫୬ ଭାଗ କୃଷିରୁ ମିଳିଥାଏ। କୃଷି ଉତ୍ପାଦନ ବୃଦ୍ଧି ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରେ। ଯେଉଁ ବର୍ଷ ଭଲ ବର୍ଷା ହେଲା, ସେ ବର୍ଷ ଭଲ ଫସଲ ମିଳେ। ମାତ୍ର ପ୍ରତି ବର୍ଷ ବର୍ଷା, ବନ୍ୟା ଓ ବାତ୍ୟାର ଶିକାର ହେଉଥିବାରୁ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ଆଶାଜନକ ହୋଇପାରୁ ନାହିଁ। ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଧାନ ଚାଷ ହେଉଛି ମୁଖ୍ୟ। ୧୯୯୦–୯୧ରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଧାନ ଉତ୍ପାଦନ ବିଶେଷ ହ୍ରାସ ପାଇଥିଲା। ଏହି ବର୍ଷ ଓଡ଼ିଶାରେ ୪୧.୮୯ ଲକ୍ଷ ହେକ୍ଟର ଖରିଫ୍ ଓ ୨.୧୫ ଲକ୍ଷ ହେକ୍ଟରରେ ରବି ଚାଷ ହୋଇ ପ୍ରାୟ ୫୨.୮୫ ଲକ୍ଷ ଟନ୍ ଧାନ ମିଳିଥିଲା। ଯାହାକି ପୂର୍ବ ବର୍ଷ ତୁଳନାରେ ଶତକଡ଼ା ୧୬ ଭାଗ କମ୍। ପୂର୍ବ ବର୍ଷ ପ୍ରତି ହେକ୍ଟରରେ ୨୧.୭ କି: ଗ୍ରା: ସାର ବ୍ୟବହାର କରାଯାଇଥିବା

ବେଳେ ୧୯୯୦–୯୧ରେ ଏହା ୨୦.୪ କେ: ଜି:କୁ ହ୍ରାସ ପାଇଥିଲା । ହେକ୍ଟର ପ୍ରତି ଧାନ ଉତ୍ପାଦନ ଖରିଫ୍ ଋତୁରେ ୧୫.୧୭ କୁଇଣ୍ଟାଲ୍ ହୋଇଥିବା ବେଳେ ୧୯୯୦–୯୧ରେ ୧୧.୫୬ କୁଇଣ୍ଟାଲ୍ ହୋଇଥିଲା । ସେହିଭଳି ଚାଷୋପଯୋଗୀ ଜମିକୁ ଜଳସେଚନ ବ୍ୟବସ୍ଥା କ୍ଷେତ୍ରରେ ମଧ୍ୟ ଆମ ରାଜ୍ୟ ବହୁ ପଛରେ ପଡ଼ିଛି । ସାଧାରଣତଃ ଆମ ରାଜ୍ୟର ୬୫.୫୯ ଲକ୍ଷ ହେକ୍ଟରରେ ଚାଷ କରାଯାଏ । ସେଥିମଧ୍ୟରୁ ପ୍ରାୟ ୫୯ ଲକ୍ଷ ହେକ୍ଟରକୁ ଜଳସେଚନ କରାଯାଇ ପାରନ୍ତା । ମାତ୍ର ୧୯୯୦–୯୧ ସୁଦ୍ଧା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ଜରିଆରେ ଆମେ କେବଳ ୨୦.୨୭ ଲକ୍ଷ ହେକ୍ଟରକୁ ଜଳ ଯୋଗାଇ ପାରିଛୁ । ଯାହାକି ଜଳସେଚନ ସୁବିଧା ଥିବା ଜମିର ମାତ୍ର ଶତକଡ଼ା ୩୧ ଭାଗ ।

ଆମ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ହିସାବକୁ ନେଲେ ୧୯୯୦–୯୧ରେ ଆମେ ୬୯ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିଥିଲୁ । ସେଥିରୁ ଧାନ ହେଉଛି ୫୭ ଲକ୍ଷ ଟନ୍ । ଜନସଂଖ୍ୟାକୁ ବିଚାରକୁ ନେଲେ ଓଡ଼ିଶାବାସୀ ପ୍ରତ୍ୟେକ ଦୈନିକ ୬୦୦ ଗ୍ରାମ୍ ଉତ୍ପାଦନ କରୁଥିଲେ । ଦୈନିକ ମୁଣ୍ଡପିଛା ୪୫୦ ଗ୍ରାମ୍ ଧାନ ଅଥବା ୨୭୫ ଗ୍ରାମ୍ ଚାଉଳ ଉତ୍ପାଦିତ ହେଉଥିଲା । ଏଥିରୁ ଆମ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆମେ କେତେ ଆତ୍ମନିର୍ଭରଶୀଳ ତାହା ଜଣାପଡ଼ିବ । ଅବଶ୍ୟ ଏ କଥା ସତ ଯେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ଉଦ୍ୟମ ଅବ୍ୟାହତ ରହିଛି । ଜଳସେଚିତ ଜମିର ପରିମାଣ ବୃଦ୍ଧି, ସ୍ୱତନ୍ତ୍ର ଧାନ ଉତ୍ପାଦନ କାର୍ଯ୍ୟକ୍ରମ, ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସ୍ୱଳ୍ପକାଳୀନ ଫସଲ ଉତ୍ପାଦନକୁ ଉତ୍ସାହିତ କରିବା ପ୍ରଭୃତି କାର୍ଯ୍ୟକ୍ରମ ଚାଲିଛି । ଉନ୍ନତ ଧରଣର ବିହନ ଉତ୍ପାଦନ, ବୈଜ୍ଞାନିକ ପ୍ରଣାଳୀରେ ଚାଷ ବ୍ୟବସ୍ଥା ପ୍ରବର୍ତ୍ତନ, ସାର ପ୍ରୟୋଗ, ଶସ୍ୟ ବୀମା ପ୍ରବର୍ତ୍ତନ, କପା, ଆଖୁ, ଚିନାବାଦାମ ପ୍ରଭୃତି ଅର୍ଥକରୀ ଫସଲ ଚାଷ ପାଇଁ ଉତ୍ସାହିତ କରାଯାଉଛି । ମାତ୍ର ସର୍ବ ଭାରତୀୟ ସ୍ତରରେ ଆମେ ଯେତେ ପଛରେ ପଡ଼ିଯାଇଛେ ଓ ଆମ ଲୋକଙ୍କର ଅର୍ଥନୈତିକ ଅବସ୍ଥା ପ୍ରତି ଲକ୍ଷ୍ୟ ରଖି କୃଷି ଉତ୍ପାଦନ ପରିବୃଦ୍ଧି ପାଇଁ ଆମକୁ ଅଧିକରୁ ଅଧିକ ଆନ୍ତରିକ ଉଦ୍ୟମ କରିବାକୁ ପଡ଼ିବ । ସାଧାରଣ ଲୋକଙ୍କ ଜୀବନ ଧାରଣ ପାଇଁ କେତେ ଖର୍ଚ୍ଚ ହେଉଛି, ସେଥିରୁ ଅର୍ଥନୈତିକ ଅବସ୍ଥା ଜଣାଯାଏ । ୧୯୮୮–୮୯ରେ ଏକ ସର୍ଭେରୁ ଜଣାଯାଇଛି ଯେ ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କର ମାସିକ ବ୍ୟୟ ପରିମାଣ ସର୍ବ ଭାରତୀୟ ହାର ତୁଳନାରେ ବହୁତ କମ୍ ଥିଲା । ସାଧାରଣତଃ ଯେଉଁଠି ଲୋକମାନେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଖର୍ଚ୍ଚ କରନ୍ତି, ସେଠାରେ ଲୋକଙ୍କ ଅନଗ୍ରସରତା ପରିସ୍ଫୁଟ । ସେହି ବର୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ମୁଣ୍ଡପିଛା ପ୍ରତି ମାସରେ ମୋଟ ଖାଦ୍ୟଦ୍ରବ୍ୟ ପାଇଁ ୧୦୨ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସହରାଞ୍ଚଳରେ ପ୍ରାୟ ୧୨୪ ଟଙ୍କା ଖର୍ଚ୍ଚ ହେଉଥିଲା । କେବଳ ଖାଦ୍ୟଶସ୍ୟ ପାଇଁ ଜଣପିଛା ମାସିକ ଗ୍ରାମାଞ୍ଚଳରେ ୫୮ ଟଙ୍କା ଓ ସହରାଞ୍ଚଳରେ ୫୯ ଟଙ୍କା ୨୭ ପଇସା ଖର୍ଚ୍ଚ ହେଉଥିଲା । କେବଳ ମଧ୍ୟପ୍ରଦେଶ ତୁଳନାରେ ଆମ ରାଜ୍ୟ ସାମାନ୍ୟ ଉନ୍ନତ ଥିବାବେଳେ ଅନ୍ୟ ସବୁ ରାଜ୍ୟ ମଧ୍ୟରେ ଏ କ୍ଷେତ୍ରରେ ଆମେ ପଛୁଆ ଥିଲୁ ।

ଏହି ହିସାବରୁ ଜଣାଯାଇଛି ଯେ ଗ୍ରାମାଞ୍ଚଳରେ ଡାଲି [illegible] ମାସକୁ ୪ ଟଙ୍କା ୫୭ ପଇସା ବ୍ୟୟ ହୁଏ । ଦୁଧ ପାଇଁ ୩ ଟଙ୍କା ୭୧ ପଇସା, ତେଲ ପାଇଁ ୪ ଟଙ୍କା ୮୯ ପଇସା, ମାଛ ମାଂସ ପାଇଁ ୬ ଟଙ୍କା ୬୫ ପଇସା, ଲୁଗାପଟା ପାଇଁ ୧୦ ଟଙ୍କା ଏବଂ ଜାଳେଣି ଓ ଆଲୋକ ପାଇଁ ୧୧ ଟଙ୍କା ୭୩ ପଇସା ଖର୍ଚ୍ଚ ହେଉଥିଲା । ଏହି ହିସାବରୁ ଆମର ଅର୍ଥନୈତିକ ସ୍ଥିତି ସହଜରେ ଅନୁମାନ କରାଯାଇ ପାରିବ ।

ଆମ ରାଜ୍ୟରେ ବିପୁଳ ଖଣିଜ ସମ୍ପଦ ରହିଛି । ସାରା ଦେଶରେ ଯେତେ ଲୁହାପଥର, କୋଇଲା, ମାଙ୍ଗାନିଜ୍ ରହିଛି ତହିଁର ଏକ ଚତୁର୍ଥାଂଶରୁ ଅଧିକ ଓଡ଼ିଶାର ଭୂ–ଗର୍ଭରେ ମହଜୁଦ୍ ଅଛି । ଦେଶର କ୍ରୋମାଇଟ୍ ପରିମାଣର ଶତକଡ଼ା ୯୮ ଭାଗ ବକ୍ସାଇଟ୍ର ଶତକଡ଼ା ୬୫ ଭାଗ, ଗ୍ରାଫାଇଟ୍ର ଶତକଡ଼ା ୩୫ ଭାଗ ଓଡ଼ିଶାରେ ରହିଛି । ଏହା ବ୍ୟତୀତ ବହୁ ମୂଲ୍ୟବାନ ଧାତୁ ମଧ୍ୟ ଓଡ଼ିଶାରେ ମିଳୁଛି । ଏ ସବୁର ଯଥାର୍ଥ ବିନିଯୋଗ ହୋଇପାରିଥିଲେ ଓଡ଼ିଶାର ଅର୍ଥନୈତିକ ମାନଚିତ୍ର ବଦଳି ଯାଇଥାନ୍ତା । ମାତ୍ର ସ୍ୱାଧୀନତାର ୪୫ ବର୍ଷ ମଧ୍ୟରେ ଯାହା କରାଯାଇଛି, ତାହା ଅତି ନଗଣ୍ୟ । ଭାରତବର୍ଷର ଯେତେ ଖଣିଜ ଦ୍ରବ୍ୟ ଉତ୍ପାଦନ ହେଉଛି, ସେଥିରେ ଓଡ଼ିଶାର ଅଂଶ ମାତ୍ର ଶତକଡ଼ା ୮.୬ ଭାଗ । ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ ବିଗତ ଦୁଇବର୍ଷ ମଧ୍ୟରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ବ୍ୟବହାର ପାଇଁ ଅନେକ କାର୍ଯ୍ୟ ଆରମ୍ଭ ହୋଇଛି । ମାତ୍ର ସାରା ଦେଶ ଯେଭଳି ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଛି ସେଥିରେ ଓଡ଼ିଶାରେ ଅର୍ଥ ବିନିଯୋଗର ପରିସର ସଙ୍କୁଚିତ ହୋଇଯାଇଛି । ଏ କ୍ଷେତ୍ରରେ ବୈଦେଶିକ ଓ ବେସରକାରୀ ପୁଞ୍ଜି ବିନିଯୋଗ ପାଇଁ ଉଦ୍ୟମ ଅବ୍ୟାହତ ରହିଛି ।

ଓଡ଼ିଶାର କଳକାରଖାନା ଓ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ରହିଛି । ମାତ୍ର ଏ କ୍ଷେତ୍ରରେ ମଧ୍ୟ ଆମର ସଫଳତା ସନ୍ତୋଷଜନକ ମନେ ହୁଏ ନାହିଁ । ୧୯୮୭–୮୮ର ହିସାବ ଅନୁଯାୟୀ ସାରା ଭାରତରେ ୧,୦୨,୫୯୬ ରେଜିଷ୍ଟ୍ରିକୃତ କଳକାରଖାନା, ଓଡ଼ିଶାରେ ଏହାର ସଂଖ୍ୟା ଥିଲା ମାତ୍ର ୧,୫୮୦ ଅର୍ଥାତ୍ ଶତକଡ଼ା ୧.୫ ଭାଗ । ଜାତୀୟ ଆୟକୁ ଏଗୁଡ଼ିକର ଅବଦାନ ଥିଲା ମାତ୍ର ୪୭୩ କୋଟି ଟଙ୍କା । ସର୍ବ ଭାରତୀୟ ସ୍ତର ତୁଳନାରେ ଏହା ମାତ୍ର ୧.୭ ଭାଗ ।

ସ୍ୱାଧୀନତାର ପ୍ରାକ୍ କାଳରେ ଓଡ଼ିଶାରେ କୌଣସି ବଡ଼ ଧରଣର ଶିଳ୍ପ କାରଖାନା ନଥିଲା ବୋଲି କହିଲେ ଚଳିବ । ମାତ୍ର ଏବେ ଓଡ଼ିଶାରେ ୯୭ ବୃହତ୍ ଶିଳ୍ପ କାରଖାନା ରହିଛି । ଏଥିରେ ୬,୯୨୫ କୋଟି ଟଙ୍କା ବିନିଯୋଗ ହୋଇଛି ଓ ପ୍ରାୟ ୯୬ ହଜାର ଲୋକ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ସେହିଭଳି [illegible] କୋଟି ଟଙ୍କା ବିନିଯୋଗରେ ୧୧୧ ଗୋଟି ମଧ୍ୟମ ଧରଣର ଶିଳ୍ପ ଗଢ଼ି ଉଠିଛି ଯେଉଁଥିରେ ୬୪,୨୪୨ ଜଣ କାମ କରୁଛନ୍ତି । ନାଲ୍କୋ ଓ ରାଉରକେଲା ଇସ୍ପାତ କାରଖାନା ଯଥାକ୍ରମେ ୨୪୦୮.୧୫ କୋଟି ଓ ୧୪୧୬.୮୯ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠିତ ହୋଇଛି ଓ ଏ ଦୁଇଟି ବୃହତ୍ ଶିଳ୍ପରେ ଯଥାକ୍ରମେ ୫,୪୪୪ ଓ ୨୧,୦୦୦ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ସେହିଭଳି କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ

୩୮,୧୦୬ଟି ୟୁନିଟ୍ ୪୯୮.୨୬ କୋଟି ଟଙ୍କାରେ ପ୍ରତିଷ୍ଠିତ ହୋଇ ୨ ଲକ୍ଷ ୮୧ ହଜାର ଲୋକଙ୍କୁ କାମ ଯୋଗାଇଛି । କୁଟୀର ଶିଳ୍ପ କ୍ଷେତ୍ରରେ ମଧ୍ୟ ୧୦,୭୭,୪୬୨ ଗୋଟି ୟୁନିଟ୍ ୧୮ ଲକ୍ଷ ୨୧ ହଜାର ଲୋକଙ୍କୁ କାମ ଯୋଗାଇଛି ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି । ଏସବୁ ସତ୍ତ୍ୱେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୧୯୯୧ ଜୁନ୍ ମାସ ଶେଷ ସୁଦ୍ଧା ୫ ଲକ୍ଷ ୧୪ ହଜାର ଶିକ୍ଷିତ ବେକାର ଚାକିରି ଅପେକ୍ଷାରେ ରହିଥିଲେ ବୋଲି କର୍ମ ନିଯୋଜନ ସଂସ୍ଥାରୁ ଜଣାଯାଇଛି । ଗ୍ରାମାଞ୍ଚଳରେ ପ୍ରାୟ ୮୬ ଭାଗ ଲୋକ ବାସ କରୁଥିବାରୁ କର୍ମ ନିଯୋଜନ ସଂସ୍ଥାରେ ନାମ ଲେଖାଇ ନଥିବା ବେକାରଙ୍କ ସଂଖ୍ୟା କେତେ ହେବ, ତାହା ଅନୁମାନ କରାଯାଇ ପାରିବ ।

ରାଜ୍ୟ ସରକାର ପ୍ରାୟ ୨,୧୨୯ କୋଟି ଟଙ୍କା ବିନିଯୋଗରେ ୩୩ ଗୋଟି ରାଷ୍ଟ୍ରାୟତ୍ତ ସଂସ୍ଥା ବା ନିଗମ ପ୍ରତିଷ୍ଠା କରିଛନ୍ତି । ଏଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସରକାରୀ ଉଦ୍ୟମରେ ଶିଳ୍ପ ବାଣିଜ୍ୟର ବିକାଶ ସଙ୍ଗେ ସଙ୍ଗେ ରାଜ୍ୟର ଅର୍ଥନୈତିକ ବିକାଶ ଘଟାଇବ । ମାତ୍ର ଏଥି ମଧ୍ୟରୁ ୨୫ ଗୋଟି ନିଗମ କ୍ଷତିରେ ଚାଲୁଛି ୧୯୯୦-୯୧ରେ ମାତ୍ର ୮ ଗୋଟି କର୍ପୋରେସନ୍ ୨୪ ଲକ୍ଷ ଟଙ୍କା ଲାଭ କରିଛନ୍ତି ।

କୃଷି ଓ ଶିଳ୍ପ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ପରିସ୍ଥିତି ସନ୍ତୋଷଜନକ ବୋଲି କୁହାଯାଇ ପାରିବ ନାହିଁ । ଓଡ଼ିଶାରେ ସାକ୍ଷରତା ହାର ୪.୮୫୫ । ସାରା ଭାରତରେ ସାକ୍ଷରତା ହାର ହେଉଛି ୫୨.୧୧ । ସେହିଭଳି ଶତକଡ଼ା ୬୭ ଭାଗ ଗ୍ରାମକୁ ବିଜୁଳି ଯୋଗାଇ ଦିଆଯାଇଛି । ଭାରତବର୍ଷର ମୋଟ ଶତକଡ଼ା ୮୩ ଭାଗ ଗ୍ରାମକୁ ବିଜୁଳି ଯୋଗାଇ ଦିଆଯାଇଛି । ଓଡ଼ିଶା ଓ ଭାରତର ଅନ୍ୟ କେତେକ ତଥ୍ୟ ଯଥାକ୍ରମେ : ଦାରିଦ୍ର୍ୟ ସୀମାରେଖାତଳେ ରହିଥିବା ଲୋକଙ୍କ ସଂଖ୍ୟା ଶତକଡ଼ା ୪୪.୭ ଭାଗ (୨୯.୯), ରାସାୟନିକ ସାର ବ୍ୟବହାର ହେକ୍ଟର ପିଛା ୨୧.୭ କିଲୋଗ୍ରାମ (୬୫.୪ କିଲୋଗ୍ରାମ), ମୁଣ୍ଡପିଛା ବିଜୁଳି ବ୍ୟବହାର ୧୮.୧ କିଲୋୱାଟ୍ (୩୩.୬ କିଲୋୱାଟ୍) ଏକ ଲକ୍ଷ ଲୋକଙ୍କ ପାଇଁ ଡାକ୍ତରଙ୍କ ସଂଖ୍ୟା ୩୪ (୪୩) ଜନ୍ମ ହେଉଥିବା ପ୍ରତି ହଜାରଙ୍କ ମଧ୍ୟରୁ ମୃତ୍ୟୁ ଘଟୁଥିବା ଶିଶୁଙ୍କ ସଂଖ୍ୟା ୧୨୩ (୯୩) ପ୍ରତି ହଜାର ବର୍ଗକିଲୋମିଟର ଅଞ୍ଚଳ ପ୍ରତି ରେଳ ଲାଇନ୍ ୧୨.୮ କି.ମି: (୧୮.୯ କି.ମି.) ସବୁଦିନିଆ ରାସ୍ତା ସଂଯୋଗ ଥିବା ଗ୍ରାମଗୁଡ଼ିକର ଶତାଂଶ ୩୫ (୪୧) । ବ୍ରାକେଟ୍ ମଧ୍ୟରେ ଭାରତବର୍ଷରହାରାହାରୀ ସଂଖ୍ୟା ଦିଆଯାଇଛି । ଏଥିରୁ ଜଣାଯିବ ଯେ ଆମ ଓଡ଼ିଶା ସାରା ଭାରତବର୍ଷରେ କିଭଳି ପଛରେ ପଡ଼ିଯାଇଛି ।

ଗୋଟିଏ ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥ ବିନିଯୋଗ ସହିତ ଜନସାଧାରଣଙ୍କ ନିରନ୍ତର ଉଦ୍ୟମ ଆବଶ୍ୟକ । ଯୋଜନା ପ୍ରଣୟନକାରୀମାନେ ଯେଉଁ ରାଜ୍ୟ ଯେତିକି ସମ୍ବଳ ସଂଗ୍ରହ କରିପାରିବ ତଦନୁଯାୟୀ ଯୋଜନାବଦ୍ଧ ବିକାଶ ପାଇଁ ଅର୍ଥ ବରାଦ କରନ୍ତି । ମାତ୍ର ଓଡ଼ିଶାର ଅବସ୍ଥା ଏଭଳି ଯେ ଅଧିକ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ ସମ୍ଭବ ନୁହେଁ । ଏଣୁ ଓଡ଼ିଶାଭଳି ଗରିବ ରାଜ୍ୟ ପାଇଁ ଯୋଜନା ଅର୍ଥବରାଦ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅନୁକୂଳ ନୁହେଁ । ଏଣୁ ରାଜ୍ୟର ଅର୍ଥନୀତିକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଉନ୍ନୟନ କାର୍ଯ୍ୟକ୍ରମକୁ ଅବ୍ୟାହତ ରଖିବାକୁ ହେଲେ ବାହାରୁ ଋଣ କରିବାକୁ ହିଁ ପଡ଼ିବ । ଏଣୁ ଗରିବ ରାଜ୍ୟର ଅର୍ଥନୀତି ପରିଚାଳନା ଏକ କଷ୍ଟ ସାଧ୍ୟ କାର୍ଯ୍ୟ । ଓଡ଼ିଶା ସରକାରଙ୍କ ଋଣ ଭାର ୧୯୮୩ରେ ୧,୩୬୭ କୋଟି ଟଙ୍କା । (ମୁଣ୍ଡ ପିଛା ୫୦୬.୩ ଟଙ୍କା) ଥିଲା । ୩୧-୩-୧୯୯୨ ବେଳକୁ ଏହାର ପରିମାଣ ୪,୪୯୯ କୋଟି ଟଙ୍କାରେ (ମୁଣ୍ଡପିଛା ୧,୪୧୭.୧ ଟଙ୍କା) ପହଞ୍ଚିଛି । ରାଜ୍ୟର ସମ୍ବଳକୁ ଉପଯୁକ୍ତ ଭାବେ ବିନିଯୋଗ କରି ଉତ୍ପାଦନ ବୃଦ୍ଧି କରାଯାଇ ପାରିଲେ, ରାଜ୍ୟବାସୀଙ୍କର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ।

ସୁଖର କଥା ଯେ ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶା ଶାସନର ଦାୟିତ୍ୱ ନେବା ପରେ, ବିଦେଶୀ ଓ ବେସରକାରୀ ପୁଞ୍ଜି ବିନିଯୋଗ ଉପରେ ଗୁରୁତ୍ୱ ଦେଇ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ପ୍ରଗାଢ଼ ଉଦ୍ୟମ କରୁଛନ୍ତି । ଦ୍ୱିତୀୟ ଇସ୍ପାତ୍ କାରଖାନା, ତାପଜ ବିଦ୍ୟୁତ୍ ଯୋଜନା, ପେଟ୍ରୋକେମିକାଲ, ଖଣି ଓ ବନ୍ଦରର ବିକାଶ ପ୍ରଭୃତି ପାଇଁ ବିପୁଳ ପରିମାଣର ଅର୍ଥ ବିନିଯୋଗରେ ବ୍ୟାପକ ଯୋଜନା କରାଯାଇଛି । ଏଥିସହ ସରକାରୀ କ୍ଷେତ୍ରରେ ବ୍ୟୟ ସଂକୋଚନ ଓ କ୍ଷତି ଘଟାଉଥିବା କଳକାରଖାନାଗୁଡ଼ିକୁ ବେସରକାରୀ ଶିଳ୍ପୋଦ୍ୟୋଗୀଙ୍କୁ ହସ୍ତାନ୍ତର କରାଯାଉଛି । ଏଥି ସହ ଗ୍ରାମ୍ୟ ଓ କୁଟୀରଶିଳ୍ପର ବିକାଶ, କୃଷିର ଉନ୍ନତି ଓ ସମାଜର ଅବହେଳିତ ଲୋକଙ୍କ ଉନ୍ନତି ପାଇଁ ବହୁ କାର୍ଯ୍ୟକ୍ରମ ପ୍ରଣୟନ ହୋଇଛି । ଫଳରେ ଓଡ଼ିଶାର ଉନ୍ନତି ପାଇଁ ପଥ ସୁଗମ ହୋଇଛି ।

---

*୧୦୪୯, ଶାନ୍ତିନଗର, ୟୁନିଟ୍-୪,*
*ଭୁବନେଶ୍ୱର ।*



# ଆଦିବାସୀଙ୍କ ରେଶମ ଚାଷ

● [illegible]

ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରିରୁ ମୋହନା ଯିବା ବାଟରେ ଉଭୟ ପାର୍ଶ୍ୱରେ ଥିବା ପର୍ବତରାଜିର ଅବସ୍ଥା ଶୋଚନୀୟ ହୋଇପଡ଼ିଛି; କାରଣ ସେ ଅଞ୍ଚଳର ଆଦିବାସୀ ତାଙ୍କର ପାରମ୍ପରିକ କୃଷି ପଦ୍ଧତି ପୋଡୁଚାଷ ପ୍ରତି ଏବେ ମଧ୍ୟ ଅନାସକ୍ତ ହୋଇ ନାହାନ୍ତି । ପୋଡୁଚାଷ କାରଣରୁ ଶହ ଶହ ଏକର ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଉଛି ଏବଂ ଆଦିବାସୀମାନେ ମଧ୍ୟ ସେହି ଫସଲରୁ ଆଶାନୁରୂପ ଫଳ ପାଉ ନାହାନ୍ତି । ଏକଦା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ଏବଂ ଗର୍ବର ସହ ଦଣ୍ଡାୟମାନ ହୋଇଥିବା ପାହାଡଗୁଡ଼ିକ ଆଜି ଶ୍ରୀହୀନ ।

ପୋଡୁଚାଷ ଦ୍ୱାରା ସଉରାମାନେ ଯେ ବିଶେଷ ଉପକୃତ ହେଉଥିଲେ ତା ନୁହେଁ, ଏମାନେ ମାଣ୍ଡିଆ, ହଳଦୀ ଆଦିରେ ବର୍ଷକୁ ଚାରି ପାଞ୍ଚ ଶହ ଟଙ୍କା ଭିତରେ ଆୟ କରୁଥିଲେ । ବର୍ଷର ଅଧା ସମୟ ଉପବାସ କିମ୍ବା ଏଣୁତେଣୁ ଖାଇ କାଳକାଟୁଥିବା ଏହି ହତଭାଗ୍ୟମାନଙ୍କର ଅର୍ଥନୈତିକ ପ୍ରଗତି ପାଇଁ ଇ.ଆର.ଆର.ପି. କମ୍ବା ଆଇ.ଆର.ଡି.ପି. ପରି କେନ୍ଦ୍ରୀୟ ଯୋଜନାଗୁଡ଼ିକର ଠିକ୍ ସୁଫଳ ମଧ୍ୟ ତାଙ୍କ ପାଖରେ ପହଞ୍ଚି ପାରୁ ନଥିଲା । କିନ୍ତୁ ରେଶମ ବା ମଲବରି ଚାଷରେ ଯେ ଏମାନଙ୍କ ଭାଗ୍ୟରେ ବିରାଟ ପରିବର୍ତ୍ତନ ଘଟିପାରେ ତାହା ଆଜି ପ୍ରମାଣିତ ହୋଇଛି ।

## ଦ୍ୱିବର୍ଣ୍ଣୀ ରେଶମ

ଗଞ୍ଜାମ ଜିଲ୍ଲାର ଆର୍ ଉଦୟଗିରି ଏବଂ ମୋହନ ବ୍ଳକରେ ଦ୍ୱିବର୍ଣ୍ଣୀ ରେଶମ ଚାଷ ଉନ୍ନୟନ ଯୋଜନା ମାଧ୍ୟମରେ ଗତ ୧୯୮୭ ମସିହା ଅପ୍ରେଲ ମାସରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଗତ ଦୁଇବର୍ଷ ଭିତରେ ଏହି ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି । କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ କେନ୍ଦ୍ରୀୟ ସିଲ୍କ ବୋର୍ଡ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ପରିଚାଳିତ ଏହି ପ୍ରକଳ୍ପରେ ୧୯୮୫ରୁ ୧୯୮୭ ମଧ୍ୟରେ ୪ କୋଟି ୨୭ ଲକ୍ଷ ୪୫ ହଜାର ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ଥିଲା । ଏହି ଯୋଜନାର କାର୍ଯ୍ୟକ୍ରମ ମଧ୍ୟରେ ଏହି ଦୁଇ ବର୍ଷରେ ଏକ ହଜାର ଏକର ଘରୋଇ ଜମିରେ ରେଶମ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା; କିନ୍ତୁ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୪୦ଟି ବ୍ଳକରେ ଏହି ଟଙ୍କାକୁ ବିନିଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇ ଗଞ୍ଜାମ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ସେଠାରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ମୋହନା ଏବଂ ଆର୍ ଉଦୟଗିରିର ଏକ ହଜାର ଏକର ଜମି ମଧ୍ୟରୁ ୪ ଶହ ଏକରରେ ଜଳସେଚନର ସୁବିଧା ଥାଇ ଏବଂ ଅନ୍ୟ ୬ ଶହ ଏକରରେ ବର୍ଷାପାଣି ଦ୍ୱାରା ରେଶମ ଚାଷ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲେ ହେଁ, ଜଳସେଚନର ସୁବିଧା ନହୋଇ ପାରିବାରୁ ୯୬୩-୫ ଏକର ଜମିରେ ବର୍ଷାପାଣି ସାହାଯ୍ୟରେ ଚାଷ ପାଇଁ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଚାଲିଛି ।

ଏହି ଜମିର ମାଲିକ ହେଉଛନ୍ତି ଆଦିବାସୀ । ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ହେଉଛନ୍ତି ଦାରିଦ୍ର୍ୟ–ସୀମାରେଖା ତଳେ ଥିବା ଅର୍ଥନୈତିକ ଅନଗ୍ରସର ଲାଞ୍ଜିଆ ସଉରା ଆଦିବାସୀ । ରେଶମ ଚାଷ ପାଇଁ ଉପଯୁକ୍ତ ବିବେଚିତ ହୋଇଥିବା ୧,୩୧୭ ପରିବାର ମଧ୍ୟରୁ ୧,୨୨୯ଟି ପରିବାର ହେଉଛନ୍ତି ଏହି ଆଦିବାସୀ ସମ୍ପ୍ରଦାୟର । ଏବେ ଏମାନେ ବର୍ଷକୁ ଏକର ପିଛା ରେଶମ ଚାଷ କରି ୪ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ।

## କୋକୁନ (ରେଶମ ଶୋଷା)

ରେଶମ ଚାଷ ହେଉଥିବା ସମୁଦାୟ ୯୬୩-୫ ଏକର ଜମିକୁ ଏକ ଏକରିଆ ୬୧୫ଟି ୟୁନିଟରେ ଏବଂ ଅଧ ଏକରିଆ ୬୯୭ଟି ୟୁନିଟରେ ବିଭକ୍ତ କରାଯାଇଛି । ମୋହନା ବ୍ଳକର ୪୯ଟି ଓ ଏବଂ ଆର୍ ଉଦୟଗିରି ବ୍ଳକର ୫୯ଟି ଗାଁ ଓଡ଼ିଶାର ରେଶମ ମାନଚିତ୍ରରେ ସ୍ଥାନ ପାଇଛି । ୧୯୯୧–୯୨ରେ ଗଞ୍ଜାମ ଜିଲ୍ଲାର ରାୟଗଡ଼ ବ୍ଳକରେ ୭ଟି ଗ୍ରାମରେ ୩୫ଟି ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଜାତୀୟ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ପାଇଁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବା ଦୃଷ୍ଟିରୁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ରେଶମ ଚାଷୀଙ୍କଠାରୁ କୋକୁନ (ରେଶମଶୋଷା) କିଣିବାର ଦାୟିତ୍ୱ ଓଡ଼ିଶା ରାଜ୍ୟ ଟସର ଓ ରେଶମ ସମବାୟ ସମିତି ଲିଃ ଗ୍ରହଣ କରିଛି । ଚାଷୀମାନଙ୍କ ଠାରୁ ଉତ୍ତମମାନର କୋକୁନ କିଲୋଗ୍ରାମ ପିଛା ୮୦ ଟଙ୍କା ଏବଂ ମଧ୍ୟମ

ଟିକେ ନିମ୍ନମାନର କୋକନ୍ କିଲୋଗ୍ରାମ ପିଛା ୬୫ ଟଙ୍କାରେ ବିକାଯାଇଛି । ୧୯୯୬ ମସିହା ମାର୍ଚ୍ଚମାସ ପର୍ଯ୍ୟନ୍ତ ଆଦିବାସୀ ରେଶମ ଚାଷୀମାନେ ୬,୩୩,୦୭୩ କିଲୋଗ୍ରାମ କୋକନ ବିକ୍ରି କରି ୩୨ ଲକ୍ଷ ୬୫ ହଜାର ଟଙ୍କା ପାଇପାରିଛନ୍ତି ବୋଲି ଚନ୍ଦ୍ରଗିରିରେ ଥିବା ପ୍ରକଳ୍ପ ଅଧିକାରୀ ଶ୍ରୀ କୁମୁଦଚନ୍ଦ୍ର ପ୍ରଧାନଙ୍କଠାରୁ ପ୍ରକାଶ ।

## ମଲବରି କଟିଙ୍ଗସ

ମଲବରି ବା ରେଶମ ଚାଷବେଳେ ଥରେ ରୋପଣ କରାଯାଇଥିବା ତୁତ ଗଛଗୁଡ଼ିକୁ ଯତ୍ନରେ ବଢ଼ାଯାଇଥାଏ । ଏହି ଗଛର ବଡ଼ ବଡ଼ ପତ୍ରଗୁଡ଼ିକ ରେଶମ ପୋକ ପାଇଁ ଖାଦ୍ୟ ହୋଇଥାଏ । ଏହି ଗଛଗୁଡ଼ିକୁ ପ୍ରତିବର୍ଷ ଜୁଲାଇ ମାସରେ ବର୍ଷା ଆରମ୍ଭରେ କିଛି ଅଂଶ କାଟି ଦିଆଯାଏ ଏବଂ ଏହି କଟା ଅଂଶଗୁଡ଼ିକୁ କଲମି କରାଯାଇ ତାକୁ ପୁଣି ଅନ୍ୟ ଚାଷୀମାନଙ୍କୁ ବିକ୍ରି କରାଯାଏ । ଏହି କଟିଙ୍ଗସ୍ ବିକ୍ରିକରି ଏ ଅଞ୍ଚଳର ଆଦିବାସୀ ଚାଷୀମାନେ ୧ ଲକ୍ଷ ୩୦ ହଜାର ଟଙ୍କା ରୋଜଗାର କରିପାରିଛନ୍ତି । ନିଜେ ଚାଷୀ ଶ୍ରମିକଭାବେ ନିଜ କ୍ଷେତରେ କାମ କରୁଥିବାରୁ ମଜୁରି ବାବଦକୁ ୨୮ ଲକ୍ଷ ୬୨ ହଜାର ଟଙ୍କା ସେମାନଙ୍କ ନିଜ ପକେଟକୁ ଯାଇଛି । ହିସାବ ଅନୁସାରେ ପ୍ରକଳ୍ପ ଉପଭୋକ୍ତା ଅର୍ଥାତ୍ ଆଦିବାସୀ ରେଶମଚାଷୀ ଏହି ଯୋଜନାରେ ଗତ ମାର୍ଚ୍ଚମାସ ସୁଦ୍ଧା ପ୍ରାୟ ୬୨ ଲକ୍ଷ ୪୦ ହଜାର ଟଙ୍କା ଆୟ କରି ପାରିଛନ୍ତି । ପ୍ରକାଶଥାଉକି ପୂର୍ବରୁ ଏହି କଟିଙ୍ଗସ ସବୁ କର୍ଣ୍ଣାଟକରୁ କିଣା ହୋଇ ଆସୁଥିଲା ।

## ରେଶମ ଚାଷ କିପରି ହୁଏ

ଅନଭିଜ୍ଞ ଆଦିବାସୀମାନଙ୍କୁ ରେଶମ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ସମବାୟ ସମିତି ପକ୍ଷରୁ ୨୪୦ଜଣ ଚାଷୀଙ୍କୁ କର୍ଣ୍ଣାଟକ ପରି ରେଶମଚାଷରେ ଖୁବ୍ ଅଗ୍ରଗତି କରିଥିବା ରାଜ୍ୟମାନଙ୍କୁ ପଠାଯାଇଥିଲା । କର୍ଣ୍ଣାଟକର ଜଣେ ଜଣେ ରେଶମଚାଷୀ ବର୍ଷକୁ ଗୋଟିଏ ଏକର ଚାଷ କରି ୨୦ ରୁ ୩୦ ହଜାର ଟଙ୍କା ଲାଭ ପାଉଥିବାର ଦୃଷ୍ଟାନ୍ତ ରହିଛି । ରେଶମ ଚାଷ ଏକ ଲାଭଜନକ ବ୍ୟବସାୟ ବୋଲି ଓଡ଼ିଶାରେ କେବେ କଳ୍ପନା କରାଯାଇନଥିଲା । ଏବେ ଚନ୍ଦ୍ରଗିରି, ମୋହନା ଓ ରାମଗିରି, ଉଦୟଗିରି ଅଞ୍ଚଳକୁ ଗଲେ ପ୍ରତି ଗାଁରେ ଏ ଚାଷ ଦେଖିବାକୁ ମିଳୁଛି ।

ମୋହନା ବ୍ଲକରେ ଗୁଣ୍ଡିପୁରଠାରେ କୋକନ ପ୍ରସ୍ତୁତକାରୀ କୀଟମାନଙ୍କର ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ରୋଗମୁକ୍ତ ରେଶମକୀଟମାନଙ୍କୁ ଏଠାରୁ ଉତ୍ପନ୍ନ କରାଯାଇ ଆବଶ୍ୟକ ଆକାରର ହେଲା ପରେ ସେଗୁଡ଼ିକୁ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ । ଏହି କୀଟମାନଙ୍କୁ ଚୌକିକୀଟ କୁହାଯାଇଥାଏ । ଚାଷୀମାନେ କୀଟମାନଙ୍କୁ ନିଜ ଗାଁକୁ ନେଇ ପ୍ରକଳ୍ପ ସହାୟତାରେ ନିର୍ମିତ ସ୍ୱତନ୍ତ୍ର ଘରେ ଏମାନଙ୍କୁ ବଡ଼ ବଡ଼ ବାଉଁଶ ପାତିଆରେ ନିର୍ମିତ ଡାଲାମାନଙ୍କରେ ରଖନ୍ତି । ଏହି ଡାଲାଗୁଡ଼ିକ ଗଛ ଡଡାରେ ତିଆରି ସେଲଫଗୁଡ଼ିକରେ ସଜାଡ଼ି ରଖାଯାଇଥାଏ । ଏହି ଡାଲାରେ ନିୟମିତ ଭାବେ ତୁତପତ୍ର ଦିଆଯାଏ ଏବଂ ଏହି ପତ୍ରକୁ ଖାଇ ରେଶମକୀଟ ଖୋଷାବାନ୍ଧେ । ଏହି ଖୋଷା ବାନ୍ଧିବା ହେଉଛି ରେଶମସୂତା ବୁଣିବା । ରେଶମ ଖୋଷା ସମ୍ପୂର୍ଣ୍ଣ ଭାବେ ବାନ୍ଧିବା ପାଇଁ ୧୪/୧୫ ଦିନ ଲାଗେ ଏବଂ ଖୋଷା ବାନ୍ଧିବାରେ ଠିକ୍ ୧୫ ଦିନ ପରେ ଚାଷୀମାନେ ଖୋଷାଗୁଡ଼ିକୁ ନେଇ ବିକ୍ରିକେନ୍ଦ୍ରକୁ ଯାଆନ୍ତି ।

ପ୍ରାରମ୍ଭିକ ସ୍ତରରେ ରେଶମକୀଟ ଉତ୍ପାଦନ ପାଇଁ ରାମଗିରି ଏବଂ ଆକିଲିରେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି କେନ୍ଦ୍ରରୁ କୀଟଗୁଡ଼ିକ ୬ଟି ଷ୍ଟେକି ରିୟରିଙ୍ଗ କେନ୍ଦ୍ରକୁ ଯାଆନ୍ତି । ଏହି ୬ଟି କେନ୍ଦ୍ରରୁ କୀଟଗୁଡ଼ିକୁ ରୋଗମୁକ୍ତ କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ । ରେଶମ ଖୋଷା କିଣିବା ପାଇଁ ମୋହନା ଏବଂ ଆର୍ ଉଦୟଗିରିରେ ୨ଟି ରେଶମ ଉତ୍ପାଦନକାରୀ ସମବାୟ ସମିତି ପ୍ରତିଷ୍ଠା କରାଯାଇଛି । ରାୟଗଡା ବ୍ଲକର ବିରକୋଟାରେ ମଧ୍ୟ ଏକ ସମବାୟ ସମିତି ପ୍ରତିଷ୍ଠା କରାଯାଇଛି ।

କେତେକ ଚାଷୀଙ୍କ ଅଭିଯୋଗ ଯେ ରେଶମ ଖୋଷା ବିକ୍ରି ପାଇଁ ସେମାନଙ୍କୁ ୨୫/୩୦ କିଲୋମିଟର ସାଇକେଲରେ ଯିବାକୁ ପଡୁଛି ଏବଂ ନିର୍ଦ୍ଦିଷ୍ଟ ଦିନରୁ ଗୋଟିଏ ଦିନ ବିଳମ୍ବରେ ପହଞ୍ଚିଲେ ତାଙ୍କର ଖୋଷାଗୁଡ଼ିକ ନିମ୍ନମାନର ହୋଇଯାଉଛି । ଫଳରେ ସେମାନେ କମ୍ ପଇସା ପାଉଛନ୍ତି । ରାଜ୍ୟ ବୟନଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ଶ୍ରୀ ମୁସ୍ତାଫିଜ ଅହମ୍ମଦ ଏ ଦିଗରେ ବିଚାର କରି ପ୍ରତିକାର କରିବେ ବୋଲି ଆଶା କରାଯାଏ ।ବାଙ୍ଗାଲୋରରୁ ଫେରିଥିବା ଜଣେ ଆଦିବାସୀ ଚାଷୀ ରେଶମ ଚାଷ କରି କିଭଳି ହଜାର, ହଜାର ଟଙ୍କାର ନୂଆ ନୋଟବିଡା ହାତରେ ଧରିବାର ସୁଯୋଗ ପାଇଲା ତାହା ଚାଷୀମାନଙ୍କୁ ପ୍ରଭାବିତ କରିପାରିଛି ।

## କଲେଜ ଛାତ୍ର ମଧ୍ୟ ଚାଷୀ

ଚନ୍ଦ୍ରଗିରିର ଶ୍ରୀ ପୀତବାସ ପାଇକ ବୟସ ବୋଧହୁଏ ୨୦ ବର୍ଷ । +୨ରେ ଦ୍ୱିତୀୟ ବର୍ଷ ଅଧ୍ୟୟନ କରେ । ସେ ମଧ୍ୟ ପାଠପଢ଼ା ସହିତ ଗତବର୍ଷ ଅଧ ଏକରରୁ ଟିକେ ଅଧିକ ଜମିରେ ରେଶମ ଚାଷ କରି ୪ ହଜାର ଟଙ୍କା ପାଇପାରିଛି ବୋଲି ପ୍ରକାଶ କରିଥିଲା ।

ଜଣେ କଲେଜ ଛାତ୍ର ହାତରେ ପଡ଼ି ପିଛି ଏହି ଚାଷ ପ୍ରତି କାହିଁକି ଆଗ୍ରହ ପ୍ରକାଶ କରୁଛି ବୋଲି ପ୍ରଶ୍ନହେବାରୁ ସେ କହିଲା ଯେ ପାଠପଢ଼ା ଛଡା ପରିଶ୍ରମ କରି ଏତେ ଟଙ୍କା ଆୟ କରିପାରିଥିବାରୁ ସେ ଗର୍ବ ଅନୁଭବ କରୁଛି । ଏବର୍ଷ ସେ ଗୋଟିଏ ଏକର ଜମିରେ ଚାଷ କରିବବୋଲି କହିଥିଲା । ଚନ୍ଦ୍ରଗିରି, ମଲବରି ଚାଷ ସମବାୟ ସମିତିର ସଭାପତି ଶ୍ରୀ ପୀତବାସ ମଲ୍ଲିକ କହିଲେ ଏହି ଚାଷ ପ୍ରତି ଏ ଅଞ୍ଚଳର ଆଦିବାସୀଙ୍କ ମଧ୍ୟରେ ଦିନକୁ ଦିନ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି । ଇ.ଆର.ଆର.ପି: ଓ ଆଇ.ଆର.ଡି.ପି: ଯୋଜନା ବନ୍ଦ ହୋଇଯିବା ପରେ ଚାଷୀମାନେ ଅଧିକ ଅର୍ଥ ଋଣ ଓ ସବ୍‌ସିଡ୍ ପାଇବାରୁ ବଞ୍ଚିତ ହୋଇଛନ୍ତି । ତଥାପି ସରକାର ଚାଷୀମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି ।

ସେହିଭଳି ଚନ୍ଦ୍ରଗିରିର ଶ୍ରୀ ଦୁର୍ଯ୍ୟୋଧନ ନାୟକ ମଧ୍ୟ ମଲବରି ଚାଷକରି ଗୋଟିଏ ଏକରରୁ ୮ ହଜାର ଟଙ୍କା ପାଇଥିବା କଥା ପ୍ରକାଶ କରିଥିଲେ ।

## ମହେନ୍ଦ୍ରଗଡ ରେଶମ ସୂତା କାରଖାନା

ମହେନ୍ଦ୍ରଗଡ଼ଠାରେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଟସର ଖୋଷାରୁ ସୂତା ବାହାର କରିବା ପାଇଁ ଏକ ରିଲିଙ୍ଗ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲିଛି । ଏବେ ସେଠାରେ ହସ୍ତଚାଳିତ ରିଲିଙ୍ଗ ମିଲ୍‌ଟିରେ ପ୍ରାୟ ୧୦ ଜଣ ମହିଳା କାମ କରୁଛନ୍ତି । ଏହି କାରଖାନା ପ୍ରତିଷ୍ଠିତ ହେଲାପରେ ବିଭିନ୍ନମାନର ରେଶମ ସୂତା ବାହାର କରାଯାଇପାରିବ ଏବଂ ଟାଣି ଓ ଭରଣୀ ପାଇଁ ଉପଯୁକ୍ତ ସୂତା ଉତ୍ପାଦିତ ହୋଇପାରିବ ।

ଏହି କାରଖାନାର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ଅହମ୍ମଦ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଚଳିତବର୍ଷ ଅକ୍ଟୋବର ନଭେମ୍ବର ମାସରେ ଏହି କାରଖାନାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ପ୍ରକଳ୍ପ ଅଧୀନରେ ୫୪ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଏମାନଙ୍କୁ କେନ୍ଦ୍ରୀୟ ସିଲ୍‌କ ବୋର୍ଡ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଉଛି । ଏହି ପ୍ରକଳ୍ପର କାର୍ଯ୍ୟକାଳ ୩୧/୩/୧୯୯୨ରେ ଶେଷ ହୋଇ ଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ବୃଦ୍ଧି କରିବା ପାଇଁ କେନ୍ଦ୍ରକୁ ଲେଖିଛନ୍ତି ।

ରାମଗିରି, ଚନ୍ଦ୍ରଗିରି ଅଞ୍ଚଳର ବିଭିନ୍ନ ଚାଷୀ ପାଣିର ଅଭାବ ନେଇ ଅଭିଯୋଗ କରନ୍ତି । ପାର୍ବତ୍ୟ ଇଲାକାରେ ଝୁଅ ଜଳ ସେଥିରୁ ତୁତଚାଷ ହୋଇଥିବା ଜମିକୁ ପାଣି ମଡ଼ାଇବା କାଠିକରପାଠ । ତେଣୁ ସରକାର ସବସିଡ ଆକାରରେ କୂଅ ଖୋଳିବା କିମ୍ବା ଉଠାଜଳସେଚନର ବ୍ୟବସ୍ଥା କରିପାରିଲେ ଏ ଅଞ୍ଚଳରେ ବର୍ଷସାରା ୫/୬ ଥର ରେଶମଚାଷ ... ପାରନ୍ତା ।

## ରେଶମରୁ ଆରାମ

ସିଲ୍‌କ କପଡ଼ାର ଚାହିଦା ଏଯୁଗରେ ମଧ୍ୟ ବଢ଼ିବାରେ ଲାଗିଛି । ପୂର୍ବରୁ ଏହା ରାଜା ମହାରାଜା ଓ ଧନୀବ୍ୟକ୍ତିମାନଙ୍କର ସଉଖୀନ ପୋଷାକ ଭାବେ ବ୍ୟବହୃତ ହେଉଥିଲା । ଏବେ ସାଧାରଣ ପରିବାରରେ ମଧ୍ୟ ସିଲ୍‌କର ଆଦର ରହିଛି। ବିଶେଷକରି ଓଡ଼ିଶାର ତନ୍ତୀମାନେ ତାଙ୍କର ନିପୁଣ ହାତରେ ସିଲ୍‌କରେ ଏଭଳି ଶାଢ଼ୀ ବୁଣୁଛନ୍ତି ଯାହାର ଆଦର ବିଦେଶ ବଜାରରେ ମଧ୍ୟ ବଢ଼ିବାରେ ଲାଗିଛି ।

*(ଗଞ୍ଜାମ ଜିଲ୍ଲାର ମୋହନା ଓ ଆର୍‌ ଉଦୟଗିରି ବ୍ଲକ ଅଞ୍ଚଳରେ ଲକ୍ଷାଧିକ ଗରିବ ଆଦିବାସୀ ଚାଷୀ ଏବେ ପୋଡୁଚାଷ ଛାଡ଼ି ରେଶମ ଚାଷରେ ମନୋନିବେଶ କରିଛନ୍ତି। ସେ ସମ୍ପର୍କରେ ଏକ ବିଶେଷ ରିପୋର୍ଟ ।)*

---

*ସମ୍ବାଦ କାର୍ଯ୍ୟାଳୟ, କଟକ ।*



ସୂଚନା ଭବନଠାରେ ଅନୁଷ୍ଠିତ ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ବରିଷ୍ଠ ସାମ୍ବାଦିକମାନଙ୍କୁ ସମ୍ମାନିତ କରୁଛନ୍ତି ।



# ନିସର୍ଗ କବି ଗଙ୍ଗାଧର

● କେଶବ ଚନ୍ଦ୍ର ମେହେର

ଊନବିଂଶ ଶତକର ଶେଷାର୍ଦ୍ଧ ଏବଂ ବିଂଶ ଶତକର ପ୍ରଥମ ପାଦକୁ ଓଡ଼ିଆ ସାହିତ୍ୟର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଭାବେ ଧରା ଯାଇଥାଏ । ଓଡ଼ିଶାରେ ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ-ସଂସ୍କୃତିର ମିଳନ ଜାତୀୟ ସାହିତ୍ୟର ଉତ୍କର୍ଷ ସାଧନ ଦିଗରେ କ୍ରିୟାଶୀଳ ହୋଇଥିଲା ବୋଲି ଅନୁମିତ ହୁଏ । ସାମାନ୍ୟ କାଳ-ବ୍ୟବଧାନରେ ରାଧାନାଥ-ଫକୀର ମୋହନ, ମଧୁସୂଦନ, ଗଙ୍ଗାଧର, ନନ୍ଦକିଶୋରଙ୍କ ପରି ବହୁ ପ୍ରତିଷ୍ଠିତ କବି-ସାହିତ୍ୟିକଙ୍କ ଆବିର୍ଭାବ ସେଇ ଅନୁମାନକୁ ଯୁକ୍ତି-ପ୍ରତିଷ୍ଠ କରିଥାଏ । ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରୁ ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ-ସଂସ୍କୃତିର ବ୍ୟାପକ ମିଳନ ପରେ ଏଇ ସବୁ ଶକ୍ତିଶାଳୀ କବି-ସାହିତ୍ୟିକଙ୍କର ଆବିର୍ଭାବ ସେଇ ଶୁଭ ସଙ୍କେତର ସାର୍ଥକ ପରିଣତିର ଆଭାସ ପ୍ରଦାନ କରେ । କିନ୍ତୁ ଗଭୀର ଭାବେ ଚିନ୍ତା କଲେ ଦେଖାଯାଏ ଯେ ଏଇ ଯୁଗର ସାହିତ୍ୟରେ ସିଦ୍ଧିର ଆନନ୍ଦ ଅପେକ୍ଷା କଠୋର ସାଧନାର ଲକ୍ଷଣଗୁଡ଼ିକ ଅଧିକମାତ୍ରାରେ ପ୍ରକଟିତ । ଶ୍ରୀବୃଦ୍ଧିର ପରିପକ୍ୱ ଗୌରବ ଅପେକ୍ଷା କୈଶୋରର ଲାବଣ୍ୟ-ସୁଷମା ପ୍ରଧାନ । ଏ ଯୁଗର ବାଣୀ-ସାଧକଗଣ ଭାବ-ସୃଷ୍ଟିର ଗୌରବରେ ନୁହେଁ, ବ୍ୟାପକ ସଙ୍ଗଠନ ଶକ୍ତି ସକାଶେ ବିଶେଷ ସ୍ମରଣୀୟ । ଏ ଯୁଗର ସାହିତ୍ୟ ହେଉଛି ପରୀକ୍ଷା-ଭ୍ରାନ୍ତି ପର୍ବର ସାହିତ୍ୟ ।

ଏ ଯୁଗରେ ଦୁଇଜଣ ଶକ୍ତିଶାଳୀ ଯୁଗ ପ୍ରବର୍ତ୍ତକ କବି କାବ୍ୟର ଦୁଇଟି ବିଶିଷ୍ଟ ରୀତି ଓ ଧାରାରେ ଭିନ୍ନ ଦୁଇଟି ପଥରେ ଅଗ୍ରସର ହୋଇଅଛନ୍ତି । ଗୋଟିଏ ଦିଗରେ ରାଧାନାଥ ଓ ଅନ୍ୟ ଏକ ଦିଗରେ ଗଙ୍ଗାଧର । କଥାଶିଳ୍ପୀ ଫକୀରମୋହନଙ୍କୁ ଅଙ୍ଗୀଭୂତ କଲେ ତ୍ରି-ରଥୀର ତାଲିକା ସମ୍ପୂର୍ଣ୍ଣ ହୋଇଯାଏ । ରାଧାନାଥଙ୍କ କୃତି ସମୂହରେ ନାନାଦିଗରୁ ଯୁଗୋପଯୋଗୀ ବିଭିନ୍ନ ଭାବଧାରା ଆସ୍ୱାଦରେ କିଛି ପରିବର୍ତ୍ତନ ଘଟାଇଥିଲେ ମଧ୍ୟ ମୌଳ ପ୍ରବାହ ପ୍ରାୟ ଅବିକୃତ ଥିଲା । ଏପରି ଭାବରେ ପ୍ରାଚୀନ-ନବୀନର ମିଶ୍ରଣରେ ଓଡ଼ିଆ ସାହିତ୍ୟର କାବ୍ୟଧାରା ଧୀର-ମନ୍ଥର ଗତିରେ ଅଗ୍ରସର ହେଉଥିବା ବେଳେ ହୁଏ କ୍ଲାସିକ୍ କାବ୍ୟକାର ଗଙ୍ଗାଧରଙ୍କ ଆବିର୍ଭାବ ସନ୍ ୧୮୬୨ ଶ୍ରାବଣ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ବିଧୌତ ରଜନୀରେ । ଗଙ୍ଗାଧର ଏଇ କାବ୍ୟଧାରାର ବଳିଷ୍ଠ ପ୍ରାଚ୍ୟାଦର୍ଶର ସଙ୍ଗେ ଶୁଭ୍ର ନିର୍ମଳ କାବ୍ୟଧାରାର ମିଶ୍ରଣ କରି ଉତ୍କଳ ଭାରତୀର ଶୀର୍ଣ୍ଣ ଶୁଷ୍କ ପ୍ରାୟ କାବ୍ୟଧାରାକୁ ଦେଇଗଲେ ସମୁଦ୍ରର ଅତଳସ୍ପର୍ଶୀ ଗଭୀରତା ଓ ଉତ୍ତାଳ କଲ୍ଲୋଳର ଭୀମକାନ୍ତ ରୂପ । ରାଧାନାଥ ଓ ଗଙ୍ଗାଧରଙ୍କ କବି-ପ୍ରତିଭା ଠିକ୍ ଗୋଟିଏ ଶ୍ରେଣୀର ନୁହେଁ । ଉଭୟର ପାର୍ଥକ୍ୟ ମାତ୍ରାଗତ ନୁହେଁ, ଶ୍ରେଣୀଗତ । ଗଙ୍ଗାଧର ଯେ ରାଧାନାଥଙ୍କ ପରି ଆଦର୍ଶର କବି ନୁହଁନ୍ତି, ଏ କଥା ଯେ କେହି ଅବଶ୍ୟ ସ୍ୱୀକାର କରିବେ ।

କବି ଗଙ୍ଗାଧରଙ୍କ କବି ପ୍ରତିଭା ବହୁ ଦିଗରେ, ବହୁ ଭାବରେ ବିକଶିତ ହୋଇଥିଲେ ମଧ୍ୟ ପ୍ରକୃତିର ମୁଗ୍ଧ ରୂପକାର ଓ ମାନବ ଚରିତ୍ରର ଶୁଭ୍ର ଓ ପାବନ ଚିତ୍ରକର ଭାବରେ ସେ ଆମର ଗଭୀର ଶ୍ରଦ୍ଧା ଓ ସମ୍ମାନ ଆକର୍ଷଣ କରନ୍ତି । In Gangadhar, nature is neither ngly nor inanimate or impertonal. It has boundless love; pleasant laughter, beautiful language, much sympathy and blessing for man. It is attached to the life of man as root to the tree, mud and water to lotus, oil to the candle, space to sound and flower to the garden.

ଗଙ୍ଗାଧରଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟର ପ୍ରକୃତି ଥିଲା ନିଷ୍ପ୍ରାଣ ଜଡ଼ବସ୍ତୁ ବିଶେଷ । ସ୍ୱଭାବ କବି ଗଙ୍ଗାଧରଙ୍କ ଲେଖନୀରେ ପ୍ରକୃତି ଏକ ନିର୍ଜୀବ, ଜଡ଼, ଅବାକ୍, ଉଦାସୀନ ନୁହେଁ । ଏଥିରେ ବସନ୍ତ କେବଳ ଶିଶିର ଅନ୍ତେ ଆସେ ନାହିଁ କିମ୍ବା ଗତାନୁଗତିକ ରୀତିରେ ପୃଥିବୀକୁ ପ୍ରବେଶ କରେ ନାହିଁ । ମାତ୍ର ଆସେ ଶିଶିର ସଦନରେ ନବଜାତ, ଅଭିଜାତ ପୁତ୍ର ଭାବରେ । ଯଥା—

"ଶିଶିର ସଦନେ ଜନ୍ମିଲା ନନ୍ଦନ
ମନୋହର ରୂପବନ୍ତ,
ତାଦେଖି ଶିଶିର ଆନନ୍ଦେ ଅଧୀର
ହେଲା ଯେମନ୍ତେ ଉନମତ୍ତ
× × × × × × × ×

ଦିଗେ ଦିଗେ ଦେଲା ହରିଦ୍ରା ରଞ୍ଜିତ
ମଧୁମୟ ଶୁଭ ପତ୍ର,
ଆତପ ତାପିତ ଜନେ ବିତରିଲା
ଲକ୍ଷ ଲକ୍ଷ ଆତପତ୍ର ।
× × ×·×· × × ×·×·
ଶଙ୍ଖ ବଜାଇଲା ମଧୁପ ମଧୁରେ
ନାମକରଣ ଉତ୍ସବେ,
ନବ–ନନ୍ଦନର 'ବସନ୍ତ' ନାମରେ
ଏକମତ ହେଲେ ସର୍ବେ ।"
ଇତ୍ୟାଦି ଇତ୍ୟାଦି ।

'ପ୍ରଣୟ–ବଲ୍ଲରୀ'ର ଷଷ୍ଠ ସର୍ଗର ସମଗ୍ର ବସନ୍ତ ବର୍ଣ୍ଣନା ପାଠକଲେ ଗଙ୍ଗାଧରଙ୍କ ପ୍ରକୃତି ଏବଂ ତାଙ୍କର କଥନ–କୌଶଳର ଆକଳନ କରାଯାଇପାରେ । ଏ ସ୍ଥଳରେ ଶିଶିର ଏବଂ ବସନ୍ତ ଋତୁ ବିଶେଷ ମାତ୍ର ନୁହନ୍ତି । ଶିଶିର ହେଉଛି ବସନ୍ତର ପିତା । ପୁତ୍ର ଜନ୍ମୋତ୍ସବରେ ରାଜା ଯେଉଁପରି ଆନନ୍ଦ ଉଲ୍ଲାସ ମଧ୍ୟରେ ଦାନ ଧର୍ମାଦି କର୍ମାନୁଷ୍ଠାନ କରନ୍ତି, ସେ ସମସ୍ତ କର୍ମ ଶିଶିର ସମ୍ପାଦନ କରେ । ପୁତ୍ର ବସନ୍ତକୁ ରାଜ୍ୟାର୍ପଣ ପୂର୍ବକ ଶିଶିର ପର୍ବତ ତଳେ ବାସ କରିବା ଅର୍ଥ ବାନପ୍ରସ୍ଥ ଅବଲମ୍ବନ କରିବା । ଘୋର ତପସ୍ୟା ଚରଣ ପୂର୍ବକ ଶରୀର ତ୍ୟାଗ କରିବା ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ପରିପୋଷକ । ଶେଷରେ ଆତ୍ମାର ନିତ୍ୟତା । ଅବିନାଶିତାର ସଙ୍କେତ ଦେବା ସଙ୍ଗେ ସଙ୍ଗେ ଜନ୍ମାନ୍ତରବାଦର ଦର୍ଶନ, ପ୍ରାଣ–ପ୍ରାଚୁର୍ଯ୍ୟ ଭରାଭର ତଥା କବି–କଳ୍ପନାର ରସାଳ–ବିଳାସରେ ମହିମାନ୍ୱିତ ହୋଇ ଉଠିଛି ।

ସେହିପରି 'କୀଚକ–ବଧ' କାବ୍ୟରେ ବସନ୍ତ ଆସୁଛି ଏକ ଦିଗ୍‌ବିଜୟୀ ସମ୍ରାଟ ଭାବରେ । ଏଇ ସମାଗ୍ମରଟି ପୃଥିବୀରେ କିପରି ପ୍ରଶଂସିତ ହୋଇଛି ଦେଖିବାର କଥା ।

ବସନ୍ତ ବିଜୟ ବାରତା ପଶିଗଲା ଭୁବନେ,
ପାଦପ–ଆନୀତ ପତର ପରସ୍ତୃତ ପଠନେ ।

ରାଜା ମହାରାଜାଙ୍କ ଆଗମନରେ ଯେପରି ସ୍ୱାଗତ–ଅଭ୍ୟର୍ଥନାର ବିପୁଳ ସାଜସଜ୍ଜା ହୋଇଥାଏ, ଏ ସ୍ଥଳରେ ପୃଥିବୀ ଓ ପ୍ରକୃତି ଉଭୟେ ସେଇ କାର୍ଯ୍ୟ ସମ୍ପାଦନ କରିଅଛନ୍ତି । ବସନ୍ତ ଅତିଥିଙ୍କ ପ୍ରୀତ୍ୟର୍ଥେ ଅବନୀ–ରାଣୀ ନିଜ ଭଣ୍ଡାରରେ ସମ୍ପାଦି ରଖିଛି–

ତରକୁଳ ଆମ୍ର ପନସ ନାନାଖାଦ୍ୟ ସମ୍ଭାର,
ଉପହାର ପାଇଁ ଉଜ୍ଜ୍ୱଳ ଫୁଲ ମାଣିକ୍ୟ–ହାର ।
ପ୍ରମୋଦ ନିମନ୍ତେ କାନନ ମଣ୍ଡାଗଲା ଯତନେ,
ମଧୁକ–ମୁକୁତା–ପୁଞ୍ଜରେ ସ୍ୱର–ନୀଳ–ରତନେ ।

ପୁଣି ସ୍ୱାଗତ ସମ୍ବର୍ଦ୍ଧନା ସକାଶେ–

ବିକଶିତ ନବମାଳିକା ଅର୍ଘ୍ୟ ଧରି ସମ୍ମୁଖେ,
ଚନ୍ଦ୍ରିକା ସୁନ୍ଦରୀ ସ୍ୱାଗତ କଲା ଚକୋର ମୁଖେ ।
ଇତ୍ୟାଦି ।

ଏଠାରେ 'ଚନ୍ଦ୍ରିକା' ଶବ୍ଦର ପ୍ରୟୋଗ ଅତି ତାତ୍ପର୍ଯ୍ୟପୂର୍ଣ୍ଣ । "ଚନ୍ଦ୍ରି ଆହ୍ଲାଦୟତି ଇତିସ୍ମୃତଃ ତସ୍ୟ ଇୟଂ ବିଧୀତି ଚନ୍ଦ୍ରିକା" । "ଚନ୍ଦ୍ରିକା" ଶବ୍ଦରେ ଆହ୍ଲାଦଦାୟୀ ଗୁଣଟି ନିହିତ । ତେଣୁ ବସନ୍ତକୁ ସ୍ୱାଗତ ଜଣାଇବା ସକାଶେ ତା'ର ନିର୍ବାଚନ କରାଯାଇଛି ।

ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଆ ସାହିତ୍ୟରେ ନାୟକ–ନାୟିକାର ମନପ୍ରାଣରେ ସ୍ଥାୟୀ ବା ସଞ୍ଚାରୀ ଭାବ ଉଦ୍ରେକ ବ୍ୟତୀତ ପ୍ରକୃତିର ସ୍ୱତନ୍ତ୍ର କୌଣସି ଭୂମିକା ନଥିଲା । ପ୍ରେମିକ–ପ୍ରେମିକାର ପ୍ରେମ ମଣ୍ଡଳରେ କେଉଁଠି ବା ଜ୍ୟୋତ୍ସ୍ନା ପଡ଼ିଛି ତ କେଉଁଠି ମଳୟ ପବନ ନାୟିକାର ପରିହିତ ବସନକୁ ଆନ୍ଦୋଳିତ କରିଯାଇଛି । ଦୂର ବନାନ୍ତରାଳରେ କୋଇଲି ପରି କୁହୁତାନ ମେଲିଛି ତ କେଉଁଠିବା ପ୍ରିୟ ପ୍ରବାସରେ, ଶ୍ରାନ୍ତ–କ୍ଳାନ୍ତ ବିଗତ–ନିଦ୍ରା ନାୟିକା ବର୍ଷା–ରଜନୀର ଘନାନ୍ଧକାର ମଧ୍ୟରେ ମୁହୂର୍ତ୍ତର ଗଣନା କରୁଛି । ସେତିକିବେଳେ ଝିଲ୍ଲୀର ଝଙ୍କାର, ଦାହୁକର ସ୍ୱନ ।' ପ୍ରାୟ ଏଇ ରୂପ ବର୍ଣ୍ଣନାରେ ଏ ଯୁଗର ପ୍ରକୃତି–ବର୍ଣ୍ଣନା ଭରା ଭରା କିନ୍ତୁ ନିସର୍ଗ ସହ ମାନବର ଗୁଢ଼ ସମ୍ପର୍କ, ସୂକ୍ଷ୍ମ ସଂଯତ ବର୍ଣ୍ଣନାରେ ନିସର୍ଗକୁ ସମ୍ପୂର୍ଣ୍ଣ ଜୀବନ୍ତ କରି ମଣିଷ ମାଂସର ଚରିତ୍ର ପର୍ଯ୍ୟାୟକୁ ଯେ ଉନ୍ନୀତ କରାଯାଇପାରେ, ପ୍ରକୃତି ମଧ୍ୟରେ ଯେ ସାଙ୍କେତିକ ଓ ଅନନ୍ତ ରହସ୍ୟମୟତାର ସନ୍ଧାନ ମିଳିପାରେ, ସେ ସମସ୍ତ ବିଷୟରେ ସେ ସାହିତ୍ୟ ଥିଲା ଅଜ୍ଞ ଓ ଉଦାସୀନ ।

ନିସର୍ଗ କବିତାର ପ୍ରଧାନ ବୈଶିଷ୍ଟ୍ୟତାର ଆସ୍ଥାନ । ନିସର୍ଗ ମଧ୍ୟରେ ରହିଛି ଅନନ୍ତର ଆଦର୍ଶ । ବ୍ୟଞ୍ଜନା, ଉତ୍ପ୍ରେକ୍ଷା, ରୂପକ–ଉପମାରେ ଚିତ୍ରକଳ୍ପରେ ସେଇ ଅନ୍ତରର ଇଙ୍ଗିତ କବିତାରେ ରୂପାୟିତ ହେଲେ ତାହା ବିଷୟ–ସଙ୍କୀର୍ଣ୍ଣତାରୁ ମନୁଷ୍ୟର ମନ ପ୍ରାଣକୁ ମୁକ୍ତି ଦେଇଥାଏ । ବସ୍ତୁ–ରୂପ କବି–କଳ୍ପନାର ଯାଦୁସ୍ପର୍ଶରେ ଭାବ–ରୂପରେ ପରିଣତ ହୁଏ । ଏଇ ଭାବ–ରୂପର ଅଭ୍ୟନ୍ତର ଦେଇ ବର୍ଣ୍ଣିତ ହୁଏ କବିର ମାନସ–ରୂପ । ଏହାର ଭୂରି ଭୂରି ଦୃଷ୍ଟାନ୍ତ ଆମେ ଦେଖିବାକୁ ପାଉ ନିଃସର୍ଗର କବି ଗଙ୍ଗାଧରଙ୍କ କାବ୍ୟ– କବିତାରେ ।

ସ୍ୱଭାବ କବି ଗଙ୍ଗାଧରଙ୍କ କବି–ମାନସ ପ୍ରକୃତି ପ୍ରତି ସ୍ୱତଃ –ଆକୃଷ୍ଟ ହୋଇଅଛି । ପ୍ରକୃତି ମଧ୍ୟରେ ସେ ଦେଖିବାକୁ ପାଇଛନ୍ତି ପ୍ରାଣ–ପ୍ରାଚୁର୍ଯ୍ୟ ଓ ଅଦ୍ଭୁତ କ୍ରିୟାକଳାପ । ତାଙ୍କ କାବ୍ୟରେ ମଣିଷ ଯେପରି ପ୍ରକୃତି ମଧ୍ୟ ଅନୁରୂପ କାର୍ଯ୍ୟ କରୁ କରି ଚାଲିଛି । ପ୍ରକୃତିକୁ ଏପରି ସଜୀବ, ଏପରି ପ୍ରତ୍ୟକ୍ଷ, ଏପରି ବ୍ୟାପକ ଏବଂ ଅନ୍ତରଙ୍ଗ କରି ଛିଡ଼ା କରାଇବା ତାହାଙ୍କର କାବ୍ୟରେ ଏତେଗୁଡ଼ିଏ କାର୍ଯ୍ୟ କରାଇ ନେବାର କଳ୍ପନା–ଶକ୍ତି ମେହେର ସାହିତ୍ୟ ବ୍ୟତୀତ ଆମେ ଓଡ଼ିଆ ସାହିତ୍ୟର ଅନ୍ୟତ୍ର ଦେଖିବାକୁ ପାଉନା ।

ଚରିତ୍ରର ମହନୀୟତା ଓ ଆତ୍ମାର ପବିତ୍ରତା ପ୍ରକୃତ ସୌନ୍ଦର୍ଯ୍ୟ ବୋଲି ଭାରତୀୟ ସଂସ୍କୃତିରେ ଯୁଗେ ଯୁଗେ ଗୃହୀତ ହୋଇ ଆସିଛି । ସେଇ ଦୃଷ୍ଟିରୁ ସୀତା, ଶକୁନ୍ତଳା, ଦ୍ରୌପଦୀ ପ୍ରଭୃତି ମହନୀୟା ନାରୀବୃନ୍ଦ କେବଳ ପୁଣ୍ୟଶ୍ଲୋକା ନୁହନ୍ତି; ଅଧିକନ୍ତୁ ପରମା ସୁନ୍ଦରୀ ଭାବରେ ସ୍ୱୀକୃତା ହୋଇ ଆସିଛନ୍ତି । ସୌନ୍ଦର୍ଯ୍ୟ ଯେଉଁଠି ଇନ୍ଦ୍ରିୟ ପରିତ୍ୟାଗ ପୂର୍ବକ ଭାବ ମଧ୍ୟରେ ପ୍ରତି

ନୁହେଁ, ସେଠାରେ ବାହ୍ୟ ସୌନ୍ଦର୍ଯ୍ୟର କୌଣସି ସ୍ଥାନ ବା ଗୁରୁତ୍ୱ ନଥାଏ। ସେପରି ସ୍ଥଳେ ଭୂଷଣ ଅନାବଶ୍ୟକ। "ସ୍ୱଭାବ ସୁନ୍ଦର ବସ୍ତୁ ନଗତେ ନ ହୁଏ କିସ ମଣ୍ଡନ ?" ଏହା କାଳିଦାସୀୟ ଶ୍ଳୋକର ପ୍ରତିଧ୍ୱନି ନୁହେଁ; କାରଣ ଗଙ୍ଗାଧରୀୟ ବର୍ଣ୍ଣନାରେ ଯାହା ସ୍ୱଭାବ (ଚରିତ୍ର) ସୁନ୍ଦର ଥିବା ବ୍ୟକ୍ତିର ସବୁ କିଛି ସୁନ୍ଦର ହୋଇଥାଏ। କାରଣ "ଶୀଳଂ ପରଂ ଭୂଷଣମ୍" କିମ୍ବା "ନାରୀରୂପଂ ପତିବ୍ରତମ୍"। ଚରିତ୍ର ସୌନ୍ଦର୍ଯ୍ୟରେ ସତ୍ୟ ଓ ଶିବ ନିବିଡ଼ ଭାବରେ ସଂଶ୍ଳିଷ୍ଟ। ଗଙ୍ଗାଧରଙ୍କ କବିତାରେ ମାଂସଳ କାମନ୍ଦ ସୌନ୍ଦର୍ଯ୍ୟର ବର୍ଣ୍ଣନା ଅପେକ୍ଷା ଚରିତ୍ର ବା ସ୍ୱଭାବ-ସୌନ୍ଦର୍ଯ୍ୟର ଚିତ୍ର ତେଣୁ ଅଧିକ।

ସମଗ୍ର "ତପସ୍ୱିନୀ" କାବ୍ୟରେ ସୀତାଙ୍କର ଶରୀର ସୌନ୍ଦର୍ଯ୍ୟର ସେପରି ନଖଶିଖ ଚିତ୍ରଣ କେଉଁଠି ହେଲେ ନାହିଁ; ଅଥଚ ! 'ତପସ୍ୱିନୀ'ର ଏଇ ସୀତା ଆମର ମାନସ-ପଟରେ ଅତି ସୁନ୍ଦରୀ ପ୍ରତିଭାତ ହୁଅନ୍ତି। କାରଣ ଏଠାରେ ଆତ୍ମିକ ସୌନ୍ଦର୍ଯ୍ୟର ଚିତ୍ର ଅଧିକ। କୁତ୍ସିତ ମାଂସଳ ଦେହଜ ଶୋଭାକୁ ଅତି ଆକର୍ଷଣୀୟ ପ୍ରଲୋଭନମୟ କରି ଦେଖାଇବାରେ ଗଙ୍ଗାଧର ଆଦୌ ଆଗ୍ରହୀ ନୁହନ୍ତି। ସୀତାଙ୍କର ପତିବ୍ରତ୍ୟର ପଟାନ୍ତର ନାହିଁ। ବିନା ଦୋଷରେ ନିର୍ବାସିତା ସୀତା ପତିଙ୍କୁ ଲକ୍ଷ୍ୟ କରି କହନ୍ତି-

"ମୁଁ କି ଛାର ହେଉ ତୁମ୍ଭ ପ୍ରକୃତି-ରଞ୍ଜନ ;
ମୁଁ ମରେଁ, ତୁମ୍ଭର ହେଉ କଳଙ୍କ-ଭଞ୍ଜନ।
ଏଥିରୁ ଜନ୍ମିବ ଯେଉଁ ଅକ୍ଷୟ କୀରତି,
ହୃଦେ ରଖ, ଗଢ଼ି ତା'ର ଅଲକ୍ଷ୍ୟ ମୂରତି।
ବଂଶର ଜନକ ତୁମ୍ଭ ଏହି ଦିବାକର,
ଭୁବନ-ମଙ୍ଗଳ-ଦାନେ ସଦା ମୁକ୍ତ କର।
ଧରା-ଧାତ୍ରୀ-ସ୍ୱରୂପିଣୀ ଏହି ଭାଗୀରଥୀ,
ତୁମ୍ଭରି ବଂଶର ଚିର-ବିଖ୍ୟାତ କୀରତି।
କୀର୍ତ୍ତି-ଅନୁରୋଧେ ଯିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ।
ଏହି କୀର୍ତ୍ତି-ପତାକାରେ ପାପିନୀର ଚିହ୍ନ,
ରହିଯିବ, ଏହା କିନ୍ତୁ ବିଷମ ବୈଚିତ୍ର।
ଧିକ ମୋ ଜୀବନ, ନାଥ ! ଏକା ମୋହ ଲାଗି,
ଅଙ୍କଙ୍କ ଥାଇ ହେଲ ଅପଯଶ-ଭାଗୀ।
ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି ?
ଅନଳ ନ ଦହେ ତନୁ ; କାହିଁରେ ଦହିବି ?"
ଇତ୍ୟାଦି।

ବେଶ୍, ଏଇ ଗୋଟିଏ ମାତ୍ର ଉଦ୍ଧରଣ ବା ଦୃଷ୍ଟାନ୍ତରେ ସୀତାଙ୍କର ମହନୀୟ ଚରିତ୍ର ଓ ପାତିବ୍ରତ୍ୟ ନଗାଧିରାଜ ହିମାଳୟର ଗୌରୀଶଙ୍କର ଶୃଙ୍ଗପରି ଉଚ୍ଚ, ଶୁଭ୍ର, ଉଜ୍ଜ୍ୱଳ ଓ ପବିତ୍ର ହୋଇ ଉଠିଛି। ପତିଙ୍କର ଦୋଷ-ଦର୍ଶନ ଅପେକ୍ଷା ଏହାପରେ ସେ ଆପଣାର ଆତ୍ମବିଶ୍ଳେଷଣ କରିଅଛନ୍ତି। ଏପରି ସୀତାଙ୍କର ରୋଦନରେ-

"......ଗତି ସ୍ଥମ୍ଭିଲା ବାତର,
ଜଳ ସ୍ଥଳ ସେନି ହେଲା ନିସର୍ଗ କାତର।
ସ୍ଥିରିଗଲା ଜାହ୍ନବୀର ତରଙ୍ଗ-ଆବଳୀ,
ବନ୍ଦ ହୋଇଗଲା ବନେ ବିହଙ୍ଗ-କାକଳି।
ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲୀଳା-ଶୀଳା-ବଲ୍ଲୀ କଳେବର।
ଡାଳେ ଡାଳେ ବସି ପକ୍ଷୀ ପାତିଲେ ଶ୍ରବଣ,
ଡାଳେ ଡାଳେ ପ୍ରାଣେ ଭରି ଶୋକ ପ୍ରସବଣ।
ମୃଗ-ଶିଶୁ ଜନନୀର ସ୍ତନ ମୁଖେ ଧରି,
ନିଶ୍ଚଳେ ରହିଲା କ୍ଷୀର ଶୋଷଣ ନ କରି।
ମୁଖ-ଦର୍ଭ ମୁଖେ ଧରି ମୃଗମୃଗୀମାନେ,
ଗ୍ରୀବା ଭାଙ୍ଗି ରହିଗଲେ ଶୋକ-ଧ୍ୱନୀ-ଧ୍ୟାନେ।
ମୟୂର-ମୟୂରୀଗଣ ଶାବକ ସହିତ,
ଚିତ୍ରିତ ପରାଏ ହେଲେ ଚାପଲ୍ୟ ରହିତ।"
ଇତ୍ୟାଦି।

ମହାକାଳ ମଧ୍ୟ ଯେପରି ଆପଣାର ଅଶ୍ୱରଶ୍ମିକୁ ସଂଯତ କରି କାରୁଣ୍ୟର ଏହି ମହାନାଟକ ଦେଖିବା ସକାଶେ କ୍ଷଣେ ଅଟକି ଯାଇଚି, ସେହିପରି ସାଧ୍ୱୀ-ଲଲାମଭୂଷା ଦୁଃଖିନୀ ସୀତାଙ୍କର ଏପରି କରୁଣ, ଏପରି ଦୁଃଖ-ଦୁର୍ଦ୍ଦଶାରେ ସ୍ତବ୍ଧ-କାତର ତଥା ବିଗଳିତ-ହୃଦୟା ପ୍ରକୃତି ଅତ୍ୟନ୍ତ ସହାନୁଭୂତିଶୀଳା ହୋଇପଡ଼ିଚି।

ପ୍ରକୃତିର ମୁଗ୍ଧ ରୂପକାର ଓ ମାନବ ଚରିତ୍ରର ତୁଙ୍ଗ ଚିତ୍ରଣରେ ସିଦ୍ଧହସ୍ତ ଗଙ୍ଗାଧର ଏ ଜାତିର, ଏ ଭାଷାର ଉନ୍ନତି ସକାଶେ ନିଜେ ଯେପରି ଆପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି, ସେଇପରି ମାତୃଭାଷାର ଅବନତି ଲକ୍ଷ୍ୟ କରି ତା'ର ସୁରକ୍ଷା ତଥା ଉତ୍ତରୋତ୍ତର ଉନ୍ନତି ପାଇଁ ଦେଶବାସୀଙ୍କୁ ଆତୁର ଆହ୍ୱାନ ଜଣାଇ ଅଛନ୍ତି ତାଙ୍କର "ଉତ୍କଳ ଭାରତୀଙ୍କ ଉକ୍ତି", "ଭାରତୀ ରୋଦନ", "ଉଦ୍‌ବୋଧନ", ଉତ୍କଳ ଭାରତୀଙ୍କ ନିବେଦନ, ମାତୃଭୂମି, ପ୍ରଭୃତି କବିତାମାନଙ୍କରେ। "ମାତୃଭୂମି" କବିତାରେ ସେ ଗାଇଛନ୍ତି-

ମାତୃଭୂମି ମାତୃ- ଭାଷାରେ ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ-କାହିଁ ?

ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ, ଦରଦ ତାଙ୍କର "ଉଦ୍‌ବୋଧନ କବିତାରେ ମୂର୍ତ୍ତ ହୋଇ ଉଠିଛି। ଉତ୍କଳବାସୀଙ୍କ ପ୍ରତି ଲକ୍ଷ୍ୟ କରି ସେ ଯେଉଁ ଉଦ୍‌ବୋଧନୀ ଶୁଣାଇ ଅଛନ୍ତି, ତାହା ସମଗ୍ର କବିତାଟି ନ ପଢ଼ିଲେ ତା'ର ସାମଗ୍ରିକ ସ୍ୱର ଓ ରୂପ ଆସ୍ମମାନଙ୍କ ନିକଟରେ ସ୍ପଷ୍ଟ ହୋଇ ପାରିବ ନାହିଁ। ସମଗ୍ର କବିତାଟିର ଉଦ୍ଧରଣ ଏଠାରେ ସମ୍ଭବ ନ ହେବା ହେତୁ ଓଡ଼ିଆ ଭାଷାର ଉତ୍ତରଣ ସମୁନ୍ନତି ପାଇଁ ସେ ଯେପରି ସ୍ୱର ଉତ୍ତୋଳନ କରି ଅଛନ୍ତି, ତା'ର କତିପୟ ପଂକ୍ତି ଏଠାରେ ଉଦ୍ଧାର କରୁଅଛି। ଯଥା-

"ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?

ଉଚ୍ଚଭାଷୀ ଲୋକେ ତା'କୁ ନୀଚ ଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନ ବୁଝେ ମାନ ଅପମାନ,
ନୁହଁଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତା'ର ସ୍ଥାନ ?
କାହିଁ ତା'ର ରାଜଦୁଆରେ ସମ୍ମାନ ?
ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।
ନାହିଁ ଯେବେ ହୃଦେ ଉଚ୍ଚ ଅଭିଳାଷ,
କର ଆମୋଦର ପଲଙ୍କେ ବିଳାସ ।
ପ୍ରତିବେଶୀଙ୍କର ଚରଣ ପ୍ରହାର—
ଚିହ୍ନ ଶ୍ରେଣୀ କର ବକ୍ଷଦେଶେ ହାର ।

xxx xxx xxx xxx

ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।
ଉଠଉଠ ଭାଇ ନବୀନ ଆଲୋକେ,
ଶୋଇଥିଲେ ଗୃହଁ ହସୁଥିବେ ଲୋକେ ।"
ଇତ୍ୟାଦି, ଇତ୍ୟାଦି ।


ସେହିପରି ମାତୃଭୂମି ଉତ୍କଳ ପ୍ରତି ତାଙ୍କର ଆକର୍ଷଣ ଓ ପରମ ଶ୍ରଦ୍ଧାର ନିଦର୍ଶନ ହେଉଛି ତାଙ୍କର "ଉତ୍କଳ—ଲକ୍ଷ୍ମୀ" । ଏଥିରେ ସେ ମାତୃଭୂମିକୁ ନିଖିଳ ଜଗତରେ ସର୍ବାପେକ୍ଷା ସୁନ୍ଦରୀ ଭାବରେ କଳ୍ପନା କରି ଲେଖିଛନ୍ତି ।—

ଜୟତୋ ଉତ୍କଳ—
ଲକ୍ଷ୍ମୀ ଏକମାତ୍ର
ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭା—
ରାଶି ରହିଛନ୍ତି
ତୋ ଅଙ୍ଗରେ ଏକାଧାରେ ॥

କବି କେବଳ ଏହା ସଚୋଟ ଉଚ୍ଚାରଣ କରିନାହାନ୍ତି ବରଂ ସମଗ୍ର କାବ୍ୟରେ ବହୁ ଦୃଷ୍ଟାନ୍ତ ଥୋଇ ତା'ର ଯଥାର୍ଥ ପ୍ରତିପାଦନ କରିଛନ୍ତି ବେଶ୍ କାବ୍ୟିକ ଓ ମନୋଜ୍ଞ ରୀତିରେ । ସୁତରାଂ, ଜାତି ପ୍ରୀତି, ଭାଷା ପ୍ରୀତି, ଦେଶ ପ୍ରୀତି ସହିତ ସେ ଥିଲେ ସତ୍ୟ—ସୌନ୍ଦର୍ଯ୍ୟ ତଥା ଶିବର ଉପାସକ କବି । ଯେଉଁ ଯେଉଁ ବିଷୟର ଅବତାରଣା ଦ୍ୱାରା ବିଶ୍ୱର, ଦେଶର, ମଣିଷ ଜାତିର ମଙ୍ଗଳ ସଂସାଧିତ ହେବ, ତା'ର ଆତ୍ମିକ ଉତ୍ତରଣ ସମ୍ଭବ ହେବ, କବି ଗଙ୍ଗାଧରଙ୍କ ଧ୍ୟାନ ଓ ଦୃଷ୍ଟି ଥିଲା ସେଇ ଦିଗରେ । ତାଙ୍କର କାବ୍ୟ—କବିତା ସୁନ୍ଦରରେ ସତ୍ୟ ଓ ଶିବର ମଧୁର ସମନ୍ୱୟ ସ୍ଥାପନ କରି ମାନବାତ୍ମାକୁ ଦିବ୍ୟ—ପବିତ୍ର ଭାବଲୋକକୁ ଉନ୍ନିତ କରିବା ସକାଶେ ଯେପରି ଅଭିପ୍ରେତ । ସୁତରାଂ, ଚିରଦିନ ଏହି ମାନବାତ୍ମାର ମଙ୍ଗଳକାମୀ କବି ମାନବାତ୍ମାର ଆରାଧ୍ୟ ଓ ବରଣୀୟ ହୋଇ ରହିବେ ଏଥିରେ ସନ୍ଦେହ ନାହିଁ ।



ଉତ୍କଳ ପ୍ରସଙ୍ଗର ଗୁଣାତ୍ମକ ମାନବୃଦ୍ଧିର ସାଫଲ୍ୟ ସମ୍ପର୍କରେ ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଣ୍ଡଙ୍କ ଫୁଲବାଣୀଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା ।



# ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଏକ ଅନାଲୋଚିତ ଅଧ୍ୟାୟ

● ପ୍ରଫେସର ଜଗନ୍ନାଥ ପଟ୍ଟନାୟକ

ଐତିହାସିକ ସ୍ୱାଧୀନତା ଆନ୍ଦୋଳନରେ ସମ୍ପ୍ରତି ବହୁ ଘଟଣା ଚର୍ଚ୍ଚିତ ହେଉଥିଲେ ମଧ୍ୟ ଏହାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଭୂମିକା ଉପରେ ଆଲୋଚନା କରଯାଉ ନାହିଁ। ଉକ୍ତ ପର୍ଯ୍ୟାୟଟି ଥିଲା ୧୮୮୫ ମସିହାର ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାଠାରୁ ୧୯୦୭ ମସିହାର କଂଗ୍ରେସ ବିଭାଜନ ପର୍ଯ୍ୟନ୍ତ। ସାମାନ୍ୟ କେତେଜଣଙ୍କ ବ୍ୟତୀତ ସେ ସମୟର ଓଡ଼ିଶାର ପ୍ରଖ୍ୟାତ ନେତାମାନଙ୍କୁ ଏବେ ଲୋକମାନେ ପ୍ରାୟ ଭୁଲିଗଲେଣି। ମାତ୍ର ସେମାନଙ୍କର ଅବଦାନ ଅନ୍ୟମାନଙ୍କ ଅପେକ୍ଷା କୌଣସି ଗୁଣରେ ନ୍ୟୂନ ନଥିଲା। ଅବଶ୍ୟ ସେମାନେ ଅସହଯୋଗ, ଆଇନ ଅମାନ୍ୟ ଓ ଭାରତ ଛାଡ଼ ଆନ୍ଦୋଳନ ପରି ଐତିହାସିକ ଘଟଣାରେ ଅଂଶ ଗ୍ରହଣ କରିନଥିଲେ। ମାତ୍ର ସବୁ କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟ ଏକ ଘଡ଼ିସନ୍ଧି ଓ ପରୀକ୍ଷାର ସମୟ। ତେଣୁ ସେହି ରାଜନୈତିକ ଘନଘଟା ସମୟରେ ବହୁ ଅନୁକୂଳ ଓ ପ୍ରତିକୂଳ ସ୍ରୋତରେ ଗତିକରି ଓଡ଼ିଶାର ନେତା ଯେପରି ଭାବେ ଭାରତୀୟ ଜାତୀୟ କଂଗ୍ରେସର ହାତ ମୁଠାକୁ ଟାଣ କରିପାରିଥିଲେ ତାହା ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ସେହି ଅନାଲୋଚିତ ଅଧ୍ୟାୟ ଉପରେ ସମ୍ୟକ୍ ଧାରଣା ଦେବା ପାଇଁ ଉକ୍ତ ପ୍ରବନ୍ଧର ଅବତାରଣା।

୧୮୮୫ ମସିହା ଡିସେମ୍ବର ମାସରେ ବମ୍ବେଠାରେ ଭାରତୀୟ ଜାତୀୟ କଂଗ୍ରେସର ଭିତ୍ତି ସ୍ଥାପନ ହୋଇଥିଲା। ଏହି ଖବର ଓଡ଼ିଶାବାସୀଙ୍କ ମନରେ ନାହିଁ ନଥିବା ଉଦ୍ଦୀପନା ସୃଷ୍ଟି କରିଥିଲା। ଫଳରେ ୧୮୮୬ ମସିହା ମାର୍ଚ୍ଚ ୩ ତାରିଖ ଦିନ କଟକସ୍ଥିତ ପ୍ରିଣ୍ଟିଂ କମ୍ପାନୀର ଗୃହରେ ଏକ ବୈଠକ ଆହ୍ୱାନ କରାଯାଇ ଭାରତୀୟ ଜାତୀୟ କଂଗ୍ରେସର ପ୍ରତ୍ୟେକ ଅଧିବେଶନକୁ ଓଡ଼ିଶାରୁ ପ୍ରତିନିଧି ପଠାଇବା ସଙ୍ଗେ ସଙ୍ଗେ ଏହାଦ୍ୱାରା ପ୍ରବର୍ତ୍ତିତ ସମସ୍ତ କାର୍ଯ୍ୟକୁ ସର୍ବାନ୍ତକରଣରେ କାର୍ଯ୍ୟକାରୀ କରାଇବାର ଏକ ପ୍ରସ୍ତାବ ନିଆଯାଇଥିଲା। ଏଥିରେ ସମାଜର ବହୁ ସ୍ତରର ଲୋକ ଯୋଗ ଦେଇଥିଲେ। ସେଠାରେ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ଯେ ବାଲେଶ୍ୱରଠାରେ ପ୍ରତିଷ୍ଠିତ ଜାତୀୟ ସଭା ଓ ୧୮୮୨ରେ କଟକଠାରେ ପ୍ରତିଷ୍ଠିତ ଓଡ଼ିଶା ଏସୋସିଏସନ୍ ବା ଉତ୍କଳ ସଭାରୁ ମନୋନୀତ ହୋଇ ପ୍ରତିନିଧିମାନେ ଜାତୀୟ କଂଗ୍ରେସର ପ୍ରତ୍ୟେକ ଅଧିବେଶନରେ ଯୋଗ ଦେବେ। ତଦନୁଯାୟୀ ୧୮୮୬ ମସିହାରେ କଲିକତାଠାରେ ଆହୂତ ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନକୁ ଉତ୍କଳ ସଭାରୁ ମଧୁସୂଦନ ଦାସ, ଗୋଲକ ଚନ୍ଦ୍ର ବୋଷ, କାଳିପଦ ବାନାର୍ଜୀ ଓ ହରିବଲ୍ଲଭ ବୋଷ ଓ ବାଲେଶ୍ୱର ଜାତୀୟ ସଭାରୁ ବୈକୁଣ୍ଠନାଥ ଦେ, ଭଗବାନ ଚରଣ ଦାସ ଓ ରମେଶ ଚନ୍ଦ୍ର ମଣ୍ଡଳ ମନୋନୀତ ହୋଇ ଯୋଗ ଦେଇଥିଲେ। ସେହିପରି ୧୮୮୭ରେ ମାନ୍ଦ୍ରାଜଠାରେ ଆହୂତ ଏହାର ତୃତୀୟ ଅଧିବେଶନରେ ବାଲେଶ୍ୱର ସଭାରୁ ବେଙ୍କଟେଶ ସେମ ସାହୁ ଓ ହରେକୃଷ୍ଣ ଦାସ ଏବଂ ଉତ୍କଳ ସଭାରୁ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟ ମନୋନୀତ ହୋଇ ଯୋଗ ଦେଇଥିଲେ। ସେଠାରୁ ସେମାନେ ଫେରି ସେହି କଟକ ପ୍ରିଣ୍ଟିଂ କମ୍ପାନୀର ଘରେ ୧୮୮୮ ମସିହା ଜାନୁୟାରୀ ୨୯ ତାରିଖ ଦିନ ଏକ ବୈଠକ ଆହ୍ୱାନ ପୂର୍ବକ ମାନ୍ଦ୍ରାଜ ଅଧିବେଶନରେ ଗୃହୀତ ପ୍ରସ୍ତାବ ଉପରେ ଏକ ବିବରଣୀ ଦେଇ ଭାରତୀୟ ଜାତୀୟ କଂଗ୍ରେସର ହାତମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଅନୁରୋଧ କରିଥିଲେ। ତା'ର କିଛି ଦିନ ପରେ ୧୮୮୮ ମସିହା ଫେବ୍ରୁୟାରୀ ୧୮ ତାରିଖ ଦିନ କଟକର ମ୍ୟୁନିସିପାଲିଟି ମାର୍କେଟ୍‌ରେ ଏକ ସର୍ବସାଧାରଣ ସଭାର ଆୟୋଜନ କରାଯାଇଥିଲା। ସେଦିନ ସଭାରେ ମଧୁସୂଦନ ଦାସ, ରଘୁ ସାହୁ, ଏକରାମ ଅଲ୍ଲୀ ଓ ଜଗମୋହନ ରାୟ ଭାଷଣ ଦେଇ ଲୋକମାନଙ୍କୁ ଜାତୀୟ ଆନ୍ଦୋଳନର ସ୍ରୋତରେ ଝାସ ଦେବା ପାଇଁ ନିବେଦନ କରିଥିଲେ। ଏହି ସଭାଟି ବେଶ୍ ଫଳପ୍ରଦ ହୋଇଥିଲା। ସେହିଠାରେ ନିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ମଧୁସୂଦନ ଦାସଙ୍କୁ କେନ୍ଦ୍ରାପଡ଼ା ପଠାଯାଇଥିଲା କଂଗ୍ରେସରେ ଯୋଗଦେବା ନିମନ୍ତେ ଲୋକମାନଙ୍କୁ ନିବେଦନ କରିବା ପାଇଁ। ଏହା ପରେ ପରେ ମଧୁସୂଦନ ଦାସ ହୋଇଥିଲେ ଓଡ଼ିଶାର ଜାତୀୟ ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର।

ଏହାପରେ ଓଡ଼ିଶାରୁ ମଧୁସୂଦନ ଦାସ, ଜଗମୋହନ ରାୟ, ଜାନକୀନାଥ ବୋଷ ଓ ଲାଲବିହାରୀ ଘୋଷ ଜାତୀୟ କଂଗ୍ରେସର ବଙ୍ଗଳା ଶାଖାକୁ ଉତ୍କଳ ସଭା ଦ୍ୱାରା ସଭ୍ୟ ରୂପେ ମନୋନୀତ ହୋଇଥିଲେ। କାରଣ ସେତେବେଳେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରାଦେଶିକ କଂଗ୍ରେସ କମିଟି ଗଠିତ ହୋଇନଥିଲା। ୧୮୮୮ ଖ୍ରୀଷ୍ଟାବ୍ଦର ଆଲାହାବାଦଠାରେ ଆହୂତ ଜାତୀୟ କଂଗ୍ରେସର ଚତୁର୍ଥ ଅଧିବେଶନକୁ ଉତ୍କଳ ସଭାର ବିହାରୀଲାଲ ପଣ୍ଡିତ, ଜଗମୋହନ

ରାୟ, ଶ୍ୟାମସୁନ୍ଦର ରାଜଗୁରୁ, ମଧୁସୂଦନ ଦାସ, ସାମସନ ରାଉତ, ମୁନସି ସୁଲତାନ ଅହମ୍ମଦ, ମୁନସି ମହମ୍ମଦ ଅତାହାର ଓ ଜାତୀୟ ସଭାରୁ ରମେଶଚନ୍ଦ୍ର ମଣ୍ଡଳ, ଭଗବାନ ଚନ୍ଦ୍ର ଦାସ ଓ ଭୂୟାଁ ଅବଦୁଲ୍ ଶୋଭନ ମନୋନୀତ ହୋଇଥିଲେ ହେଁ କେବଳ ମାତ୍ର ସାମସନ୍ ରାଉତ ଓ ମହମ୍ମଦ ଅତାହାର ଯୋଗ ଦେଇଥିଲେ । ସେଠାରୁ ଫେରିବା ପରେ ୧୮୮୯ ମସିହା ଫେବ୍ରୁଆରୀ ସାତ ତାରିଖ ଦିନ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଉତ୍କଳ ସଭାର ଏକ ଅଧିବେଶନରେ ସେମାନେ ଏଲାହାବାଦ କଂଗ୍ରେସ ଦ୍ୱାରା ଗୃହୀତ ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ । ୧୮୯୦ ମସିହାର ଜାତୀୟ କଂଗ୍ରେସର ଅଧିବେଶନକୁ କେବଳ ମାତ୍ର ଉତ୍କଳ ସଭାରୁ ନିମାଇ ଚରଣ ମିତ୍ର, ଲାଲବିହାରୀ ଘୋଷ, ମଧୁସୂଦନ ଦାସ, ଜାନକୀନାଥ ବୋଷ, ରାଧାବିନୋଦ ବସୁ ଓ ବିପିନବିହାରୀ ମିତ୍ର ମନୋନୀତ ହୋଇ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ପ୍ରଥମ ୪ ଜଣ ମଧ୍ୟ ବଙ୍ଗଳା ପ୍ରଦେଶ କଂଗ୍ରେସ କମିଟିକୁ ମନୋନୀତ ହୋଇଥିଲେ ।

ଇତି ମଧ୍ୟରେ ପାରଳାଖେମୁଣ୍ଡିର ରାଜା ପଦ୍ମନାଭ ନାରାୟଣ ଦେବ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସହାୟତାରେ ଉତ୍କଳ ହିତୈଷିଣୀ ସଭା ନାମରେ ଏକ ରାଜନୈତିକ ସଙ୍ଗଠନ ପ୍ରତିଷ୍ଠା କରି ସେଥିରୁ ଭାରତୀୟ ଜାତୀୟ କଂଗ୍ରେସକୁ ସଭ୍ୟ ପଠାଇବାର ନିଷ୍ପତ୍ତି ନେଇଥିଲେ । ଏଥିରୁ ମନୋନୀତ ହୋଇ ୧୮୯୪ର ମାଡ୍ରାଜ ଅଧିବେଶନ, ୧୮୯୫ର ପୁନା ଅଧିବେଶନ ଓ ୧୮୯୬ର କଲିକତା ଅଧିବେଶନକୁ ସଭ୍ୟମାନେ ଯୋଗ ଦେଇଥିଲେ । ଉତ୍କଳ ସଭାରୁ ପୁନା ଓ କଲିକତା ଅଧିବେଶନକୁ ମଧୁସୂଦନ ଦାସ, ଯଜ୍ଞେଶ୍ୱର ଚନ୍ଦ୍ର, ଗୌରୀଶଙ୍କର ରାୟ ଓ ଗୋକୁଳାନନ୍ଦ ଚୌଧୁରୀ, ଉତ୍କଳ ହିତୈଷିଣୀ ସଭାରୁ ପଦ୍ମନାଭ ନାରାୟଣ ଦେବ ଓ ଶ୍ୟାମସୁନ୍ଦର ରାଜଗୁରୁ ଓ ବାଲେଶ୍ୱର ଜାତୀୟ ସଭାରୁ ରମେଶ ଚନ୍ଦ୍ର ମଣ୍ଡଳ ଯୋଗ ଦେଇଥିଲେ । ଉତ୍କଳ ସଭାରୁ ମନୋନୀତ ହୋଇ ୧୯୦୬ ପର୍ଯ୍ୟନ୍ତ କଂଗ୍ରେସର ବିଭିନ୍ନ ଅଧିବେଶନରେ ଅନ୍ୟ ଯେଉଁମାନେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରୁ ନନ୍ଦକୁମାର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ ରାଓ ଓ ମଧୁସୂଦନ ରାଓଙ୍କ ନାମ ଉଲ୍ଲେଖଯୋଗ୍ୟ । ସେମାନେ କଂଗ୍ରେସର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ପର୍ଯ୍ୟାୟ (୧୮୮୫-୧୯୦୬) ଥିଲା ଉଦାରପନ୍ଥୀ ଯୁଗ – ସେତେବେଳେ ନେତାମାନଙ୍କର ସ୍ୱରାଜ ଲାଭ ଲକ୍ଷ୍ୟ ନଥିଲା । ବ୍ରିଟିଶ୍ ସରକାରଙ୍କ ନିକଟରେ ଦାବୀପତ୍ର ଦାଖଲ କରି ଭାରତୀୟମାନଙ୍କ ପାଇଁ କିଛି ପ୍ରଶାସନିକ ଓ ସାମ୍ବିଧାନିକ ଅଧିକାର ହାସଲ କରିବା ଥିଲା ଉଦାରପନ୍ଥୀଙ୍କର ଲକ୍ଷ୍ୟ । ସେପରି ସ୍ଥଳେ ଓଡ଼ିଶାରେ ସେହି ସମୟର କଂଗ୍ରେସ ନେତା ମଧ୍ୟ ବ୍ରିଟିଶ୍ ସରକାରଙ୍କ ନିକଟରେ ବିଭିନ୍ନ ଦାବୀ ଦାଖଲ କରି ଜାତୀୟ କଂଗ୍ରେସର ଅଭିପ୍ରାୟ ଚରିତାର୍ଥ କରିବା ଦିଗରେ ତ୍ରୁଟୀ ହୋଇନଥିବାର ଦେଖାଯାଇଥିଲା ।

ସମ୍ବଲପୁରର ଓଡ଼ିଆ ନେତାମାନେ ୧୯୦୧ ମସିହା ଜୁଲାଇ ମାସରେ ତତ୍କାଳୀନ ମଧ୍ୟପ୍ରଦେଶର କମିଶନର ଆଣ୍ଡ୍ରିଉ ଫ୍ରେଜରଙ୍କ ନିକଟରେ ଦାଖଲ କରି ଆବେଦନ କରିଥିଲେ ଯେ ଯଦି ସମ୍ବଲପୁରର କୋର୍ଟ କଚେରୀରେ ନୂତନ ଭାବେ ପ୍ରଚଳିତ ହିନ୍ଦି ଭାଷାର ବିଲୋପ ସାଧନ କରି ଓଡ଼ିଆ ଭାଷା ପ୍ରଚଳିତ କରାନଯାଏ, ତେବେ ସେମାନେ ଓଡ଼ିଶା ସହିତ ମିଶିବାକୁ ଅଗ୍ରହୀ ହେବେ । ମଧୁସୂଦନ ଦାସ ମଧ୍ୟ ସମ୍ବଲପୁର ଲୋକଙ୍କର ସ୍ମାରକପତ୍ରକୁ ସହାନୁଭୂତି ସହ ଗ୍ରହଣ କରିବା ପାଇଁ ମଧ୍ୟପ୍ରଦେଶର ଚିଫ୍ କମିଶନରଙ୍କୁ ଏକ ତାର ବାର୍ତ୍ତା ପ୍ରେରଣ କରିଥିଲେ । ସେହିପରି ୧୯୦୨ ମସିହାରେ ରାଜା ବୈକୁଣ୍ଠନାଥ ଦେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ତତ୍କାଳୀନ ଭାଇସ୍‌ରାୟ ଲର୍ଡ କର୍ଜନଙ୍କ ନିକଟରେ ଏକ ଦାବୀପତ୍ର ଦାଖଲ କରିଥିଲେ । ସେହି ୧୯୦୨ ମସିହାର ଶେଷ ଭାଗରେ ଗଞ୍ଜାମର ଓଡ଼ିଆମାନେ ଲର୍ଡ କର୍ଜନଙ୍କ ନିକଟରେ ଏକ ଦାବୀପତ୍ର ଦାଖଲ କରିଥିଲେ ଓଡ଼ିଶା ସହିତ ମିଶିବା ପାଇଁ – ସେହିପରି ଉତ୍କଳ ସଭା ଆନୁକୂଲ୍ୟରେ ୧୯୦୩ ମସିହା ଏପ୍ରିଲ୍ ଦୁଇ ତାରିଖ ଦିନ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲ୍ଲାର ଓଡ଼ିଆ ଭାଷାଭାଷୀ ଅଞ୍ଚଳ, ଭାଇଜାଗାପଟମ୍ ଏଜେନ୍‌ସି, ସମ୍ବଲପୁର, ଛୋଟନାଗପୁର ଓ ମେଦିନାପୁରକୁ ଓଡ଼ିଶାରେ ମିଶାଇବା ପାଇଁ କର୍ଜନଙ୍କ ନିକଟକୁ ଏକ ଦାବୀପତ୍ର ପଠାଇବାର ସିଦ୍ଧାନ୍ତ ନିଆଯାଇ ତାହା ପ୍ରେରଣ କରାଯାଇଥିଲା ।

ଏ ସବୁ ଦୃଷ୍ଟିରୁ ବିଚାର କଲେ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଜାତୀୟ କଂଗ୍ରେସ ଓ ସ୍ୱାଧୀନତା ଆନ୍ଦୋଳନକୁ ଓଡ଼ିଶାବାସୀଙ୍କର ଅବଦାନ ବେଶ୍ ଉଲ୍ଲେଖଯୋଗ୍ୟ । ମାତ୍ର ଏହା ବହୁ ପରିତାପର ବିଷୟ ଯେ ସେତେବେଳର ନେତାମାନଙ୍କ ମଧ୍ୟରୁ ନାରାୟଣ ଚନ୍ଦ୍ର ପ୍ରଧାନ, ରେଭେରେଣ୍ଡ ସେମା ସାହୁ, ସାମସନ୍ ରାଉତ, ଗୋକୁଳାନନ୍ଦ ଚୌଧୁରୀ, ମହମ୍ମଦ ଅତାହାର ଓ ରମେଶ ଚନ୍ଦ୍ର ମଣ୍ଡଳଙ୍କ ନାମ ଲୋକମାନେ ପୁରାପୁରି ଭୁଲି ଗଲେଣି । ବିସ୍ମୃତି ଗର୍ଭରେ ଲୀନ ହୋଇଥିଲେ ମଧ୍ୟ ସେମାନେ ଗୋଟିଏ ଗୋଟିଏ ଅନନ୍ୟ ପ୍ରତିଭା । ଆଜି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅନ୍ତତଃପକ୍ଷେ ସେମାନଙ୍କର ସ୍ମୃତିଚାରଣ କରାଯାଉ ।

---

*ପ୍ଲଟ: ୨/୨୦୧, ନୟାପଲ୍ଲୀ,*
*ଭୁବନେଶ୍ୱର-୧୫ ।*



# "କହୁ ନାହୁଁ କାହିଁ ବୋଇତ ଗଲା......"

● ଶୁଭେନ୍ଦୁ କୁମାର ଭୂୟାଁ

ଇତିହାସ ପୃଷ୍ଠାରେ ବିଗତ ୧୭ ଶହ ବର୍ଷ ତଳେ ପ୍ରାଚୀନ କଳିଙ୍ଗ-ଉତ୍କଳର ସାଧବ ପୁଅମାନେ ବାଲି, ଜାଭା, ବୋର୍ଣ୍ଣିଓ ଓ ସୁମାତ୍ରା ଭଳି ସମୃଦ୍ଧିପୂର୍ଣ୍ଣ ଦ୍ୱୀପରେ ବାଣିଜ୍ୟ ବ୍ୟବସାୟ କରି ଆମ ରାଜ୍ୟକୁ ବିଭବଶାଳୀ କରିଥିଲେ। ସୁମହାନ କ୍ଷେତ୍ରୀୟ ସଂସ୍କୃତି ତଥା ମହାଭାରତୀୟ ଚେତନାକୁ ମଧ୍ୟ ଇଣ୍ଡୋନେସିଆ ଓ ମାଲୟେସିଆ ଆଦି ଦେଶମାନଙ୍କରେ ପ୍ରଚାର କରିଥିଲେ।

ପ୍ରାଚୀନ କଳିଙ୍ଗର ଏହି ଗୁରୁତ୍ୱପୂର୍ଣ୍ଣ ନୌ-ବାଣିଜ୍ୟ କ୍ଷେତ୍ରରେ ତତ୍କାଳୀନ ନଦନଦୀ ଓ ସାମୁଦ୍ରିକ ବନ୍ଦରଗୁଡ଼ିକର ଭୂମିକା ଥିଲା ଅତ୍ୟନ୍ତ ଗୌରବାବହ। ଗଞ୍ଜାମ ଜିଲ୍ଲାର ଚିଲିକା ହ୍ରଦ ଉପକୂଳ ଓ ତତ୍‌ସନ୍ନିକଟସ୍ଥ ପାଲୁର ଅଞ୍ଚଳରେ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କରେ ପ୍ରସିଦ୍ଧିଲାଭ କରିଥିବା ଏକ ପ୍ରାଚୀନ ନୌ-ବନ୍ଦର ଥିଲା ବୋଲି ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନରୁ ଜଣାପଡ଼ିଛି। ନିକଟରେ ଏକ ଅନୁଧାନକାରୀ ଦଳ ଏହି ଅଞ୍ଚଳ ପର୍ଯ୍ୟବେକ୍ଷଣ କରି ବହୁ ଐତିହାସିକ ତଥ୍ୟ ଆବିଷ୍କାର କରିବା ସଙ୍ଗେ ସଙ୍ଗେ ପ୍ରତ୍ନତାତ୍ତ୍ୱିକ ପ୍ରମାଣଗୁଡ଼ିକୁ ମଧ୍ୟ ଉଦ୍ଧାର କରିଛନ୍ତି।

ଅନୁଧାନକାରୀ ଦଳର କର୍ଣ୍ଣେକ ମତ ଦିଅନ୍ତି, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ବେଳକୁ ଏହି ପୁରାତନ ବନ୍ଦର ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲା। ଗଞ୍ଜାମ ଜିଲ୍ଲାର ହୁମ୍ମା ନିକଟବର୍ତ୍ତୀ ପାଲୁର ଅଞ୍ଚଳରୁ ସେହି ବନ୍ଦରର ପୁରାତନ ପାତ୍ର, ଇଟାନିର୍ମିତ କାନ୍ଥ ଓ କେତେକ ପ୍ରସ୍ତର ମୂର୍ତ୍ତି ଇତ୍ୟାଦି ସଂଗ୍ରହ କରାଯାଇଛି। ଏପରି ପ୍ରତ୍ନତାତ୍ତ୍ୱିକ ଉତ୍ଖନନ କରାଗଲେ, କେବଳ ଓଡ଼ିଶାର ନୁହେଁ ପୂର୍ବ-ଭାରତର ଗୌରବମୟ ସଂସ୍କୃତି ଓ ଐତିହ୍ୟ ଲୋକଲୋଚନକୁ ଆସିପାରିବ।

ଚିଲିକା ହ୍ରଦର ମୁହାଣ କ୍ରମେ ପଟୁମାଟି ଦ୍ୱାରା ପୋତିହୋଇଯିବା ଫଳରେ ମଲାଗୁଣି, କୁଶଭଦ୍ରା, ଦୟା, ଋଷିକୁଲ୍ୟା ଓ ଶାଳିଆ ଇତ୍ୟାଦି ନଦୀଗୁଡ଼ିକ କାଳକ୍ରମେ ଗତିପଥ ବଦଳାଇ ଦେଇଛନ୍ତି। ଫଳରେ ଏହି ପ୍ରାଚୀନ ବନ୍ଦରଗୁଡ଼ିକ ମଧ୍ୟ ଧ୍ୱଂସ ପାଇଯାଇଛି। ଚିଲିକାର ଉପକୂଳରେ ଦିନେ ବହୁ ବନ୍ଦର ଗଢ଼ି ଉଠିଥିଲା। ଷଷ୍ଠ ଓ ସପ୍ତମ ଶତାବ୍ଦୀ ବେଳକୁ ଯେତେବେଳେ କଙ୍ଗୋଦର ରାଜଧାନୀ ବାଙ୍କଡ଼ାଗଡ଼ (ଐତିହାସିକମାନେ ଏହାକୁ ଆଧୁନିକ 'ବାଣପୁର' ବୋଲି କହୁଛନ୍ତି) ଥିଲା, ସେତେବେଳେ ଚିଲିକାକୁ ପ୍ରଧାନ ଜଳପଥ ଭାବେ ବ୍ୟବହାର କରାଯାଉଥିଲା। ତେଣୁ ପୋତାମୁହାଣ, ନରସିଂହପାଟଣା, ବଜ୍ରକୋଟ ଓ ବଙ୍ଗାଳାନାଶୀ ଆଦି ସ୍ଥାନଗୁଡ଼ିକରୁ ବର୍ତ୍ତମାନ ପ୍ରାଚୀନ ମୁଦ୍ରା, ମୂଲ୍ୟବାନ ପଥର ଇତ୍ୟାଦି ମିଳୁଥିବା ଅନୁଧାନକାରୀମାନଙ୍କଠାରୁ ପ୍ରକାଶ।

ହାତୀଗୁମ୍ଫା ଶିଳାଲିପିରେ ଉଲ୍ଲେଖ କରାଯାଇଥିବା ଖାରବେଳଙ୍କ ଶାସନ ଅମଳରେ "ପିଥୁଣ୍ଡ. ବନ୍ଦର"ର ଅବସ୍ଥିତି ସମ୍ପର୍କରେ ମଧ୍ୟ ଅଧିକ ପର୍ଯ୍ୟବେକ୍ଷଣ ଚାଲୁରହିଛି। ସମୁଦ୍ର ଗର୍ଭରେ ବୁଡ଼ି ରହିଥିବା ବନ୍ଦରର ଇତିହାସ, ସମୁଦ୍ରଗର୍ଭରେ ବୁଡ଼ିଯାଇଥିବା ଜାହାଜର ଅଂଶବିଶେଷ ଓ ପ୍ରାଚୀନ ନୌ-ବନ୍ଦର ଆବିଷ୍କାର କରି ନୂତନ ତଥ୍ୟ ଉଦ୍‌ଘାଟନ କରିବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଗୋପାଳପୁର ବନ୍ଦର ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ଗବେଷକମାନଙ୍କ ମିଳିତ ଉଦ୍ୟମରେ ଏହି ଅନୁଧାନ ନିକଟରେ ଆରମ୍ଭ ହୋଇଛି। ଏମାନେ ଓଡ଼ିଶାର ମୁଖ୍ୟତଃ ଦକ୍ଷିଣ ଉପକୂଳରେ କାର୍ଯ୍ୟାରମ୍ଭ କରିଛନ୍ତି।

ଏହି ଜିଲ୍ଲାର ପଥରା, ରମ୍ଭା, ଲଙ୍ଗଳେଶ୍ୱର ପ୍ରଭୃତି ସ୍ଥାନମାନଙ୍କରେ ବହୁ ପ୍ରାଚୀନ ମନ୍ଦିର ତଥା ବନ୍ଦର ଥିବା ସମ୍ପର୍କରେ ତଥ୍ୟ ପ୍ରଦାନ କରୁଥିବା ବହୁ ପ୍ରତ୍ନତାତ୍ତ୍ୱିକ ସଙ୍କେତ ରହିଛି। ପଥରାଠାରେ ପ୍ରାଚୀନକାଳରେ ଏକ ଦଧିବାମନ ମନ୍ଦିର ଥିଲା। ସେଠାରୁ ୫୦୦ ବର୍ଷ ତଳର କାଷ୍ଠ ନିର୍ମିତ ସାମଗ୍ରୀ ଓ ଛୋଟ ପଥର କାରୁକାର୍ଯ୍ୟ ସାମଗ୍ରୀ ସଂଗୃହିତ ହୋଇଛି। ସେଠାରେ ଏବେ ଏକ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଉଛି। ଏହି ଅଞ୍ଚଳରେ ପ୍ରାଥମିକ ଅନୁଧାନ କରିବା ପରେ ଜଣାଯାଇଛି ଯେ, ପ୍ରାଚୀନ ଓଡ଼ିଶାର ନୌ-ବାଣିଜ୍ୟ ଅତି ଉନ୍ନତ ଓ ସୁଦୂର ପ୍ରସାରୀ ଥିଲା।

ଏହି ପ୍ରତ୍ନତାତ୍ତ୍ୱିକ ଅନୁଧାନକାରୀ ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଡଃ ଅମୀୟ କୁମାର ପଟ୍ଟନାୟକ, ଗୋପାଳପୁର ବନ୍ଦରର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ଦୁର୍ଗାପ୍ରସାଦ ପତି, ଗୋଆଠାରେ ଥିବା ଜାତୀୟ ସାମୁଦ୍ରିକ ଗବେଷଣା ଅନୁଷ୍ଠାନର ପ୍ରତ୍ନତତ୍ତ୍ୱବିତ୍ ଏସ୍: ତ୍ରିପତି ଏବଂ ଭାରତୀୟ ଇତିହାସ ଓ ଗବେଷଣା ପରିଷଦର ଫେଲୋ ଶ୍ରୀ ସୁନୀଲ କୁମାର ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କରିଥିଲେ।

"ପାଲଜନନ"
ଗାଁ/ପୋ: ଓଲାଇ,
ବାଲିଚନ୍ଦ୍ରପୁର, କଟକ-୭୫୪୨୦୫।



# ବାହାଦୂର ଶାହ ଜଫର୍ - ଏକ ବ୍ୟକ୍ତିତ୍ୱ

● ରାମପ୍ରସାଦ ପୁରୋହିତ

ବାହାଦୂରଶାହ ଜଫର୍ ଭାରତର ଶେଷ ମୋଗଲ ସମ୍ରାଟ । କିନ୍ତୁ ତାଙ୍କର ଶେଷ ସମୟ ଅତିବ ମର୍ମନ୍ତୁଦ । ତାଙ୍କର ଶାସନ କେବଳ ଲାଲକିଲ୍ଲା ଭିତରେ ହିଁ ସୀମିତ ରହିଗଲା । ସେଇଠି ସେ ନିଜର ତିନୋଟି ସ୍ତ୍ରୀ ହଜରତ୍ ମହଲ, ତାଜମହଲ ଏବଂ ଜୀନତ୍ ମହଲ ତଥା ଶାହଜାଦୀମାନଙ୍କ ସହ କେବଳ ଜୀବନ ବିତଉଥିଲେ ।

ବାହାଦୁର ଶାହ ଜଫର୍‌ଙ୍କ ଜନ୍ମ ୨୪ ଅକ୍ଟୋବର ୧୭୭୫ରେ ହୋଇଥିଲା ଏବଂ ୧୮୩୭ରେ ବାଷଠି ବର୍ଷ ବୟସରେ ସେ ଭାରତର ସମ୍ରାଟ୍ ହେଲେ । ତାଙ୍କର ପୁରା ନାମ ଥିଲା ସିରାଜୁଦ୍ଦିନ୍ ମୋହମ୍ମଦ ବାହାଦୁର ଶାହ ଜଫର୍ । ତାଙ୍କର ବାପାଙ୍କ ନାମ ହେଉଛି ଅକବର୍ ଶାହ ସାନୀ ।

ଯେତେବେଳେ ଇଂରେଜମାନେ ୧୯ ଡିସେମ୍ବର ୧୮୫୭ରେ ଲାଲ୍‌କିଲ୍ଲା ଅଧିକାର କରିନେଲେ ବାହାଦୁର ଶାହଙ୍କ ଭାଗ୍ୟରବି ଅସ୍ତମିତ ହେବାକୁ ଲାଗିଲା । ସେହି ରାତିରେ ସେ ନିଜର ସାଥୀମାନଙ୍କ ସହ ହୁମାୟୁନଙ୍କ ସମାଧି ମହଲରେ ଲୁଚି ରହିଲେ । ଠିକ୍ ସେହି ସମୟରେ ଇଂରେଜମାନେ ଜାମା ମସ୍‌ଜିଦ୍ ଅଧିକାର କରି ସେଠାରେ ନିଜର ସିପାହୀ, ଘୋଡ଼ା, କୁକୁରମାନଙ୍କୁ ନେଇ ରଖିଲେ ଏବଂ ଜାମା ମସ୍‌ଜିଦ୍‌କୁ ୧୦, ମେ ୧୮୫୭ରେ ବନ୍ଦ କରିଦିଆଗଲା ।

ଇଂରେଜ ସିପାହୀମାନଙ୍କୁ ଜଫର୍‌ଙ୍କୁ ଖୋଜି ବାହାର କରିବା ପାଇଁ ତିନିଦିନ ଲାଗିଗଲା ଏବଂ ୨୨ ସେପ୍ଟେମ୍ବର୍ ୧୮୫୭ରେ ଜଫର୍ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହେଲେ । ସେହିଦିନ ମେଜର୍ ଡବ୍ଲ୍ୟୁ: ଏସ୍: ହଡ୍‌ସନ୍ ତାଙ୍କର ଦୁଇ ପୁଅ ଏବଂ ଏକ ନାତିକୁ ଧରିଆଣି ସମସ୍ତଙ୍କ ଆଗରେ ଗୁଳିମାରି ହତ୍ୟା କଲେ । ସେମାନଙ୍କର ମୁଣ୍ଡମାନ କାଟି କନାରେ ଢାଙ୍କି ବାଦଶାହଙ୍କ ସମ୍ମୁଖକୁ ନେଇ ତାଙ୍କୁ କୁହାଗଲା – "ବ୍ରିଟିଶ୍ ଶାସକ ବାଦଶାହଙ୍କୁ ଏହି ତୋଫା ପେଶ୍ କରିବାକୁ ଚାହାନ୍ତି, ତାକୁ ଗ୍ରହଣ କରନ୍ତୁ ।" କୁହାଯାଏ ଶାହଜାଦଙ୍କର ମୁଣ୍ଡ କାଟି ସେଥିରୁ ବୋହୁଥିବା ରକ୍ତକୁ ହଡ୍‌ସନ୍ ହାତ ପାପୁଲିରେ ନେଇ ପିଇଥିଲେ । ପରେ ଶାହଜାଦମାନଙ୍କର କଟା ମୁଣ୍ଡକୁ ଘୋଡ଼ାର ଟାପୁରେ ବାନ୍ଧି ଦିଲ୍ଲୀ ସହରରେ ବୁଲାଉଥିଲେ । ତାକୁ ଦେଖି ଦିଲ୍ଲୀବାସୀ ଇଂରେଜମାନଙ୍କ ବିରୋଧରେ ଯେପରି କିଛି କରିବାକୁ ସାହସ ନକରନ୍ତି । ଏପରି କରିବା ଇଂରେଜମାନଙ୍କର ଆଉ ଏକ ଉଦ୍ଦେଶ୍ୟ ଥିଲା । ଯେତେବେଳେ ତିନି ଶାହଜାଦୀଙ୍କୁ ବଇଳ ଗାଡ଼ିରେ ଦିଲ୍ଲୀ ରାସ୍ତାରେ ନିଆଯାଉଥିଲା, ଦିଲ୍ଲୀବାସୀ ସେମାନଙ୍କ ପଛେ ପଛେ ଦଉଡୁଥିଲେ । ଏହି ବିଦ୍ରୋହୀମାନଙ୍କୁ ଦମନ ପାଇଁ ହଡ୍‌ସନ୍ ଏପରି କଥା ଚିନ୍ତା କରିଥିଲେ । ଶାହାଜାଦୀମାନଙ୍କୁ ଛାତି ରେ ଗୁଳିରେ ମାରି ଦିଆଯାଇଥିଲା । ମେଜର୍ ହଡ୍‌ସନ୍‌ଙ୍କ ଏହି ବର୍ବରତା, ଅମାନବୀୟତା ଭାରତୀୟମାନଙ୍କ ହୃଦୟରେ ଇଂରେଜମାନଙ୍କ ପ୍ରତି ଘୃଣାର ବୀଜ ରୋପଣ କରିଥିଲା । ଏଭଳି ଅମାନୁଷିକତା ପୃଥିବୀର ଇତିହାସରେ କେଉଁଠି ଘଟିନଥିବ । ଏ ଘଟଣା ପାଇଁ ହିନ୍ଦୁ ଓ ମୁସଲମାନମାନେ ବାହାଦୁର ଶାହଙ୍କ ପାଇଁ ରକ୍ତ ବୁହାଇଥିଲେ ।

ବାହାଦୁର ଶାହ ଜଫର୍ ହିନ୍ଦୁସ୍ଥାନର ସ୍ୱାଧୀନତା ପାଇଁ ଯେଉଁ ଏବଂ ଯେଉଁ ଭାବରେ ତ୍ୟାଗ ସ୍ୱୀକାର କରିଛନ୍ତି ତାକୁ କେବେହେଲେ ଇତିହାସ ଭୁଲିଯାଇ ନପାରେ ଏବଂ ଉଭୟ କବି ଭାବରେ ସେ ଯେଉଁ କବିତା, ଗଜଲ୍ ଲେଖିଯାଇଛନ୍ତି ତାହା ଉର୍ଦ୍ଦୁ ସାହିତ୍ୟକୁ ତାଙ୍କର ଏକ ବଡ଼ ଅବଦାନ । ଅନ୍ୟ ମୋଗଲ ସମୟର ମହାନ ସାଂସ୍କୃତିକ ପରମ୍ପରାକୁ ସେ ଜୀଇଁ ରଖିଥିଲେ ।

ଆକବରଙ୍କ ପରି ବାହାଦୁର ଶାହ ଜଫର୍‌ଙ୍କ ସମୟ ମଧ୍ୟ ସାହିତ୍ୟ ଦୃଷ୍ଟିରୁ ଅନୁପମ ଥିଲା । ଗାଲିବ, ଜୌକ୍ ଏବଂ ମୋମିନ୍ ପରି ଉର୍ଦ୍ଦୁ ସାହିତ୍ୟର ଗୌରବ ତାଙ୍କର ସମସାମୟିକ ଥିଲେ । ଦୁର୍ଭାଗ୍ୟବଶତଃ ଜଫର୍ ତାଙ୍କର ଶେଷ ସମୟରେ ନିଃସହାୟ ହୋଇପଡ଼ିଲେ । କିନ୍ତୁ କଳା ଓ ସାହିତ୍ୟର ସଂରକ୍ଷଣ ପାଇଁ ସେ ସତତ ଚେଷ୍ଟିତ ଥିଲେ । ଜୌକ୍ ଓ ଗାଲିବ୍ ତଥା ଅମୀର ଖୁସ୍ରୋ ତାଙ୍କର ପ୍ରେରଣା ଓ ଆଦର୍ଶ ଥିଲେ ।

ଯଦିଓ ବାହାଦୁର ଶାହ ଜଫର୍ ରାଜ ପୁରୁଷ ଥିଲେ କିନ୍ତୁ ତାଙ୍କ କବିତା କୌଣସି ରାଜ ପୁରୁଷର ବେଦନା, ପୀଡ଼ାର ପ୍ରକାଶ ନଥିଲା । ସେ ଜଣେ ମାର୍ମିକ କବି ଭାବରେ ମଣିଷର ପୀଡ଼ା ଓ ବେଦନାକୁ ନିଜ କବିତାରେ ରୂପାୟିତ କରିଥିଲେ । ତାଙ୍କର ସାହିତ୍ୟିକ ସମ୍ବେଦନା ସାଧାରଣ ମଣିଷର ବ୍ୟକ୍ତିଗତ ବେଦନା

ବର୍ଣ୍ଣ କରିଥିଲା । ନିମ୍ନ କବିତାଟି ତା'ର ଏକ ପ୍ରକୃଷ୍ଟ ଉଦାହରଣ :—

ଲଗ୍‌ତା ନହିଁ ହୈ ଦିଲ୍ ମେରା ଉଜଡ୍‌ଡେ ଦୟାର ମେଁ
କିସ୍‌କି ବନି ହୈ ଆଲମେଁ ନା ପାୟଦାର ମେଁ ।
ବୁଲବୁଲ୍ କୋ ବାଗବାଁ ସେ ନା ସୟ୍ୟାଦ୍ ସେ ଗିଲା
କିସ୍‌ମତ୍ ମେଁ କୈଦ୍ ଥି ଲିଖି ଫସ୍‌ଲେ ବାହାର ମେ ।
ଏକ୍ ଶାଖେ ଗୁଲ୍ ପେ ବୈଠକର ବୁଲବୁଲ୍ ହୈ ଶାଦ୍‌ମା
କାଁଟେ ବିଛା ଦିୟେ ହୈ ଦିଲେ ଦାଗ୍‌ଦାର୍ ମେ ।
କହ ଦୋ ଇନ୍ ହସ୍‌ରତୋଁ ସେ କହିଁ ଔର ଯା ବସେଁ
ଇତ୍‌ନି ଜଗହ କହାଁ ହୈ ଦିଲେ ଦାଗ୍‌ଦାର୍ ମେ ।
ଉମରେ ଦରାଜ୍ ମାଁଗ କେ ଲାୟେ ଥେ ଚାର୍ ଦିନ୍
ଦୋ ଆରଜୁ ମେଁ କଟଗୟେ, ଦୋ ଇନ୍ତଜାର୍ ମେଁ ।
ହୈ କିତ୍‌ନା ବଦ୍‌ନସୀବ୍ ଜଫର୍ ଦଫନ୍ କେ ଲିୟେ
ଦୋ ଗଜ୍ ଜମୀନ୍ ଭି ନହିଁ ମିଲି କୁଁଚେ ୟାର୍ ମେଁ ।

ବାସ୍ତବରେ ଏହି କବିତାରେ ତାଙ୍କର ସମଗ୍ର ଜୀବନର ଅନୁଭବ ଏପରି ଭାବ ନିବିଡ଼ ଭାବରେ ରୂପାୟିତ ହୋଇ ତାଙ୍କର ବେଦନାକୁ ପରିସ୍ଫୁଟନ କରିପାରିଛି ଯେ ଏହାକୁ ପାଠକଲେ ପାଠକର ହୃଦୟରେ ବ୍ରିଟିଶ୍ ସାମ୍ରାଜ୍ୟ ପ୍ରତି ଘୃଣା ଓ ବିଦ୍ୱେଷ ଜାଗ୍ରତ ହେବା ସ୍ୱାଭାବିକ ହୋଇପଡ଼େ । ପ୍ରକୃତରେ ବାହାଦୁର ଶାହ କେତେ ଦୁଃଖୀ !

ଦେଶ ପାଇଁ ଜଫର୍ କେତେ ବ୍ୟଗ୍ର ଥିଲେ, ଅନୁରକ୍ତ ଥିଲେ ତାହା ସେ ସମୟର ରାଜା–ମହାରାଜାମାନଙ୍କୁ ଲେଖିଥିବା ଐତିହାସିକ ଚିଠିଗୁଡ଼ିକରୁ ଜଣାପଡ଼େ । ଇଂରେଜ ବିରୋଧରେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ । ଇଂରେଜମାନଙ୍କୁ କୌଣସି ପ୍ରକାରେ ହିନ୍ଦୁସ୍ତାନରୁ ତଡ଼ିଦେବା ପାଇଁ ସେ ସେମାନଙ୍କୁ ପ୍ରେରଣା ଦେଉଥିଲେ । ଏଥିପାଇଁ ଯାହା ମୂଲ୍ୟ ଦେବାକୁ ପଡୁ ପଛକେ ସେ ସେଥିପାଇଁ ପ୍ରସ୍ତୁତ ଥିଲେ । ଇଂରେଜମାନେ ହିନ୍ଦୁସ୍ତାନ ଛାଡ଼ି ଚାଲିଯିବା ପରେ ସେ ନିଜେ ଶାସନ କରିବାକୁ ଚାହୁଁନଥିଲେ । ଯୋଗ୍ୟ ବ୍ୟକ୍ତି ହାତରେ ଦେଶର ଶାସନ ସମର୍ପି ଦେବାକୁ ସେ ପ୍ରସ୍ତୁତ ଥିଲେ । ସେ ଏଭଳି ଜଣେ ଐତିହାସିକ ବ୍ୟକ୍ତି ଥିଲେ ଆଜି ବି ଭାରତୀୟମାନେ ତାଙ୍କ ଜୀବନରୁ ପ୍ରେରଣା ଲାଭ କରୁଛନ୍ତି ।

ଏହି ମହାନ୍ ସମ୍ରାଟ ଇଂରେଜମାନଙ୍କର ବନ୍ଦୀ ଭାବରେ ୭ ନଭେମ୍ବର, ୧୮୬୨ରେ ରେଙ୍ଗୁନ୍‌ରେ ଅତି ଦୟନୀୟ ଭାବରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଆଜି ବି ତାଙ୍କର ସ୍ୱର ଭାରତ ମାଟିରେ ଝଙ୍କୃତ । ଇତିହାସ ତାଙ୍କ ପାଇଁ ଗର୍ବିତ ।

---

*ପାଟଣାଗଡ଼,*
*ବଲାଙ୍ଗୀର–୭୬୭୦୨୫ ।*

## ସମ୍ପାଦକଙ୍କୁ ପତ୍ର........

## ପ୍ରଥମ ମହିଳା ମହାକାଶଚାରୀଙ୍କ ନାମ ଭାଲେଣ୍ଟିନା ତେରେସ୍କୋଭା

ମହାଶୟ,

ମୁଁ ଉତ୍କଳ ପ୍ରସଙ୍ଗ ନିୟମିତ ପାଠ କରେ ଏବଂ ବିଭିନ୍ନ ସମୟରେ ମୋର ପ୍ରବନ୍ଧ ଉତ୍କଳ ପ୍ରସଙ୍ଗ ଏବଂ ଅନ୍ୟାନ୍ୟ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ଉତ୍କଳ ପ୍ରସଙ୍ଗର ଡିସେମ୍ବର ୧୯୯୮ ସଂଖ୍ୟାରେ "ମହା ମାନବର ଶିଶୁ ପ୍ରେମ", ସେପ୍‌ଟେମ୍ବର ୧୯୯୦ ସଂଖ୍ୟାରେ "ରାଧାକ୍ରିଷ୍ଣନ୍ ଐତିହ୍ୟର ମାନଦଣ୍ଡ" ଓ ଡିସେମ୍ବର ୧୯୯୦ ସଂଖ୍ୟାରେ "କାଲି ପାଇଁ ଛଣ ଛପରର ଘର" ପ୍ରବନ୍ଧ ପ୍ରକାଶ ପାଇ ପାଠକ ପାଠିକାମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଅଛି । କିନ୍ତୁ ଦୁଃଖର ବିଷୟ, ଗତ ମଇ ୧୯୯୨ ସଂଖ୍ୟାରେ ପ୍ରକାଶିତ "ସମାଜ ପ୍ରଗତିରେ ନାରୀ" ଶୀର୍ଷକ ପ୍ରବନ୍ଧରେ ଦୁଇଟି ଭୁଲ୍ ତଥ୍ୟ ରହିଯାଇଥିବା କଥା ବର୍ତ୍ତମାନ ଜଣାପଡ଼ିଅଛି । ଏହି ପ୍ରବନ୍ଧଟି ମୁଁ ପ୍ରାୟ ବର୍ଷକ ପୂର୍ବରୁ ପଠାଇଥିଲି । ପ୍ରକୃତରେ ଇନ୍ଦିରା ଗାନ୍ଧୀ ନୋବେଲ୍ ପୁରସ୍କାର ପାଇନଥିଲେ ଏବଂ ପ୍ରଥମ ମହିଳା ମହାକାଶଚାରୀଙ୍କ ନାମ ଶ୍ୱେତଲାନା ସାବିତସାୟା ବଦଳରେ ଭାଲେଣ୍ଟିନା ତେରେସ୍କୋଭା ହେବ । ଏଭଳି ସାଧାରଣ ଭୁଲ୍ ପାଇଁ ମୁଁ ଦୁଃଖୀତ ଏବଂ ଉତ୍କଳ ପ୍ରସଙ୍ଗର ପାଠକ ପାଠିକାବୃନ୍ଦ ଏହି ଭୁଲକୁ ଆମ ଦୃଷ୍ଟିକୁ ଆଣିଥିବାରୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି । ପାଠକ ପାଠିକାମାନେ ସେମାନଙ୍କ ମହନୀୟ ଗୁଣରେ ଏହା ଗ୍ରହଣ କରିନେବା ପାଇଁ ଅନୁରୋଧ ।

ମନୋରମା ମିଶ୍ର
ସହକାରୀ ଶିକ୍ଷୟିତ୍ରୀ, ରାଜ ଭବନ ପ୍ରାଥମିକ ବିଦ୍ୟାଳୟ,
୮ ନମ୍ବର, ଭୁବନେଶ୍ୱର–୧୭ ।

ସୂଚନା ଭବନ କୋଠା ବାଡି ପରିଷ୍କରଣ ପ୍ରେକ୍ଷାଳୟ ପରିଚାଳନା ଏବଂ ଭଣ୍ଡାର ଦାୟିତ୍ୱରେ ଜଣେ ପରିଚାଳକ ଅଛନ୍ତି ତାଙ୍କୁ ଜଣେ ଏଟେଣ୍ଡାଣ୍ଟ କାର୍ଯ୍ୟରେ ସହାୟତା କରନ୍ତି । ସୂଚନା ଭବନ ପ୍ରାଙ୍ଗଣରେ ଥିବା ବଗିଚ୍ଚା ଓ ପ୍ରେକ୍ଷାଳୟକୁ ସର୍ବଦା ସର୍ବାଙ୍ଗ ସୁନ୍ଦର କରି ସଜାଇ ରଖାଯାଇଥାଏ । କାରଣ ଜାତୀୟ ଓ ରାଜ୍ୟ ସ୍ତରୀୟ ସମସ୍ତ ଉଚ୍ଚ ସ୍ତରୀୟ ସରକାରୀ ଓ ବେସରକାରୀ ମର୍ଯ୍ୟାଦା ପୂର୍ଣ୍ଣ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୁଏ । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କ କାର୍ଯ୍ୟକ୍ରମ ପ୍ରଭୃତି ସାଧାରଣତଃ ସୂଚନା ଭବନ ପ୍ରେକ୍ଷାଳୟରେ ହିଁ ଅନୁଷ୍ଠିତ ହୁଏ । ଏତଦ୍ ବ୍ୟତୀତ ସୂଚନା କେନ୍ଦ୍ର କାର୍ଯ୍ୟାଳୟରେ ଜଣେ ବରିଷ୍ଠ କିରାଣୀ, ଜଣେ ବରିଷ୍ଠ ହିସାବ କିରାଣୀ, ଜଣେ କନିଷ୍ଠ କିରାଣୀ, ଜଣେ ଟାଇପିଷ୍ଟ, ଡାଇରିଷ୍ଟ, ୨ଜଣ ପିଅନ, ୪ଜଣ ଜଗୁଆଳୀ ଓ ୪ଜଣ ଝାଡୁଦାର ନିଯୁକ୍ତି ପାଇ ସୂଚନା ଅଧିକାରୀଙ୍କ ନିୟନ୍ତ୍ରଣରେ କାର୍ଯ୍ୟସମ୍ପାଦନା କରନ୍ତି ।

ସୂଚନା ଅଧିକାରୀ ଉପରୋକ୍ତ ଶାଖାଗୁଡ଼ିକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନିଅନ୍ତି ।

## ନିର୍ବାଚନ ଫଳାଫଳ ଘୋଷଣା :

ଲୋକସଭା ଓ ବିଧାନସଭା ନିର୍ବାଚନ ସମୟରେ ସୂଚନା ଭବନରେ ନିର୍ବାଚନ ଫଳାଫଳ ଘୋଷଣା ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ରାତିଦିନ କାର୍ଯ୍ୟ ସମ୍ପାଦନ କରାଯାଏ । ଏଥିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ବ୍ୟତୀତ ଟେ ଲି କମ୍ୟୁନିକେସନ, ପି:ଆଇ:ବି:, ଦୂରଦର୍ଶନ, ବେତାର, ସମ୍ବାଦିକ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ଏହିଠାରେ ନିର୍ବାଚନ ଫଳାଫଳ ବିଭିନ୍ନ ମାଧ୍ୟମ ତଥା ଫୋନ ହଟ୍ ଲାଇନ ଜରିଆରେ ସେମାନଙ୍କ ବିଭାଗୀୟ ମୁଖ୍ୟଙ୍କୁ ଯଥାଶୀଘ୍ର ଜଣାଇବା ଓ ଜନସାଧାରଣଙ୍କୁ ଯଥାଶୀଘ୍ର ଅବଗତ କରାଇବା ନିମନ୍ତେ କାର୍ଯ୍ୟ ସମ୍ପାଦନା କରନ୍ତି । ଏତଦ୍ ବ୍ୟତୀତ ଏକ ବୋର୍ଡ ଜରିଆରେ ଲୋକଙ୍କୁ ଓଡ଼ିଶା ସହିତ ସାରା ଭାରତର ନିର୍ବାଚନ ଫଳାଫଳ ଟେଲିପ୍ରିଣ୍ଟର ଓ ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ରାତି ଦିନ ଜଣାଇବା ଦିଗରେ ବ୍ୟବସ୍ଥା କରାଯାଇଥାଏ । ବିଶେଷତଃ ସାମ୍ବାଦିକମାନଙ୍କ ପାଇଁ ଟେଲେ କମ୍ୟୁନିକେସନ ବିଭାଗ ମାଧ୍ୟମରେ ଫାକ୍ସ ଫୋନ ହଟ୍ ଲାଇନ, ଟେଲିଗ୍ରାମ ଜରିଆରେ ମାଗଣାରେ ସମ୍ବାଦ ପ୍ରେରଣ ସୁବିଧା ଯୋଗାଇ ଦିଆଯାଇଥାଏ । ଗତ ୧୯୯୧ ନିର୍ବାଚନ ସମୟରେ ପ୍ରଥମଥର ପାଇଁ ସୂଚନା ଭବନରେ ଦୂରଦର୍ଶନ କେନ୍ଦ୍ର ଆନୁକୂଲ୍ୟରେ ବିଶିଷ୍ଟ ରାଜନୈତିକ ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ସାକ୍ଷାତକାର ସର୍ବଭାରତୀୟ ସ୍ତରରେ ଦୂରଦର୍ଶନ ମାଧ୍ୟମରେ ପ୍ରସାର ପାଇଁ live telecastର ବ୍ୟବସ୍ଥା କରାଯାଇଥିଲା ।

ଏହିପରି ଭାବେ ସୂଚନା ଭବନରେ ରାଜ୍ୟ ସୂଚନା କେନ୍ଦ୍ର ଭିତ୍ତିକ ପ୍ରତିଷ୍ଠାନ ତଥା ଜନସାଧାରଣଙ୍କୁ ସୂଚନା ସେବା ଯୋଗାଇ ରାଜ୍ୟରେ ଏକକ ସ୍ଥାନ ଅଧିକାର କରି କାର୍ଯ୍ୟ ସମ୍ପାଦନ କରିଆସୁଛି । ଏତଦ୍ ବ୍ୟତୀତ ସୂଚନା ଭବନ ପରିସର ମଧ୍ୟରେ ଏକ ସ୍ଥାୟୀ ଖୋଲାମଞ୍ଚ ନିର୍ମାଣ ନିମନ୍ତେ ୧୯୯୨-୯୩ ଆର୍ଥିକ ବର୍ଷରେ ୯ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଏଥି ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇ ପୂର୍ତ୍ତ ବିଭାଗ ଜରିଆରେ କାର୍ଯ୍ୟ ସମାପ୍ତ ନିମନ୍ତେ ପଦକ୍ଷେପ ନିଆଯାଉଛି ।

ଏହାର କାର୍ଯ୍ୟ ପରିସର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।

---

*ମଣ୍ଡଳ ସଂଗଠକ,*
*ପଲ୍ଲୀଶ୍ରୋତା ମଣ୍ଡଳୀ,*
*ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଫିସ୍*
*କଟକ-୨ ।*




ସାପ୍ତାହିକ ପତ୍ରିକା 'ସୁଦର୍ଶନ'ର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ।




ଅଧ୍ୟାପକ ରଶ୍ମିରଞ୍ଜନ ମହାନ୍ତି, ଓଡ଼ିଆ ବିଭାଗ,
ମା' କୁଟାମ ଚଣ୍ଡୀ ମହାବିଦ୍ୟାଳୟ,
ସାः/ପୋः/ଭାୟା—ଦେବୀଦୋଳ, କଟକ—୭୫୪୧୦୯ ।

* ମହାଶୟ, ଉତ୍କଳ ପ୍ରସଙ୍ଗ ରଥଯାତ୍ରା ବିଶେଷାଙ୍କ ପଢ଼ିଲି । ବାସ୍ତବିକ୍, ଏହି ସଂଖ୍ୟାଟି ମତେ ଖୁବ୍ ଆନନ୍ଦ ଦେଲା । ମୁଁ ବି ପଢ଼ିଲାବେଳେ ଭାବୁଥିଲି ଯେପରିକି ମୁଁ ହଜିଯାଉଛି ସେଇ ବଡ଼ ଦାଣ୍ଡରେ, କାଳିଆ ପାଖରେ । ସମସ୍ତ କବିତା ଓ ପ୍ରବନ୍ଧରେ ଏଭଳି ଆସକ୍ତି ଥିଲା ଯେ ଯେପରି ସ୍ୱୟଂ କାଳିଆ ଠାକୁରଙ୍କ ସହିତ କଥା ହେଲାଭଳି ଲାଗିଲା । ସମ୍ପାଦକଙ୍କ ଏଭଳି ଗୁରୁ ଦାୟିତ୍ୱକୁ ଅଶେଷ ଧନ୍ୟବାଦ । ମୁଁ ଲେଖା ପଠାଇବାକୁ ଚାହେଁ । ଆଶା, ଜଣାଇଲେ ନିଶ୍ଚୟ ପଠାଇବି । ମୋ ଲେଖା ପ୍ରାୟ ୩୦ଟି ପତ୍ରିକାରେ ତଥା ଏ.ଆଇ.ଆର୍., କଟକରେ ସ୍ଥାନ ପାଉଛି । ମୋ ଠିକଣାରେ କପି ପଠାଇଲେ, ମୁଁ ଟଙ୍କା ପୋଷ୍ଟ କରିଦେବି ।

** *ଆପଣଙ୍କ ଖୁସିରେ ଆମେ ମଧ୍ୟ ଆନନ୍ଦିତ । ଆପଣଙ୍କ ପ୍ରବନ୍ଧ ଉତ୍କଳ ପ୍ରସଙ୍ଗକୁ ପଠାଇବା ପାଇଁ କୌଣସି ଆପତ୍ତି ନାହିଁ । ପ୍ରବନ୍ଧ ପ୍ରକାଶ ପାଇଲା ପରେ ପାରିଶ୍ରମିକ ମଧ୍ୟ ଶହେ ଟଙ୍କା ପାଇବେ । ବାର୍ଷିକ ଗ୍ରାହକ ଚାନ୍ଦା ତିରିଶି ଟଙ୍କା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟରେ ଜମା ଦେବା ପରେ ହିଁ ଗ୍ରାହକମାନଙ୍କୁ ପତ୍ରିକା ପଠାଯାଇଥାଏ ।*

ଆଦିତ୍ୟ ହୃଦୟ ବେହେରା,
ଗ୍ରାମ—ଦେଉଳପଡ଼ା (ମରଦା),
ପୋଷ୍ଟ—ଦେଉଳପଡ଼ା,
ଭାୟା—ଶ୍ରୀବଳଦେବଜୀଉ, କଟକ ।

* ମହାଶୟ, ରଥଯାତ୍ରା ବିଶେଷାଙ୍କଟି ପଢ଼ି ମୋତେ ବହୁତ ଆନନ୍ଦ ଲାଗିଲା । ଏହା ଅତ୍ୟନ୍ତ ଶିକ୍ଷଣୀୟ ଓ ମନୋମୁଗ୍ଧକର । ଏହି ସଂଖ୍ୟାଟି ପ୍ରତ୍ୟେକ ପାଠକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ । ଉତ୍କଳ ପ୍ରସଙ୍ଗରେ ସମସ୍ତ ବିଷୟ ଶିକ୍ଷଣୀୟ ହୋଇପାରୁଛି । ପ୍ରଶ୍ନ (୧) ମୁଁ ଉତ୍କଳ ପ୍ରସଙ୍ଗର ଜଣେ ଗ୍ରାହକ ହେବା ପାଇଁ ଚାହେଁ, ଏଥିପାଇଁ କ'ଣ କରିବାକୁ ପଡ଼ିବ ଦୟାକରି ଜଣାଇବେ ।

** *ମତାମତ ପାଇଁ ଧନ୍ୟବାଦ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟରେ ଉତ୍କଳ ପ୍ରସଙ୍ଗର ବାର୍ଷିକ ଦେୟ ତିରିଶି ଟଙ୍କା ପୈଠ ଦେଇ ବାର୍ଷିକ ଗ୍ରାହକ ହୁଅନ୍ତୁ ।*

ପ୍ରଦୀପ୍ତ କୁମାର ପାଲ୍ (+୨ ଛାତ୍ର),
୩—ଆର୍—୫/୧, ୟୁନିଟ୍—୪,
ଭୁବନେଶ୍ୱର, ଜିଲ୍ଲା—ପୁରୀ ।

* ଆମ ଗାଁ ଡିରୋଳ ସୂଚନା କେନ୍ଦ୍ରକୁ ଉତ୍କଳ ପ୍ରସଙ୍ଗ ଦୁଇ ତିନି ମାସ ଡେରିରେ ଆସୁଛି । ଏଥିପାଇଁ ପ୍ରଶ୍ନକର୍ତ୍ତାଙ୍କ ପାଇଁ କୁପନରୁ ସମୟ ସୀମାଟି ବାଦ୍ ଦିଅନ୍ତୁ କିମ୍ବା ସମୟ ସୀମାକୁ ଆଉ ଏକ ମାସ ବଢ଼ାଇ ଦିଅନ୍ତୁ ।

ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାଠ "ପାଠକଙ୍କ କଲମରୁ" ବିଭାଗ ସୃଷ୍ଟି କରିଥିବାରୁ ବହୁତ ଧନ୍ୟବାଦ । କିନ୍ତୁ ପାଠକମାନଙ୍କର ମତାମତକୁ ଠିକ୍ ଭାବେ ଗ୍ରହଣ କଲେ ଆହୁରି ଭଲ ହୁଅନ୍ତା ।

** *ଓଡ଼ିଶାର ସମସ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନଙ୍କୁ ପ୍ରତ୍ୟେକ ମାସରେ ସେହି ମାସର ଉତ୍କଳ ପ୍ରସଙ୍ଗ ପଠାଯାଇଥାଏ । ସେମିତି କିଛି ବିଶେଷ ଅସୁବିଧା ନହେଲେ ପ୍ରାୟ ସମସ୍ତେ ଠିକ୍ ସମୟରେ ପାଇଥାଆନ୍ତି । ତେବେ, କେଉଁଠି କେମିତି ବେଳେବେଳେ ବିଳମ୍ବ ହୋଇଛି । ଏହା ଅନିଚ୍ଛାକୃତ, ସୁଧାରି ନେବାକୁ । ପ୍ରାୟ ସବୁ ଅଞ୍ଚଳରୁ ପାଠକ ପାଠିକାମାନେ ନିର୍ଦ୍ଧାରିତ ସମୟ ସୀମା ଭିତରେ କୁପନ୍ ବ୍ୟବହାର କରିବା ସୁଯୋଗ ପାଉଛନ୍ତି । ଅତଏବ୍ ସମୟ ସୀମା ଉଠାଇ ଦେବା ଆବଶ୍ୟକ ନାହିଁ । ପାଠକ ପାଠିକାମାନଙ୍କ ମତାମତକୁ ଉପଯୁକ୍ତ ବିଚାର କରିବା ପାଇଁ ହିଁ ଏ ବିଭାଗର ସୃଷ୍ଟି ।*

ଶ୍ରୀ ଅଶୋକ କୁମାର ଦାସ,
ଗ୍ରାମ–ଖୁଣ୍ଟି, ପୋଷ୍ଟ–ସଂସାରପଠଳି,
ଥାନା–ଅଳଙ୍କା, ଜିଲ୍ଲା–କଟକ ।

* ମହାଶୟ, "ମେ ୧୯୯୭" ସଂଖ୍ୟାରେ ଗୋକୁଳ ଚନ୍ଦ୍ର ପତିଙ୍କର ପ୍ରକାଶିତ ପ୍ରବନ୍ଧରେ ଉଲ୍ଲେଖ ଥିବା Embryo Transfer Technology ଉପରେ ଦୟାକରି କିଛି ବିଶେଷ ତଥ୍ୟ ଉପସ୍ଥାପନ କରନ୍ତୁ । ପ୍ରବନ୍ଧର ଶିରୋନାମା ଥିଲା "ଅଷ୍ଟମ ଯୋଜନାରେ ପଶୁ ସମ୍ପଦ ବିକାଶର ଆଭିମୁଖ୍ୟ" ।

** *ଆପଣଙ୍କ ଅନୁରୋଧ ରକ୍ଷା କରି ଉକ୍ତ ପ୍ରବନ୍ଧର ଲେଖକ ଶ୍ରୀ ଗୋକୁଳ ଚନ୍ଦ୍ର ପତି ଆଉ ଗୋଟିଏ ପ୍ରବନ୍ଧ ପଠାଇବାକୁ ଆମେ ମଧ୍ୟ ଅନୁରୋଧ କରୁଛୁ ।*

କବି ଶ୍ରୀ ପବିତ୍ର ଚରଣ ରାଉତ,
ସମ୍ପାଦକ, ଜୀବନ ସାହିତ୍ୟ ମଞ୍ଚ, କେନ୍ଦୁଝର,
ସାଃ–ମାଗୁର ଗାଡ଼ିଆ,
ପୋଷ୍ଟ/ଥାନା–କେନ୍ଦୁଝର ଗଡ଼,
ଜିଲ୍ଲା–କେନ୍ଦୁଝର ।

* ମହାଶୟ, ଆପଣଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଉକ୍ତ ପ୍ରବନ୍ଧ ଓ ୧୯୯୭ ସଂଖ୍ୟାରେ ଶ୍ରୀ ହରିହର ନନ୍ଦଙ୍କର ଲିଖିତ "କେନ୍ଦୁଝରରେ ଶ୍ରୀଶ୍ରୀବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା" ବିଷୟଟି ପଢ଼ି ଆନନ୍ଦିତ ହେଲି । ଏହି ପ୍ରବନ୍ଧଟି ଆମମାନଙ୍କର ଐତିହ୍ୟ, ସଂସ୍କୃତି ବିଷୟରେ ସୂଚନା ଦେବା ସଙ୍ଗେ ସଙ୍ଗେ ଆମେମାନେ କିପରି ଆମମାନଙ୍କର ସ୍ୱାସ୍ଥ୍ୟ ରକ୍ଷା କରିପାରିବା ଓ ପରିବେଶକୁ ନିର୍ମଳ ରଖିବା ବିଷୟରେ ସୂଚନା ଦେଉଥାଏ । ଏହିପରି ଲେଖା ପ୍ରକାଶ ପାଇଲେ ବହୁ ଲୋକ ଉପକୃତ ହେବେ ।

** *ମତାମତ ପାଇଁ ଧନ୍ୟବାଦ ।*

## ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

------------------------ CUT HERE ------------------------

ପ୍ରଶ୍ନ କର୍ତ୍ତାଙ୍କ ଠିକଣା

ନାମ ..........................

ଗ୍ରାମ ..........................

ପୋଷ୍ଟ ..........................

ଥାନା .................. ଜିଲ୍ଲା ..........

କେବଳ ୩୦/୯/୧୯୯୭ ପୂର୍ବରୁ ବ୍ୟବହାର ପାଇଁ

ମତାମତ ବା ପ୍ରଶ୍ନ

..........................................................

..........................................................

..........................................................

..........................................................

..........................................................

..........................................................

..........................................................

..........................................................


..........................................................

..........................................................

..........................................................

..........................................................

ସ୍ୱାକ୍ଷର








# ଟାପିଓକା ଚାଷ ମାଧ୍ୟମରେ ଅପୁଷ୍ଟି ଦୂରୀକରଣ

ଟାପିଓକାକୁ ସ୍ଥଳ ବିଶେଷରେ କାଶାଭା ମଧ୍ୟ କୁହାଯାଇଥାଏ । ଏଥିରୁ ପ୍ରସ୍ତୁତ ଖାଦ୍ୟପଦାର୍ଥ ଯଥା–ପାଉଁରୁଟି, ବିସ୍କୁଟ ଆଦି ବଜାରରେ ବହୁଳ ଭାବେ ମିଳୁଛି । ଟାପିଓକାରୁ ପ୍ରସ୍ତୁତ ଅନ୍ୟାନ୍ୟ ପଦାର୍ଥମାନଙ୍କ ମଧ୍ୟରେ ସାଗୁ, ଚିପ୍ସ, ମଦ୍ୟ ଓ ଲଣ୍ଡ୍ରି ପାଇଁ ଦରକାର ହେଉଥିବା ପଦାର୍ଥ ଆଦି ପ୍ରଧାନ । ଏହା ମଧ୍ୟ କାଗଜ କଳ ଓ ଅନ୍ୟାନ୍ୟ ଶିଳ୍ପ ପାଇଁ କଞ୍ଚାମାଲ୍ ରୂପେ ବ୍ୟବହୃତ ହେଉଛି । କର୍ଣ୍ଣାଟକର ମହୀଶୂରଠାରେ ଥିବା କେନ୍ଦ୍ରୀୟ ଖାଦ୍ୟ ଗବେଷଣା ପ୍ରତିଷ୍ଠାନରେ କାଶାଭାରୁ ମାଙ୍ଗୋନି ନାମକ ଏକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇଛି । ଯାହାକି ଚାଉଳ ବଦଳରେ ବ୍ୟବହୃତ ହୋଇ ପାରିବ ବୋଲି ଆଶା କରାଯାଏ । କେତେକ ଦେଶରେ ଲୋକମାନେ କାଶାଭାକୁ ସେମାନଙ୍କର ମୁଖ୍ୟ ଖାଦ୍ୟ ରୂପେ ମଧ୍ୟ ଗ୍ରହଣ କରିଥାନ୍ତି ।

ଗଛର ମୂଳରେ ଫଳୁଥିବା ଟାପିଓକାରେ ଯଥେଷ୍ଟ ପରିମାଣରେ ଖାଦ୍ୟସାର ରହିଛି । ଏଥିରେ ଶତକଡ଼ା ୩୮ ଭାଗ ଶ୍ୱେତସାର ସହିତ ଯଥେଷ୍ଟ ପରିମାଣରେ ଖଣିଜ ଲବଣ, ସ୍ନେହସାର ଓ ଭିଟାମିନ୍ ରହିଛି । ଅବଶ୍ୟ ଏଥିରେ ଥିବା ପୁଷ୍ଟିସାର ପରିମାଣ ଯଥେଷ୍ଟ କମ୍ ଅର୍ଥାତ୍ ଶତକଡ଼ା ୦·୬ ଭାଗ ମାତ୍ର । ତେଣୁ ଟାପିଓକାକୁ ନିଜର ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରି ନେଇଥିବା ଲୋକମାନେ କ୍ୱାସିଓରକର ନାମକ ଏକ ରୋଗର ଶିକାର ହୋଇଥାନ୍ତି । ଶରୀରରେ ପୁଷ୍ଟିସାରର ଅଭାବ ଦେଖାଗଲେ ଏହି ରୋଗ ହେଉଥିବାର ଜଣାଯାଏ । ଏହାର ସମାଧାନ ପାଇଁ ଟାପିଓକାରୁ ଖାଦ୍ୟ ପ୍ରସ୍ତୁତ କଲାବେଳେ ରାଇଜୋଫସ୍ ନାମକ ଏକ ପଦାର୍ଥ ମିଶାଇବାକୁ ପରାମର୍ଶ ଦିଆଯାଉଛି । ଏହା ଦ୍ୱାରା ଖାଦ୍ୟରେ ପୁଷ୍ଟିସାର ପରିମାଣ ବୃଦ୍ଧି ପାଇପାରିବ । ତା'ଛଡ଼ା ଅଧିକ ପୁଷ୍ଟିସାର ଥିବା ବିହନ କିସମମାନ ମଧ୍ୟ ଆବିଷ୍କାର କରିବାକୁ ବୈଜ୍ଞାନିକମାନେ ସକ୍ଷମ ହେଲେଣି ।

ଟାପିଓକା ଖାଇବାର ଅନ୍ୟ ଏକ ସମସ୍ୟା ହେଉଛି ଏଥିରେ ଥିବା ବିଷାକ୍ତ ପଦାର୍ଥ । ଟାପିଓକାରେ ସିଆନୋଜେନିକ୍ ଗ୍ଲୁକୋସାଇଡ୍ ନାମକ ଏକ ବିଷାକ୍ତ ପଦାର୍ଥ ଥାଏ । ପରବର୍ତ୍ତୀ ଅବସ୍ଥାରେ ଏହା ରାସାୟନିକ ପ୍ରକ୍ରିୟାରେ ହାଇଡ୍ରୋଜେନ୍ ସିଆନାଇଡ୍‌ରେ ପରିଣତ ହୋଇଥାଏ । ପ୍ରତି ଏକ କିଲୋଗ୍ରାମ୍ ଟାପିଓକାରେ ୧୦ରୁ ୪୯୦ ମିଲିଗ୍ରାମ୍ ପର୍ଯ୍ୟନ୍ତ ହାଇଡ୍ରୋଜେନ୍ ସିଆନାଇଡ୍ ରହିଥିବାର ଜଣାଯାଏ । ମରୁଡ଼ି ପ୍ରପୀଡ଼ିତ, ଅନୁର୍ବର ତଥା ପଟାସ୍ ସାର ଅଭାବ ଥିବା ମାଟିରେ ଏହି ବିଷାକ୍ତ ପଦାର୍ଥ ଅଧିକ ଦେଖାଯାଇଥାଏ । ଟାପିଓକାକୁ ସିଝାଇ ଖାଇଲେ ଏହି ବିଷାକ୍ତ ପଦାର୍ଥର ପ୍ରଭାବ କମିଯାଇଥାଏ ।

ଟାପିଓକା ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବରୁ ଚାଷ କରାଯାଉଅଛି । ଏହା ପ୍ରଥମେ ଦକ୍ଷିଣ ଆମେରିକାରେ ଚାଷ କରାଯାଉଥିବାର ଜଣାଯାଏ । ପରେ ଏହାର ଚାଷ ଆଫ୍ରିକା ଓ ଏସିଆ ମହାଦେଶର ଦେଶମାନଙ୍କୁ ବ୍ୟାପିଯାଇଥିଲା । ଟାପିଓକା ଚାଷ କରାଯାଉଥିବା ମୁଖ୍ୟ ଦେଶମାନଙ୍କ ମଧ୍ୟରେ ବ୍ରାଜିଲ୍, ଥାଇଲାଣ୍ଡ, ଇଣ୍ଡୋନେସିଆ, ଭାରତ ଆଦି ମୁଖ୍ୟ ସ୍ଥାନ ଗ୍ରହଣ କରିଛି । ଟାପିଓକା ଗଛର ଚେରକୁ ଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ । ଗଛ ସାଧାରଣତଃ ୩ ଫୁଟରୁ ୧୬ ଫୁଟ ଉଚ୍ଚ ପର୍ଯ୍ୟନ୍ତ ହୋଇଥାଏ । ଚେରଗୁଡ଼ିକ ପ୍ରାୟ ଦୁଇ ଇଞ୍ଚ ମୋଟା ଓ ୪ ଇଞ୍ଚ ଲମ୍ବର ହୋଇଥାଏ । ସ୍ଥଳ ବିଶେଷରେ ସେଗୁଡ଼ିକ ବଡ଼ ଆକାରର ମଧ୍ୟ ହୋଇଥାଏ ।

ବିଭିନ୍ନ ଜଳବାୟୁ ତଥା ମୃତ୍ତିକାରେ ଟାପିଓକା ଚାଷ କରାଯାଇ ପାରିବ । ଅତି ଅମ୍ଳରୁ ଅତି ଗରମ ଜଳବାୟୁ, ଅମ୍ଳରୁ କ୍ଷାରୀ ମାଟିରେ ଏହା ଚାଷ କରାଯାଇ ପାରିବ । ଉଭୟ ବୃଷ୍ଟି ବହୁଳ ଓ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଟାପିଓକା ଚାଷ କରାଯିବା ସମ୍ଭବ । ସେହିପରି ସମୁଦ୍ର ପଉନଠାରୁ ଆରମ୍ଭ କରି ୩,୩୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଳଭୂମି ଅଞ୍ଚଳରେ ଏହା ଚାଷ କରାଯିବା ସମ୍ଭବ । ଅବଶ୍ୟ ସ୍ଥଳ ବିଶେଷରେ ଏହାର ଉତ୍ପାଦନ ହ୍ରାସ ବୃଦ୍ଧି ଘଟିଥାଏ । ଆମ ରାଜ୍ୟର ଟାପିଓକା ଚାଷ କରିବା ସେତେ କଷ୍ଟସାଧ୍ୟ ନୁହେଁ । ଆମ ରାଜ୍ୟର ପାହାଡ଼ ଅଞ୍ଚଳରେ ଏହା ବହୁଳ ଭାବେ ଚାଷ କରାଯାଇ ପାରିବ ବୋଲି ଜଣାଯାଇଛି ।

ଟାପିଓକା ଲଗାଇବା ପାଇଁ ମୁଖ୍ୟତଃ ଡାଳ ବ୍ୟବହାର କରାଯାଇଥାଏ । ଏଥିପାଇଁ ୮-୧୦ ମାସ ଗଛର ତଳ ବା ମଝି ଅଂଶରୁ ଡାଳ ଅଣାଯାଏ । ଏହାକୁ କାଟି ଛଅରୁ ଆଠ ଇଞ୍ଚ ଲମ୍ବ ଖଣ୍ଡମାନ ବାହାର କରାଯାଏ । ପ୍ରତି ଖଣ୍ଡରେ ଅନ୍ତତଃ ତିନୋଟି ଗଣ୍ଠି ଥିବା ଆବଶ୍ୟକ । ବ୍ରାଜିଲ୍‌ରେ ୧୮-୨୪ ଇଞ୍ଚ ଲମ୍ବର ଡାଳମାନ ମଧ୍ୟ ବ୍ୟବହାର କରାଯାଇଥାଏ ।

ବର୍ଷାଋତୁ ଆରମ୍ଭରେ ଟାପିଓକା ଲଗାଯାଇଥାଏ । ଡାଳଗୁଡ଼ିକୁ ସିଆର କରି ବା ସିଧାସଳଖ ଲଗାଯାଇପାରେ । ପାଣି ଜମି ରହିବାର ସମ୍ଭାବନା ଥିବା ଅଞ୍ଚଳରେ ଛଅ ଇଞ୍ଚ ଉଚ୍ଚର ହୁଡ଼ା ଟେକି ଏହି ଡାଳଗୁଡ଼ିକୁ ଲଗାଯାଇପାରେ । କଟା ଡାଳଗୁଡ଼ିକୁ ମାଟି ଉପରେ ସାମାନ୍ୟ ବଙ୍କେଇ ଲଗାଯାଏ । ଯେପରି ଡାଳର ଅଧା ଅଂଶ ମାଟି ଭିତରେ ରହିବ ଓ ଅନ୍ୟ ଭାଗ ମାଟି ଉପରକୁ ଦେଖାଯିବ ।

ବେଶୀ ବର୍ଷା ହେଉନଥିବା ଅଞ୍ଚଳରେ ଡାଳଖଣ୍ଡଗୁଡ଼ିକୁ ମାଟି ଭିତରେ ଶୁଆଇ ଦେଇ ଲଗାଯାଇପାରେ । ଏଗୁଡ଼ିକ ମାଟିର ୪ ଇଞ୍ଚ ଗଭୀରରେ ରହିବା ଉଚିତ । ଏହି ପ୍ରଣାଳୀରେ ଲଗାଇଲେ ଡାଳର ଅଧିକ ଅଂଶ ମାଟି ସଂସ୍ପର୍ଶରେ ଆସେ ଓ ଅଧିକ ଖାଦ୍ୟ ସାର ଗ୍ରହଣ କରିଥାଏ ।

ଟାପିଓକା ଚାଷ ପାଇଁ ଏକର ପିଛା ପାଞ୍ଚ ଟନ୍ ଖତ ଦେବା ଉଚିତ । ଏଥି ସହିତ ଏକର ପିଛା ୪୦ କିଲୋଗ୍ରାମ୍ ଯବକ୍ଷାରଜାନ, ୩୦ କିଲୋଗ୍ରାମ୍ ଫସ୍‌ଫରସ୍ ଏବଂ ୪୦ କିଲୋଗ୍ରାମ୍ ପଟାସ୍ ସାର ଦେବା ଉଚିତ ।

ଟାପିଓକାର ବିଭିନ୍ନ କିସମମାନଙ୍କ ମଧ୍ୟରେ ଶ୍ରୀପ୍ରକାଶ, ଶ୍ରୀବିଶାଖମ୍, ଶ୍ରୀସହାସ୍, ଏମ୍-୪, ହାଇବ୍ରିଡ୍-୧୬୨୫, ଏମ୍.ଇ-୧୧୨, ଏମ୍.ଭି.ଡି.-୧ ଅନ୍ୟତମ ।

ଲଗାଇଲା ବେଳେ ଗଛରୁ ଗଛ ଦୂରତ୍ୱ ଅଢ଼େଇ ଫୁଟ ରଖିବା ଉଚିତ । ଅଧିକ ଡାଳ ହେଉଥିବା କିସମ ଲଗାଉଥିଲେ ଏହି ଦୂରତ୍ୱକୁ ତିନି ଫୁଟକୁ ବୃଦ୍ଧି କରାଯାଇପାରେ ।

ଲଗାଇଥିବା ଡାଳରୁ ଗଛ ହେଲେ ଗୋଟିଏ ବୁଦାରେ ମାତ୍ର ଦୁଇଟି ଗଛ ରଖି ଅନ୍ୟଗୁଡ଼ିକୁ ନଷ୍ଟ କରିଦେବା ଉଚିତ । ଅନ୍ୟାନ୍ୟ ଫସଲ ପରି ଟାପିଓକା କିଆରୀରୁ ଘାସ ବାଛି କୋଡ଼ାଖୁସା କରିବା ଦରକାର । ଆବଶ୍ୟକ ହେଲେ ଖରାଦିନେ ପାଣି ମଡ଼ାଇବାର ସୁବିଧା କରିବା ଉଚିତ । ଟାପିଓକା କିଆରୀରେ ଅନ୍ତଃ ଫସଲ ଭାବେ ଝୁଡ଼ୁଙ୍ଗ, ବିନ୍, ଚିନାବାଦାମ ଆଦି ଚାଷ କରାଯାଇପାରେ ।

ଟାପିଓକା ଗଛରେ ବେଶୀ ରୋଗ ପୋକ ଲାଗିବାର ଦେଖାଯାଏ ନାହିଁ । ତେବେ ମୋଜାଇକ୍ ରୋଗ ଯୋଗୁଁ ଟାପିଓକା ଅମଳ କମିଯାଇଥାଏ । ଏକ ଗବେଷଣାରୁ ଜଣାଯାଏ ଯେ ଏହି ରୋଗ ଯୋଗୁଁ ଟାପିଓକା ଅମଳ ଶତକଡ଼ା ୨୦ରୁ ୮୦ ଭାଗ ପର୍ଯ୍ୟନ୍ତ ହ୍ରାସ ପାଇପାରେ । ଏହା ଏକ ଭୂତାଣୁ ଜନିତ ରୋଗ । ତେଣୁ ଭୂତାଣକୁ ବୋହି ନେଉଥିବା ଧଳା ମାଛିକୁ ଦମନ କରିପାରିଲେ ଏହି ରୋଗ ହୋଇନଥାଏ ।

ଲଗାଇବାର ପ୍ରାୟ ଦଶମାସ ପରେ ଟାପିଓକା ଅମଳ ପାଇଁ ଉପଯୁକ୍ତ ହୋଇଥାଏ । ଗଛର ପତ୍ର ହଳଦିଆ ପଡ଼ି ଝଡ଼ିବାକୁ ଆରମ୍ଭ କଲେ ଟାପିଓକା ଅମଳ କରିବା ଦରକାର । ଫାଉଡ଼ା ସାହାଯ୍ୟରେ ମାଟି ଖୋଳି ଟାପିଓକା ଅମଳ କରାଯାଇଥାଏ । ଅନେକ ସ୍ଥାନରେ ଟ୍ରାକ୍ଟର ଦ୍ୱାରା ମଧ୍ୟ ଟାପିଓକା ଅମଳ କରାଯାଇଥାଏ । ଏକ ଏକର ବିଲରୁ ପ୍ରାୟ ୧୨୦ କ୍ୱିଣ୍ଟାଲ ଟାପିଓକା ମିଳିଥାଏ ।


ଅମଳ ପରେ ଏହାକୁ କାରଖାନାକୁ ନେବାକୁ ହୁଏ । ୪୮ ଘଣ୍ଟାରୁ ଅଧିକ ରହିଲେ ଟାପିଓକା ଖରାପ ହୋଇଯିବାର ସମ୍ଭାବନା ରହିଛି । ଏହା ସହିତ ରାସାୟନିକ ପଦାର୍ଥ ଗୋଳାଇଲେ ଅଧିକ ଦିନ ପର୍ଯ୍ୟନ୍ତ ରଖାଯାଇ ପାରିବ । କମ୍ ତାପମାପୀରେ ଟାପିଓକାକୁ ରଖିଲେ ମଧ୍ୟ ବେଶୀ ଦିନ ପର୍ଯ୍ୟନ୍ତ ସାଇତା ଯାଇପାରିବ ।

ଟାପିଓକାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାର ଜଣାପଡ଼ିଛି । ଇକ୍ୱେଡରରେ ଚିଙ୍ଗୁଡ଼ିମାନଙ୍କର ଖାଦ୍ୟ ରୂପେ ଏହା ବ୍ୟବହୃତ ହେଉଛି । ତେଣୁ ଚିଙ୍ଗୁଡ଼ି ଚାଷରେ ଟାପିଓକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେ ଦେଶରେ ଟାପିଓକା ଚାଷ ପାଇଁ କୃଷକମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି ।

ଆଜିକାଲି ପ୍ରାଣୀମାନଙ୍କ ପାଇଁ ଖାଦ୍ୟପଦାର୍ଥ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ଟାପିଓକା ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି । ମକା ଓ ଅନ୍ୟାନ୍ୟ ଶସ୍ୟ ଦାନାର ମୂଲ୍ୟ ତୁଳନାରେ ଟାପିଓକା ଶସ୍ତାରେ ମିଳୁଥିବାରୁ ଲୋକମାନେ ଟାପିଓକା ବ୍ୟବହାର କରିବା ପାଇଁ ଚିନ୍ତା କରୁଛନ୍ତି ।

ଆଗାମୀ ଯୁଗରେ ଟାପିଓକା ଚାଷ ଏକ ମୁଖ୍ୟ ସ୍ଥାନ ଗ୍ରହଣ କରିବ । ଏହା ସମ୍ପ୍ରତି କେରଳରେ ଏକ ପ୍ରମୁଖ ଫସଲ ହିସାବରେ ଚାଷ କରାଯାଉଅଛି । ଓଡ଼ିଶାର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଥିବା ଚାଷୀମାନେ ଟାପିଓକା ଚାଷ କରିବା ପାଇଁ ଆଗଭର ହେଲେ ସେମାନେ ମରୁଡ଼ିର ମୁକାବିଲା କରିପାରିବା ସହିତ ନିଜର ଖାଦ୍ୟ ଚାହିଦା ମଧ୍ୟ ପୂରଣ କରିପାରିବେ ।

*ସୁବାସ ସାହୁ,*
*ଦୂରଶିକ୍ଷା କାର୍ଯ୍ୟକ୍ରମ,*
*ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,*
*ଭୁବନେଶ୍ୱର ।*



# ସମ୍ବାଦ ପରିକ୍ରମା

## ବାଲିଅନ୍ତାରେ ଜାତୀୟ ସଂହତି ଶିବିର

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅଧୀନସ୍ଥ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଦଶଦିନବ୍ୟାପୀ ଏକ ଜାତୀୟ ସଂହତି ଶିବିର ପୁରୀ ଜିଲ୍ଲାର ବାଲିଅନ୍ତା ହାଇସ୍କୁଲ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଏହି ଶିବିର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ଅର୍ଥ ମନ୍ତ୍ରୀ ଶ୍ରୀ ବେଦପ୍ରକାଶ ଅଗ୍ରୱାଲା ମୁଖ୍ୟ ଅତିଥି ଓ ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

ଉକ୍ତ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ରାଜ୍ୟରୁ ମୋଟ ୧୦୮ ଜଣ ଯୁବକ-ଯୁବତୀ ଯୋଗ ଦେଇଥିଲେ । ଶିବିରାର୍ଥୀମାନେ ଏକ ସର୍ବସାଧାରଣ ରାସ୍ତାର ମରାମତି, ଗଣ ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି, ସ୍ୱାସ୍ଥ୍ୟ ଓ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି, ଗ୍ରାମ ସଫେଇ, ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଆଦି ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଭିନ୍ନ ଦିବସରେ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର, ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ୀ, ଅଧ୍ୟାପକ ରମାକାନ୍ତ ମିଶ୍ର, କବି ହୁସେନ ରବି ଗାନ୍ଧୀ, ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀ ପ୍ରଭଞ୍ଜନ ପରିଡ଼ା, ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସମ୍ପାଦକ ଶ୍ରୀ ଧୀରେନ ପଟ୍ଟନାୟକ, ସତ୍ୟ ରଞ୍ଜନ ମହାନ୍ତି, ବିଧାୟକ ଉମାବଲ୍ଲଭ ରଥ, ସମାଜସେବୀ ସର୍ବଶ୍ରୀ ରାମଚନ୍ଦ୍ର ପଣ୍ଡା, ସୁବ୍ବାରାଓ ପ୍ରମୁଖ ଓ ସିଦ୍ଧେଶ୍ୱରୀ ବର୍ମା ପ୍ରମୁଖ ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

'ପିକକ୍'ର ଅଧ୍ୟକ୍ଷ ଡଃ ଅଚ୍ୟୁତାନନ୍ଦ ପଟ୍ଟନାୟକ ଓ ସମ୍ପାଦକ ଶ୍ରୀ ରଞ୍ଜନ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ସଂଯୋଜକ ଅଧ୍ୟାପକ ଦିଲ୍ଲୀପ ଶ୍ରୀଚନ୍ଦନ ଉକ୍ତ ଶିବିର ପରିଚାଳନା କରିଥିଲେ । ଉଦ୍‌ଯାପନ ଉତ୍ସବରେ ସଂସ୍କୃତି ଓ ସୂଚନା ମନ୍ତ୍ରୀ ଶ୍ରୀ ଶରତ କୁମାର କର ମୁଖ୍ୟ ଅତିଥି, ପେନସନ ମନ୍ତ୍ରୀ ଡଃ ପ୍ରସନ୍ନ ପାଟଶାଣୀ ସମ୍ମାନିତ ଅତିଥି ଓ କ୍ରୀଡ଼ା ନିର୍ଦ୍ଦେଶକ ଡଃ ବିମଳେନ୍ଦୁ ମହାନ୍ତି ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ ।

## କଳା ଓ ସଂସ୍କୃତିକୁ ବଞ୍ଚାଇବା ନିମନ୍ତେ ଜନ ସଚେତନତା ସୃଷ୍ଟି ହେବା ଆବଶ୍ୟକ ।

—ମୁଖ୍ୟମନ୍ତ୍ରୀ

ଗତ ଜୁନ୍‌ମାସ ୮ ତାରିଖ ପୂର୍ବାହ୍ନରେ ଜୟଦେବ ରାଜ୍ୟ ସଂଗ୍ରହାଳୟ ପରିସର ମଧ୍ୟରେ ଏକକୋଟି ନବେ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଯାଉଥିବା ସଂସ୍କୃତି ଭବନର ଭୂମି ପୂଜା ଉତ୍ସବରେ ଯୋଗ ଦେଇ, ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କହିଲେ ଯେ, କଳା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଜନ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି । ସେ ପୁଣି କହିଲେ ଯେ ଆଶା ଓ ଆକାଂକ୍ଷା ପୂରଣ କରିବା ଆମର କର୍ତ୍ତବ୍ୟ । ଜାତିକୁ ବଞ୍ଚି ରହିବା ପାଇଁ ହେଲେ ତା'ର ଆଶା ଓ ଆକାଂକ୍ଷାକୁ ମଧ୍ୟ ବଞ୍ଚାଇ ରଖିବାକୁ ହେବ । କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଆମର ଯେଉଁ ଆଶା ଓ ଆକାଂକ୍ଷା, ତାକୁ ପୂରଣ କରିବା ନିମନ୍ତେ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଏହି ସଂସ୍କୃତି ଭବନ ନିର୍ମାଣ କାର୍ଯ୍ୟ ଅନ୍ୟତମ । ତେବେ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସଂସ୍କୃତି ଭବନ ନିର୍ମାଣ ସାଙ୍ଗକୁ, ଜନସାଧାରଣ ସେଥି ସହିତ ଯେଉଁଭଳି ପୂର୍ଣ୍ଣମାତ୍ରାରେ ସମ୍ପୃକ୍ତ ରହନ୍ତି, ସେ ଦିଗରେ ଉଦ୍ୟମ ନିମନ୍ତେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ବିଭିନ୍ନ ଦେଶ ବିଦେଶରେ ଏଭଳି ସଂସ୍କୃତି ଭବନ ନିର୍ମାଣ କରାଯାଇ, ସେମାନଙ୍କ ସଂସ୍କୃତିକୁ ବଞ୍ଚାଇ ରଖିବାରେ କିଭଳି ଜନ ସହଯୋଗ ଓ ସାହାଯ୍ୟ ଦିଆଯାଇଥାଏ ତାହା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଆମ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଓ ଜନସାଧାରଣ ଏ

କ୍ଷେତ୍ରରେ ସହାୟତା କରିବାରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ସେ ପୁଣି କହିଲେ ଯେ, ପୂର୍ବେ ଲୋକେ ପାଲା, ଦାସକାଠିଆ ଓ ଥିଏଟର ପ୍ରଭୃତି ଦେଖିବା ପାଇଁ ଯେଉଁ ଆଗ୍ରହ ପ୍ରକାଶ କରିଥିଲେ, ବର୍ତ୍ତମାନ କେବଳ ସିନେମା ଓ ଭିଡ଼ିଓ କାର୍ଯ୍ୟକ୍ରମରେ ବିଶେଷ କରି ସହରବାସୀ ସନ୍ତୁଷ୍ଟ ରହୁଥିବା ହେତୁ, ଆମର ସଂସ୍କୃତ ସମ୍ପନ୍ନ ଥିଏଟର ଓ ପାଲା ସବୁ ମୃତପ୍ରାୟ ହୋଇ ପଡୁଛି । ପୁରାତନ କଳା ସଂସ୍କୃତି ଓ ନୃତ୍ୟ ନାଟିକା ପ୍ରଭୃତିର ବ୍ୟାପକ ପ୍ରସାର ନିମନ୍ତେ ସବୁ ସ୍ତରରେ ଉଦ୍ୟମ କରାଯାଇ ଜନଚେତନା ସୃଷ୍ଟି ନିମନ୍ତେ ସେ ଆହ୍ୱାନ ଦେଇଥିଲେ ।

ଏହି ଉତ୍ସବରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ପୌରହିତ୍ୟ କରି କହିଲେ ଯେ, ଆମର ଅନେକ ଦିନର ସ୍ୱପ୍ନ ଆଜି ସଫଳ ହେବାକୁ ଯାଉଛି । ଏହି ସଂସ୍କୃତି ଭବନ ନିର୍ମାଣ ପାଇଁ ବର୍ତ୍ତମାନ ଷୋଳିଶି ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ପ୍ରକାଶ କରି ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥର ବ୍ୟବସ୍ଥା କରି ଏହାକୁ ଏକ ତିନି ତାଲା ବିଶିଷ୍ଟ ସଂସ୍କୃତି ଭବନରେ ପରିଣତ କରାଯାଇ, ପ୍ରେକ୍ଷାଳୟ ସହ ସମସ୍ତ ଏକାଡେମୀଗୁଡ଼ିକୁ ଏକତ୍ରିତ କରି ଭବନରେ ରଖାଯିବ ବୋଲି ସେ ସୂଚାଇଥିଲେ । ଏତଦ୍ ବ୍ୟତୀତ ଭୁବନେଶ୍ୱର 'ଲେକ୍'ଠାରେ ଖୁବ୍ ଶିଘ୍ର ଆଉ ଏକ 'ସଂସ୍କୃତି ଭବନ' ମଧ୍ୟ ନିର୍ମାଣ ହେବା ଏବଂ ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଅନ୍ୟ ଏକ ସଂସ୍କୃତି କମ୍ପ୍ଲେକ୍ସ ନିର୍ମାଣର ପରିକଳ୍ପନା ରହିଥିବା କଥା ମନ୍ତ୍ରୀ ଶ୍ରୀ କର ପ୍ରକାଶ କରିଥିଲେ । କଟକର ଜେଲ୍ ଯାଗାରେ ଏକ ଅତ୍ୟାଧୁନିକ ସଂସ୍କୃତି କମ୍ପ୍ଲେକ୍ସ ନିର୍ମାଣ ମଧ୍ୟ ହାତକୁ ନିଆଯାଉଥିବା ସେ ସୂଚାଇଥିଲେ । ତେବେ ପୂର୍ବତନ ସରକାର ଯେଉଁଭଳି କୌଣସି ପ୍ରକଳ୍ପ ପ୍ରସ୍ତୁତ ନକରି, କେବଳ ଭିତ୍ତି ପ୍ରସ୍ତର ସ୍ଥାପନ କରିଯାଇଥିଲେ, ବର୍ତ୍ତମାନ ତାହା ନକରି ସମସ୍ତ ପ୍ରକଳ୍ପର ନକ୍ସା ଓ ଅର୍ଥ ଅଟକଳ କରାଯାଇ, ଏହିଭଳି ଭୂମିପୂଜା ଓ ଭିତ୍ତି ପ୍ରସ୍ତରମାନ ଦିଆଯାଉଥିବା ଶ୍ରୀ କର ପ୍ରକାଶ କରି, ଏହି ସଂସ୍କୃତି ଭବନ ଆସନ୍ତା ଦୁଇ ତିନି ବର୍ଷ ମଧ୍ୟରେ ଶେଷ ହେବ ବୋଲି କହିଥିଲେ ।

ପୂର୍ବରୁ ସଂସ୍କୃତି ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ କହିଲେ ଯେ, ଏହି ଭବନ ନିର୍ମାଣ ଫଳରେ ଗତ ୧୯୬୨-୬୨ ରୁ ବିଭାଗର ବିଭିନ୍ନ ଶାଖା ପାଇଁ ଅଭାବ ପରିଲକ୍ଷିତ ହୋଇଥିବା ଗୃହ ସମସ୍ୟା ଅଚିରେ ଦୂର ହୋଇପାରିବ । ରାଜ୍ୟର କଳା ଓ ସଂସ୍କୃତିର ବ୍ୟାପକ ପ୍ରସାର ନିମନ୍ତେ ସରକାର ଭୁବନେଶ୍ୱର ଓ କଟକ ସମେତ ବାରିପଦା, ପୁରୀ ଓ ଲଳିତଗିରିଠାରେ ଗୋଟିଏ କରି ସଂସ୍କୃତି ଭବନ ନିର୍ମାଣ ପାଇଁ ଅର୍ଥ ବରାଦ କରାଯାଇଥିବା ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ।

ଶେଷରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସନ୍ତା ଅକ୍ଟୋବର ୨ ତାରିଖ ସୁଦ୍ଧା ନୂଆ ଜିଲ୍ଲା ପରିଷଦ କାର୍ଯ୍ୟକାରୀ ହେବ

—ମନ୍ତ୍ରୀ ଡାଃ ରାଉତ

ପଞ୍ଚାୟତ ଓ ପଞ୍ଚାୟତ ସମିତି ନିର୍ବାଚନ ପରେ ପରେ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଗଲାଣି ଏବଂ ଆସନ୍ତା ଅକ୍ଟୋବର ମାସ ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଦିବସଠାରୁ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ, ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃ ପ୍ରଚଳନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଯେଉଁ ସଂଶୋଧିତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଆଇନ ଏବଂ ନୂଆ ଜିଲ୍ଲା ପରିଷଦ ଆଇନ ପ୍ରଣୟନ କରିଥିଲେ ତାରି ଭିତ୍ତିରେ ସମଗ୍ର ରାଜ୍ୟରେ ୫୨୬୩ ଗ୍ରାମ ପଞ୍ଚାୟତରେ ୱାର୍ଡ ମେମ୍ବର, ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଭ୍ୟମାନଙ୍କ ପାଇଁ ଏ ମଧ୍ୟରେ ନିର୍ବାଚନ ଶେଷ ହୋଇଛି । ନାଏବ୍ ସରପଞ୍ଚ ତଥା ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଓ ଭାଇସ୍ ଚେୟାରମ୍ୟାନ୍ ନିର୍ବାଚନ ଆସନ୍ତା ୨୯ ଓ ୩୦ ତାରିଖ ସୁଦ୍ଧା ଶେଷ ... ଚେୟାରମ୍ୟାନ୍ ନିର୍ବାଚନ ଜୁନ୍ ୨୯ ଓ ୩୦ ତାରିଖ ସୁଦ୍ଧା ଶେଷ ହୋଇ ସାରିଛି । ଏହି କାର୍ଯ୍ୟରେ ଦାଖଲ, ୨୮ ତାରିଖରେ ଯାଞ୍ଚ ଓ ପ୍ରତ୍ୟାହାର ଏବଂ ଆବଶ୍ୟକ ସ୍ଥଳେ ୨୯ ତାରିଖରେ ନିର୍ବାଚନ ହେବ ବୋଲି ଘୋଷଣା ଦିଆଯାଇଥିଲା । ୩୦ ତାରିଖ ଦିନ ଭାଇସ୍ ଚେୟାରମ୍ୟାନ୍ ନିର୍ବାଚନ ହେବ । ଯେଉଁଠି ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ ଭାବେ ପୁରୁଷ ନିର୍ବାଚିତ ହୋଇଥିବେ ସେହି ପଞ୍ଚାୟତ ଓ ... ପଞ୍ଚାୟତ ସମିତିରେ ଯଥାକ୍ରମେ ଜଣେ ମହିଳା ୱାର୍ଡ ମେମ୍ବରଙ୍କୁ ନାଏବ୍ ସରପଞ୍ଚ ଓ ମହିଳା ସଭ୍ୟାଙ୍କୁ ଭାଇସ ଚେୟାରମ୍ୟାନ୍ ଭାବେ ନିର୍ବାଚିତ କରାଯିବ । ଏହାପରେ ପରେ ଜିଲ୍ଲା ପରିଷଦ ନିର୍ବାଚନ କରିବା ପାଇଁ ଏ ମଧ୍ୟରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଡାକ୍ତର ରାଉତ ପ୍ରକାଶ କରିଛନ୍ତି । ଜିଲ୍ଲା ପରିଷଦକୁ ପରୋକ୍ଷ ନିର୍ବାଚନ ହେବ ଏବଂ ଏଥିରେ ପ୍ରତ୍ୟେକ ପଞ୍ଚାୟତ ସମିତିରୁ ୨ ଜଣ କରି ସଭ୍ୟ ଜିଲ୍ଲା ପରିଷଦକୁ ନିର୍ବାଚିତ ହେବେ । ସମ୍ପୃକ୍ତ ପଞ୍ଚାୟତ ସମିତି ଅନ୍ତର୍ଗତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ପ୍ରତି ଗ୍ରାମ ପଞ୍ଚାୟତ ସମିତିକୁ ନିର୍ବାଚିତ ହୋଇଥିବା ସଭ୍ୟ ଓ ସଭ୍ୟା, ୨ ଜଣ ଜିଲ୍ଲା ପରିଷଦ ସଭ୍ୟଙ୍କୁ ନିର୍ବାଚିତ କରିବେ । ଏହି ପ୍ରକ୍ରିୟାରେ ଜିଲ୍ଲା ପରିଷଦକୁ ନିର୍ବାଚିତ ସଭ୍ୟମାନେ ଜିଲ୍ଲା ପରିଷଦର ଚେୟାରମ୍ୟାନ୍ ଓ ଭାଇସ ଚେୟାରମ୍ୟାନ୍‌ଙ୍କୁ ନିର୍ବାଚିତ କରିବେ । ଜିଲ୍ଲା ପରିଷଦର ମୋଟ ସଭ୍ୟ ସଂଖ୍ୟା ମଧ୍ୟରୁ ଏକ ତୃତୀୟାଂଶ ସ୍ଥାନ ମହିଳା ଓ ସଂଖ୍ୟାନୁପାତିକ ଆଦିବାସୀ ଓ ହରିଜନ ସଭ୍ୟଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିଛି ।

ଜିଲ୍ଲା ପରିଷଦର ନିର୍ବାଚନ ପ୍ରକ୍ରିୟା ଶେଷ ହେଲେ ଆସନ୍ତା ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିବସରେ ନୂଆ ନିର୍ବାଚିତ ପରିଷଦ କାର୍ଯ୍ୟଭାର ଗ୍ରହଣ କରିବ । ଜିଲ୍ଲା ପରିଷଦ ନିର୍ବାଚନ ଶେଷ ହେବାପରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ହେବ । ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଆର୍ଥିକ ଏବଂ ପ୍ରଶାସନିକ କ୍ଷମତା ବିକେନ୍ଦ୍ରୀକରଣ କରାଯାଇ ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି ।

ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ପଞ୍ଚାୟତ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହି ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ବ୍ୟବସ୍ଥା ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରଣାଳୀ ସ୍ଥିରୀକୃତ ହେବ ବୋଲି ତାଙ୍କର ମତ ପ୍ରକାଶ କରିଛନ୍ତି ।

## ଯୌତୁକ ଜନିତ ଅପରାଧରେ ସମ୍ପୃକ୍ତ କର୍ମଚାରୀଙ୍କୁ ତୁରନ୍ତ ସସ୍‌ପେଣ୍ଡ କରିବାକୁ ସରକାରୀ ନିର୍ଦ୍ଦେଶନାମା

ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥଙ୍କ ସ୍ୱାକ୍ଷରରେ ଜାରି କରାଯାଇଥିବା ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଯୌତୁକ ଗ୍ରହଣ କରିବା ବା ବଧୂ ହତ୍ୟାରେ ଅଭିଯୁକ୍ତ ସରକାରୀ କର୍ମଚାରୀଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ । ଯୌତୁକ ଦାବୀ ଓ ଗ୍ରହଣ ସରକାରୀ କର୍ମଚାରୀଙ୍କ ଆଚରଣ ବିଧିର ଉଲ୍ଲଂଘନ କରୁଥିବାରୁ ସେହି ଅଭିଯୋଗ ଭିତ୍ତିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ଏବଂ ଉକ୍ତ ଅଭିଯୋଗ ଆପାତତଃ ସତ୍ୟ ବୋଲି ହୃଦ୍‌ବୋଧ ହେଲେ ସମ୍ପୃକ୍ତ କର୍ମଚାରୀଙ୍କୁ ଚାକିରିରୁ ସସ୍‌ପେଣ୍ଡ କରାଯିବା ବିଧେୟ ହେବ । ବଧୂ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କର୍ମଚାରୀଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯିବା ଅଭିଯୋଗ ପ୍ରମାଣିତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ଉଚିତ୍ ହେବ ବୋଲି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ।

ଏହି ନିର୍ଦ୍ଦେଶନାମା ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତିକ୍ରମେ ଜାରି କରାଯାଇଛି ବୋଲି ଜଣାପଡ଼ିଛି ।

## ଡାନିଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇନାହିଁ

ଡାନିଡା ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇନାହିଁ ଏବଂ ଏହି ପ୍ରକଳ୍ପ ଏବେ ବନ୍ଦ ହୋଇଯିବାର ଆଶଙ୍କା ନାହିଁ ବୋଲି ଗ୍ରାମ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି । ପ୍ରଜାତନ୍ତ୍ର ତା ୨୫-୬-୧୯୯୨ରିଖ ଏବଂ ଅନ୍ୟାନ୍ୟ କେତେକ ସମ୍ବାଦ ପତ୍ରରେ ପ୍ରକାଶିତ 'ଡାନିଡା ପାନୀୟ ଜଳ ଯୋଗାଣ ବନ୍ଦ' ସମ୍ବାଦ ସମ୍ପର୍କରେ ଏକ ସ୍ପଷ୍ଟୀକରଣ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଶାସନ ସଚିବ କହିଛନ୍ତି ଯେ, ଏହି ଡାନିଡା ପ୍ରକଳ୍ପ ସମ୍ବନ୍ଧୀୟ ଅନୁସନ୍ଧାନ ଓ ପ୍ରକଳ୍ପ ଧରାଥାନ ପର୍ଯ୍ୟାୟର ମିଆଦ ଜୁଲାଇ ୧୯୯୨ ଶେଷ ସୁଦ୍ଧା ସରିଯାଉଥିବା ଚୁକ୍ତିରୁ ୧୯୯୨ ମସିହା ମେ ୯ ତାରିଖରେ ଡାନିଡା କର୍ତ୍ତୃପକ୍ଷ ଭାରତ ସରକାରଙ୍କୁ ଗୋଟିଏ ନୂତନ ଚୁକ୍ତିପତ୍ର ଜୁଲାଇ ୩୧ ତାରିଖ ପୂର୍ବରୁ ସ୍ୱାକ୍ଷର ନିମିତ୍ତ ଅନୁରୋଧ କଲେ । ଚୁକ୍ତିପତ୍ରର ପ୍ରସ୍ତାବ ଅନୁଯାୟୀ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ଶେଷ ଭାଗ ପରିସରଭୁକ୍ତ ନୂତନ ନଳକୂପ ଖନନ, ପାଇପ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସମ୍ମତ କୂପ ଖନନ, ଜଳ ଅମଳ ଯୋଜନା ଏବଂ ଅନ୍ୟାନ୍ୟ କେତେକ କାର୍ଯ୍ୟ, ପୁରୀ ଜିଲ୍ଲାର ସତ୍ୟବାଦୀ ଓ ପୁରୀ ସଦର ଏବଂ କଟକ ଜିଲ୍ଲାର କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ କୁଜଙ୍ଗ ବ୍ଲକରେ ସମ୍ପାଦିତ ହେବ । ଏହା ବ୍ୟତୀତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଏବଂ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଭାଗରେ ସମ୍ପାଦିତ କେତେକ ସମସ୍ୟାପୂର୍ଣ୍ଣ ନଳକୂପକୁ ସଜାଡ଼ିବା କାର୍ଯ୍ୟ ମଧ୍ୟ ଏହି ପ୍ରସ୍ତାବର ପରିସରଭୁକ୍ତ । ଚୁକ୍ତି ପ୍ରସ୍ତାବିତ ଭାରତ ସରକାରଙ୍କର ଅନୁମୋଦନ ପାଇସାରିଛି ଏବଂ ନିକଟରେ ଚୁକ୍ତି ପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଏ ।

୧୯୮୯ରେ ଜୁନ୍ ମାସରୁ ୧୯୯୨ର ଜୁଲାଇ ମାସ ମଧ୍ୟରେ ଚାଲିଥିବା ପ୍ରକଳ୍ପ ପରିସର ମଧ୍ୟରେ ନିର୍ମିତ ପ୍ରତ୍ୟେକ ନଳକୂପ ଓ ହାତପମ୍ପ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରାଯାଇ ସେଗୁଡ଼ିକର ସ୍ଥିତାବସ୍ଥା ସମୀକ୍ଷା କରାଯାଇଛି । କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଏ ଯାବତ୍ ପ୍ରକଳ୍ପ ତରଫରୁ ସର୍ବମୋଟ ୫,୦୭୮ଟି ନୂତନ ନଳକୂପ ଏବଂ ତିନୋଟି ପାଇପ୍ ଜଳଯୋଗାଣ ଯୋଜନା ସଂପୂର୍ଣ୍ଣ କରାଯାଇଅଛି ଏବଂ ଏହାଦ୍ୱାରା ପ୍ରାୟ ୬ ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇଛନ୍ତି । ଏହି ନଳକୂପ ମଧ୍ୟରୁ ମାତ୍ର ପାଞ୍ଚ ଶତାଂଶ ନଳକୂପରେ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ଲୁଣି ମାନ ଅତିକ୍ରମ କରିଥିବା ଜଣାଯାଏ । ଏହି ସବୁ ସ୍ଥାନରେ ବିକଳ୍ପ ନଳକୂପ ଖନନ କାର୍ଯ୍ୟ ଚାଲୁ ରହିଅଛି । ଏହା ବ୍ୟତୀତ ୧୫ରୁ ୨୦ ଶତାଂଶ ନଳକୂପରେ ଲୋହାଧିକ୍ୟ ପରିଲକ୍ଷିତ ହୋଇଅଛି ଏବଂ ଏ କ୍ଷେତ୍ରରେ କେତେକ ବିଶେଷ କାରିଗରୀ ଯଥା–ନଳକୂପଗୁଡ଼ିକ କଂପ୍ରେସରରେ ସଫାକରି ପ୍ଲାଷ୍ଟିକ୍ ରାଇଜର୍ ପାଇପ୍ ବ୍ୟବହାର ବା ସଲିଡ ଲିଙ୍କ୍ ପମ୍ପ ବସାଇବାରେ ସନ୍ତୋଷଜନକ ବ୍ୟବହାରିକ କୌଶଳ ପ୍ରମାଣିତ ହେଲାପରେ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯାଉଅଛି । ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ହାତ ବୋରିଙ୍ଗରେ ନୂଆ କାରିଗରୀ କୌଶଳ ପ୍ରୟୋଗ କରି ନଳକୂପ ଖନନ କାର୍ଯ୍ୟର ସଫଳ ରୂପାୟନ ଉଭୟ ଡାନିଡା ଓ ରାଜ୍ୟ ଜନ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ନୂତନ ଅନୁଭୂତି । ଏହି କାରିଗରୀ କୌଶଳକୁ ଆହୁରି ଉନ୍ନତ କରିବା ନିମିତ୍ତ ଡାନିଡା କର୍ତ୍ତୃପକ୍ଷ ଭୂ–ଜଳ ଭଣ୍ଡାରର ସ୍ଥିତି ଓ ରସାୟନର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କାର୍ଯ୍ୟର ଏକ ବ୍ୟାପକ ଯୋଜନା ଗ୍ରହଣ କରିବା ପାଇଁ ଅନୁରୋଧ କଲେ । ତଦନୁଯାୟୀ ୧୯୯୧ ମସିହାର ମେ ମାସରେ ଗୋଟିଏ ଚୁକ୍ତିପତ୍ର ସମ୍ପାଦିତ ହୋଇଥିଲା । ସମସ୍ୟାପୂର୍ଣ୍ଣ ନଳକୂପର ପୁନର୍ବିନ୍ୟାସ ମଧ୍ୟ ସେହି ଚୁକ୍ତିପତ୍ରର ପରିସରଭୁକ୍ତ । ନଳକୂପଗୁଡ଼ିକର ପ୍ରକୃତ ଅବସ୍ଥା ଅନୁସନ୍ଧାନ କାର୍ଯ୍ୟ ସମ୍ପାଦିତ ହୋଇଅଛି, ସେଥିରୁ ଜଣାପଡ଼େ ଯେ, ୭୫ ଶତାଂଶରୁ ଅଧିକ ନଳକୂପର ପାଣି ଉଭୟ ପାନୀୟ ଓ ରନ୍ଧନ ପାଇଁ ବ୍ୟବହୃତ ହେଉଅଛି ।

କେତେକ ସମ୍ବାଦପତ୍ରରେ ପ୍ରକାଶିତ ନଳକୂପରୁ ବିଷାକ୍ତ ଗ୍ୟାସ ନିର୍ଗତ ହେଉଥିବାର ଅଭିଯୋଗ ସତ୍ୟ ଘଟଣା ଉପରେ ପର୍ଯ୍ୟବସିତ ନୁହେଁ ଏବଂ ପ୍ରକଳ୍ପ ଏବେ ବନ୍ଦ ହୋଇଯିବାର ଆଶଙ୍କା ନାହିଁ ବୋଲି ଗ୍ରାମ୍ୟ ଉନ୍ନୟନ ସଚିବ ସ୍ପଷ୍ଟ କରିଦେଇଛନ୍ତି ।

## ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପରାମର୍ଶଦାତା କମିଟିର ବୈଠକ

ରାଜ୍ୟ ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା "ଉତ୍କଳ ପ୍ରସଙ୍ଗ" ଏବଂ

"ଓଡ଼ିଶା ରିଭ୍ୟୁ"କୁ ଅଧିକ ସୂଚନାଭିମୁଖୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଗତ ଜୁଲାଇ ୨୪ ତାରିଖ ଅପରାହ୍ନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କମିଟିର ବୈଠକରେ ଉଭୟ ପତ୍ରିକାର ପ୍ରକାଶନ ଏବଂ ପ୍ରସାରଣ ସମ୍ପର୍କରେ ସବିଶେଷ ଆଲୋଚନା ପରେ ସ୍ଥିର କରାଗଲା ଯେ, ରାଜ୍ୟ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ପ୍ରଭୃତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗ ତଥା ବିଭିନ୍ନ ଜିଲ୍ଲାର ତଥ୍ୟ ସମ୍ବଳିତ ନିବନ୍ଧ ସଂଗ୍ରହ କରି ଏହି ଉଭୟ ପତ୍ରିକାରେ ପ୍ରକାଶ କରାଯିବ । ଏହା ବ୍ୟତୀତ, ରାଜ୍ୟର କଳା, ସଂସ୍କୃତି, ଦର୍ଶନୀୟ ସ୍ଥାନ ସମ୍ପର୍କରେ ତଥ୍ୟଭିତ୍ତିକ ଗବେଷଣା ପ୍ରବନ୍ଧ ଲେଖା ମଧ୍ୟ ଏଥିରେ ପ୍ରକାଶ କରାଯିବ । "ଓଡ଼ିଶା ରିଭ୍ୟୁ"କୁ ଏକ ଗବେଷଣାମୂଳକ ପତ୍ରିକା ରୂପେ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟସ୍ କମିଶନ୍ ସ୍ୱୀକୃତି ଦେଇଥିବା ଯୋଗୁ ଅନ୍ୟ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି ଏହାର ଗ୍ରାହକ ହୋଇ ପାରିବେ ସେ ଦିଗରେ ଉଦ୍ୟମ କରାଯିବ ବୋଲି ସ୍ଥିର କରାଗଲା ।

ଏହି ପତ୍ରିକା ଦୁଇଟିର ମୁଦ୍ରଣ ଓ ପ୍ରକାଶନ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ, ମୁଖ୍ୟ ସମ୍ପାଦକ ଉତ୍କଳ ପ୍ରସଙ୍ଗ ତଥା ସରକାରୀ ମୁଦ୍ରଣାଳୟର ବୈଷୟିକ ନିର୍ଦ୍ଦେଶକଙ୍କୁ ନେଇ ଏକ ସବ୍ କମିଟି ଗଠନ କରାଗଲା ।

ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର, ବାଣିଜ୍ୟ ଓ ପରିବହନ ବିଭାଗର ଶାସନ ସଚିବ ଶ୍ରୀ ପି: କେ: ଦେ, ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ କାଳୀକୁମାର ରଥ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବିଶ୍ୱଜିତ୍ ଦାସ, ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ୀ, ସାହିତ୍ୟ ଏକାଡେମୀର ସମ୍ପାଦକ ଶ୍ରୀ ଚନ୍ଦ୍ରଭୂଷଣ କର, ଅଧ୍ୟାପକ ଶ୍ରୀ ଶୁଭେନ୍ଦ୍ର ମୁଣ୍ଡ, ଡଃ ହୃଷିକେଶ ପଣ୍ଡା, ସୂଚନା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ମହାପାତ୍ର, ସହକାରୀ ସମ୍ପାଦକ ପ୍ରହରାଜ ସତ୍ୟନାରାୟଣ ନନ୍ଦ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମରୁଡ଼ି ପ୍ରବଣ ବ୍ଲକ୍ ଅଞ୍ଚଳ ଖାଉଟିମାନଙ୍କ ପାଇଁ ରିହାତି ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଯୋଗାଣ

ଆଇ: ଟି: ଡି: ପି: ଅନ୍ତର୍ଭୁକ୍ତ ହୋଇ ନଥିବା ରାଜ୍ୟର ମରୁଡ଼ି ପ୍ରବଣ ବ୍ଲକ୍‌ର ଗ୍ରାମାଞ୍ଚଳ ଖାଉଟିମାନଙ୍କୁ ରିହାତି ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ନିଷ୍ପତ୍ତି ଫଳରେ ରାଜ୍ୟର ଆଉ ଅଧିକ ୨୯ଟି ବ୍ଲକ୍‌କୁ ରିହାତି ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ସମ୍ପ୍ରସାରିତ ହୋଇଛି । ଏହାଦ୍ୱାରା ରାଜ୍ୟର ବହୁ ଅନୁନ୍ନତ ବ୍ଲକ୍‌ର ଗରିବ ଲୋକମାନେ ବିଶେଷ ଉପକୃତ ହୋଇପାରିଛନ୍ତି ।

ଏହି ନୂତନ ବ୍ୟବସ୍ଥା ଗତ ଜୁନ୍ ମାସଠାରୁ ଲାଗୁ ହୋଇଛି । ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ । ଏହି ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ବୟସ୍କଙ୍କୁ ମାସିକ ୪ କେଜି: ଚାଉଳ ଓ ଏକ କେ:ଜି: ଗହମ, ପିଲାମାନଙ୍କୁ ୨ କେଜି: ଚାଉଳ ହିସାବରେ ପ୍ରତି ପରିବାରଙ୍କୁ ସର୍ବୋଚ୍ଚ ମାସିକ ୧୬ କେଜି: ଚାଉଳ ଏବଂ ୪ କେ:ଜି: ଗହମ ରିହାତି ମୂଲ୍ୟରେ ଯୋଗାଇ ଦିଆଯିବ। ଖାଉଟିମାନଙ୍କୁ ସାଧାରଣ କିସମର ମୂଲ୍ୟ କେଜି: ପ୍ରତି ୩ ଟଙ୍କା ୨୭ ପଇସା ଫାଇନ୍ କିସମର ଚାଉଳ କେ:ଜି: ପ୍ରତି ୪ ଟଙ୍କା ୯ ପଇସା, ସୁପର ଫାଇନ୍ କିସମର ଚାଉଳ କେ:ଜି: ପ୍ରତି ୪ ଟଙ୍କା ୩୩ ପଇସା ଏବଂ ଗହମ କେ:ଜି: ପ୍ରତି ୨ ଟଙ୍କା ୬୫ ପଇସା ଦରରେ ଯୋଗାଇ ଦିଆଯିବ ।

ମରୁଡ଼ି ପ୍ରବଣ ବ୍ଲକ୍‌ମାନଙ୍କରେ ଯଥାର୍ଥ ଖାଉଟି ଚିହ୍ନଟ କରି ପଡ଼ିକାର୍ଡ ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ଯେଉଁ ଲୋକମାନଙ୍କ ପାଇଁ ଏହି ଖାଦ୍ୟ ସାମଗ୍ରୀ ଉଦ୍ଦିଷ୍ଟ, ସେମାନେ ଯେପରି ଏହା ସୁବିଧାରେ ପାଇପାରିବେ, ସେଥିପ୍ରତି ସମୁଚିତ ଧ୍ୟାନ ଦେବାକୁ ଓ ଏହା ଯେପରି ଅସତ୍ ବ୍ୟବହାର ନହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

ଏହି ସୁବିଧା ପାଉଥିବା ୨୯ଟି ବ୍ଲକ୍ ହେଲା– ଫୁଲବାଣୀ ଜିଲ୍ଲାର ହରଭଙ୍ଗୀ ଓ କନ୍ଧମାଳ ବ୍ଲକ୍, କଳାହାଣ୍ଡି ଜିଲ୍ଲାର କେସିଙ୍ଗା, ଗୋଲାମୁଣ୍ଡା, ନର୍ଲା, ମଦନପୁର–ରାମପୁର, ଖଡ଼ିଆଳ, ସିନାପାଲି, ବୋଡେନ୍, ନୂଆପଡ଼ା ଓ କୋମନା ବ୍ଲକ୍, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼, ଖପରାଖୋଲ, ଟିଟିଲାଗଡ଼, ତୁରେଇକେଲା, ମୁରିବାହାଲ, ବଙ୍ଗମୁଣ୍ଡା ଓ ସଇଁତଳା ବ୍ଲକ ଏବଂ ସମ୍ବଲପୁର ଜିଲ୍ଲାର ପଦ୍ମପୁର, ବିଜେପୁର, ପାଇକମାଳ, ସୋହେଲା, ଝାରବନ୍ଧ ଏବଂ ଗାଇସିଲାଟ ବ୍ଲକ୍ ।

ସୂଚନାଯୋଗ୍ୟ ଯେ ପୂର୍ବରୁ କେବଳ ଆଇ.ଟି.ଡି.ପି. ବ୍ଲକ୍ ଗ୍ରାମାଞ୍ଚଳଗୁଡ଼ିକରେ ଖାଉଟିମାନଙ୍କୁ ରିହାତି ମୂଲ୍ୟରେ ଚାଉଳ ଓ ଗହମ ଯୋଗାଇ ଦିଆଯାଉଥିଲା, ଯାହାକି ବର୍ତ୍ତମାନ ମଧ୍ୟ ଜାରି ରହିଛି ।

## ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ନିକଟରେ ସଚିବାଳୟ ସମ୍ମିଳନୀ ପ୍ରକୋଷ୍ଠରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଗୁଆ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି ।

ଗତ ବନ୍ୟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଉଠା ଜଳସେଚନ ପଏଣ୍ଟଗୁଡ଼ିକ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟର ଯେଉଁ ଅଞ୍ଚଳରେ କେନାଲ ଜଳସେଚନର ସୁବିଧା ନାହିଁ, ସେ ସବୁ ସ୍ଥାନରେ ଅଗ୍ରାଧିକାର ଭିତ୍ତିରେ ଏହି କାମ ଶେଷ କରାଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ବର୍ଷାଋତୁ ପୂର୍ବରୁ ବିଭିନ୍ନ ଜିଲ୍ଲାମାନଙ୍କରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ପାଇଁ ମତ ପ୍ରକାଶ ପାଇଥିଲା । ବିଗତ ଗଞ୍ଜାମ ବନ୍ୟା ଯୋଗୁଁ ଋଷିକୁଲ୍ୟା, ଯୋରୋଉ ଓ ଗୋହାହାଡ଼ ନଗର କାଳଞ୍ଜପୁର, ଯୋରଡ଼ା ଓ ମୌଳାଭଞ୍ଜା ଯୋଳଗୁଡ଼ିକ ଧୋଇ ଯାଇଥିବାରୁ ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ସେଗୁଡ଼ିକର ମରାମତି କାର୍ଯ୍ୟ କରାଯାଉଛି । ଏହାଛଡ଼ା ବ୍ରହ୍ମପୁର ଓ କୋରାପୁଟ ଭିତରେ ସଂଯୋଗ ସ୍ଥାପନ କରିବା ପାଇଁ ପୋଲସପୁର ଓ ଦେଙ୍ଗୀବନ୍ତ ଭିତରେ ଥିବା ପଞ୍ଚାୟତ ରାସ୍ତାକୁ ଉନ୍ନତ କରାଯାଇ ଯାତାୟତ ଆରମ୍ଭ କରାଯାଇଛି । ବନ୍ୟାରେ ସୃଷ୍ଟି ହୋଇଥିବା ନଦୀ ଓ କେନାଲ ବନ୍ଧର ଘାଇ ଓ ଦୁର୍ବଳ ସ୍ଥାନମାନଙ୍କର ମରାମତି ପାଇଁ ପଦକ୍ଷେପ ନିଆଯାଇଛି ।

ଆସନ୍ତା ବର୍ଷା ଋତୁରେ ବନ୍ୟା ପ୍ରତିକାର ପାଇଁ ଓ ରିଲିଫ୍ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ କଣ୍ଟ୍ରୋଲ ରୁମମାନ ଖୋଲିବା ଓ ଝଡ଼ବାତ୍ୟା ଓ ବନ୍ୟା ସମ୍ପର୍କରେ ଜନସାଧାରଣ ଓ ଗଭୀର ସମୁଦ୍ରରେ ମାଛ ଧରୁଥିବା ଧୀବରମାନଙ୍କୁ ଆଗୁଆ ସତର୍କତାମୂଳକ ସୂଚନା ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନରେ ଆବଶ୍ୟକ ପରିମାଣର ଲଞ୍ଚ୍ ଓ ଡଙ୍ଗାର ବ୍ୟବସ୍ଥା କରାଯାଇଛି ବୋଲି ଜଣାପଡ଼ିଛି ।

ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ନାଥ ନାୟକ, ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀ ମହାନ୍ତି, କୃଷି ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ, ସମବାୟ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ବିଧାୟକ ଶ୍ରୀ ରଘୁନାଥ ପଟ୍ଟନାୟକ, ଶ୍ରୀ ପ୍ରସନ୍ନ କୁମାର ପସ୍ତି, ଶ୍ରୀମତୀ ନନ୍ଦିନୀ ଶତପଥୀ, ଶ୍ରୀମତୀ ସୁଶ୍ରୀ ଦେବୀ, ଶ୍ରୀ ରବି ଦେହୁରୀ, ଶ୍ରୀ ସଚ୍ଚିଦାନନ୍ଦ ଦଲାଲ, ଶ୍ରୀ ବଳଭଦ୍ର ମାଝୀ, ଶ୍ରୀ ରୁକ୍ମଣି ରାଉତ, ଶ୍ରୀ ରାଧାକାନ୍ତ ସେଠୀ, ଶ୍ରୀ ବିକ୍ରମ କେଶରୀ ଦେଓଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ପଦସ୍ଥ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ୧୯୯୨ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ଅଂଶ ଗ୍ରହଣ କରିବ

ଆସନ୍ତା ନଭେମ୍ବର ମାସ ୧୪ ତାରିଖଠାରୁ ୨୭ ତାରିଖ ଯାଏ ୧୪ ଦିନ ବ୍ୟାପୀ ନୂଆଦିଲ୍ଲୀସ୍ଥ ପ୍ରଗତି ମଇଦାନଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ବାଣିଜ୍ୟ ମେଳାରେ ଓଡ଼ିଶା ଅଂଶ ଗ୍ରହଣ କରିବା ପାଇଁ ଆଜି ଏକ ଉଚ୍ଚ ସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

ଆଜି ପୂର୍ବାହ୍ନରେ ରାଜ୍ୟ ସଚିବାଳୟଠାରେ କ୍ରୀଡ଼ା, ସଂସ୍କୃତି, ଯୁବ ସେବା ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ, ଆନ୍ତର୍ଜାତିକ ବାଣିଜ୍ୟ ମେଳା ନିମନ୍ତେ ଓଡ଼ିଶା ମଣ୍ଡପର ପ୍ରସ୍ତୁତି ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଓ ନିର୍ଦ୍ଦେଶକ ଶ୍ରୀ କାଳୀ କୁମାର ରଥଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆନ୍ତର୍ଜାତିକ ମେଳାରେ ଓଡ଼ିଶାର ବିଭିନ୍ନ ସାମଗ୍ରୀ ଯେପରି ଉତ୍ତମ ରୂପେ ପ୍ରଦର୍ଶିତ କରାଯାଇ ଓଡ଼ିଶା ମଣ୍ଡପକୁ ଆକର୍ଷଣୀୟ କରାଯାଇପାରିବ, ତାହାରି ଉପରେ ମନ୍ତ୍ରୀ ଶ୍ରୀ କର ଗୁରୁତ୍ୱ ଆରୋପ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସବ୍ କମିଟି ଗଠନ କରାଯାଇ, ଓଡ଼ିଶା ମଣ୍ଡପର ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିବା ପାଇଁ ଶ୍ରୀ କର ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଓଡ଼ିଶା ମଣ୍ଡପ ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ନିମନ୍ତେ ୨୦ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଉଛି ।

ଏହି ବର୍ଷର ମେଳାରେ ସ୍ୱତନ୍ତ୍ର ବିଷୟବସ୍ତୁ ଭାବେ ଶକ୍ତି ଉତ୍ପାଦନ ଏବଂ ଉନ୍ନତ ବୈଷୟିକ କୌଶଳ ବିନିଯୋଗ ସମ୍ପର୍କରେ ଓଡ଼ିଶାର ସାଫଲ୍ୟ ସହ ରାଜ୍ୟର କୃଷି ବିଭାଗ, ହସ୍ତତନ୍ତ ଉନ୍ନୟନ ନିଗମ, ରାଜ୍ୟ ହସ୍ତତନ୍ତ ଶିଳ୍ପ ନିଗମ, ରାଜ୍ୟ ବୁଣାକାର ସମବାୟ ସମିତି, କ୍ଷୁଦ୍ର ଶିଳ୍ପ ସଂସ୍ଥା, ଓଡ଼ିଶା ଟାଇଲ୍ସ, ଓରିଡ଼ା ଓ କୋଣାର୍କ ଟେଲିଭିଜନ ସଂସ୍ଥା ଓଡ଼ିଶା ମଣ୍ଡପ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବେ । ଏତଦ୍ ବ୍ୟତୀତ ଓଡ଼ିଶା ପର୍ଯ୍ୟଟନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶାର ଦର୍ଶନୀୟ ସ୍ଥାନ ଓ ବିଭିନ୍ନ ଉନ୍ନୟନ ଯୋଜନା ସମ୍ବନ୍ଧରେ ଆଲୋକଚିତ୍ର ମଧ୍ୟ ପ୍ରଦର୍ଶିତ ହେବ ।

## କୋଣାର୍କ ଉତ୍ସବ–୧୯୯୨

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ନିକଟରେ ଚଳିତ ବର୍ଷର ସପ୍ତାହ ବ୍ୟାପୀ କୋଣାର୍କ ଉତ୍ସବ ଆଗାମୀ ନଭେମ୍ବର ୨୪ ତାରିଖଠାରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ ବ୍ୟତୀତ ଏକ ଶିଳ୍ପ ମେଳା ମଧ୍ୟ ଅନୁଷ୍ଠିତ ହେବ । ଏହି ହସ୍ତ ଶିଳ୍ପ ମେଳାରେ ଭାରତବର୍ଷର ବିଭିନ୍ନ ଅଞ୍ଚଳର ବିଖ୍ୟାତ ହସ୍ତ ଶିଳ୍ପୀମାନେ ଅଂଶ ଗ୍ରହଣ କରିବେ । ଏହା ବ୍ୟତୀତ ଅସମତଳ ରାସ୍ତା, ବାଲିକୁଦ ଓ ସୁନ୍ଦର ଝାଉଁ ବିଥି ମଧ୍ୟରେ ଉପକୂଳ ଟ୍ରେକିଙ୍ଗ୍ ମଧ୍ୟ ଏହି ସମୟରେ ଆୟୋଜନ କରାଯିବ । ଏହି ଉତ୍ସବର ବହୁମୁଖୀ ପ୍ରମୋଦ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ପର୍ଯ୍ୟଟକମାନଙ୍କ ନିମନ୍ତେ ଆକର୍ଷଣୀୟ ହେବ ।

ଏହି ଉତ୍ସବ ସମ୍ପର୍କରେ ସବିଶେଷ ତଥ୍ୟ ଏବଂ ରହିବା ସ୍ଥାନ, ଭଡ଼ା ଗାଡ଼ି ଟିକେଟ୍ ପାଇବା ନିମନ୍ତେ ସହାୟତା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ପାନ୍ଥ ନିବାସ, ଲୁଇସ୍ ରୋଡ଼, ଭୁବନେଶ୍ୱର ଅଥବା ରାଜ୍ୟ ସରକାରଙ୍କର ଯେ କୌଣସି ପର୍ଯ୍ୟଟନ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇ ପାରେ ।

## କୋରାପୁଟ ସହରର ସାମୂହିକ ବିକାଶ ପାଇଁ ବ୍ୟବସ୍ଥା

ନାଗରିକମାନଙ୍କ ସର୍ବନିମ୍ନ ଆବଶ୍ୟକତା ଦୃଷ୍ଟିରୁ କୋରାପୁଟ ଜିଲ୍ଲା ସଦର ମହକୁମା କୋରାପୁଟ ସହରରେ ଏକ ଟାଉନ୍ ହଲ୍, କଲ୍ୟାଣ ମଣ୍ଡପ ଓ ଯାତ୍ରୀ ନିବାସ ନିର୍ମାଣ ସହ ବସ୍‌ଷ୍ଟାଣ୍ଡର ଉନ୍ନତିକରଣ ଓ ସେଠାରେ ଏକ ସୁଲଭ ଶୌଚାଳୟ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି ।

କୋରାପୁଟ ସହରର ସାମୂହିକ ବିକାଶ ଉଦ୍ଦେଶ୍ୟରେ ଶ୍ରୀ ବକ୍ସିପାତ୍ରଙ୍କ ଦ୍ୱାରା ଆହୂତ ଏକ ଉଚ୍ଚସ୍ତରୀୟ ବୈଠକ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବକ୍ସିପାତ୍ର କୋରାପୁଟ ବସ୍‌ଷ୍ଟାଣ୍ଡର ଉନ୍ନୟନ କାର୍ଯ୍ୟକୁ ତୁରନ୍ତ ହାତକୁ ନେବା ପାଇଁ ଏବଂ ତତ୍‌ସହ ସୁଲଭ ଶୌଚାଳୟ ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ଗୃହ ନିର୍ମାଣ ପାଇଁ ଲୋକଙ୍କୁ ଉପଯୁକ୍ତ ବାସଗୃହ ଉନ୍ନୟନ ପ୍ଲଟ ଯୋଗାଇ ଦେବା ନିମନ୍ତେ ଅବିଳମ୍ବେ ବ୍ୟବସ୍ଥା କରିବାକୁ ରାଜ୍ୟ ଗୃହ ନିର୍ମାଣ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।

ସହରରେ ବର୍ତ୍ତମାନ ଥିବା ବସ୍‌ଷ୍ଟାଣ୍ଡର ଉନ୍ନୟନ ପାଇଁ ଆସନ୍ତା ସେପ୍ଟେମ୍ବର ମାସ ପ୍ରାରମ୍ଭରେ ବିହିତ କାର୍ଯ୍ୟ ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା କରାଯିବ । ଏଥିପାଇଁ ସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ସାମୟିକ ଭାବେ ସ୍ଥାନୀୟ ତହସିଲ୍ କାର୍ଯ୍ୟାଳୟ ପଛପଟ ପଡ଼ିଆକୁ ସ୍ଥାନାନ୍ତରିତ କରାଯିବ । ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ଯେପରି ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟ କରିବା ଆରମ୍ଭ କରିବ, ସେଥିପ୍ରତି ବିହିତ ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ଯାତ୍ରୀ ନିବାସ ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମଧ୍ୟ ଉପଯୁକ୍ତ ସ୍ଥାନ ନିରୂପଣ କରାଯିବାକୁ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି ।

ନୂତନ ଜନବସତି ଗଢ଼ି ଉଠିଲା ପରି କୋରାପୁଟ ସହରରେ ୮ରୁ ୧୦ ଏକର ପରିମିତ ଏକ ଉପଯୁକ୍ତ ସ୍ଥାନ ଯଥାଶୀଘ୍ର ନିରୂପଣ କରାଯିବାକୁ ବୈଠକରେ ସ୍ଥିର ହୋଇଛି । ଉକ୍ତ ଜମିରେ ବାସଗୃହ ନିର୍ମାଣ ପାଇଁ ବିହିତ ଭିତ୍ତିଭୂମି ଉନ୍ନୟନ କରାଯାଇ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ପ୍ଲଟ ଆକାରରେ ସ୍ଥାନୀୟ ଲୋକମାନଙ୍କୁ ଉଚିତ ମୂଲ୍ୟରେ ଯୋଗାଇ ଦିଆଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

କୋରାପୁଟ ସହରରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ସୁପର୍ ବଜାର, ଦୈନିକ ବଜାର ଓ ସାପ୍ତାହିକ ବଜାରର ଉନ୍ନୟନ ଏବଂ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ସଫଳତାର ସହ ଆଗେଇଛି । ବିବରଣୀରୁ ପ୍ରକାଶ ଯେ କୋରାପୁଟ ସୁପର ବଜାର ନିର୍ମାଣ ସମ୍ପୂର୍ଣ୍ଣ ପ୍ରାୟ । ଏଠାରେ ୨୯ଟି ଦୋକାନ ଗୃହ, ପୂଜାରୀପୁଟଠାରେ ୧୮ଟି, କୋରାପୁଟ ନଗରରେ ୧୩ଟି, ଦୈନିକ ବଜାରରେ ୧୮ଟି ସେଡ୍ ଓ ଗୋଟିଏ ରେଷ୍ଟୁରେଣ୍ଟ, ସାପ୍ତାହିକ ହାଟରେ ୦୬ଟି ପିଣ୍ଡି, ଏପରି ମୋଟ୍ ୯୪ଟି ଦୋକାନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ।

ଅନ୍ୟମାନଙ୍କ ମଧ୍ୟରେ ପୌର ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ରନାଥ ମିଶ୍ର, ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ସଚିବ ଶ୍ରୀ ରବୀନ୍ଦ୍ର ନାଥ ରଥ, କୋରାପୁଟ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ନାୟକ, ରାଜ୍ୟ ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ ଶ୍ରୀ ନୃସିଂହ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟର କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଘରୋଇ ଉଦ୍ୟମ ସ୍ୱାଗତଯୋଗ୍ୟ

ଘରୋଇ ଉଦ୍ୟମରେ ପରିଚାଳିତ ଏକ ଚଳଚ୍ଚିତ୍ର ଟେକ୍ନିକ କଲେଜକୁ ଗତ ଜୁଲାଇ ୮ ତାରିଖ ଦିନ ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବ ସେବା ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର, ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସେ କହିଲେ ଯେ ରାଜ୍ୟର କଳା ଓ ସଂସ୍କୃତିର ବ୍ୟାପକ ପ୍ରସାର ଓ ପ୍ରଚାର ପାଇଁ ହେଉଥିବା ଘରୋଇ ଉଦ୍ୟମ ସର୍ବଦା ସ୍ୱାଗତଯୋଗ୍ୟ । ରାଜ୍ୟରେ ପ୍ରଥମ କରି ଏହି ଚଳଚ୍ଚିତ୍ର ବୈଷୟିକ ଶିକ୍ଷାନୁଷ୍ଠାନ ଘରୋଇ ଉଦ୍ୟମରେ ପ୍ରତିଷ୍ଠା କରାଯାଇ ଚଳଚ୍ଚିତ୍ର କଳା ଶିକ୍ଷାର ପ୍ରସାର ଉଦ୍ୟମକୁ ଶ୍ରୀ କର ଉଚ୍ଚ ପ୍ରଶଂସା କରିଥିଲେ ।

ଏହି ଉତ୍ସବରେ ରାଜ୍ୟ ଅବକାରୀ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ଏଭଳି ଅନୁଷ୍ଠାନ ପ୍ରତିଷ୍ଠାର ଉଦ୍ୟୋକ୍ତାମାନଙ୍କୁ ସାଧୁବାଦ ଦେବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀ ଗୋବିନ୍ଦ ତେଜ, ଚଳଚ୍ଚିତ୍ର ଜଗତରେ ଅନ୍ୟତମ ଖ୍ୟାତି ଶ୍ରୀ ସାବ୍ୟସାଚୀ ମହାପାତ୍ର, ହିନ୍ଦି ଚଳଚ୍ଚିତ୍ର ଜଗତର ପ୍ରଯୋଜକ ଶ୍ରୀ ସଙ୍ଗୀତ ତୋନୀ ଏବଂ ହାସ୍ୟ ଅଭିନେତା ଶ୍ରୀ ଅରବିନ୍ଦ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଓଡ଼ିଶାର ଯୁବକ ଯୁବତୀମାନଙ୍କୁ ଚଳଚ୍ଚିତ୍ର କ୍ଷେତ୍ରରେ ଏହି ଅନୁଷ୍ଠାନ ଦିଗ୍‌ଦର୍ଶନ ଦେବ ବୋଲି ଆଶା ପୋଷଣ କରିଥିଲେ ।

ଶେଷରେ କଲେଜର ମୁଖ୍ୟ ପୁରୋଧା ଶ୍ରୀ ଭବାନୀ ଶଙ୍କର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଯାତ୍ରା–କଳିଙ୍ଗର ନୌ–ବାଣିଜ୍ୟ ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ

ଓଡ଼ିଶାରେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ଜୁଲାଇ ୨୮, ୧୯୯୨ ତାରିଖରେ ନୂଆଦିଲ୍ଲୀସ୍ଥ ଓଡ଼ିଶା ଭବନଠାରେ କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ମାଧବ ରାଓ ସିନ୍ଧିଆ, ଭାରତୀୟ ବିମାନ ବନ୍ଦର ସଂସ୍ଥାର ଅଧ୍ୟକ୍ଷ ଶ୍ରୀ ଅର୍ଦ୍ଧନାରୀଶ୍ୱରନ୍ ଏବଂ ଭାରତ ସରକାରଙ୍କର ପର୍ଯ୍ୟଟନ ବିଭାଗର ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହ ଦେଓ, କମିଶନର ତଥା ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର, ରେସିଡେଣ୍ଟ କମିଶନର୍ ଶ୍ରୀ ଦେଶ ପ୍ରସାଦ ବାଗ୍‌ଚୀ ମଧ୍ୟ ଉପସ୍ଥିତ ଥିଲେ।

ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପ୍ରାଚୀନ କଳିଙ୍ଗର ନୌ–ବାଣିଜ୍ୟର ସ୍ମୃତିର ପ୍ରତୀକ ରୂପେ ପାରାଦ୍ୱୀପଠାରୁ ବାଲିଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନୌ–ଯାତ୍ରା ନିମନ୍ତେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ସମ୍ମତି ପ୍ରଦାନ କରିଥିଲେ। ଏହି ନୌକା ବାଲିଠାରେ ଜାନୁଆରୀ ୩୦, ୧୯୯୩ ଦିନ ପହଞ୍ଚିବ ଏବଂ ଏହି ଉପଲକ୍ଷେ ସେହି ଦିନଠାରୁ ତିନି ଦିନ ନିମନ୍ତେ ସେଠାରେ ଆଲୋଚନାଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗଠିତ କରିବାରେ ପ୍ରସ୍ତାବ ରହିଛି, ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ରାଷ୍ଟ୍ରପତି ଶ୍ରୀ ସୁହାର୍ତ୍ତୋଙ୍କୁ ଚିଠି ଲେଖିଛନ୍ତି। ଭାରତୀୟ ନୌବାହିନୀର ମୁଖ୍ୟ ଆଡ୍‌ମିରାଲ୍ ଶ୍ରୀ ରାମ ଦାସ ମଧ୍ୟ ପୃଥକ ଭାବେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିଲେ ଏବଂ ଏହି ଗରିମାପୂର୍ଣ୍ଣ ଜଳ ଯାତ୍ରା ନିମନ୍ତେ ଭାରତୀୟ ନୌବାହିନୀ ପକ୍ଷରୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଭାରତୀୟ ନୌବାହିନୀର ସାତଜଣ ଜଳଯାତ୍ରୀ ଏହି ପୋତରେ ନୌ–ଯାତ୍ରା କରିବା ନିମନ୍ତେ ମନୋନୀତ ହୋଇସାରିଛନ୍ତି। ଏହି ପୋତ ସହ ଯାତ୍ରା କରିବା ନିମନ୍ତେ ଆଉ ଏକ ବଡ଼ ନୌକା ଯୋଗାଡ଼ କରିବାକୁ ଉଦ୍ୟମ କରାଯାଉଛି।

ଭାରତୀୟ ସାଂସ୍କୃତିକ ସମ୍ପର୍କ କାଉନ୍‌ସିଲ୍ ଏହି ଉପଲକ୍ଷେ ବାଲିକୁ ଏକ ସାଂସ୍କୃତିକ ଦଳ ପଠାଇବା ବିଷୟ ବିଚାର କରୁଛନ୍ତି। ଓଡ଼ିଶୀ ଶୈଳୀରେ ରାମାୟଣ, ମୟୂରଭଞ୍ଜ ଛଉନୃତ୍ୟ ଏବଂ ସମ୍ବଲପୁରର ତାଳଖାଇ ନୃତ୍ୟ ପ୍ରସ୍ତାବିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରାଯିବ। ଭାରତର ନୌ–ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ବିଶେଷତଃ ଇଣ୍ଡୋନେସିଆର ଦ୍ୱୀପପୁଞ୍ଜ ସହ କଳିଙ୍ଗର ନୌ–ବାଣିଜ୍ୟ ସମ୍ପର୍କ ବିଷୟରେ ପ୍ରସ୍ତାବିତ ଆଲୋଚନାଚକ୍ରରେ ଭାରତ ଓ ଇଣ୍ଡୋନେସିଆର ସ୍ୱନାମଧନ୍ୟ ବିଦ୍ୱାନମାନେ ଅଂଶ ଗ୍ରହଣ କରିବେ। ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହ ଦେଓ ବ୍ୟକ୍ତିଗତ ଭାବେ ସମସ୍ତ ଆୟୋଜନର ସମନ୍ୱୟ କରୁଛନ୍ତି।

## ଓଡ଼ିଶାର ଜନସଂଖ୍ୟା ଓ ସାକ୍ଷରଙ୍କ ସଂଖ୍ୟା

| କ୍ରମ: | ଜିଲ୍ଲାର ନାମ | ଜନସଂଖ୍ୟା ୧୯୮୧ | ୧୯୯୧ ଜନଗଣନା (ପ୍ରୋଭିଜିନାଲ୍) ଅନୁସାରେ ଜନସଂଖ୍ୟା | | | ୧୯୯୧ ଜନଗଣନା ଅନୁସାରେ ସାକ୍ଷର ସଂଖ୍ୟା | | |
|---|---|---|---|---|---|---|---|---|
| | | | ପୁରୁଷ | ସ୍ତ୍ରୀ | ମୋଟ୍ | ପୁରୁଷ | ସ୍ତ୍ରୀ | ମୋଟ୍ |
| ୧ | କଟକ | ୪୬,୨୮,୮୦୦ | ୨୮,୦୪,୬୨୭ | ୨୭,୦୨,୬୦୫ | ୫୫,୦୭,୨୩୨ | ୧୭,୮୪,୬୨୪ | ୧୧,୫୧,୮୫୦ | ୨୯,୩୬,୪୭୪ |
| ୨ | କଳାହାଣ୍ଡି | ୧୩,୭୯,୧୧୨ | ୭,୦୪,୯୩୯ | ୭,୦୬,୦୪୫ | ୧୪,୧୦,୯୮୪ | ୩,୦୪,୩୧୯ | ୯୮,୭୫୮ | ୪,୦୩,୦୭୭ |
| ୩ | କେନ୍ଦୁଝର | ୧୧,୧୬,୬୭୭ | ୬,୭୮,୦୭୭ | ୬,୫୭,୬୦୧ | ୧୩,୩୫,୬୭୮ | ୩,୬୩,୪୧୯ | ୧,୨୨,୫୫୫ | ୪,୮୬,୦୩୦ |
| ୪ | କୋରାପୁଟ | ୨୪,୮୪,୦୦୫ | ୧୫,୦୫,୧୫୬ | ୧୫,୦୩,୧୩୭ | ୩୦,୦୮,୩୯୩ | ୩,୦୨,୮୬୨ | ୧,୩୩,୮୯୯ | ୪,୩୦,୭୫୫ |
| ୫ | ଗଞ୍ଜାମ | ୨୬,୯୦,୮୯୯ | ୧୫,୭୭,୯୩୮ | ୧୫,୮୦,୯୧୨ | ୩୧,୫୮,୮୫୦ | ୭,୫୯,୦୦୫ | ୩,୭୯,୮୬୨ | ୧୧,୩୮,୮୬୭ |
| ୬ | ଢେଙ୍କାନାଳ | ୧୪,୮୯,୨୮୭ | ୯,୭୪,୧୪୩ | ୯,୨୬,୩୧୩ | ୧୯,୦୦,୪୫୬ | ୬,୬୮,୩୫୪ | ୨,୮୮,୪୦୫ | ୮,୩୩,୯୫୯ |
| ୭ | ପୁରୀ | ୨୯,୨୨,୦୪୪ | ୧୮,୩୦,୬୯୦ | ୧୭,୯୯,୨୦୭ | ୩୬,୨୯,୮୯୭ | ୧୨,୦୦,୭୫୪ | ୬,୪୦,୦୯୯ | ୧୮,୪୦,୮୫୩ |
| ୮ | ଫୁଲବାଣୀ | ୭,୦୨,୭୮୦ | ୪,୨୯,୮୦୯ | ୪,୨୮,୨୫୫ | ୮,୫୮,୦୬୪ | ୧,୯୮,୫୭୭ | ୭୭,୩୮୪ | ୨,୭୫,୯୬୧ |
| ୯ | ବଲାଙ୍ଗୀର | ୧୪,୫୫,୧୯୩ | ୮,୨୦,୯୫୪ | ୮,୧୩,୬୦୧ | ୧୬,୩୪,୫୫୫ | ୪,୪୦,୪୦୦ | ୧,୫୩,୦୬୭ | ୫,୯୩,୪୬୭ |
| ୧୦ | ବାଲେଶ୍ୱର | ୨୨,୫୫,୮୦୮ | ୧୪,୫୦,୨୦୮ | ୧୩,୬୫,୨୯୩ | ୨୮,୧୫,୫୦୧ | ୮,୪୫,୮୦୬ | ୪,୦୧,୦୩୩ | ୧୨,୪୬,୮୩୯ |
| ୧୧ | ମୟୂରଭଞ୍ଜ | ୧୫,୮୧,୮୭୩ | ୯,୪୪,୨୯୮ | ୯,୩୭,୪୯୮ | ୧୮,୮୨,୭୯୬ | ୩,୦୭,୮୦୩ | ୧,୭୯,୦୨୦ | ୪,୮୬,୮୨୩ |
| ୧୨ | ସମ୍ବଲପୁର | ୨୨,୮୦,୯୭୭ | ୧୩,୭୭,୦୧୪ | ୧୩,୧୨,୩୨୭ | ୨୬,୮୯,୩୪୧ | ୭,୦୩,୬୭୭ | ୩,୨୭,୭୭୭ | ୧୦,୩୧,୪୫୪ |
| ୧୩ | ସୁନ୍ଦରଗଡ଼ | ୧୩,୭୭,୮୭୧ | ୮,୦୯,୩୩୭ | ୭,୫୯,୪୦୪ | ୧୫,୬୮,୭୪୧ | ୫,୦୪,୩୩୮ | ୨,୪୫,୯୯୮ | ୭,୫୦,୩୩୬ |
| | ମୋଟ | ୨,୬୩,୭୦,୨୭୧ | ୧,୫୯,୭୯,୯୦୪ | ୧,୫୫,୩୨,୧୬୬ | ୩,୧୫,୧୨,୦୭୦ | ୮୩,୧୩,୩୩୦ | ୪୪,୯୯,୫୭୪ | ୧,୨୮,୧୨,୯୦୪ |

# ଜୁଲାଇ ମାସର କେତୋଟି ମୁଖ୍ୟ ସମ୍ବାଦ

୧-୩-୧୯୯୨—**ଅନୁଗୋଳ ନୂତନ ଷ୍ଟେସନ୍** ଏବଂ **ଅନୁଗୋଳ-ପୁରୀ** ରେଳ ଚଳାଚଳର ଶୁଭ ଉଦ୍‌ଘାଟନ ।

୨-୭-୧୯୯୨—ପ୍ରଥମ ଥର ପାଇଁ ପୃଥିବୀ ପ୍ରସିଦ୍ଧ **ରଥଯାତ୍ରା ଉତ୍ସବ** ଦୂରଦର୍ଶନ ମାଧ୍ୟମରେ ସିଧା ପ୍ରସାରଣ ।

୩-୭-୧୯୯୨—କସ୍ତୁରବା ନାରୀ ମହଲରେ **"ଗ୍ରାମ୍ୟଶ୍ରୀ ମେଳା"** ଉଦ୍‌ଘାଟିତ ।

୬-୭-୧୯୯୨—ଢେଙ୍କାନାଳରେ **ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର** ଭୂମିପୂଜା ।

୭-୭-୧୯୯୨—ରାଜ୍ୟ ସମବାୟ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ଦ୍ୱାରା କେନ୍ଦୁଝର ସହରରେ **ମହିଳା ସମବାୟ ବ୍ୟାଙ୍କ୍** ଉଦ୍‌ଘାଟିତ ।

୮-୭-୧୯୯୨—ରାଜ୍ୟ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଟଶାଣୀଙ୍କ ଦ୍ୱାରା ଗଞ୍ଜାମ ଜିଲ୍ଲାର ଖାରିଆଗୁଡ଼ାଠାରେ **ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ** ଉଦ୍‌ଘାଟିତ ।

୯-୭-୧୯୯୨—୭୨ କୋଟି ଟଙ୍କା ବ୍ୟୟରେ ବରଗଡ଼ସ୍ଥିତ **ହୀରା ସିମେଣ୍ଟ** କାରଖାନାର **ସମ୍ପ୍ରସାରଣ ଓ ଆଧୁନିକୀକରଣ ଯୋଜନାକୁ** ରାଜ୍ୟ ସରକାରଙ୍କ ମଞ୍ଜୁରୀ ।

୧୧-୭-୧୯୯୨—ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା **ଅତ୍ୟାଧୁନିକ** ପଦ୍ଧତିରେ ରନ୍ଧନ **ବ୍ୟବସ୍ଥା** ପାଇଁ ମହିଳା ବିକାଶ ସମବାୟ ନିଗମ ପକ୍ଷରୁ ଆରମ୍ଭ ହେଉଥିବା **"ଅନ୍ନପୂର୍ଣ୍ଣା ଫାଷ୍ଟ ଫୁଡ୍ ପାର୍ଲୋର କିଚନ୍"**କୁ ଉଦ୍‌ଘାଟିତ ।

୧୨-୭-୧୯୯୨—**ଓଡ଼ିଶା ଅଲମ୍ପିକ୍ ଏସୋସିଏସନ୍‌ର ସଭାପତି** ରୂପେ ରାଜ୍ୟ ସଂସ୍କୃତି ମନ୍ତ୍ରୀ **ଶ୍ରୀ ଶରତ କୁମାର କର** ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ।

୧୪-୭-୧୯୯୨—୬୨ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସବ୍‌ଡିଭିଜନ୍‌ରେ ହାତୀବାଡ଼ି ଗ୍ରାମ ନିକଟରେ ବୈତରଣୀ ନଦୀର ଏକ ଶାଖା ଦେଓ ନଦୀ ଉପରେ ଏହି **ଜଳଭଣ୍ଡାର ଦେଓ ଜଳସେଚନ ଯୋଜନା** ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ।

୧୫-୭-୧୯୯୨—ଆସନ୍ତା ନଭେମ୍ବର ମାସ ୨୪ ତାରିଖଠାରୁ ସାତଦିନ ବ୍ୟାପୀ କୋଣାର୍କଠାରେ **କୋଣାର୍କ ନୃତ୍ୟୋତ୍ସବ** ଅନୁଷ୍ଠିତ ହେବ ବୋଲି ସରକାରୀ ନିଷ୍ପତ୍ତି ।

୧୮-୭-୧୯୯୨—ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲ୍ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଏଣିକି ସରକାରୀ କର୍ମଚାରୀ ପାଉଥିବା ହାରରେ **ପେନ୍‌ସନ୍ ଓ ଗ୍ରାଚ୍ୟୁଇଟି** ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।

୧୯-୭-୧୯୯୨—୧୪ ଶହ କୋଟି ଟଙ୍କା ବ୍ୟୟରେ **"ମେସୋ ଇଣ୍ଡଷ୍ଟ୍ରିଜ୍"** ଆନୁକୂଲ୍ୟରେ ସୁକିନ୍ଦାଠାରେ **ସମନ୍ୱିତ ଇସ୍ପାତ୍ କାରଖାନା** ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ।

୨୦-୭-୧୯୯୨—ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ କର୍ମଚାରୀମାନଙ୍କ ପାଇଁ **୨୪ କୋଟି ଟଙ୍କାର ଏକ ଗୃହ ନିର୍ମାଣ ଯୋଜନା** କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ।

୨୧-୭-୧୯୯୨—**ଚିଙ୍ଗୁଡ଼ି ଓ ମତ୍ସ୍ୟ ଚାଷର** ଉନ୍ନତି ପାଇଁ **୭୦ କୋଟି ୧୩ ଲକ୍ଷ ଟଙ୍କାର** ବ୍ୟୟ ଅଟକଳ କରାଯାଇଛି ବୋଲି ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସୂଚନା ।

୨୩-୭-୧୯୯୨—**ହରିଜନ ଓ ଆଦିବାସୀ ବିଭାଗକୁ ଦୁଇଟି ସ୍ୱତନ୍ତ୍ର ବିଭାଗ** କରିବା ପାଇଁ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ।

୨୫-୭-୧୯୯୨—(୧) ବାର୍ସିଲୋନାଠାରେ **୨୫ତମ ବିଶ୍ୱ ଅଲମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ।**

(୨) ନବମ ରାଷ୍ଟ୍ରପତି ଭାବେ **ଡଃ ଶଙ୍କର ଦୟାଲ୍ ଶର୍ମାଙ୍କ** ଶପଥ ଗ୍ରହଣ ।

୨୬-୭-୧୯୯୨—ରାଜ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ସଂସ୍କୃତି ବିଭାଗ ପକ୍ଷରୁ ପୁରୀ ସହରରେ ନିର୍ମିତ ନୂତନ **ସଂଗ୍ରହାଳୟ** ଉଦ୍‌ଘାଟନ ।

୩୦-୭-୧୯୯୨—କଳାହାଣ୍ଡି ଜିଲ୍ଲାର ୧୪ ଗୋଟି **କ୍ଷୁଦ୍ର ଜଳସେଚନ ଯୋଜନାର** ପୁନରୁଦ୍ଧାର ପାଇଁ **୧୨ କୋଟି ୫୪ ଲକ୍ଷ ୨୨ ହଜାର** ଟଙ୍କା ଖର୍ଚ୍ଚ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀଙ୍କ ସୂଚନା ।

OGP—MP—PTS (I&PR) 19—10,000—1-8-1992




ବାଲିଅନ୍ତା ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଜାତୀୟ ସଂହତି ଶିବିରର ଉଦ୍‌ଯାପନୀ ଉତ୍ସବରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଉଦ୍‌ବୋଧନ । ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ମଞ୍ଚାସୀନ । (୨୮/୬/୧୯୯୨)

Licence No. C.R.N.P. 5—Licensed to post without Pre-Payment





ଭୁବନେଶ୍ୱରଠାରେ ଅନୁଷ୍ଠିତ ଦୁସ୍ଥ ଅବସ୍ଥାରେ ରହୁଥିବା ଶିଶୁମାନଙ୍କ ଉପରେ ଏକ କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ ।

PRINTED AT ORISSA GOVERNMENT PRESS, CUTTACK-753010

# ଉତ୍କଳ ପ୍ରସଙ୍ଗ

